



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-179 ◆THURSDAY ◆25 DECEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୭୯ ◆ଗୁରୁବାର ◆୨୫ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଚଳନ୍ତା କାର୍‌ରେ ଆଇଟି କମ୍ପାନୀ ମ୍ୟାନେଜରଙ୍କୁ ଗଣଦୁଷ୍କର୍ମ

■ ଉଦୟପୁର, ୨୪।୧୨ (ଏଜେନ୍ସି): ରାଜସ୍ଥାନର ଉଦୟପୁରରେ ଚଳନ୍ତା କାର୍‌ରେ ଜଣେ ଆଇଟି କମ୍ପାନୀ ମ୍ୟାନେଜର ଗଣଦୁଷ୍କର୍ମର ଶିକାର ହୋଇଥିବା ଖବର ସାମ୍ନାକୁ ଆସିଛି। ଏକ ଜନ୍ମଦିନ ପାର୍ଟିରେ ଯୋଗ ଦେବା ପରେ ଘରେ ଛାଡିଦେବା ବାହାନାରେ ଷଡଯନ୍ତ୍ରପୂର୍ବକ ଏହି କାଣ୍ଡ ଘଟାଯାଇଛି। ପୀଡିତା ଯୁବତୀ ଏଥିପାଇଁ ନିଜ କମ୍ପାନୀ ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ, ମହିଳା କାର୍ଯ୍ୟନିର୍ବାହୀ ମୁଖ୍ୟ ଓ ତାଙ୍କ ପତିଙ୍କ ବିରୋଧରେ ଦୁଷ୍କର୍ମ ଭଳି ଗୁରୁତର ଅଭିଯୋଗ ଆଣିଛନ୍ତି। ପୁଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ସମ୍ପୂର୍ଣ୍ଣ ଅଘଟଣ ସୁଖେର ଅଞ୍ଚଳରେ ଘଟିଥିଲା। ପୁଲିସ ଦେଇଥିବା ସୂଚନା ଅନୁସାରେ, ଯୁବତୀ ଜଣକ ଏକ ଘରୋଇ ଆଇଟି କମ୍ପାନୀର ମ୍ୟାନେଜର ଅଛନ୍ତି। ଡିସେମ୍ବର ୨୦ ତାରିଖରେ କମ୍ପାନୀର ସିଇଓଙ୍କ ଜନ୍ମଦିନ ଓ ନୂଆବର୍ଷ ପାର୍ଟି ଥିଲା। ଏହା ଶୋଭାଗପୁରାସ୍ଥିତ ଏକ ହୋଟେଲରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ପାଳନ କରାଯାଇଥିଲା। ସମସ୍ତେ ମଦ୍ୟପାନ କରିଥିଲେ। ରାତି ୯ଟାରେ ହୋଟେଲ ପହଞ୍ଚିବା ପରେ ସେଠାରେ ଏହି ୩ ଜଣ ଥିଲେ। ପାର୍ଟିରୁ ସମସ୍ତେ ଗଲା ପରେ ଏହି ୩ ଜଣ ତାଙ୍କୁ ଘରେ ଛାଡି ଦେବାକୁ କହିଥିଲେ ରାସ୍ତାରେ ତାଙ୍କୁ ସିଗାରେଟ ଭଳି ଏକ ପଦାର୍ଥ ପିଇବାକୁ ଦିଆଯାଇଥିଲା ଓ ଯୁବତୀ ଜଣକ ବେହୋସ ▶ପୃଷ୍ଠା-୧୦



## ମହାକାଶକୁ ଇସ୍ରୋ ପଠାଇଲା ସବୁଠୁ ଓଜନିଆ ଉପଗ୍ରହ

### ଆମେରିକୀୟ ଉପଗ୍ରହ 'ବ୍ଲୁବାର୍ଡ ବ୍ଲକ-୨' ଉତ୍କ୍ଷେପଣ

### ମହାକାଶରୁ ସ୍ମାର୍ଟଫୋନକୁ ସିଧା କଲ୍ ହୋଇପାରିବ

■ ଶ୍ରୀହରିକୋଟା, ୨୪।୧୨ (ଏଜେନ୍ସି): ଭାରତର ସବୁଠାରୁ ଓଜନିଆ ବାହୁବଳୀ ରକେଟ ଏଲ୍‌ଭିଏମ୍‌୩-ଏମ୍‌୬ (ଲଞ୍ଚ୍ ଭେଇକଲ ମାର୍କ-୩ ଏମ୍‌୬) ଆଜି ସକାଳ ୮ଟା ୫୫ରେ ଆମେରିକୀୟ ଉପଗ୍ରହ ବ୍ଲୁବାର୍ଡ ବ୍ଲକ-୨ ମହାକାଶ ।।ରେ ଛାଡିଛି। ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଏହି ରକେଟ ଜରିଆରେ ୬, ୧୦୦କେଜି ଓଜନର ଏହି ଆମେରିକୀୟ ଉପଗ୍ରହ ଉତ୍କ୍ଷେପଣ କରିଛି। ବ୍ଲୁବାର୍ଡ ହେଉଛି ଭାରତ ମାଟିରୁ ଉତକ୍ଷେପଣ ହୋଇଥିବା ସବୁଠାରୁ ଓଜନିଆ ଉପଗ୍ରହ। ଉତକ୍ଷେପଣ ହେବାର ୧୫ ମିନିଟ୍ ପରେ ରକେଟଠାରୁ ଏହି ଉପଗ୍ରହ ଅଲଗା ହୋଇଥିଲା ଓ ୫୨୦ କିମି ଉପରେ ମହାକାଶ କକ୍ଷରେ ସଫଳତାର ସହ ସ୍ଥାପିତ ହୋଇଥିଲା।

ଇସ୍ରୋ ଅଧ୍ୟକ୍ଷ ଭି ନାରାୟଣନ ଏହାକୁ ଦେଶ ପାଇଁ ଏକ ବଡ଼ ସଫଳତା ବୋଲି କହିଛନ୍ତି। ପୂର୍ବରୁ ନଭେମ୍ବରରେ ଉତ୍କ୍ଷେପଣ କରାଯାଇଥିବା ଏଲ୍‌ଭିଏମ୍‌୩- ଏମ୍‌୫ ଯୋଗାଯୋଗ ଉପଗ୍ରହ-୦୩ ପ୍ରାୟ ୪, ୪୦୦ କେଜି ଓଜନର ଥିଲା। ଏହାକୁ ଜିଓସିଙ୍କ୍ରୋନାସ ଟ୍ରାନ୍ସଫର ଅରବିଟ୍ (ଜଟିଓ)ରେ ସ୍ଥାପିତ କରାଯାଇଥିଲା। ବ୍ଲୁବାର୍ଡ ଉତ୍କ୍ଷେପଣ କରିଥିବା ଏଲଭିଏମ୩-ଏମ୍‌୬ ରକେଟର ▶ପୃଷ୍ଠା-୧୦

## ଦିବ୍ୟାଙ୍ଗ ନାବାଳିକା ଛାତ୍ରୀକୁ ଦୁଷ୍କର୍ମ ପରେ ହତ୍ୟା

# ଚାନ୍ଦବାଲି ଅଶାନ୍ତ, ରାଜ୍ୟ ହୁଲସ୍ଥୁଲ

### ମୁଖ୍ୟ ଅଭିଯୁକ୍ତ ଗିରଫ, ଘର, ଦୋକାନ ଉଚ୍ଛେଦ

■ ଭଦ୍ରକ, ୨୪।୧୨ (ସମିସ): ଚାନ୍ଦବାଲି ଏନ୍‌ଏସି ରାମପଲ୍ଲୀ ଗାଁ(୧୫ ନମ୍ବର ୱାର୍ଡ) ରେ ଜଣେ ଦିବ୍ୟାଙ୍ଗ ନାବାଳିକା ଛାତ୍ରୀ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଚାନ୍ଦବାଲି ଜଳୁଥିବା ବେଳେ ଘଟଣାକୁ ନେଇ ସାରା ରାଜ୍ୟ ହୁଲସ୍ଥୁଲ ହୋଇଛି। ପୀଡ଼ିତାକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଜଣାପଡ଼ିବା ପରେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ଲୋକମାନେ ଶବ ରଖି ଟାୟାର ଜାଳି ରାସ୍ତାରୋକ କରିଥିଲେ। ଘଟଣା ଘଟିଥିବା ବାଲିଗାଁ ଛକରେ ପ୍ରବଳ ନିଶା କାରବାର ଯୋଗୁଁ ଏହି ଘଟଣା ଘଟିଥିବା ଏସ୍‌ପି ଶ୍ରୀ ରାଉତଙ୍କ ନିକଟରେ ▶ପୃଷ୍ଠା-୧୦

**ଆଜି ୬ ଘଣ୍ଟିଆ ଚାନ୍ଦବାଲି ବନ୍ଦ**



### ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ; ୧୦ ଲକ୍ଷ ସହାୟତା

■ ଭୁବନେଶ୍ୱର, ୨୪।୧୨ (ସମିସ): ଭଦ୍ରକ ଜିଲ୍ଲାର ଚାନ୍ଦବାଲିଠାରେ ନାବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଦିବଙ୍ଗତ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା ସହ ପୀଡ଼ିତାଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ▶ପୃଷ୍ଠା-୧୦

### ରାଜ୍ୟବାସୀ ବିଚଳିତ ଓ ଆତଙ୍କିତ: ନବୀନ



■ ଭୁବନେଶ୍ୱର, ୨୪।୧୨ (ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲିରେ ୧୧ ବର୍ଷର ଶିଶୁକୁ ଦୁଷ୍କର୍ମ ପରେ ହତ୍ୟା ଘଟଣାକୁ ଅତ୍ୟନ୍ତ କଟୁ ଶବ୍ଦରେ ସମାଲୋଚନା କରିଛନ୍ତି ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଦିନକୁ ଦିନ ଓଡ଼ିଶାରେ ବଢୁଥିବା ଦୁଷ୍କର୍ମ ପରି ଘଟଣା ଓ ସରକାରଙ୍କ ଅପାରଗତା ସମସ୍ତଙ୍କୁ ବିଚଳିତ ଓ ଆତଙ୍କିତ କରିଦେଇଛି ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି। ▶ପୃଷ୍ଠା-୧୦

**ଆଣ୍ଠେଇଲା ବାଂଲାଦେଶ**

## ଭାରତକୁ ମାଗିଲା ଚାଉଳ



### ୫୫ ହଜାର ଟନ୍ ଶସ୍ତା ଚାଉଳ ପଠାଇବାକୁ ଅନୁରୋଧ

■ ନୂଆଦିଲ୍ଲୀ, ୨୪।୧୨ (ଏଜେନ୍ସି): ସାଧାରଣ ନିର୍ବାଚନ ଘୁଞ୍ଚାଇବା ପାଇଁ ବାଂଲାଦେଶରେ ଜାଣିଶୁଣି ହିଂସା କରାଯାଇଛି। ଛାତ୍ର ନେତା ତଥା ଇନ୍‌କିଲାବ ମଞ୍ଚର ପ୍ରମୁଖ ସଦସ୍ୟ ଉସ୍‌ମାନ ହାଦିଙ୍କୁ ହତ୍ୟା କରି ବାଂଲାଦେଶକୁ ସ୍ୱାଧୀନତା ଦେଇଥିବା ଭାରତ ଉପରେ ଏହାର ଦୋଷ ଲଗାଉଛି। ଅପପ୍ରଚାର କରାଯାଇ ବାଂଲାଦେଶରେ ଭାରତ ବିରୋଧୀ ଆନ୍ଦୋଳନକୁ ଉସୁକାଯାଉଛି। ଏହାପଛରେ ବାଂଲାଦେଶର କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସଙ୍କ ହାତ ରହିଛି। ପାକିସ୍ତାନ ଗୁଇନ୍ଦା ଏଜେନ୍ସି ଆଇଏସଆଇ ଏବଂ ଆମେରିକାର ଇଙ୍ଗିତରେ ପରିଚାଳିତ ହୋଇ ସେ ଭାରତ ବିରୋଧୀ କାର୍ଯ୍ୟରେ ଲିପ୍ତ ରହିଛନ୍ତି। ମାତ୍ର ଏପରି ସମୟରେ ବାଂଲାଦେଶରେ ଗମ୍ଭୀର ଖାଦ୍ୟ ସଙ୍କଟ ଦେଖାଦେଇଛି। ଏହାକୁ ନେଇ ସରକାର ହରଡ଼ଘଣାରେ ପଡ଼ିଛନ୍ତି। ଭାରତ ବିରୋଧୀ ଆଭିମୁଖ୍ୟ ଲାଗି ପରିଚିତ ୟୁନୁସ ସରକାର ଏବେ ଚାଉଳ ପାଇଁ ଭାରତକୁ ହାତ ପତେଇଛନ୍ତି। ଦେଶରେ ବହୁତ କମ ଚାଉଳ ଥିବାରୁ ଭାରତକୁ ୫୫ ହଜାର ଟନ୍ ଚାଉଳ ଦେବା ପାଇଁ ଅନୁରୋଧ କରିଛନ୍ତି। ଏପରି ସ୍ଥିତିରେ ବାଂଲାଦେଶକୁ କୌଣସି ଦୟା ତଥା ଅନୁକମ୍ପା ନ ଦେଖାଇବା ପାଇଁ ବ୍ୟବସାୟୀ ସଂଘ ଭାରତ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଢାକାକୁ ରପ୍ତାନୀ ନିଷିଦ୍ଧ କରିବାକୁ କହିଛନ୍ତି।

ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ବାଂଲାଦେଶ ଛାଡ଼ିବା ପୂର୍ବରୁ କୂଟନୈତିକ ସ୍ତରରେ ଭାରତ ସହ ବାଂଲାଦେଶର ସମ୍ପର୍କ ଖରାପ ହେବାରେ ଲାଗିଛି। ମାତ୍ର ବାଣିଜ୍ୟ ଦୃଷ୍ଟିରୁ ନୂଆଦିଲ୍ଲୀ ଉପରେ ଢାକା ସମ୍ପୂର୍ଣ୍ଣ ନିର୍ଭରଶୀଳ। ବାଂଲାଦେଶର ରପ୍ତାନୀରେ ଭାରତର ଯୋଗଦାନ ପ୍ରାୟ ୯୦ ▶ପୃଷ୍ଠା-୧୦

### ନୂଆ ବର୍ଷରେ ପ୍ରଶାସନର ନୂଆ ମୁଖିଆ

## ଅନୁ ଗର୍ଗ ହେବେ ମୁଖ୍ୟ ସଚିବ



**ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟ ସଚିବ**

**ଜାନୁଆରୀ ପହିଲାରେ ନେବେ ଦାୟିତ୍ୱ**

■ ଭୁବନେଶ୍ୱର, ୨୪।୧୨ (ସମିସ): ୧୯୯୧ ବ୍ୟାଚର ବରିଷ୍ଠ ଆଇଏଏସ ତଥା ରାଜ୍ୟ ଉନ୍ନୟନ କମିସନର ଅନୁ ଗର୍ଗ ହେବେ ରାଜ୍ୟର ପରବର୍ତ୍ତୀ ମୁଖ୍ୟ ସଚିବ। ଆସନ୍ତା ଜାନୁଆରୀ ପହିଲାରେ ଶ୍ରୀମତୀ ଗର୍ଗ ରାଜ୍ୟର ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ ଭାବରେ ଦାୟିତ୍ୱ ଗ୍ରହଣ କରିବେ। ଆସନ୍ତା ୩୧ ତାରିଖରେ ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ଶେଷ ହେବ ଓ ଏହାପରେ ଶ୍ରୀମତୀ ଗର୍ଗ ରାଜ୍ୟର ମୁଖ୍ୟ ସଚିବ ଭାବରେ ଆନୁଷ୍ଠାନିକ ଦାୟିତ୍ୱ ଗ୍ରହଣ କରିବେ। ୧୯୬୯ ମାର୍ଚ୍ଚ ୧ରେ ଜନ୍ମିତ ଅନୁ ଗର୍ଗ ମାତ୍ର ୨୨ବର୍ଷ ବୟସରେ ଆଇଏଏସ୍ ପାଇଥିଲେ। ଓଡ଼ିଶା କ୍ୟାଡ଼ର ଅଧିକାରୀ ଭାବରେ ସେ ▶ପୃଷ୍ଠା-୧୦

## ତାଳଚେରରେ ଡବଲ ମର୍ଡର

### ଦୁଇଜଣଙ୍କୁ ମାରି ରାସ୍ତାକଡ଼ରେ ଫିଙ୍ଗିଦେଲେ

■ ତାଳଚେର ସହର, ୨୪।୧୨ (ସମିସ): ତାଳଚେରରେ ଡବଲ ମର୍ଡର। ଦୁଇ ଯୁବକଙ୍କୁ ହତ୍ୟା କରି ରାସ୍ତା କଡ଼ରେ ଫିଙ୍ଗିଦେଲେ ଦୁର୍ବୃତ୍ତ। କିଛିଦିନ ତଳେ ହାଣ୍ଡିଧୁଆଁ ଛକସ୍ଥିତ ଏକ ଜିମ୍ ବାହାରେ ଦିନ ଦ୍ୱିପ୍ରହରରେ ଜଣେ ଯୁବକଙ୍କୁ ଖଣ୍ଡା ଏବଂ ଭୁଜାଲିରେ ଆକ୍ରମଣ ହୋଇଥିବା ବେଳେ ବୁଧବାର ଦୁଇ ଯୁବକଙ୍କୁ ହତ୍ୟା ଘଟଣା ତାଳଚେର ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ତାଳଚେର ଲିଙ୍ଗିରାକଟା ଗ୍ରାମ ଦେଇ ଯାଇଥିବା ନାଲକୋ ପାଇପ ଲାଇନ ରାସ୍ତା କଡ଼ରେ ଦୁଇ ଯୁବକଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ। ମୃତକ ଦ୍ୱୟ ହେଲେ ଲିଙ୍ଗରାକଟା ଗ୍ରାମର ଦିବ୍ୟରଞ୍ଜନ ପରିଡ଼ା ଭୋଗବେରେଣୀ ପଞ୍ଚାୟତ ନାରାୟଣଚନ୍ଦ୍ରପୁରର ଜନାର୍ଦ୍ଦନ ନାଏକ। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଉଭୟଙ୍କୁ ହତ୍ୟା କରି ଫିଙ୍ଗି ଦିଆଯାଇଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକେ। ତାଳଚେର ପୁଲିସ ସାଇଣ୍ଟିଫିକ ଟିମ ଓ ଡଗ ସ୍କ୍ୱାଡ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

ଲିଙ୍ଗରାକଟା ଗ୍ରାମର ଦିବ୍ୟରଞ୍ଜନ ପରିଡ଼ା ଭୋର ସମୟରୁ ଶୌଚ ହେବାକୁ କହି ଘରୁ ଆସିଥିବା ବେଳେ ଜନାର୍ଦ୍ଦନ ନାୟକ ମଙ୍ଗଳବାର ରାତିରେ ନିଜ ସାଙ୍ଗ ସହ ବୁଲେଟରେ ଭୋଜି କରିବାକୁ ▶ପୃଷ୍ଠା-୧୦

## ଆଜିଠୁ ବଢ଼ିବ ଶୀତ

### ଦୁଇରୁ ତିନି ଡିଗ୍ରୀ ଖସିବ ପାରଦ

■ ଭୁବନେଶ୍ୱର, ୨୪।୧୨ (ସମିସ): ଆସନ୍ତାକାଲିଠାରୁ ରାଜ୍ୟରେ ପୁଣି ବଢ଼ିବ ଶୀତ। ଗୁରୁବାରଠାରୁ ରାଜ୍ୟକୁ କ୍ରମାଗତ ଭାବେ ଥଣ୍ଡା ଓ ଶୁଷ୍କ ବାୟୁ ପ୍ରବାହ ବଢ଼ିବ। ଏହାଦ୍ୱାରା ତାପମାତ୍ରାରେ ଆହୁରି ହ୍ରାସ ଘଟିବ। ଥଣ୍ଡା ବାୟୁର ପ୍ରବାହ ହେତୁ ବିଭିନ୍ନ ତାପମାତ୍ରା ୨-୩ ଡିଗ୍ରୀ ପର୍ଯ୍ୟନ୍ତ କମିଛି। ଏହ ଧାରାରେ ଆଗକୁ ମଧ ଅଧିକାଂଶ ସ୍ଥାନରେ ତାପମାତ୍ରା ତଳମୁହାଁ ହେବାର ସମ୍ଭାବନା ରହିଛି। ତେଣୁ ବଡ଼ଦିନଠାରୁ ରାଜ୍ୟର ଅଧିକାଂଶ ସ୍ଥାନରେ ଶୀତର ପ୍ରଭାବ ପୁଣି ଥରେ ବଢ଼ିବା ନେଇ ପୂର୍ବାନୁମାନ କରାଯାଇଛି। ଗତ ୨୪ ଘଣ୍ଟାରେ କୋରାପୁଟରେ ତାପମାତ୍ରା ୬.୧, ସେମିଳିଗୁଡ଼ିରେ ୬.୬, ଝାରସୁଗୁଡ଼ାରେ ୬.୮, ଦାରିଙ୍ଗବାଡ଼ି ୭.୫, ଜି ▶ପୃଷ୍ଠା-୧୦




ପବିତ୍ର ବଡ଼ଦିନ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ବଡ଼ଦିନ ପର୍ବ ହେଉଛି ଶାନ୍ତି, ମୈତ୍ରୀ ଓ ମାନବତାବାଦର ପର୍ବ। ଏହି ଅବସରରେ ମୁଁ ଓଡ଼ିଶାର ସମସ୍ତଙ୍କୁ ବିଶେଷତଃ ଖ୍ରୀଷ୍ଟିଆନ୍ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ଶ୍ରୀ, ଶାନ୍ତି ଓ ସମୃଦ୍ଧି କାମନା କରୁଛି।

(ହରି ବାବୁ କମ୍ଭମପାଟି)

OIPR-15001/13/1295/2526

DADLS-72



ପବିତ୍ର ବଡ଼ଦିନ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ପବିତ୍ର ବଡ଼ଦିନ ଉପଲକ୍ଷେ ରାଜ୍ୟବାସୀ ବିଶେଷ କରି ଖ୍ରୀଷ୍ଟଧର୍ମାବଲମ୍ବୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ଏବଂ ଏକ ସମୃଦ୍ଧ ଓ ସଶକ୍ତ ଓଡ଼ିଶା ଗଠନରେ ସମସ୍ତଙ୍କ ସହଯୋଗ କାମନା କରୁଛି।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା





ସକାଳ
THE SAKALA
www.sakalaepaper.com


# ବିମାନ ଦୁର୍ଘଟଣାରେ ଲିବ୍ୟା ସେନା ମୁଖ୍ୟଙ୍କ ମୃତ୍ୟୁ


ତ୍ରିପୋଲି, ୨୪।୧୨(ଏଜେନ୍ସି): ଉତ୍ତର ଆଫ୍ରିକୀୟ ଦେଶ ଲିବିଆ ସେନାବାହିନୀର ମୁଖ୍ୟ ଲେଫ୍‌ଟନାଣ୍ଟ ଜେନେରାଲ ମହମ୍ମଦ ଅଲ- ହଦ୍ଦାଦ ମୃତ୍ୟୁବରଣ କରିଛନ୍ତି। ମଙ୍ଗଳବାର ରାତିରେ ତୁର୍କୀରେ ଏହି ବିମାନ ଦୁର୍ଘଟଣା ଘଟିଥିଲା। ଏହି ବିମାନରେ ୮ଜଣ ଲୋକ ଯାତ୍ରା କରୁଥିଲେ। ସେନା ମୁଖ୍ୟଙ୍କ ସମେତ ମୋଟ ୮ ଜଣ ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଇଛି। ତୁର୍କୀ ଗୃହମନ୍ତ୍ରୀ ଅଲି ୟେରଲିକାୟା କହିଛନ୍ତି ଯେ, ଫାଲକନ- ବିମାନର ଭଗ୍ନାବଶେଷ ତୁର୍କୀ ରାଜଧାନୀ ଆଙ୍କାର ନିକଟସ୍ଥ ମେମାନା ଅଞ୍ଚଳରେ ଠାବ କରାଯାଇଥିଲା। ଉଡାଣ ଭରିବାର ୩୦ ମିନିଟ୍ ପରେ ବିମାନଟି ଏକ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହୋଇ ଦୁର୍ଘଟଣା ସମ୍ମୁଖୀନ ହୋଇଥିଲା। ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗର ଉନ୍ନତି ପାଇଁ ଲିବିଆର ଏକ ସାମରିକ ପ୍ରତିନିଧି ଦଳ ତୁର୍କୀ ସହିତ ଆଲୋଚନା ପାଇଁ ଆଙ୍କାରାରେ ଥିଲେ। ବୈଠକ ସାରି ଏମାନେ ଲିବିଆ ଫେରୁଥିଲେ। ଏହା ଦେଶ ପାଇଁ ଏକ ବଡ଼ କ୍ଷତି ବୋଲି ଲିବିଆ ପ୍ରଧାନମନ୍ତ୍ରୀ ଅବଦୁଲ-ହମିଦ ଦବେବା କହିଛନ୍ତି। ବିମାନ ସ୍ଥାନୀୟ ସମୟ ରାତି ୮ଟାରେ ଆଙ୍କାରାର ଏସନବୋଗା ବିମାନ ବନ୍ଦରରୁ ଉଡାଣ ଭରିଥିଲା ଓ ଏହାର କିଛି ସମୟ ପରେ ଦୁର୍ଘଟଣା ସମ୍ମୁଖୀନ ହୋଇଥିଲା ତୁର୍କୀର ଗୃହମନ୍ତ୍ରୀ କହିଛନ୍ତି। ଅବତରଣ କରିବାକୁ ବିମାନର ପାଇଲଟ ସଂକେତ ପଠାଇଥିଲେ। ତେବେ ବିମାନ ସହ ସମ୍ପର୍କ ଛିର୍ଣ୍ଣ ହୋଇଥିଲା ବୋଲି ସେ କହିଛନ୍ତି। ଏହି ବିସ୍ଫୋରଣ ପରେ ଆଙ୍କାର ବିମାନ ବନ୍ଦରଙ୍କୁ ଅସ୍ଥାୟୀ ଭାବେ ବନ୍ଦ କରିଦିଆଯାଇଥିଲା।

# ତାଇୱାନରେ ଭୂକମ୍ପ

## ଚୀନ୍, ଫିଲିପାଇନ୍ସ, ଜାପାନରେ ଝଟ୍‌କା

ତାଇପେ, ୨୪।୧୨(ଏଜେନ୍ସି): ତାଇୱାନର ଦକ୍ଷିଣପୂର୍ବ ଅଞ୍ଚଳରେ ବୁଧବାର ସନ୍ଧ୍ୟା ୫.୪୭ ମିନିଟ୍‌ରେ ୬.୧ ତୀବ୍ରତାର ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ତେବେ ଏଥିରେ କୌଣସି କ୍ଷୟକ୍ଷତି ହୋଇଥିବାର ସୂଚନା ମିଳିନାହିଁ। ଭୂକମ୍ପର ଝଟ୍‌କା ଚୀନ୍, ଫିଲିପାଇନ୍ସ ଓ ଜାପାନରେ ମଧ୍ୟ ଅନୁଭୂତ ହୋଇଥିଲା। ସେଣ୍ଟ୍ରାଲ ୱେଦର ଆଡମିନିଷ୍ଟ୍ରେସନ (ସିଡବ୍ଲ୍ୟୁଏ) ଅନୁସାରେ, ଭୂକମ୍ପର କେନ୍ଦ୍ର ତାଇତୁଙ୍ଗ କାଉଣ୍ଟି ହଲରୁ ୧୦.୧ କିମି ଦୂରରେ ଥିଲା ଓ ଏହାର ଗଭୀରତା ୧୧.୯ କିମି ଥିଲା। ଗୋଟିଏ ବର୍ଷ ପୂର୍ବରୁ ତାୱାନର ହୁଲିଏନ କ୍ଷେତ୍ରରେ ୨୦୨୪ ଏପ୍ରିଲ ୩ରେ ୭.୪ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା। ଗତ ୨୫ ମଧ୍ୟରେ ଏହାଥିବା ଏହି ଅଞ୍ଚଳର ସବୁଠାରୁ ଶକ୍ତିଶାଳୀ ଭୂକମ୍ପ। ଏଥିରେ ୧୯ ଜଣ ଲୋକ ମୃତ୍ୟୁବରଣ କରିଥିଲେ ଓ ୧୧୦୦ରୁ ଅଧିକ ଲୋକ ଆହତ ହୋଇଥିଲେ। ବହୁ କୋଠା ଧ୍ୱଂସସ୍ତୂପରେ ପରିଣତ ହେବା ସହ ପାହାଡରୁ ଭୂସ୍ଖଳନ ମଧ୍ୟ ହୋଇଥିଲା। ଦୁଇଟି ଟେକ୍ଟୋନିକ ପ୍ଲେଟ ଉପରେ ତାଇୱାନ ସୃଷ୍ଟି ହୋଇଛି।

# କାନାଡ଼ାରେ ଭାରତୀୟ ମହିଳାଙ୍କୁ ହତ୍ୟା



ଟରଣ୍ଟୋ, ୨୪।୧୨(ଏଜେନ୍ସି): କାନାଡ଼ାର ଟରଣ୍ଟୋ ସହରରେ ଜଣେ ୩୦ ବର୍ଷୀୟା ଭାରତୀୟ ବଂଶୋଦ୍ଭବ ମହିଳା ହିମାଂଶୀ ଖୁରାନାଙ୍କୁ ହତ୍ୟା କରାଯାଇଛି। ଏହି ମାମଲାରେ ସଂଦିଗ୍ଧ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ୱାରେଣ୍ଟ ଜାରି କରାଯାଇଛି। ପୁଲିସ ସୂଚନା ମୁତାବିକ, ଡିସେମ୍ବର ୧୯ରେ ଷ୍ଟ୍ରାଚାନ ଆଭେନ୍ୟୁ ଓ ୱେଲିଂଟନ ଷ୍ଟ୍ରିଟ୍ ଅଞ୍ଚଳରୁ ଜଣେ ମହିଳ ନିଖୋଜ ହୋଇଥିବାର ରିପୋର୍ଟ କରାଯାଇଥିଲା। ପରଦିନ ସକାଳେ ୨୦ ତାରିଖରେ ପୁଲିସ ଏକ ଘର ଭିତରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଥିଲା। ଏହାକୁ ଏକ ହତ୍ୟାକାଣ୍ଡ ଭାବେ ବିଚାର କରି ପୁଲିସ ତଦନ୍ତ ଆରମ୍ଭ କରିଛି। ମୃତକ ମହିଳାଙ୍କ ଟରଣ୍ଟୋ ନିବାସୀ ହିମାଂଶୀ ଖୁରାନା ବୋଲି ପୁଲିସ କହିଛି। ଏହି ଘଟଣା ସଂଦିଗ୍ଧ ବ୍ୟକ୍ତି ଅବଦୁଲ ଗଫୁର (୩୨) ପୀଡିତାଙ୍କୁ ଜାଣିଛନ୍ତି ଓ ସେ ମଧ୍ୟ ଟରଣ୍ଟୋରେ ରହୁଥିଲେ। ତା ବିରୋଧରେ ହତ୍ୟା ଅଭିଯୋଗ କରାଯାଇଛି। ଟରଣ୍ଟୋରେ ଥିବା ଭାରତୀୟ ଦୂତାବାସ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛି। ଦୂତାବାସ ହିମାଂଶୀଙ୍କ ପରିବାରଙ୍କୁ ସମବେଦନା ଜଣାଇଛି ଓ ସବୁ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଛି। ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେବାକୁ ପୁଲିସ ଜନସାଧାରଣଙ୍କୁ ନିବେଦନ କରିଛି।

# ପରକୀୟା ସନ୍ଦେହରେ ବ୍ୟାଙ୍କ ମ୍ୟାନେଜର ପତ୍ନୀଙ୍କୁ ହତ୍ୟା କଲେ ଇଞ୍ଜିନିୟର ପତି



ନୂଆଦିଲ୍ଲୀ, ୨୪।୧୨(ଏଜେନ୍ସି): ବେଙ୍ଗାଲୁରୁରେ ଜଣେ ସଫ୍ଟଓୟାର ଇଞ୍ଜିନିୟର ମଙ୍ଗଳବାର ସନ୍ଧ୍ୟାରେ ସଡ଼କ ଉପରେ ହିଁ ନିଜ ପତ୍ନୀଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ଏହାପରେ ସେ ଥାନାରେ ଆତ୍ମସମର୍ପଣ କରିଛନ୍ତି। ପୁଲିସ ଦେଇଥିବା ସୂଚନା ଅନୁସାରେ ପତ୍ନୀ ପରକୀୟା ପ୍ରୀତିରେ ଥିବା ପତି ସନ୍ଦେହ କରୁଥିଲେ। ଏହାକୁ ନେଇ ଦୁଇଜଣଙ୍କ ମଧ୍ୟରେ ବହୁ ଦିନ ହେବ ବିବାଦ ଜାରି ରହିଥିଲା। ମୃତ ମହିଳା ହେଉଛନ୍ତି ୩୯ ବର୍ଷୀୟ ଭୁବନେଶ୍ୱରୀ। ସେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ବସବେଶ୍ୱରନଗର ଶାଖାର ଆସିଷ୍ଟାଣ୍ଟ ମ୍ୟାନେଜର ଥିଲେ। ସେହିପରି ଅଭିଯୁକ୍ତ ସ୍ୱାମୀ ବାଲାମୁରୁଗାନ ଏକ ଘରୋଇ ଆଇଟି ଫାର୍ମରେ ସଫ୍ଟଓୟାର ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ଦୁଇଜଣ ତାମିଲନାଡୁର ସଲେମ ଜିଲ୍ଲାର ବାସନ୍ଦା। ୧୮ ମାସ ହେବ ଦୁହେଁ ଅଲଗା ରହୁଥିଲେ। ଏହା ମଧ୍ୟରେ ସ୍ୱାମୀ ଚାକିରି ଛାଡି ସ୍ତ୍ରୀଙ୍କ ଉପରେ ନଜର ରଖିଥିଲେ। ଏହି ମାମଲାରେ ପୁଲିସ ଏକ ମାମଲା ଦାଏର କରିଛି। ପୁଲିସ କହିବା ଅନୁସାରେ ରାଜାଜୀନଗର ଇଣ୍ଡଷ୍ଟ୍ରିଆଲ ଏରିଆର ମେନ୍ ରୋଡ଼ ଉପରେ ମଙ୍ଗଳବାର ପାଖାପାଖି ସନ୍ଧ୍ୟା ୬.୩୦ରେ ବାଲାମୁରୁଗାନ ଅତିନିକଟରୁ ଭୁବନେଶ୍ୱରୀଙ୍କ ଉପରେ ୪ଟି ଗୁଳି ଚଳାଇଥିଲେ। ଦୁଇଟି ଗୁଳି ତାଙ୍କ ମୁଣ୍ଡରେ ବାଜିଥିଲା। ଆଉ ଦୁଇଟି ଗୁଳି ତାଙ୍କ ବାମହାତରେ ଲାଗିଥିଲା। ଆହତ ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ୨୦୧୧ରେ ଦୁହେଁ ବିବାହ କରିଥିଲେ ଓ ସବୁକିଛି ଠିକ୍‌ଠାକ ଥିଲା। କିନ୍ତୁ ଗତ ଦେଢ଼ ବର୍ଷ ହେବ ଦୁହିଁଙ୍କ ମଧ୍ୟରେ ବିବାଦ ଓ ଝଗଡ଼ା ହୋଇଥିଲା। ଭୁବନେଶ୍ୱରୀଙ୍କଠାରୁ ଛାଡ଼ପତ୍ର ନୋଟିସ ମିଳିବା ପରେ ମାମଲ ଆଗକୁ ବଢ଼ିଯାଇଥିଲା ଓ ବାଲାମୁରୁଗାନଙ୍କ ସନ୍ଦେହ ଦୃଢ଼ିଭୂତ ହୋଇଥିଲା। ଦୁହିଁଙ୍କ ଗୋଟିଏ ପିଲା ମଧ୍ୟ ରହିଛି ବୋଲି ପୁଲିସ କହିଛି।

# ଜଳୁଛି ଆସାମ: ପୁଲିସ ଗୁଳିରେ ୨ ମୃତ

## କାର୍ବି ଆଙ୍ଗଲଙ୍ଗରେ ସେନା ମୁତୟନ

ଗୌହାଟୀ, ୨୪।୧୨(ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ଆସାମର ପଶ୍ଚିମ କର୍ବି ଆଙ୍ଗଲଙ୍ଗରେ ଦେଖାଦେଇଥିବା ହିଂସା ନେଇ ଏବେ ସାରା ଦେଶରେ ଚର୍ଚ୍ଚା ସୃଷ୍ଟି ହୋଇଛି। ଦୁଇ ଗୋଷ୍ଠୀ ମଧ୍ୟରେ ଚାଲିଥିବା ହିଂସା କାରଣରୁ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଏହାପରେ ରାଜ୍ୟ ସରକାର ସୁରକ୍ଷା ନେଇ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ଓ ଉଚ୍ଚସ୍ତରୀୟ ମନିଟରିଂ ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଜନଜୀବନର କ୍ଷତି ନେଇ ଦୁଃଖ ପ୍ରକାଶ କରିଛନ୍ତି। ମଙ୍ଗଳବାର ଖେରୋନୀରେ ହୋଇଥିବା ପୋଡ଼ାଜଳା ଘଟଣା ପରେ ସ୍ଥିତି ଉତ୍ତେଜନାମୂଳକ ରହିଛି। ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବାକୁ ପ୍ରୟସା କରାଯାଉଛି। ଏଥିପାଇଁ ସେନାକୁ ମୁତୟନ କରାଯାଇଛି ଓ ସ୍ଥିତି ନିୟନ୍ତ୍ରଣରେ ରହିଛି ବୋଲି ପୁଲିସ ମହାନିର୍ଦ୍ଦେଶକ ହରମିତ ସିଂ ବୁଧବାର କହିଛନ୍ତି। ଗତ ଦୁଇଦିନ ଧରି ହିଂସା କିଭଳି ସୃଷ୍ଟି ହେଲା ଓ କିପରି ଉଗ୍ରରୂପ ଧାରଣ କଲା ସେ ନେଇ ତଦନ୍ତ ହେବ ବୋଲି ସେ କହିଛନ୍ତି।

ବାଂଲାଦେଶରେ ପ୍ରାକ ନିର୍ବାଚନୀ ହିଂସା ଚାଲିଥିବା ବେଳେ ଏବେ ଆସାମରେ ମଧ୍ୟ ଅଶାନ୍ତି ସୃଷ୍ଟି ହୋଇଛି। କର୍ବି ଆଙ୍ଗଲଙ୍ଗରେ ସୃଷ୍ଟି ହୋଇଥିବା ହିଂସା କାରଣରୁ ୨ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୩୮ଜଣ ପୁଲିସ କର୍ମଚାରୀଙ୍କ ସମେତ ୪୫ ଜଣ ଲୋକ ଆହତ ହୋଇଛନ୍ତି। ଆନ୍ଦୋଳନକାରୀ ମାନେ ସ୍ଥାନେ ସ୍ଥାନେ ପୋଡ଼ାଜଳା କରିବା ସହ ହିଂସା ସୃଷ୍ଟି କରିଥିଲେ। ଫଳରେ ପୁଲିସକୁ ଲାଠି ଚାର୍ଜ



କରିବା ସହ ଲୁହବୁହା ଗ୍ୟାସ୍ ଛାଡିବାକୁ ପଡ଼ିଥିଲା।

ମଙ୍ଗଳବାର ଜବରଦଖଲ ହଟାଇବା ଦାବିରେ ଆନ୍ଦୋଳନ ହିଂସାର ରୂପ ନେବା ପରେ ହିଁ ଏହି ସ୍ଥିତି ଉପୁଜିଥିଲା। କର୍ବି ସମ୍ପ୍ରଦାୟର ଲୋକ ଗତ ୧୫ ଦିନ ହେବ ଅନଶନରେ ବସିଥିଲେ। ଆନ୍ଦୋଳନ ତଥା ପ୍ରତିବାଦ ଆଳରେ ଦୁର୍ବୃତ୍ତମାନେ ଦୋକାନରୁ ଜିନିଷ ପତ୍ର ଲୁଟି ନେଇଥିଲେ, ଯାନବାହନ ଜାଳି ଦେଇଥିଲେ ଓ ଜିଲ୍ଲାର ସ୍ୱୟଂଶାସିତ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ସଦସ୍ୟଙ୍କ ଘରକୁ ପୋଡି ଦେଇଥିଲେ। ଆନ୍ଦୋଳନକାରୀଙ୍କ ଦୁଇ ଗୋଷ୍ଠୀ ସାମ୍ନାସାମ୍ନି ହୋଇଥିଲେ। ଏହାପରେ ପରସ୍ପରକୁ ଟେକା ପଥର ଫିଙ୍ଗିଥିଲେ। ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ପ୍ରଶାସନ ଇଣ୍ଟରନେଟ ସେବାକୁ ବନ୍ଦ କରିବା ସହ କର୍ଫ୍ୟୁ ଜାରି କରିଛନ୍ତି। ଏହା ସତ୍ତ୍ୱେ ମଧ୍ୟ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଅଞ୍ଚଳରେ ଶାନ୍ତି ବଜାୟ ରଖିବା ପାଇଁ ଅତିରିକ୍ତ ସୁରକ୍ଷା ବାହିନୀ ମୁତୟନ କରାଯାଇଛି। ବିଭିନ୍ନ ରାଜନୈତିକ ଦଳ ଓ ସାମାଜିକ ସଂଗଠନ ସହିତ ଜଡିତ ଆନ୍ଦୋଳନକରୀମାନେ କର୍ବି ଆଙ୍ଗଲଙ୍ଗ ଓ ପଶ୍ଚିମ କର୍ବି ଆଙ୍ଗଲଙ୍ଗ ପ୍ରଫେସନାଲ ଗ୍ରେଜିଂ ରିଜର୍ଭ (ପିଜିଆର) ଓ ଭିଲେଜ ଗ୍ରେଜିଂ ରିଜର୍ଭ (ଭିଜିଆର)ରେ ଅବୈଧ ଭାବେ ରହୁଥିବା ଲୋକଙ୍କୁ ହଟାଇବା ନେଇ ଦାବି ହେବା ପରେ ଏହି ସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ଖେରୋନୀ ଅଞ୍ଚଳରେ ସବୁଠାର ଅଧିକ ପ୍ରଭାବିତ ହୋଇଛି।

# ହିନ୍ଦୁ-ମୁସଲମାନ ସମସ୍ୟା ପାଇଁ କଂଗ୍ରେସ ଦାୟୀ: ଗଡ଼କରୀ



ନୂଆଦିଲ୍ଲୀ, ୨୪।୧୨ (ଏଜେନ୍ସି): କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଦେଶରେ ସୃଷ୍ଟି ହେଉଥିବା ହିନ୍ଦୁ- ମୁସଲମାନ ସମସ୍ୟା ପାଇଁ କଂଗ୍ରେସକୁ ଦାୟୀ କରିଛନ୍ତି। କଂଗ୍ରେସର ତଥାକଥିତ ଧର୍ମନିରପେକ୍ଷତାର ଭୁଲ ଚିନ୍ତାଧାରା ଓ ଭୋଟ ବ୍ୟାଙ୍କର ରାଜନୀତି କାରଣରୁ ଏହି ସାମ୍ପ୍ରଦାୟିକ ସମସ୍ୟା ଚାଲିଆସୁଛି। ପ୍ରକୃତପକ୍ଷେ କଂଗ୍ରେସ ଧର୍ମନିରପେକ୍ଷତାର ଭୁଲ ବ୍ୟାଖ୍ୟା କରିଥିଲା। ଧର୍ମ ନିରପେକ୍ଷତାର ଅର୍ଥ ହେଉଛି ସର୍ବ ଧର୍ମ ସମଭାବ। କିନ୍ତୁ ଏହାର ଅର୍ଥ ତୁଷ୍ଟିକରଣ ଆଦୌ ନୁହେଁ। ଅର୍ଥାତ୍ ସବୁଧର୍ମକୁ ସମାନ ଦୃଷ୍ଟିରେ ଦେଖିବା ଓ ସମାନ ଭାବେ ସମ୍ମାନ କରିବା, ସମସ୍ତଙ୍କୁ ସମାନ ନ୍ୟାୟ ପ୍ରଦାନ କରିବା ଏବଂ ସମାନ ଭାବେ ବ୍ୟବହାର କରିବା ବୋଲି ସେ କହିଛନ୍ତି। ଗଡ଼କାରୀ ରାଜସ୍ଥାନ ବିଧାନସଭାର ବାଚସ୍ପତି ବାସୁଦେବ ଦେବନାନୀଙ୍କ ପୁସ୍ତକ 'ସନାତନ ସଂସ୍କୃତି କି ଅଟଳ ଦୃଷ୍ଟି'ର ଲୋକାର୍ପଣ ସମାରୋହରେ ଯୋଗ ଦେଇ ଏହି କଥା କହିଛନ୍ତି। ଏହି ଅବସରରେ ଉପ-ରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ ମଧ୍ୟ ଉପସ୍ଥିତ ଥିଲେ। ଭାରତ ପୂର୍ବରୁ, ବର୍ତ୍ତମାନ ଓ ଭବିଷ୍ୟତରେ ଧର୍ମ ନିରପେକ୍ଷ ରହିବ। ତେବେ ଏହା କେବଳ ହିନ୍ଦୁ ସଂସ୍କୃତି କାରଣରୁ ସମ୍ଭବ ବୋଲି ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀଙ୍କ ମନ୍ତବ୍ୟକୁ ଦୋହରାଇ କହିଥିଲେ। ଭାରତୀୟ ସଂସ୍କୃତି ସହିଷ୍ଣୁ, କରୁଣାମୟ ଓ ସମସ୍ତଙ୍କୁ ସାଥିରେ ନେଇ ଚାଲିବାକୁ ପ୍ରୟାସ କରିଥାଏ। କେବେ କୌଣସି ହିନ୍ଦୁ ରାଜା କୌଣସି ଧାର୍ମିକ ସ୍ଥଳ ନଷ୍ଟ କରିଥିବାର ଉଦାହଣ ଇତିହାସରେ ମିଳେନାହିଁ ବୋଲି ସେ କହିଛନ୍ତି।

# ୨୦ ବର୍ଷ ପରେ ଏକାଠି ହେଲେ ଉଦ୍ଧବ ଓ ରାଜ ଠାକରେ

ମୁମ୍ବଇ, ୨୪।୧୨(ଏଜେନ୍ସି): ଠାକରେ ପରିବାରର ଦୁଇ ଭାଇ ଉଦ୍ଧବ ଓ ରାଜ ଠାକ୍‌ରେ ଦୀର୍ଘ ୨୦ ବର୍ଷ ପରେ ଏକାଠି ହୋଇଛନ୍ତି। ବୃହନମୁମ୍ବଇ ନଗର ନିଗମ (ବିଏମ୍‌ସି) ନିର୍ବାଚନ ଦୁହେଁ ସାଥି ହୋଇ ଲଢ଼ିବେ ବୋଲି ବୁଧବାର ଘୋଷଣା କରିଛନ୍ତି। ୨୦ ବର୍ଷ ପରେ ଶିବସେନା (ୟୁଟିବି) ଓ ରାଜଙ୍କ ମହାରାଷ୍ଟ୍ର ନବ ନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ମଧ୍ୟରେ ମେଣ୍ଟ ହୋଇଛି। ପୂର୍ବରୁ ୨୦୦୫ରେ ରାଜ୍ ଶିବସେନାଠାରୁ ଅଲଗା ହୋଇ ଏମ୍‌ଏନ୍‌ଏସ୍ ପାର୍ଟି ଗଠନ କରିଥିଲେ। କିନ୍ତୁ ଏବେ ସାଥିରେ ହୋଇ ନିର୍ବାଚନ ଲଢ଼ିବେ ବୋଲି ଯୁଗ୍ମ ସମ୍ବାଦିକ ସମ୍ମିଳନୀରେ ଦୁହେଁ ଘୋଷଣା କରିଛନ୍ତି। ଆମର ଚିନ୍ତାଧାର ଗୋଟିଏ। ତେଣୁ ଆମେ ଅଲଗା ହେବୁ ତାହାଲେ ଭାଙ୍ଗିଯିବୁ। ମହାରାଷ୍ଟ୍ର ପାଇଁ ଆମେ ସମସ୍ତେ ଏକଜୁଟି ହୋଇଛୁ ବୋଲି ସେ କହିଛନ୍ତି। ଏହା ପୂର୍ବରୁ ଉଭୟ ନେତା ଶିବାଜୀ ପାର୍କରେ ବାଲାସାହେବ ଠାକରେଙ୍କ ସ୍ମାରକୀ ପରିଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆସନ୍ତବର୍ଷ ଜାନୁଆରୀ ୧୫ରେ ମହାରାଷ୍ଟ୍ରର ୨୯ଟି ନଗର ନିଗମ ପାଇଁ ନିର୍ବାଚନ ହେବ। ୧୭ ତାରିକରେ ନିର୍ବାଚନର ଫଳାଫଳ ଘୋଷଣା କରାଯିବ। ମୁମ୍ବାଇର ମେୟର ଜଣେ ମରାଠି ହେବେ ଓ ସେ ଆମରି ଦଳର ସଦସ୍ୟ ହେବେ ବୋଲି ରାଜ କହିଛନ୍ତି। ୨୦୨୫ ଜୁଲାଇ ୫ରେ ଦୁହେଁ ହିନ୍ଦୀ ଭାଷାକୁ ନେଇ ଚାଲିଥିବା ବିବାଦରେ ଦୁଇ ନେତା 'ମରାଠୀ ଏକତା' ପାଇଁ ବର୍ଲି ଡୋମ୍‌ରେ ଏକାଠି ହୋଇଥିଲେ। ଦୁଇ ଦଳ ଓ ନେତାଙ୍କ ମଧ୍ୟରେ ଆସନ ବୁଝାମଣା ହୋଇଛି। ଉଦ୍ଧବଙ୍କ ଦଳକୁ ୧୪୫ରୁ ୧୫୦ ଓ ରାଜଙ୍କୁ ୬୫ରୁ ୭୦ଟି ଆସନରେ ନିର୍ବାଚନରେ ଅବଦୀର୍ଣ୍ଣ ହେବେ। ସେହିପରି ଶରତ ପାୱାରଙ୍କ ଏନ୍‌ସିପି ଦଳ ଏହି ମେଣ୍ଟର ଅଂଶୀଦାର ହେବେ ଓ ତାଙ୍କୁ ୧୦ରୁ ୧୨ଟି ଆସନ ମିଳିପାରେ ବୋଲି ଆଶା କରାଯାଉଛି। ଦୁହେଁ ଏକାଠି ହେବା ଦ୍ୱାର ବିଜେପି ଉପରେ ଚାପ ବୃଦ୍ଧି ପାଇବ। ମରାଠୀ ଭୋଟର ଏକାଠି ହେବେ ଓ ଶିନ୍ଦେ ଗୋଷ୍ଠୀର ଶିବସେନା ଉପରେ ମଧ୍ୟ ଚାପ ବୃଦ୍ଧି ପାଇବ। ବିଏମ୍‌ସି ଦେଶରୁ ସବୁଠାର ଧନୀ ନଗର ନିଗମ ମଧ୍ୟରୁ ଅନ୍ୟତମ। ଏଠାରେ ଦୀର୍ଘବର୍ଷ ଧରି ଶିବସେନାର ପତିଆର ରହିଆସିଥିଲା। ତେଣୁ ରାଜ ଓ ଉଦ୍ଧବ ଏକାଠି ହେବା ଦ୍ୱାରା ମୁମ୍ବଇରେ ହରାଇ ଥିବା ଗୌରବକୁ ଫେରିବେ ବୋଲି ଆଶା ରଖିଛନ୍ତି।

**ଏକାଠି ଲଢ଼ିବେ ମୁମ୍ବଇ ନଗର ନିଗମ ନିର୍ବାଚନ**

**ଅଜିତ ପାୱାରଙ୍କ ଉପରେ ନଜର**

# ଭାରତକୁ ସତର୍କ କରାଇଲା ଆମେରିକା

## ଚୀନ୍ ଚଳାଉଛି ଦ୍ୱୈତ ଚାଲ୍

ନୂଆଦିଲ୍ଲୀ, ୨୪।୧୨(ଏଜେନ୍ସି): ଚୀନ୍‌ର ଦ୍ୱୈତ ରଣନୀତି ତଥା ଚାଲ ନେଇ ଆମେରିକା ପୁଣିଥରେ ଭାରତକୁ ସତର୍କ କରାଇଦେଇଛି। ପେଣ୍ଟାଗନର ୨୦୨୫ ରିପୋର୍ଟ ମୁତାବକ ଚୀନ ଗୋଟିଏ ପଟେ ଭାରତ ସହ ବାସ୍ତବିକ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ରେ ତିକ୍ତତା କମ୍ କରିବାକୁ ଚାହୁଁଛି। କିନ୍ତୁ ଅନ୍ୟପଟେ ପାକିସ୍ତାନ ସହ ସୈନ୍ୟ ସହଯୋଗ ବୃଦ୍ଧି କରୁଛି। ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ୨୦୨୪ ଅକ୍ଟୋବରରେ ଭାରତ ଓ ଚୀନ୍ ଏଲ୍‌ଏସିରେ ସଂଘର୍ଷ ହୋଇଥିବା କ୍ଷେତ୍ରରୁ ପଛକୁ ହଟିବାକୁ ସହମତି ପ୍ରକାଶ କରିଥିଲେ। କିନ୍ତୁ ଚୀନ୍‌ର କିଛି ଅଲଗା ଲକ୍ଷ୍ୟ ରହିଛି। ପେଣ୍ଟାଗନ୍‌ର ଆକଳନ ଅନୁସାରେ ଚୀନ୍ ଭାରତ ସହିତ ସମ୍ପର୍କ ସାମାନ୍ୟ କରି ଆମେରିକାର ଆହୁରି ନିକଟକୁ ଯିବାକୁ ନ ଦେବା। ଭାରତ ଓ ଚୀନ୍ ମଧ୍ୟରେ ବିଶ୍ୱାସ ଓ ଭରସା ଏବେ ମଧ୍ୟ କମ୍ ରହିଛି ଓ ଅବିଶ୍ୱାସର ବାତାବରଣ ଜାରି ରହିଛି। ଦୁଇ ଦେଶ ମଧ୍ୟରେ ଅରୁଣାଚଳ ପ୍ରଦେଶକୁ ନେଇ ଏବେ ମଧ୍ୟ ବଡ଼ ବିବାଦ ରହିଛି। ଅରୁଣାଚଳକୁ ଚୀନ୍ ନିଜର ବୋଲି ଦାବି କରୁଛି। ଏହାଦ୍ୱାରା ଭାରତର ସାର୍ବଭୌମତ୍ୟ ଉପରେ ପ୍ରଶ୍ନ ଉତ୍ଥାପିତ ହେଉଛି। ଚୀନ୍ ତାଇୱାନ ଓ ଦକ୍ଷିଣ ଚୀନ୍ ସାଗର ଭଳି ଅରୁଣାଚଳକୁ ମଧ୍ୟ ସମାନ ଭାବେ ଗୁରୁତ୍ୱ ଦେଉଛି ବୋଲି ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେପଟେ ଚୀନ୍ ପାକିସ୍ତାନକୁ କ୍ରମାଗତ ଭାବେ ଅସ୍ତ୍ରଶସ୍ତ୍ର, ଡ୍ରୋନ୍ ଓ ଅନ୍ୟ ସାମରିକ ଉପକରଣ ପ୍ରଦାନ କରୁଛି। ପାକିସ୍ତାନ ଓ ଚୀନ୍ ମଧ୍ୟରେ ବୃଦ୍ଧି ପାଉଥିବା ସାମରିକ ସହଯୋଗ ନେଇ ପେଣ୍ଟାଗନ ଚିନ୍ତା ପ୍ରକଟ କରିଛି। ରିପୋର୍ଟ ଅନୁସାରେ ଚୀନ୍ ପାକିସ୍ତାନକୁ ୨୦୨୦ରୁ ଏପର୍ଯ୍ୟନ୍ତ ୩୬ଟି ଜେ-୧୦ସି ଲଢୁଆ ବିମାନ ପ୍ରଦାନ କରିଛି। ଏହାକୁ ବାଦ୍ ଦେଲେ ଦୁଇ ଦେଶ ସାଥି ହୋଇ ଜେଏଫ୍-୧୭ ଜେଟ୍ ତିଆରି କରୁଛନ୍ତି। ପାକିସ୍ତାନକୁ ଚୀନ୍ ନୌସେନା ଉପକରଣ ମଧ୍ୟ ପ୍ରଦାନ କରୁଛି। ପୁଣି ଭବିଷ୍ୟତରେ ଚୀନ୍ ପାକିସ୍ତାନରେ ସାମରିକ ଘାଟି ପ୍ରତିଷ୍ଠା କରିପାରେ। ତେଣୁ ଏ ସଂକ୍ରାନ୍ତରେ ଭାରତ ସତର୍କ ରହିବା ଉଚିତ ବୋଲି ପେଣ୍ଟାଗନ ପରାମର୍ଶ ଦେଇଛି।

# ରାଜସ୍ଥାନ ସୀମା ନିକଟରେ ନୂଆ ଏୟାରବେସ୍

ଯୋଧପୁର, ୨୪।୧୨(ଏଜେନ୍ସି): ରାଜସ୍ଥାନରେ ଥିବା ଭାରତ- ପାକିସ୍ତାନ ସୀମାରେ ଏବେ ନୂଆ ଏୟାରବେସ୍ ନିର୍ମାଣ ନେଇ ବାଟ ଫିଟିଛି ଏହି ଏୟାର ବେଶଠାରୁ ମାତ୍ର କେତେ ସେକେଣ୍ଡ ମଧ୍ୟରେ ଭାରତୀୟ ଲଢୁଆ ବିମାନ ପାକିସ୍ତାନର ୩ଟି ବଡ଼ ସୁରକ୍ଷା ଘାଟିରେ ପହଞ୍ଚି ପାରିବ। ଏହି ନୂଆ ଏୟାରବେସ୍ ନିର୍ମାଣ ପାଇଁ ଶ୍ରୀଗଙ୍ଗାନରଗର ସାଦୁଲଶହରର ତହସିଲ ଚାରିପାଖରେ ଜମି ଅଧିଗ୍ରହଣ ପାଇଁ ପଥ ପରିଷ୍କାର ହୋଇଛି। ଜମି ଅଧିଗ୍ରହଣ ବିରୋଧ କରି ୫୮ ଜଣ ଚାଷୀ ଓ ଜମିମାଲିକ ଆବେଦନ କରିଥିଲେ। ତେବେ ଡିସେମ୍ବର ୧୮ରେ ହୋଇଥିବା ଏକ ଶୁଣାଣିରେ ରାଜସ୍ଥାନ ହାଇକୋର୍ଟ (ଯୋଧପୁର) ସବୁ ଆବେଦନଗୁଡିକୁ ଖାରଜ କରିଥିଲେ। ଜଷ୍ଟିସ ନୁପୁର ଭାଟି କମ୍ପୋଜିଟ୍ ଆଭିଏସନ ବେସ୍ (ଏଫ୍‌ସିଏବି) ପାଇଁ ଜମି ଅଧିଗ୍ରହଣକୁ ସମର୍ଥନ କରିଥିଲେ। ହାଇକୋର୍ଟ କହିଛନ୍ତି ଯେ, ଏହି ଆବେଦନ କେବଳ ବୈଷୟିକ ଆପତ୍ତି ଉପରେ ଆଧାରିତ ଓ ରାଷ୍ଟ୍ରୀୟ ମହତ୍ତ୍ୱର ଏକ ପ୍ରତିରକ୍ଷା ପ୍ରକଳ୍ପକୁ ପଥଚ୍ୟୁତ କରିବା ପାଇଁ ଏକ ପ୍ରୟାସ ମାତ୍ର। ଜାତୀୟ ସୁରକ୍ଷା ସହିତ ଜଡିତ ପ୍ରକଳ୍ପଗୁଡିକରେ ବ୍ୟକ୍ତିଗତ ସ୍ୱାର୍ଥଠାରୁ ଜନହିତ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି କୋର୍ଟ କହିଛନ୍ତି। ସୀମାଠାରୁ ଏହି ଏୟାରବେସ୍ ମାତ୍ର ୪୦ କିମି ଦୂରରେ ଅବସ୍ଥିତ। ସୁରତଗଡ଼ ଏୟାରବେସ ଷ୍ଟେସନ ପରେ ଏହା ଶ୍ରୀଗଙ୍ଗାନଗର ଜିଲ୍ଲାରେ ଏହା ଦ୍ୱିତୀୟ ବାୟୁସେନା ଷ୍ଟେସନ ହେବ। ରାଜସ୍ଥାନର ସୀମାନ୍ତ ଜିଲ୍ଲାଗୁଡିକରେ ପୂର୍ବରୁ ୪ଟି ବାୟୁସେନା ଷ୍ଟେସନ କାର୍ଯ୍ୟକ୍ଷମ। ନିର୍ମାଣ ହେବାକୁ ଥିବା ଏହି ନୂଆ ଏୟାରବେସରୁ ଯୁଦ୍ଧ ବିମାନଗୁଡିକ ପାକିସ୍ତାନର ଜାକୋବାବାଦ୍, ଭୋଲାରି ଓ ରହିମ ୟାର ଖାନ୍ ଏୟାରବେସ୍‌କୁ ଅତିଶୀଘ୍ର ପହଞ୍ଚି ପାରିବ।

**■ ମାତ୍ର କେତେ ସେକେଣ୍ଡରେ ପାକିସ୍ତାନର ୩ ବଡ଼ ପ୍ରତିରକ୍ଷା ଠିକଣାରେ ପହଞ୍ଚିବ ଭାରତୀୟ ଲଢୁଆ ବିମାନ**

**ଉନ୍ନାଓ ଗଣଦୁଷ୍କର୍ମ ମାମଲା; କୁଲଦୀପଙ୍କ ଜାମିନଙ୍କୁ ବିରୋଧ**

# ପୀଡ଼ିତା ପରିବାରକୁ ଘୋଷାଡ଼ିଲା ପୁଲିସ; ଗାଡ଼ିରୁ ଫୋପାଡ଼ି ଦେଲା

ନୂଆଦିଲ୍ଲୀ, ୨୪।୧୨ (ଏଜେନ୍ସି): ଉତ୍ତର ପ୍ରଦେଶ ଉନ୍ନାଓ ଗଣଦୁଷ୍କର୍ମ ମାମଲାର ଦୋଷୀ ବିଜେପିର ପୂର୍ବତନ ବିଧାୟକ କୁଲଦୀପ ସେଙ୍ଗରଙ୍କୁ ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର ଜାମିନ ପ୍ରଦାନ କରିଛନ୍ତି। ଏହି ମାମଲାରେ ତାଙ୍କୁ ଦିଆଯାଇଥିବା ଆଜୀବନ କାରାଦଣ୍ଡାଦେଶକୁ ମଧ୍ୟ ହଟାଇ ଦେଇଛନ୍ତି। ଏହି ରାୟକୁ ବିରୋଧ କରି ମଙ୍ଗଳବାର ରାତିରେ ପୀଡ଼ିତା, ତାଙ୍କ ମାଆ ଏବଂ ଓକିଲ ତଥା ସାମାଜିକ କର୍ମୀ ଯୋଗିତା ଭୟାନା ଇଣ୍ଡିଆ ଗେଟ୍ ସାମ୍‌ନାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାୟ ବଦଳାଇବାକୁ ଦାବି କରିଥିଲେ। ସେମାନେ ଗଣମାଧ୍ୟମରେ ନିଜ ମତ ରଖୁଥିବାବେଳେ ପୁଲିସ ଟିମ୍ ବର୍ବରତାର ସବୁ ସୀମା ଉଲ୍ଲଙ୍ଘନ କରିଦେଇଥିଲା। ଆନ୍ଦୋଳନ ବନ୍ଦ କରିବାକୁ କୁହାଯାଇଥିଲା। ମାତ୍ର ସେ ନ ଶୁଣିବାରୁ ଜୋର ଜବରଦସ୍ତି ପୀଡ଼ିତା, ତାଙ୍କ ମାଆ ଏବଂ ଓକିଲଙ୍କୁ ପୁଲିସ ଉଠାଇ ନେଇଥିଲା। ପୀଡ଼ିତାଙ୍କ ମାଆଙ୍କୁ ପୁଲିସ ଘୋଷାଡ଼ି ଘୋଷାଡ଼ି ନେଇ ଭ୍ୟାନରେ ଭର୍ତ୍ତି କରିଥିଲା। ଯୋଗିତା ଏହାର ଭିଡିଓ ଜାରି କରିଛନ୍ତି। ଦୁଷ୍କର୍ମ ପୀଡ଼ିତାଙ୍କ ସହ ପୁଲିସ କିଭଳି ଭାବେ ବ୍ୟବହାର କରୁଛି ତାହା ଦେଖାଯାଉଛି।

ବୁଧବାର ସକାଳେ ପୀଡ଼ିତା ଏବଂ ତାଙ୍କ ମାଆ ମଣ୍ଡି ହାଉସ ନିକଟରେ ସାମ୍ବାଦିକ ସମ୍ମିଳନୀ ଡାକିଥିଲେ। କିନ୍ତୁ ଏସ୍କର୍ଟ ଦେଉଥିବା ସିଆରପିଏଫ ବସ ଏଠାରେ ଅଟକି ନ ଥିଲା। ମଣ୍ଡି ହାଉସ କିମ୍ବା ଇଣ୍ଡିଆ ଗେଟ୍ କୋଉଠି ବି ଅନୁମତି ମିଳି ନାହିଁ ବୋଲି କୁହାଯାଇଥିଲା। ଉଭୟଙ୍କୁ ଜନ୍ତରମନ୍ତର କିମ୍ବା ନିଜ ଘରକୁ ପଠାଇ ଦିଆଯିବ। ଏହାର କିଛି ସମୟରେ ପୀଡ଼ିତାଙ୍କ ମାଆଙ୍କୁ ଏକ ଚଳନ୍ତା ବସ୍‌ର ଫାଟକ ନିକଟରେ ଦେଖିବାକୁ ମିଳିଥିଲା। ସିଆରପିଏଫ ଅଧିକାରୀ ତାଙ୍କୁ ବସ୍‌ରୁ ଡେଇଁବାକୁ ବାଧ୍ୟ କରିଥିଲେ। ତେବେ ଚିନ୍ତାର ବିଷୟ ଏହି କି ଯେ ଉକ୍ତ ବସ୍‌ରେ କୌଣସି ମହିଳା ସୁରକ୍ଷାକର୍ମୀ ନ ଥିଲେ। ସିଆରପିଏଫ ଅଧିକାରୀ ଧକ୍କା ଦେବା ପରେ ମହିଳା ବସ୍ ତଳକୁ ପଡ଼ି ଯାଇଥିଲେ।



ପୀଡ଼ିତା କହିଛନ୍ତି ଯେ ମୋ ମାଆଙ୍କୁ ଗାଡ଼ିରୁ ଫୋପାଡ଼ି ଦିଆଯାଇଥିଲା। ଆମକୁ ବନ୍ଦୀ କରି ରଖାଯାଇଥିଲା। ଓକିଲଙ୍କ ପାଖକୁ ବି ଯିବାକୁ ଦିଆଯାଇ ନ ଥିଲା। ସ୍ୱରାଷ୍ଟ୍ର ମନ୍ତ୍ରାଳୟର ନିର୍ଦ୍ଦେଶରେ ଏପରି କରାଯାଇଥିବା କୁହାଯାଇଥିଲା। ସେହିପରି ପୀଡ଼ିତାଙ୍କ ମାଆ କହିଛନ୍ତି ଯେ ହାଇକୋର୍ଟଙ୍କ ନିଷ୍ପତ୍ତି ଆମ ପାଇଁ କାଳ ସହ ସମାନ। ଆମେ ନ୍ୟାୟ ପାଇ ନାହୁଁ। ରାୟ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବୁ। ସେମାନେ ଆମକୁ ମାରିବାକୁ ଚାହୁଁଛନ୍ତି। ସିଆରପିଏଫ ଅଧିକାରୀ ମୋତେ ଗାଡ଼ିରୁ ଫୋପାଡ଼ି ଝିଅକୁ ନେଇ ଚାଲି ଯାଇଛନ୍ତି। ଅନ୍ୟପଟେ ପୀଡ଼ିତା ସନ୍ଧ୍ୟାରେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ତାଙ୍କ ମାଆ ସୋନିଆ ଗାନ୍ଧୀଙ୍କୁ ଭେଟିଛନ୍ତି। ପୀଡ଼ିତା କହିଛନ୍ତି ଯେ ଦେଶର ପ୍ରଥମ ଦୁଷ୍କର୍ମ ମାମଲାରେ ଭାବେ ଏଥିରେ ଦଣ୍ଡ ଉପରେ କଟକଣା ଲଗାଇ ଜାମିନ ଦିଆଯାଇଛି। ଦେଶର ସବୁ ଝିଅ ଏବେ ଭୟଭୀତ। କାରଣ ଦୁଷ୍କର୍ମର ଶିକାର ହେଲେ ଏଭଳି ଭାବେ ଅପରାଧୀ ବଞ୍ଚିଯିବେ। କୁଲଦୀପଙ୍କୁ ୫ କିମି ଭିତରେ ରହିବାକୁ ଅନୁମତି ଦେଇ ଆମକୁ କୋର୍ଟ ଘରେ କଏଦ କରି ରଖିଛନ୍ତି। ସୁପ୍ରିମକୋର୍ଟରୁ ନ୍ୟାୟ ମିଳିବ ବୋଲି ଆଶା। ଏହି ମାମଲାରେ ପୀଡ଼ିତା ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଭେଟିବାକୁ ଚାହୁଁଛନ୍ତି। ସେ ନ୍ୟାୟ ମିଳିବ ବୋଲି ସେ ଆଶା କରୁଛନ୍ତି।

ରାହୁଲ ଗାନ୍ଧୀ ଏହାକୁ ନେଇ ପୁଲିସ ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ ପୁଲିସକୁ ପ୍ରଶ୍ନବାଣ ମାରିଛନ୍ତି। ଗଣଦୁଷ୍କର୍ମ ପୀଡ଼ିତାଙ୍କ ସହ ଏଭଳି ବ୍ୟବହାର ଉଚିତ କି? ନ୍ୟାୟ ପାଇଁ ସ୍ୱର ଉତ୍ତୋଳନ କରିବା ତାଙ୍କର ଭୁଲ୍ କି? ପୂର୍ବତନ ବିଜେପି ବିଧାୟକ ସେଙ୍ଗରଙ୍କୁ ଏହି ମାମଲାରେ ଜାମିନ ଦେବା ନୈରାଶ୍ୟଜନକ ଏବଂ ଅତ୍ୟନ୍ତ ଚିନ୍ତାର ବିଷୟ। ଦୁଷ୍କର୍ମୀଙ୍କୁ ଜାମିନ ଏବଂ ପୀଡ଼ିତାଙ୍କୁ ଅପରାଧୀ ଭଳି ବ୍ୟବହାର ଏହା କେମିତିକା ନ୍ୟାୟ ବୋଲି ରାହୁଲ ପ୍ରଶ୍ନ ଉଠାଇଛନ୍ତି। ଗଣତନ୍ତ୍ରରେ ଅସହମତିକୁ ନେଇ ସ୍ୱର ଉଠାଇବା ଅଧିକାର ଏବଂ ଏହାକୁ ଦବାଇ ଅପରାଧ ବୋଲି ରାହୁଲ କହିଛନ୍ତି।

## ଚାନ୍ଦବାଲି ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା ଘଟଣା

# ନାବାଳିକାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ଅସମର୍ଥ

### ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି, ବାସଭବନ ଘେରଉ କଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ

ଭୁବନେଶ୍ୱର,୨୪।୧୨(ସମିସ): ଭଦ୍ରକ ଜିଲ୍ଲାର ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିଗାଁରେ ତୃତୀୟ ଶ୍ରେଣୀରେ ପଢୁଥିବା ୧୦ ବର୍ଷର ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ବିଜୁ ଯୁବ ଓ ଛାତ୍ର ଜନତା ଦଳ। ନାବାଳିକା ମାନଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ଅସମର୍ଥ ଥିବାବେଳେ

- ୧୮ ମାସର ବିଜେପି ଶାସନରେ କ୍ରମାଗତ ଭାବେ ନାବାଳିକା ଦୁଷ୍କର୍ମର ଶିକାର
- ଗୃହ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଥାଇ ଯଦି ମୁଖ୍ୟମନ୍ତ୍ରୀ ପାରୁନାହାନ୍ତି ଗାଦି ଛାଡ଼ନ୍ତୁ

ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବାକୁ ଦଳ ଦାବି କରିଛି। ଯୁବ ଓ ଛାତ୍ର ବିଜେଡିର ବହୁସଂଖ୍ୟକ କର୍ମକର୍ତ୍ତା ବୁଧବାର ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରଉ ଉଦ୍ୟମ କରିଥିଲେ। ଧଉଳି ଗଣଦୁଷ୍କର୍ମ ଓ ସହୀଦ ନଗର ନାବାଳିକା ଦୁଷ୍କର୍ମ ଘଟଣା ଏଯାବତ୍ ରାଜ୍ୟବାସୀଙ୍କ ମନରୁ ଲିଭିନାହିଁ। ଏପରି ସମୟରେ ଚାନ୍ଦବାଲିର ଲୋମହର୍ଷଣକାରୀ ଘଟଣା ଓଡ଼ିଶାକୁ ସାରା ଦେଶରେ ନିନ୍ଦିତ କରିଛି ବୋଲି ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ବିଜେପି ସରକାର ଶାସନକୁ ଆସିବା ପରେ ରାଜ୍ୟରେ ମହିଳା ଓ ନାବାଳିକା ମାନଙ୍କ





ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି । ଗୋପାଳପୁର, ବାଲିହରଚଣ୍ଡୀ, ଧଉଳି, ଶହୀଦ ନଗର, ମାଲକାନଗିରି ଗଣଦୁଷ୍କର୍ମର ଲମ୍ବା ତାଲିକା ଦେଖେଇ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ଦଳର ହଜାର ହଜାର ଯୁବ ଓ ଛାତ୍ର ଆଜି ବିକ୍ଷୋଭ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରଉ କରିଥିଲେ । ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ ପରି ଘଟଣାମାନ ଦିନକୁ ଦିନ ବୃଦ୍ଧି ପାଇବା ସହିତ ରାଜ୍ୟରେ ମହିଳା ଓ ନାବାଳିକା ମାନଙ୍କ ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଛି । ୧୮ ମାସର ବିଜେପି ଶାସନରେ ରାଜ୍ୟରେ ମହିଳା ଓ ନାବାଳିକାଙ୍କ ବିରୋଧରେ ଅପରାଧ ସଂଖ୍ୟା ଅହେତୁକ ବୃଦ୍ଧି ପାଇଛି। ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ଏପରି ଦୟନୀୟ ସ୍ଥିତିରେ ପହଞ୍ଚିଛି ଯେ, ଅପରାଧୀ ମାନେ ଭୟମୁକ୍ତ ହୋଇ ଅପରାଧ ଘଟାଉଛନ୍ତି। ଦୁଃଖ ଓ ପରିତାପର ବିଷୟ ଯେ ରାଜ୍ୟରେ ମହିଳା ସୁରକ୍ଷା ସ୍ଥିତି ସଙ୍ଗୀନ ହୋଇଥିଲେ ମଧ୍ୟ ଏହାକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର କୌଣସି ତତ୍ପରତା ଦେଖାଉ ନାହାନ୍ତି । ଗୃହ ବିଭାଗ ଖୋଦ ମୁଖ୍ୟମନ୍ତ୍ରୀଙ୍କ ପାଖରେ ରହିଥିଲା ବେଳେ ସ୍ଥିତିରେ ସୁଧାର ଆସିବା ପରିବର୍ତ୍ତେ ଅଧିକ ବିଗିଡ଼ି ଯାଇଛି। ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁଁ ବାରମ୍ବାର ଏଭଳି ଘଟଣା ଘଟୁଛି। ଯଦି ରାଜ୍ୟର ବିଜେପି ସରକାର ମହିଳା ମାନଙ୍କୁ ସୁରକ୍ଷା ଦେବାରେ ଅସମର୍ଥ, ତାହେଲେ ସରକାର ଗାଦି ଛାଡ଼ି ଦିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ଏହି ବିକ୍ଷୋଭରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର ଧୃତି ମାର୍ଥା, ଜ୍ୟୋତ୍ସ୍ନାମୟୀ ପରିଡ଼ା, ସୋଫିଆ ଆଲାମ, ତାରିଣୀ ପ୍ରସାଦ ନାୟକ, ଶୁଭ୍ରଜିତ୍ ପାଢ଼ୀ, ନୀଳମାଧବ ମହାନ୍ତି, ସୁଜିତ ପାଲଟାସିଂହ, ଅସ୍ମିତ ଦାସ, ସ୍ନେହାଶିଷ, ତବରେଜ ଖାନ, ଫାତିମା ଖାତୁନ, ଲଗ୍ନାଦୀପ ମିଶ୍ର, ଦୀପକ ଜେନା, ସତ୍ୟଜିତ୍ ପଟ୍ଟନାୟକ, ଦୀପକ ସାହୁ, ସୌମ୍ୟ ରଞ୍ଜନ ତ୍ରିପାଠୀ, ଜଗମୋହନ ବଳିଆରସିଂହ, ସୁଦୀପ୍ତ କୁମାର ସାମଲ, ଶେଖ ଅମୀର ଅହମ୍ମଦ, ସୌମ୍ୟ ଶଙ୍କର ରାୟ, ଦୀପକ ମହାପାତ୍ର, ମନୋଜ ମହାନ୍ତି, ସଞ୍ଜୀତ ମହାନ୍ତି, ମନୋଜ ସେନାପତି, ଅମରଜିତ୍ ସେନାପତି, ଅରୁପ ଶ୍ରୀଚନ୍ଦନ, ପ୍ରଶାନ୍ତ ସ୍ୱାଇଁ, ସ୍ମୃତି ରଞ୍ଜନ ପଟ୍ଟନାୟକ, ପ୍ରଫୁଲ୍ଲ ନାୟକ, ସ୍ୱାଗତିକା ମହାନ୍ତି, ଦୀପକ ବେହେରା, ଜ୍ୟୋତି ପ୍ରକାଶ ସାମଲ, ମନୋରଞ୍ଜନ ସ୍ୱାଇଁ, ବିକ୍ରମ ପଟ୍ଟନାୟକ, ଇଲା ସାସମଲ, ରାଜେଶ ରୋଶନ, ଶ୍ରୀଚନ୍ଦନ ପାତ୍ର, ମନୋଜ ମାରାଣ୍ଡି, ଦିବ୍ୟସିଂହ ସେଠୀ, ଶେଖ ନିୱାଜ, ସମିମ ଅଖତର, ସାଗର ବଳବନ୍ତରାୟ, ସାଇରାମ ସେଠୀ, ଶୁଭମ ବେହେରା, ଅମିତ କୁମାର ଜେନା, ଅଶୋକ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ଚାନ୍ଦବାଲି ଦୁଷ୍କର୍ମ ଘଟଣାରେ ବର୍ଷିଲା କଂଗ୍ରେସ

# ରାଜ୍ୟବାସୀଙ୍କୁ କି ଆଶ୍ୱାସନା ଦେବେ ମନମୋହନ




ଭୁବନେଶ୍ୱର,୨୪।୧୨(ସମିସ): ଚାନ୍ଦବାଲିରେ ଘଟିଥିବା ଲୋମହର୍ଷଣକାରୀ ଦୁଷ୍କର୍ମ ଏବଂ ହତ୍ୟାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି କଂଗ୍ରେସ। ତୃତୀୟ ଶ୍ରେଣୀର ଝିଅକୁ ଦୁଷ୍କର୍ମ ଏବଂ ହତ୍ୟା ମାମଲା ଅତ୍ୟନ୍ତ ବେଦନାଦାୟକ। ଦୁଷ୍କର୍ମକାରୀ ଝିଅର ମୁଣ୍ଡକୁ ପଥରରେ ଛେଚି ହତ୍ୟା କରିଛି। ଏହା ଖୋଦ ବିଜେପି ସଭାପତି ମନମୋହନ ସାମଲଙ୍କ ନିଜସ୍ୱ ନିର୍ବାଚନ ମଣ୍ଡଳୀର ଘଟିଥିବା ବେଳେ ଦୀର୍ଘ ୧୦ ମାସ ହେଲା ଚାନ୍ଦବାଲିରେ ଏସ୍‌ଡିପିଓ ନାହାନ୍ତି। ସ୍ଥାନୀୟ ଆଇଆଇସି ଚୋରା ମଦର କଣ୍ଟ୍ରୋଲ ରୁମ ଖୋଲିଥିବା ନେଇ କଂଗ୍ରେସ ଅଭିଯୋଗ କରିବା ସହ ପୀଡିତା ପରିବାରକୁ ୫୦ ଲକ୍ଷ କ୍ଷତିପୂରଣ ଓ ସ୍ଥାନୀୟ ଆଇଆଇସିଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦଳ ଦାବି କରିଛି।

ଦଳ ପକ୍ଷରୁ ପୂର୍ବତନ ସାଂସଦ ଅନନ୍ତ ସେଠୀ ଓ କଂଗ୍ରେସ ନେତା ମନୋଜ ବିଶ୍ୱାଳ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ବିଜେପି ସଭାପତି ପଦରେ ମନମୋହନ ସାମଲ ଅଛନ୍ତି। ନିଜ ନିର୍ବାଚନ ମଣ୍ଡଳୀରେ ଘଟିଥିବା ଦୁଷ୍କର୍ମ ଘଟଣାକୁ ନେଇ ରାଜ୍ୟବାସୀଙ୍କୁ ସେ କି ଆଶ୍ୱାସନା ଦେବେ ବୋଲି ପ୍ରଶ୍ନ କରିବା ସହ ଭଦ୍ରକ, ବାଲେଶ୍ୱର ଓ ଭୁବନେଶ୍ୱର ନାରୀ ନିର୍ଯ୍ୟାତନାର ହବ ପାଲଟିଛି ବୋଲି କଂଗ୍ରେସ କହିଛି। କଂଗ୍ରେସ ମୁଖପାତ୍ର ଡଃ ମନୀଷା ଦାସ ପଟ୍ଟନାୟକ କହିଲେ, ସରକାର ବର୍ତ୍ତମାନ ଜନତାଙ୍କ ପାଇଁ ଧୃତରାଷ୍ଟ୍ର ସାଜିଛି। ଛୋଟ ଝିଅଙ୍କ ପାଇଁ କଂସ ଅତ୍ୟାଚାର କରୁଛି। ଗୋପାଳପୁର ଗଣଦୁଷ୍କର୍ମ ମାମଲାରେ ଯଦି ସରକାର ଚେତିଥାନ୍ତେ ତେବେ ସୌମ୍ୟାଶ୍ରୀ ବଳଙ୍ଗା ଏବଂ ବର୍ତ୍ତମାନର ଧଉଳି, ଚାନ୍ଦବାଲି ଘଟଣା ଦେଖିବାକୁ ମିଳି ନଥାନ୍ତା। ଯେହେତୁ ସରକାର ଏବଂ

- ୧୦ ମାସ ହେଲା ଚାନ୍ଦବାଲି ଏସ୍‌ଡିପିଓ ପଦବୀ ଖାଲି ପଡିଛି
- ରାଜ୍ୟରେ ଏକ ନିଲ୍ଲଠା, ଅଲାଜୁକ ସରକାରଙ୍କ ଶାସନ ଚାଲିଛି

ପୁଲିସ ଅପରାଧୀଙ୍କୁ ଘଣ୍ଟ ଘୋଡାଇବାରେ ବ୍ୟସ୍ତ ହେଲେ ତେଣୁ ଅପରାଧୀଙ୍କ ମନୋବଳ ବୃଦ୍ଧି ପାଇଲା ବୋଲି ଦଳ କହିଛି। ବଳାତ୍କାରୀ ଓ ହତ୍ୟାକାରୀଙ୍କୁ ଫୁଲମାଳ ଦେଉଥିବା ଦଳଙ୍କଠାରୁ ଆଉ କ'ଣ ଆଶା କରାଯାଇପାରେ ଦଳ କହିଛି। ରାଜ୍ୟରେ ବର୍ତ୍ତମାନ ଅଯୋଗ୍ୟ ଏବଂ ନିକମ୍ମା ମହିଳା କମିଶନ ଅଛନ୍ତି। ତାଙ୍କ ସଦସ୍ୟ ରାତି ୮ ଟାରେ ଘରୁ ଝିଅପିଲା ନ ବାହାରିବା ପାଇଁ ତାଗିଦ କରୁଛନ୍ତି। ପ୍ରକୃତରେ ଆମେ ଏକ ନିଲ୍ଲଠା, ଅଲାଜୁକ ସରକାର ଦ୍ୱାରା ଶାସିତ ହେଉଛୁ ବୋଲି ଡଃ ପଟ୍ଟନାୟକ ପ୍ରକାଶ କରିଛନ୍ତି।

## ରାଜ୍ୟ କ୍ୟାବିନେଟରେ ୧୦ ପ୍ରସ୍ତାବକୁ ମୋହର

# ଆରମ୍ଭ ହେବ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା

ଭୁବନେଶ୍ୱର,୨୪।୧୨(ସମିସ): ଓଡ଼ିଶାର ବରପୁତ୍ର ତଥା ସ୍ୱାଧୀନତା ସେନାନୀମାନଙ୍କୁ ସ୍ମରଣ କରିବା ଓ ସେମାନଙ୍କର ଅବଦାନକୁ ପରପିଢ଼ିଙ୍କୁ ପ୍ରେରିତ ଓ ଅନୁପ୍ରାଣିତ କରିବା ପାଇଁ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ରାଜ୍ୟରେ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା ଲାଗୁ କରିବା ନିଷ୍ପତ୍ତି ଉପରେ ମୋହର ବାଜିଛି। ପ୍ରଥମ ପର୍ଯ୍ୟାୟରେ ଏହି ଯୋଜନା ପାଇଁ ୨୫ଜଣ ବରପୁତ୍ରଙ୍କ ନାମ ନିର୍ଦ୍ଧାରଣ ହୋଇଛି। ପ୍ରତ୍ୟେକ ବରପୁତ୍ରଙ୍କ ଜନ୍ମସ୍ଥାନର ଉନ୍ନତିକରଣ ପାଇଁ ସର୍ବାଧିକ ୧୫ କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହେବ। ଏଥିପାଇଁ ରାଜ୍ୟ ସରକାର ୩୪୫ କୋଟି ଟଙ୍କା ଖର୍ଚ୍ଚ କରିବେ। ଏତଦ୍ ବ୍ୟତୀତ ବୈଠକରେ ୭ଟି ବିଭାଗର ମୋଟ ୧୦ଟି ପ୍ରସ୍ତାବ ଉପରେ ମୋହର ବାଜିଛି।

କ୍ୟାବିନେଟ ବୈଠକ ସମାପ୍ତ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ଏନେଇ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା ଅଧିନରେ ବରପୁତ୍ରମାନଙ୍କର ବାସଗୃହକୁ ସଂଗ୍ରହାଳୟ ଭାବେ ବିକଶିତ କରାଯିବ। ସେମାନଙ୍କର ପ୍ରତିମୂର୍ତ୍ତି, ସ୍ମାରକୀ ନିର୍ମାଣ ସହ ବ୍ୟାଖ୍ୟାନ କେନ୍ଦ୍ର, ଗ୍ରନ୍ଥାଗାର, ସମ୍ମିଳନୀ କକ୍ଷ, ମୁକ୍ତାକାଶ ରଙ୍ଗମଞ୍ଚ, ଶିଶୁ ଉଦ୍ୟାନ ସ୍ଥାପନ ସହ ଆନୁଷଙ୍ଗିକ ବିକାଶ କରାଯିବ। ବରପୁତ୍ରଙ୍କ ଜୀବନୀ ଉପରେ ବିଭିନ୍ନ ସମ୍ମିଳନୀ, ଚର୍ଚ୍ଚା, ଆଲୋଚନା ଏବଂ ସଭା କରାଯିବ ବୋଲି ସ୍ଥିରୀକୃତ ହୋଇଛି। ସେହିପରି କ୍ୟାବିନେଟରେ ଉତ୍କର୍ଷ ଆଇଟିଆଇ ଯୋଜନାକୁ ମଧ୍ୟ ଅନୁମୋଦନ ମିଳିଛି। ଏହି ଯୋଜନା ଦ୍ୱାରା ୫ଟି ସରକାରୀ ଆଇଟିଆଇ ଯଥା ପୁରୀ ସରକାରୀ ଆଇଟିଆଇ, ବଲାଙ୍ଗୀର ସରକାରୀ ଆଇଟିଆଇ, କୋରାପୁଟର ଅମ୍ବାଗୁଡ଼ା ସରକାରୀ ଆଇଟିଆଇ, କେନ୍ଦ୍ରାପଡାର ରାଜକନିକା ସରକାରୀ ଆଇଟିଆଇ ଓ ସୁନ୍ଦରଗଡ଼ର ରାଉରକେଲା ସରକାରୀ ଆଇଟିଆଇକୁ ଉତ୍କର୍ଷ ଆଇଟିଆଇ ବାବେ ରୂପାନ୍ତରିତ କରାଯିବ। ଏଥିପାଇଁ ଆଗାମୀ ୩ ବର୍ଷରେ ୫୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ୫ଟି ଆଇଟିଆଇରେ ବର୍ତ୍ତମାନ ସମୁଦାୟ ୨୮୦୦ ସିଟ୍ ଥିବାବେଳେ ଏହାକୁ ୬୦୦୦କୁ ବୃଦ୍ଧି କରାଯିବ। ଇଣ୍ଡଷ୍ଟ୍ରି-ରେଡି ଭିତ୍ତିଭୂମି ଗଠନ ସହ ଅତ୍ୟାଧୁନିକ ଲାବ୍, ସ୍ମାର୍ଟ କ୍ଲାସରୁମ, ଡିଜିଟାଲ ଶିକ୍ଷାସ୍ଥାନ ପ୍ରତିଷ୍ଠା କରାଯିବ। ଆତ୍ମନିଯୁକ୍ତି ଓ ଚାକିରୀ ପାଇଁ ଉଦ୍ୟମିତା ପ୍ରଚାର କୋଷ ଏବଂ ପ୍ଲେସମେଣ୍ଟ ସେଲଗୁଡ଼ିକର ସୁଦୃଢ଼ କରାଯିବ। ଅନ୍ୟ ଏକ ନିଷ୍ପତ୍ତି ଅନୁଯାୟୀ ରାଜ୍ୟର ସମସ୍ତ ସରକାରୀ ବିଶ୍ୱ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷକ ନିଯୁକ୍ତିରେ ଏକ ସଂରକ୍ଷଣ ନୀତି ପ୍ରଣୟନ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟରେ ଅନୁମୋଦନ ମିଳିଛି। ଏଥିପାଇଁ ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱ ବିଦ୍ୟାଳୟ(ଶିକ୍ଷକ କ୍ୟାଡରରେ ସଂରକ୍ଷଣ)ଅଧ୍ୟାଦେଶ, ୨୦୨୫ର ପ୍ରଣୟନକୁ ସ୍ୱୀକୃତି ମିଳିଛି। ପ୍ରଫେସର, ଆସୋସିଏଟ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତିରେ ସଂରକ୍ଷଣ କାର୍ଯ୍ୟକାରୀ କରିବା ପାଇଁ ବିଶ୍ୱ ବିଦ୍ୟାଳୟଟିକୁ ଏକକ ଭାବରେ ବିଚାର କରିବାକୁ ଏହି ଅଧ୍ୟାଦେଶରେ ପ୍ରସ୍ତାବ ରହିଛି। ଏହା ବର୍ତ୍ତମାନ ଚାଲୁଥିବା ବିଭାଗ ସଂରକ୍ଷଣ ପ୍ରଣାଳୀକୁ ପରିବର୍ତ୍ତନ କରିବ। ଏହି ସଂସ୍କାର ଏସସି, ଏସଟି, ଏସଇବିସି ଏବଂ ଅନ୍ୟ ଯୋଗ୍ୟ ଗୋଷ୍ଠୀଙ୍କର ପ୍ରତିନିଧିତ୍ୱକୁ ବୃଦ୍ଧି କରିବା ସହ ଶିକ୍ଷକ ନିଯୁକ୍ତିରେ ଓଡ଼ିଶାର ବିଶ୍ୱ ବିଦ୍ୟାଳୟଗୁଡ଼ିକ ଜାତୀୟ ସ୍ତରରେ ପ୍ରଚଳିତ ନିୟମ ସହ ସମାନ କରିବ ବୋଲି ଆଶା କରାଯାଉଛି। ସେହିପରି ଜଳସମ୍ପଦ ବିଭାଗର ଦୁଇଟି ପ୍ରସ୍ତାବ ଅନୁଯାୟୀ ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ଯୋଜନା ଅନ୍ତର୍ଗତ କ୍ଲଷ୍ଟର ୩୩ ଏବଂ ୩୨ ମାଧ୍ୟମରେ ୮ଟି ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯିବ। ନିର୍ମାଣ ହେବାକୁ ଥିବା ଏହି ୮ଟି ପ୍ରକଳ୍ପରେ ଇବ୍ ନଦୀ, ହୀରାକୁଦ ଜଳଭଣ୍ଡାର, ଭେଡେନ ନଦୀରୁ ଜଳ ଉତ୍ତୋଳନ କରାଯାଇ ଝାରସୁଗୁଡାର ୧୨୮୪୦ ହେକ୍ଟର ଚାଷଜମିକୁ ଜଳସେଚନ କରାଯିବ। ଏହି ୮ ପ୍ରକଳ୍ପ ପାଇଁ ମୋଟ ୩୪୪ କୋଟି ୨୧ ଲକ୍ଷ ୫୧ ହଜାର ୭୧୬ ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ବେଳେ ୧୫ ବର୍ଷର ରକ୍ଷଣାବେକ୍ଷଣ ପାଇଁ ୨୭ କୋଟି ୫୩ ଲକ୍ଷ ୭୨ ହଜାର ୧୩୭ ଟଙ୍କା ଖର୍ଚ୍ଚ ହେବ। ଏବି ପ୍ରକଳ୍ପ ୩ ବର୍ଷରେ ସମ୍ପୂର୍ଣ୍ଣ ଲକ୍ଷ୍ୟ ରଖାଯାଇଥିବା ବେଳେ ଏହାଦ୍ୱାରା ଝାରସୁଗୁଡ଼ା ଜିଲ୍ଲାର ୧୭୬ଟି ଗ୍ରାମର କୃଷକ ଉପକୃତ ହେବେ। ସେହିପରି ଅନ୍ୟ ଏକ ପ୍ରସ୍ତାବ ଅନୁଯାୟୀ କଳାହାଣ୍ଡି ଜିଲ୍ଲାର ସାନ୍ଦୁଲ ବ୍ୟାରେଜ ପ୍ରକଳ୍ପ ଅଧିନସ୍ଥ ୫୦୦୦ ହେକ୍ଟର ଚାଷ ଉପଯୋଗୀ ଜମି ପାଇଁ ୟୁଜିପିଏଲ ପ୍ରଣାଳୀର ନିର୍ମାଣ କାର୍ଯ୍ୟକୁ ଇପିସି ଓ ଟର୍ଣ୍ଣ କି ପଦ୍ଧତିରେ ସମ୍ପାଦନକୁ ଅନୁମୋଦନ ମିଳିଛି। ଏଥିପାଇଁ ୧୫୪ କୋଟି ୭୨ ଲକ୍ଷ ୯୧୬୭୦ ଟଙ୍କା ଖର୍ଚ୍ଚ ହେବକୁ ଥିବାବେଳେ ୩୦ ମାସ ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବ। ଏହି ପ୍ରକଳ୍ପ ଦ୍ୱାରା କଳାହାଣ୍ଡି ଜିଲ୍ଲାର କର୍ଲାମୁଣ୍ଡା ବ୍ଲକର ୧୮୮୭ ହେକ୍ଟର, ନର୍ଲା ବ୍ଲକର ୪୦୯ ହେକ୍ଟର ଏବଂ କେସିଙ୍ଗା ବ୍ଲକର ୨୭୦୪ ହେକ୍ଟର ମରୁଡ଼ି ପ୍ରବଣ ଅଞ୍ଚଳରେ ପାଣି ପହଞ୍ଚିବ।

## ଭୁବନେଶ୍ୱର-କଟକ-ପୁରୀ-ପାରାଦୀପକୁ ନେଇ ଗଠନ ହେବ ଅର୍ଥନୈତିକ କ୍ଷେତ୍ର

# ନିର୍ମାଣ ହେବ ୬୪୫ କିଲୋମିଟର ରିଙ୍ଗ୍ ରୋଡ୍



ଭୁବନେଶ୍ୱର,୨୪।୧୨(ସମିସ): ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅଞ୍ଚଳକୁ ନେଇ ଅର୍ଥନୈତିକ କ୍ଷେତ୍ର(ଇକୋନୋମିକ୍ ରିଜିଅନ୍ ) ଗଠନ କରାଯିବ। ଏହି ସମଗ୍ର ଅଞ୍ଚଳରେ ଥିବା ସହର ଗୁଡିକୁ 'ଗ୍ରୋଥ୍ ହବ୍' ଭାବେ ବିକଶିତ କରିବାକୁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ବୁଧବାର ଲୋକସେବା ଭବନରେ ଏନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ସୂଚନା ଅନୁସାରେ ଅର୍ଥନୈତିକ କ୍ଷେତ୍ରରେ ୩ଟି ରିଙ୍ଗ୍ ରୋଡ୍ ନିର୍ମାଣ କରାଯିବ। ଏଥିରେ କ୍ୟାପିଟାଲ ରିଙ୍ଗ୍ ରୋଡ୍ ଅଧୀନରେ ପାରାଦୀପରୁ ଟାଙ୍ଗୀ, ସପ୍ତଶଯ୍ୟା, ରାମେଶ୍ୱର ଦେଇ ପୁରୀ ପର୍ଯ୍ୟନ୍ତ ୪୩୨ କିଲୋମିଟରର ରିଙ୍ଗ୍ ରୋଡ୍ ନିର୍ମାଣ କରାଯିବ। ଏହାକୁ କେନ୍ଦ୍ର ସରକାରଙ୍କ କ୍ୟାପିଟାଲ୍ ରିଜିଅନ୍ ରିଙ୍ଗ୍ ରୋଡ୍ (୧୧୧ କିଲୋମିଟର)ସହିତ ସମନ୍ୱିତ କରି ନିର୍ମାଣ କରାଯିବ। କଟକ ଜିଲ୍ଲା ଜାତମୁଣ୍ଡିଆ-ତ୍ରିଶୁଳିଆ-ଉରାଳି ଦେଇ ବାଲିପାଟଣା-ପିପିଲି-ଜଟଣୀ-ଖୋର୍ଦ୍ଧା ପର୍ଯ୍ୟନ୍ତ ୧୪୮ କିଲୋମିଟରର ଏକ ଆଉଟର ରିଙ୍ଗ୍ ରୋଡ୍

### 'ଗ୍ରୋଥ୍ ହବ୍'ହେବ ସମଗ୍ର ଅଞ୍ଚଳର ସହରାଞ୍ଚଳ: ମୁଖ୍ୟମନ୍ତ୍ରୀ

ଏବଂ ଖୋର୍ଦ୍ଧା ଜିଲ୍ଲା ତମାଣ୍ଡୋ ଠାରୁ ଚନ୍ଦକା-ପାହାଲ-ଧଉଳି ଦେଇ ୬୫ କିଲୋମିଟରର ଏକ ଇନ୍‌ର ରିଙ୍ଗ୍ ରୋଡ୍ ନିର୍ମାଣ କରାଯିବାର ଯୋଜନା ରହିଛି। ଏହିପରି ସମୁଦାୟ ୬୪୫ କିଲୋମିଟରର ୩ଟି ରିଙ୍ଗ୍ ରୋଡ୍ ନିର୍ମାଣ କରାଯିବ। ଏଥି ସହିତ ଏହି ଯୋଜନାରେ ପୁରୀଠାରୁ କୋଣାର୍କ ପର୍ଯ୍ୟନ୍ତ ୩୨ କିଲୋମିଟର ରେଳପଥ ଏବଂ କୋଣାର୍କରୁ ଭୁବନେଶ୍ୱର ଭାୟା ନିମାପଡା ଦେଇ ୭୦ କିଲୋମିଟର ରେଳପଥ ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି।

ଏହି ରିଜିଅନ୍ ମଧ୍ୟରେ କୃଷି ଓ ମତ୍ସ୍ୟ ଉଦ୍ୟୋଗ, ମାନୁଫାକ୍ଚରିଙ୍ଗ୍, ପରିବହନ, ବନ୍ଦର ଭିତ୍ତିକ ଶିଳ୍ପ, କେମିକାଲ୍‌ସ, ଟେକ୍ସଟାଇଲ୍‌ସ, ଆଇ.ଟି. ଭଳି ଅନେକ ଶିଳ୍ପାନୁଷ୍ଠାନ ଗଢି ଉଠିବ। ଏସବୁ ଅଞ୍ଚଳ ଗୁଡିକରେ ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ଅଭିବୃଦ୍ଧି ଘଟିବ। ବୈଠକରେ ମୁଖ୍ୟମନ୍ତ୍ରୀ ନୀତି ଆୟୋଗ ସହିତ ନିୟମିତ ଯୋଗାଯୋଗରେ ରହି ଏହି ପ୍ରକଳ୍ପ କାମ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ନୂଆ ନୀତି ଆଣିବା ସହିତ ଆବଶ୍ୟକ ସ୍ଥଳେ ପ୍ରଚଳିତ ନୀତିରେ ସଂଶୋଧନ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୌର ନିର୍ଦ୍ଦେଶକ ଅରିନ୍ଦମ୍ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ଜାନୁଆରୀରେ ହୋଇପାରେ ରତ୍ନ ଅଳଙ୍କାର ଗଣତିମଣତି

ପୁରୀ,୨୪।୧୨(ସମିସ): କେବେ ଗଣତି ମଣତି ହେବ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର? ଏହାକୁ ନେଇ ସମସ୍ତଙ୍କ ମନରେ ଉତ୍କଣ୍ଠା ରହିଛି। ତେବେ ଆସନ୍ତା ୨୭ ତାରିଖରେ ରତ୍ନଭଣ୍ଡାର ସମ୍ପର୍କିତ ବୈଠକ ବସିବାକୁ ଯାଉଛି। ଜାନୁଆରୀ ମାସ ମଧ୍ୟରେ ଭିତର ରତ୍ନଭଣ୍ଡାରରେ ଥିବା ସମସ୍ତ ଅଳଙ୍କାରର ଗଣତି କାର୍ଯ୍ୟ ଆରମ୍ଭ ହୋଇପାରେ। ଏ ସମ୍ପର୍କରେ ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ସୂଚନା ଦେଇଛନ୍ତି। ୨୭ ତାରିଖ ବୈଠକରେ ଗଣତି ପ୍ରକ୍ରିୟା ପାଇଁ ଏସ୍‌ଓପି ଚୂଡ଼ାନ୍ତ କରାଯିବ। ସହ କେଉଁମାନେ ଏହି କାର୍ଯ୍ୟରେ ସାମିଲ ହେବେ, ସେ ନେଇ ନିଷ୍ପତ୍ତି ନିଆଯିବ। ଭିତର ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ସରିଛି ଏବଂ ସମସ୍ତ ରତ୍ନ ଅଳଙ୍କାରକୁ ପୁଣିଥରେ ସୁରକ୍ଷିତ ଭାବେ ରତ୍ନଭଣ୍ଡାର ମଧ୍ୟରେ ରଖାଯାଇଛି। ଅଳଙ୍କାରର ଗୁଣବତ୍ତା ପରୀକ୍ଷା ପାଇଁ ରିଜର୍ଭ ବ୍ୟାଙ୍କର ସହାୟତା ଲୋଡ଼ାଯାଇଛି। ଏହି କାର୍ଯ୍ୟରେ ଦୁଇ ଜଣ ବିଶେଷଜ୍ଞ ମଧ୍ୟ ସାମିଲ ହେବେ। ଶେଷଥର ଗଣତି ମଣତି ପାଇଁ ୭୨ ଦିନ ସମୟ ଲାଗିଥିଲା। ୧୯୫୪ ମସିହାର ରେକର୍ଡ ଏବଂ ୧୯୭୮ ମସିହାରେ ହୋଇଥିବା ଗଣତି ତାଲିକାକୁ ଆଧାର କରି ବର୍ତ୍ତମାନର ଅଳଙ୍କାର ସହ ମେଳ କରାଯିବ। ଗଣତି ସମୟରେ ମହାପ୍ରଭୁଙ୍କ ଦର୍ଶନରେ କିଛିଟା ବ୍ୟାଘାତ ସୃଷ୍ଟି ହୋଇପାରେ, ତେଣୁ ଶ୍ରଦ୍ଧାଳୁମାନଙ୍କ ସହଯୋଗ ପାଇଁ ଅନୁରୋଧ କରାଯାଇଛି। ଏହି ସମ୍ବେଦନଶୀଳ ପ୍ରକ୍ରିୟା ପାଇଁ ମୁକ୍ତି ମଣ୍ଡପର ପରାମର୍ଶ ମଧ୍ୟ ନିଆଯିବ ବୋଲି ଜଷ୍ଟିସ ରଥ ସ୍ପଷ୍ଟ କରିଛନ୍ତି।

# ଦୁଇ କଲରାପତରିଆ ବାଘ ଛାଲ ଜବତ; ୫ ଗିରଫ



କାଶୀପୁର/ଟିକିରି ୨୪।୧୨(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ଅଞ୍ଚଳରୁ ଦୁଇଟି କଲରାପତରିଆ ବାଘ ଛାଲ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ୫ଜଣଙ୍କୁ ବନ ବିଭାଗ ଗିରଫ କରିଛି। ରାୟଗଡ଼ା ଡିଏଫ୍‌ଓ ଓ କଳାହାଣ୍ଡି ଡିଏଫଓଙ୍କ ନେତୃତ୍ୱରେ ଏହି ଚଢ଼ଉ କରାଯାଇଥିଲା। କାଶୀପୁର ସଦର ମହୋକୁମା ସ୍ଥିତ ହନୁମାନ ମନ୍ଦିର ନିକଟରେ ଏହି ବାଘ ଚମଡ଼ାକୁ ପ୍ରାୟ ୩୦ ଲକ୍ଷ ଟଙ୍କାରେ ବିକ୍ରି କରିବା ପାଇଁ ଯୋଜନା ଚାଲୁଥିଲା। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସ୍ଥାନୀୟ ରେଞ୍ଜର ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କ ଠାରୁ ଦୁଇଟି କଲରାପତରିଆ ବାଘ ଛାଲ, ୩ଟି ମୋଟର ସାଇକଲ୍, ୪ଟି ମୋବାଇଲ ଫୋନ୍, ଗୋଟିଏ ଧାରୁଆ ଛୁରି ଜବତ କରାଯାଇଛି। ଏହି ଚଢ଼ଉ ରାୟଗଡା ଡିଏଫଓ ସଚିନ ଓଲହା ସାହେବ ଓହେଲ ଏବଂ କଳାହାଣ୍ଡି ଡିଏଫଙ୍କ ନେତୃତ୍ୱରେ ଟିକିରି ରେଞ୍ଜର ଅନିଲ ପାଣିଗ୍ରାହୀ, କଲ୍ୟାଣସିଂହପୁର ରେଞ୍ଜର ଚନ୍ଦନ ଗମାଙ୍ଗ, କାଶୀପୁର ଫରେଷ୍ଟର ଦୀନବନ୍ଧୁ ଶବର, ବଳରାମ କାଡ୍ରାକାଙ୍କ ସହ କାଶୀପୁର, ଟିକିରି, କଲ୍ୟାଣସିଂହପୁର ଅଞ୍ଚଳର ବନବିଭାଗ କର୍ମଚାରୀ ସାମିଲ ଥିଲେ।

# ପ୍ରଦୂଷଣ ପ୍ରମାଣପତ୍ର କଟକଣା ଆଉ ମାସେ କୋହଳ

## ଫେବୃଆରୀରୁ ନିୟମ ଲାଗୁ ହେବା ନେଇ ମନ୍ତ୍ରୀଙ୍କ ଘୋଷଣା

ଭୁବନେଶ୍ୱର,୨୪।୧୨(ସମିସ): ମୋଟର ଯାନର ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚକୁ ନେଇ ଜନସାଧାରଣ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଅନୁଧ୍ୟାନ କରିବା ପରେ ସରକାର 'ବୈଧ ପ୍ରଦୂଷଣ ପ୍ରମାଣପତ୍ର ବିନା ଇନ୍ଧନ ମନା' ନିଷ୍ପତ୍ତିକୁ ଘୁଞ୍ଚାଇ ଦେଇଛନ୍ତି। ପୂର୍ବରୁ ନୂଆବର୍ଷ ଜାନୁଆରୀ ପହିଲାରୁ ଏହା ଲାଗୁ ପାଇଁ ନିଷ୍ପତ୍ତି ହୋଇଥିଲା। ତେବେ ଜନସାଧାରଣଙ୍କ ଦାବିକୁ ଦୃଷ୍ଟିରେ ରଖି ବାଣିଜ୍ୟ ଓ ପରିବହନ ବିଭାଗର ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ଏହାକୁ ଫେବୃଆରୀ ପହିଲାକୁ ଘୁଞ୍ଚାଯାଇଛି। ଏହି ଅବଧି ମଧ୍ୟରେ ମୋଟରଯାନ ଆଇନ ଅନୁଯାୟୀ ବୈଧ ପ୍ରଦୂଷଣ ପ୍ରମାଣପତ୍ର ନ ଥିବା ଗାଡ଼ିମାଲିକମାନେ ଯାନର ପ୍ରଦୂଷଣ ଯାଞ୍ଚ କରାଇନେବାକୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

ରାଜ୍ୟରେ ଏଭଳି ନିୟମ ଲାଗୁ ନେଇ ପରିବହନ ବିଭାଗ କଡ଼ା ନିର୍ଦ୍ଦେଶନାମା ପରେ ଗାଡ଼ି ଚାଳକଙ୍କ ମଧ୍ୟରେ ଛନକା ପଶିଛି। ଏଥିପାଇଁ ୩-୪ ଦିନ ହେବ ସବୁ ପ୍ରଦୂଷଣ ସାର୍ଟିଫିକେଟ୍ କେନ୍ଦ୍ରଗୁଡ଼ିକ ଆଗରେ ଲମ୍ବା ଧାଡ଼ି



ଦେଖିବାକୁ ମିଳୁଛି। ମୁଖ୍ୟତଃ ଯେଉଁମାନଙ୍କର ପ୍ରଦୂଷଣ ପ୍ରମାଣପତ୍ର ନାହିଁ, ସେମାନଙ୍କୁ ପୁରୁଣା ଚାଲାଣ ବାବଦ ଅର୍ଥରାଶି ପୈଠ କରିବାକୁ ବାଧ୍ୟତାମୂଳକ କରାଯାଇଥିବାରୁ ସମସ୍ୟା ଦ୍ୱିଗୁଣିତ ହୋଇଛି। ଗାଡ଼ିମାଲିକମାନେ ସେମାନଙ୍କ ପୁରୁଣା ଚାଲାଣ ବାବଦ ଜରିମାନା ରାଶି ପୈଠ ପାଇଁ ଟ୍ରାଫିକ୍ ଥାନାଗୁଡ଼ିକରେ ଲମ୍ବା ଲାଇନ୍ ଲଗାଉଛନ୍ତି। ଏହାକୁ ନେଇ ଜନଅସନ୍ତୋଷ ମଧ୍ୟ ଦାନା ବାନ୍ଧିବାରେ ଲାଗିଛି।

ଏହା ବ୍ୟତୀତ ଅନେକ ଗାଡ଼ି ଚାଳକଙ୍କୁ ବିନା କାରଣରେ ଚାଲାଣ ଆସିଥିବା ଅଭିଯୋଗ ହେଉଛି। ଏମିତି କି କାର୍ ଚାଳଣ ମୋଟ୍‌ରସାଇକଲ ଚାଳକଙ୍କୁ ମଧ୍ୟ ଆସୁଛି ବୋଲି ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଓ ଲୋକଙ୍କ ଅସୁବିଧାକୁ ଦେଖି ମଙ୍ଗଳବାର ପରିବହନ ବିଶେଷଜ୍ଞ ସୁବ୍ରତ ନନ୍ଦ ଏହି ଘଟଣାରେ ରାଜ୍ୟ ମାନବାଧିକାର କମିସନଙ୍କ ହସ୍ତକ୍ଷେପ ଲୋଡ଼ିବା ସହିତ ତୁରନ୍ତ ଏହି ନିୟମ ଲାଗୁ ପାଇଁ ୬ ମାସ ସମୟ ଦେବାକୁ ଦାବି କରିଥିଲେ। ଏହା ବ୍ୟତୀତ ସରକରା ଚାଲାଣ ପୈଠ ପରିମାଣକୁ ଅଧା କରିଦେଇଥିଲେ ହେଁ ମୋଟରଯାନ ଆଇନର କୌଣସି ଧାରାରେ ଜୋରିମାନା ନ ଦେଲେ ପ୍ରଦୂଷଣ ସାର୍ଟିଫିକେଟ୍ ମିଳିବ ନାହିଁ ବୋଲି କୌଣସି ବ୍ୟବସ୍ଥା ନାହିଁ। ମାତ୍ର ରାଜ୍ୟ ପରିବହନ ପ୍ରାଧିକରଣଙ୍କ ପକ୍ଷରୁ ଯେଉଁ ଗାଡ଼ିଗୁଡିକର ପୁରୁଣା ମୋଟର ଯାନ ସଂପର୍କିତ ମାମଲା ଅଛି, ତାହାର ଜୋରିମାନା ଦାଖଲ କଲାପରେ ପ୍ରଦୂଷଣ ସାର୍ଟିଫିକେଟ୍ ମିଳିବା ପାଇଁ ବ୍ୟବସ୍ଥା କରାଯାଇଛି। ଏହାକୁ ତୁରନ୍ତ ବନ୍ଦ କରିବାକୁ ମଧ୍ୟ ଦାବି ହୋଇଛି।

# ଚାନ୍ଦବାଲି ଲଜ୍ଜା: ବିଜେଡି, କଂଗ୍ରେସର ବନ୍ଦ ଡକରା

ଭଦ୍ରକ,୨୪।୧୨(ସମିସ)





ଚାନ୍ଦବାଲିରେ ଘଟିଥିବା ଦିବ୍ୟାଙ୍ଗ ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ ଓ ପରେ ହତ୍ୟା ଘଟଣାରେ ରାଜନୀତି ଜୋର ଧରିଛି। ବୁଧବାର ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉଭୟ ରାଜ୍ୟ ଓ ଚାନ୍ଦବାଲିରେ ଆଇନ ଶୃଙ୍ଖଳା ଭୁଶୁଡ଼ି ପଡ଼ିଥିବା ବିଜେଡି ଅଭିଯୋଗ କରିଛି। ବିଧାୟକ ଡ.ବ୍ୟୋମକେଶ ରାୟ ଉକ୍ତ ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଏହି ସ୍ପର୍ଶକାତର ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବାସହ ପୁଲିସ ଉପରେ ବର୍ଷିଛନ୍ତି। ଥାନା ଠାରୁ ମାତ୍ର ୫ଶହ ମିଟର ଦୂରରେ ଏହି ଘଟଣା ଘଟିଥିଲେ ବି ପୁଲିସ ତରଫରୁ ଯେତିକି ସଜାଗ ହେବା କଥା ହୋଇ ନ ଥିଲା, ତେଣୁ ଏଭଳି ଘଟଣା ଘଟିଲା ବୋଲି ସେ ପ୍ରକାଶ କରିଥିଲେ। ନିକଟରେ ରାଜ୍ୟର ଗୋପାଳପୁର, ଧଉଳି, ବାଲି ହରଚଣ୍ଡୀ, ଭୁବନେଶ୍ୱର ଠାରେ ଏଭଳି ଘଟଣା ଘଟିଥିଲେ ବି ପୁଲିସ ଆଇନ ଶୃଙ୍ଖଳା ରକ୍ଷାରେ ବିଫଳ ହୋଇଥିବା ସେ ପ୍ରକାଶ କରିଥିଲେ। ଚୋରା ମଦ କାରବାର, ଗଞ୍ଜେଇ, ଡ୍ରଗ୍ସ, ଭଳି ନିଶା ଦ୍ରବ୍ୟ ର ଅବାଧ କାରବାର ଚାଲିଥିଲେ ବି ଉଭୟ ପୁଲିସ ଓ ଅବକାରୀ ବିଭାଗ ଆଖି ବୁଜି ଦେଇଥିବାରୁ ଏଭଳି ଘଟଣା ଘଟିଥିବା ସେ ଅଭିଯୋଗ କରିଥିଲେ। ତେଣୁ ଏହି ସ୍ପର୍ଶକାତର ଘଟଣାରେ ଦଳ ଉଦ୍‌ବେଗ ପ୍ରକାଶ କରିବା ସହ ଗୁରୁବାର ଦଳ ତରଫରୁ ୬ ଘଣ୍ଟିଆ ଚାନ୍ଦବାଲି ବ୍ଲକ ପାଳନ କରିବାକୁ ଘୋଷଣା କରିଥିଲେ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ବ୍ଲକ ବିଜେଡି ସଭାପତି ପ୍ରତାପ ଚନ୍ଦ୍ର ଧଳ, ନଗର ସଭାପତି ଦିଵ୍ୟବର ରାଉତ, ଏନ୍ ଏ ସି ଅଧକ୍ଷା ଶାନ୍ତିଲତା ସେଠୀ, ବ୍ଲକ ଅଧକ୍ଷା ମିନତି ସୁତାର, ଉପାଧ୍ୟକ୍ଷ ସରୋଜ ବଳ, ଜିଲ୍ଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ ବରିଷ୍ଠ ନେତା ନରେଶ ମାଝୀ, ଶରତ ସାହୁ, ଚିତ୍ତରଞ୍ଜନ ସୁତାର, ଯୁବ ନେତା ଜିତେନ୍ଦ୍ର ପାଣି ପ୍ରମୁଖ ଉପସ୍ଥିତ ଥିଲେ।

## ୫୦ଲକ୍ଷ ଟଙ୍କାର କ୍ଷତି ପୂରଣ ଦିଆଯାଉ : କଂଗ୍ରେସ

ଚାନ୍ଦବାଲି ଅଘଟଣକୁ ନେଇ କଂଗ୍ରେସ କାର୍ଯ୍ୟାଳୟଠାରେ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଛି। ଏଥିରେ ଦଳ ତରଫରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ଏଥିସହ ପୀଡ଼ିତା ପରିବାରକୁ ପଚାଶ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିବାକୁ ଦଳ ତରଫରୁ ଦାବି କରାଯାଇଛି। ଅନ୍ୟପକ୍ଷରେ ବିଜେଡି ଭଳି କଂଗ୍ରେସ ମଧ ଗୁରୁବାର ଚାନ୍ଦବାଲିରେ ୬ ଘଣ୍ଟିଆ ବନ୍ଦ ପାଳନ ଡାକରା ଦେଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତା ଦିଗମ୍ବର ଦାସ, ସୁଲୋଚନା ନାୟକ, ଶକ୍ତି ପ୍ରତାପ ବିଶ୍ୱାଳ, ରାଜେଶ ସ୍ୱାଇଁ, ବଦ୍ରି ନାୟକ, ଦିଗମ୍ବର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଡିଆଇଜିଙ୍କ ସାମ୍ବାଦିକ ସମ୍ମିଳନୀ

ଚାନ୍ଦବାଲିରେ ଘଟିଥିବା ଦିବ୍ୟାଙ୍ଗ ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟାକୁ ନେଇ ପୂର୍ବାଞ୍ଚଳ ରେଞ୍ଜ ଡିଆଇଜି ପିନାକ ମିଶ୍ର ଚାନ୍ଦବାଲିରେ ଆଜି ପହଞ୍ଚି ଘଟଣାର ଅନୁସନ୍ଧାନ କରିବା ସହ ସ୍ଥିତି ଉପରେ ସମୀକ୍ଷା କରିଥିଲେ। ଏସ୍‌ପି ମନୋଜ କୁମାର ରାଉତଙ୍କ ସହ ଏ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ପରେ ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ସମ୍ବେଦନଶୀଳ ଘଟଣା ସମ୍ବନ୍ଧରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଘଟଣାକୁ ଅତ୍ୟନ୍ତ ସ୍ପର୍ଶକାତର କହିବା ସହ ଏହି ଦୁଃଖଦ ଘଟଣାରେ ପୁଲିସ ତତ୍ପରତା ପ୍ରକାଶ କରିଥିଲା। ନିଜେ ଏସ୍‌ପି ଶ୍ରୀ ରାଉତ ନେତୃତ୍ୱ ନେଇ ଅନୁସନ୍ଧାନ ଆରମ୍ଭ କରିବା ସହ ୪ଟି ଟିମ୍ କରି ବିଭିନ୍ନ ସ୍ଥାନରେ ଅଭିଯୁକ୍ତକୁ ୧୨ଘଣ୍ଟା ମଧ୍ୟରେ ଠାବ କରିବାରେ ସଫଳ ହୋଇଥିବା କହିଛନ୍ତି।

# ୫ମ ଦିନରେ ଆଶାକର୍ମୀଙ୍କ ଧାରଣା

ଭଣ୍ଡାରିପୋଖରୀ, ୨୪।୧୨(ସମିସ): ଭଣ୍ଡାରିପୋଖରୀ ଡାକ୍ତରଖାନାରେ ଆଶା କର୍ମୀଙ୍କ ଧାରଣା ୫ମ ଦିନରେ ପହଞ୍ଚିଛି। ଧାରଣକାରୀଙ୍କୁ ମନାଇବା ପାଇଁ ଜିଲ୍ଲା ଅତିରିକ୍ତ ଚିକିତ୍ସାକାରୀ ଡା ସନ୍ତୋଷ ପୃଷ୍ଟି ବୁଧବାର ଉଦ୍ୟମ କରି ବିଫଳ ହୋଇଛନ୍ତି। ମଙ୍ଗଳବାର ଭାଜପା ନେତା ବଦ୍ରିନାରାୟଣ ଧଳ, ମଣ୍ଡଳ ସଭାପତି ତରଣୀସେନ ଜେନାଙ୍କ ଉଦ୍ୟମ ବିଫଳ ହୋଇଥିଲା। ମଙ୍ଗଳବାର ବଡ଼ଚଣାର ସିଏଚସିର ଜନୈକ କର୍ମଚାରୀ ଧାରଣାରତ ଆଶା କର୍ମୀଙ୍କ ନିକଟରେ ଉପସ୍ଥିତ ରହିବାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ପ୍ରଥମେ ମେଡିକାଲ ଅଧୀକ୍ଷକଙ୍କ ବଦଳି ପ୍ରସଙ୍ଗକୁ ନେଇ ଅଶାନ୍ତ ବାତାବରଣ ସୃଷ୍ଟି ହୋଇଥିଲା। ଏହା ପରେ କିଛି ମାତ୍ରାରେ ମେଡିକାଲଟି ସ୍ୱାଭାବିକ ଅବସ୍ଥାକୁ ଫେରିଥିବା ବେଳେ ବିପିଏମ ବଦଳି ଆଦେଶ ବାତିଲ ପ୍ରସଙ୍ଗରେ ଆଶା କର୍ମୀ ମାନେ ୫ଦିନ ହେବ ଧାରଣା ଦେଇଛନ୍ତି। ଏଠାରେ ଥିବା ବିପିଏମ୍ ରଶ୍ମୀରେଖା ପୃଷ୍ଟିଙ୍କୁ କିଛି ଦିନ ପୂର୍ବରୁ ତିହିଡି ମେଡିକାଲକୁ ବଦଳି କରା ଯାଇଥିଲା। ମାତ୍ର ସେଠାରେ ସେ କାର୍ଯ୍ୟରେ ଯୋଗଦାନ ଦେଇପାରି ନଥିଲେ। ହାଇକୋର୍ଟ ଆଦେଶ ବଳରେ ପୁଣି ତାଙ୍କୁ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅବସ୍ଥାପିତ କରାଯାଇଛି। ତେଣୁ ଏହାକୁ କାର୍ଯ୍ୟରତ ଆଶା କର୍ମୀ ମାନେ ବିରୋଧ କରିଛନ୍ତି। ଫଳ ସ୍ୱରୂପ ୫ଦିନ ଧରି ଆଶା କର୍ମୀ ମାନେ ମେଡିକାଲ ପରିସରରେ ଧାରଣା ଦେଉଛନ୍ତି। ୧୯ ତାରିଖ ଧାରଣାରେ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରିଥିବା ଅଭିଯୋଗରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକଙ୍କ ଦ୍ୱାରା ସମସ୍ତ ସେକ୍ଟର ମେଡିକାଲ ଅଫିସରମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇ ସ୍ପଷ୍ଟୀକରଣ ଲୋଡିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ପରେ ସମ୍ବନ୍ଧିତ ସେକ୍ଟର ମେଡିକାଲ ଅଫିସରମାନେ ସନ୍ଦେହରେ ଥିବା କର୍ମଚାରୀମାନଙ୍କୁ ଅଲଗା ଭାବରେ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ସମସ୍ତ ପ୍ରୟାସ ସତ୍ତ୍ୱେ, ଏପର୍ଯ୍ୟନ୍ତ ଉକ୍ତ ସମସ୍ୟାର କୌଣସି ସ୍ଥାୟୀ ସମାଧାନ ହୋଇପାରିନାହିଁ। ଦିନକୁ ଦିନ ସିଏଚସିରେ ବିଶୃଙ୍ଖଳା ବୃଦ୍ଧି ପାଉଥିବାରୁ ଧାରଣାର ପ୍ରଚ୍ଛଦପଟ ନାୟକଙ୍କୁ ଚିହ୍ନଟ କରାଯାଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଜରୁରୀ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡା ସରୋଜ ରାଉଳ ଓ ଏଡିଏମଓ ଡା ପୃଷ୍ଟିଙ୍କ ରିପୋର୍ଟ ଆଧାରରେ ଜିଲ୍ଲା ପ୍ରଶାସନ ଦୃଢ଼ ପ୍ରଶାସନିକ ପଦକ୍ଷେପ ପାଇଁ ନିଷ୍ପତ୍ତି ଗ୍ରହଣ କରିଥିବା ଜଣାଯାଇଛି।

# ଶସ୍ୟ ଆକଳନ ପ୍ରସ୍ତୁତି ବୈଠକ



ବାରିକପୁର,୨୪।୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକ କୃଷି ବିଭାଗ ବୈଠକ ଗୃହଠାରେ ଆଜି ବାର୍ଷିକ ଶସ୍ୟ ଆକଳନ ତଥା ଡିଜିଟାଲ କ୍ରପ୍ କଟିଂ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀଣି ସୁଦୀପ୍ତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ତହସିଲଦାର ରୋଜାଲିନ ବେହେରା, ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକ, ନିହାର ରଞ୍ଜନ ମଲ୍ଲିକ, ସଞ୍ଜୀବ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ କ୍ଷେତ୍ର ପରିଦର୍ଶନ ଓ କ୍ରପ କଟିଂ ଉପରେ ମତ ଦେଇଥିଲେ। ବିଶେଷ କରି ଅମଳ ଉପଯୋଗୀ ଶସ୍ୟ ଗୁଡିକର କେଉଁ ଭଳି ସଠିକ ଆକଳନ ହୋଇପାରିବ ସେନେଇ ଅଧିକାରୀ ମାନେ ମତବ୍ୟକ୍ତ କରିଥିଲେ। ବିଭାଗୀୟ କର୍ମଚାରୀ ମାନେ ମଧ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏଥିରେ ସମସ୍ତ ରାଜସ୍ୱ ନିରୀକ୍ଷକ ଓ ଗ୍ରାମ୍ୟ କୃଷି କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଧୂଷୁରୀ ବଜାରରେ ବୁଲିଲା ବୁଲ୍‌ଡୋଜର୍



ଅସୁରାଳି,୨୪।୧୨(ସମିସ):ଧୂଷୁରୀ ପଞ୍ଚାୟତର ଦେଉଳଡ଼ିହ ରାଜସ୍ୱ ଗ୍ରାମ ଅଧୀନ ନରସିଂହପୁର ମୌଜାର ଖାତା ନମ୍ବର ୮୧୧ ଓ ପ୍ଲଟ ନମ୍ବର ୨୨୧୧ (କିସମ: ହାଟ) ଉପରେ ବୁଲ୍‌ଡୋଜର ବୁଲିଛି। ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକୁ ସମ୍ମାନ ଦେଇ ରାଜସ୍ୱ ବିଭାଗ ଦ୍ୱାରା ଏହି ଉଚ୍ଛେଦ ଆରମ୍ଭ କରାଯାଇଥିଲା। ପ୍ରଥମେ ଜମିର ସୀମା ନିର୍ଦ୍ଧାରଣ କରାଯାଇଥିଲା। ପରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ଉଚ୍ଛେଦ ସମୟରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ତେବେ ସନ୍ଧ୍ୟା ହୋଇଯିବାରୁ ତହସିଲଦାର ତାଙ୍କୁ ୨ଦିନ ସମୟ ଦେଇଛନ୍ତି। ୨ଦିନ ଭିତରେ ଜିନିଷ ପତ୍ର କାଢ଼ି ନେବାକୁ କହିଥିଲେ। ଯଦି ୨ଦିନ ଭିତରେ ଜିନିଷ ପତ୍ର ନ ନିଅନ୍ତି ତାହେଲେ ପ୍ରଶାସନ ଜବତ କରିବ ବୋଲି କୁହାଯାଇଛି। ଏହି ଅବସରରେ ବହୁ ପ୍ରଶାସନିକ ଅଧିକାରୀ ଧାମନଗର ତହସିଲଦାର ସାଇ ଲୋକନାଥ ସେଠୀ, ଧୂଷୁରୀ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ, ଅତିରିକ୍ତ ତହସିଲଦାର ସାଇ ସାଲୋନି, ସୁପରଭାଇଜର ଗିରୀଶ ନାୟକ, ଧୂଷୁରୀ ରାଜସ୍ୱ ଅଧିକାରୀ ସୁଶାନ୍ତ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଦିନ ୧୧ଟାରୁ ମାପଚୁପ ଆରମ୍ଭ ହୋଇଥିଲା ବେଳେ ଅପରାହ୍ଣ ୪ଟା ୩୦ରୁ ଉଚ୍ଛେଦ ଆରମ୍ଭ ହୋଇଥିଲା। ପରେ ଦୁଇ ଦିନ ସମୟ ଦିଆଯାଇ ସ୍ଥଗିତ ରଖାଯାଇଥିଲା। ଏହି ସମୟସୀମା ପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଉଚ୍ଛେଦ କାର୍ଯ୍ୟ ସମୟରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଧୂଷୁରୀ ଥାନାଧିକାରୀ ଗୋଟିଏ ବ୍ୟକ୍ତିଙ୍କୁ ଅଟକ କରିଥିଲେ। ଦିନକୁ ଦିନ ଧୂଷୁରୀ ବଜାରରେ ଟ୍ରାଫିକ୍ ଜାମ ରହୁଛି ତେଣୁ ପ୍ରତ୍ୟେକ ଦିନ ସମସ୍ୟା ସୃଷ୍ଟି ହେଉଛି। ତେଣୁ ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସାଇବର ସୁରକ୍ଷା ସଚେତନତା ଶିବିର



ବାରିକପୁର,୨୪।୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆଜି ସ୍କୁଲ ଏବଂ କଲେଜ ଛାତ୍ରୀଙ୍କୁ ନେଇ ଏକ ସାଇବର ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ଅଧିକାରିଣୀ ରୀତାରାଣି ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ଶିବିରରେ ମୁଖ୍ୟ ଅତିଥି ଭାବେ ଥାନା ଅଧିକାରୀଣି ରାଜଲକ୍ଷ୍ମୀ ନାୟକ, ଶିକ୍ଷାବିତ ପୁଷ୍ପକ ଭାରତୀ, ଆଇନଜୀବୀ ପିରେଶ୍ୱର ବାରିକ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ସମୟରେ ସାଇବର ଅପରାଧ ସମସ୍ତଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି ବୋଲି ମତବ୍ୟକ୍ତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ନିରଞ୍ଜନ ଦଳାଇ ଯୋଗ ଦେଇ ସାଇବର ସୁରକ୍ଷା ବ୍ୟବସ୍ଥା ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀ ଓ ଅଙ୍ଗନବାଡି କର୍ମୀ ମାନେ ଉପସ୍ଥିତ ଥିଲେ। କ୍ଷେତ୍ର ପରିଦର୍ଶିକା ସତ୍ୟଶିଖା ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଣ୍ଣପୂର୍ଣ୍ଣା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସୁପରଭାଇଜର ଜେନାମଣି ଦେଇ, ଆଶାଲତା ପଲେଇ, ମମିଲତା ଦାସ, ପୋଷଣ ବ୍ଲକ ସଂଯୋଜକ ସୌମ୍ୟରଞ୍ଜନ ରାଉତ, ପ୍ରକାଶ ଥାଟୋଇ, ପ୍ରଦୀପ ଜେନା, ବବିତା ଷଡ଼ଙ୍ଗୀ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଆପେକ୍ସ ଇଂରାଜୀ ମାଧ୍ୟମ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ




ଭଦ୍ରକ,୨୪।୧୨(ସମିସ): ଧୂଷୁରୀସ୍ଥିତ ଆପେକ୍ସ ଇଂରାଜୀ ମାଧ୍ୟମ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଧୂଷୁରୀ ଥାନାଧିକାରୀ ଅଧିକାରୀ ଅଜୟ ସୁଦର୍ଶନ ବାଗେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଣୀ ଚିକିତ୍ସାଧିକାରୀ ଶଶୀଭୂଷଣ ରାଉତ, ଅଧକ୍ଷ ସରୋଜ କୁମାର ନାୟକ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ନିକୁଞ୍ଜ କିଶୋର ଯେନା, ସି. ଆର. ସି ଅଜୟ କୁମାର ସାହୁ ଓ ଅଧ୍ୟାପକ ପାର୍ଥସାରଥୀ ଯେନା ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ପଲାଇ ଅତିଥି ରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟ ଅତିଥି କ୍ରୀଡା ପ୍ରତି ଗଭୀର ମନୋନିବେଶ କରି ଭାବିଷ୍ୟତ ଜୀବନରେ ଉନ୍ନତି କରିବା ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟ କ୍ରମକୁ କୈଳାଶ ଚନ୍ଦ୍ର ମଣ୍ଡଳ, ବିନୋଦ ଗୁପ୍ତା, ସ୍ମୃତି ରଞ୍ଜନ ବାରିକ, ସ୍ମୃତି ରଞ୍ଜନ ବିଶ୍ୱାଳ, ଶରତ କୁମାର ପରିଡା, ସୁଚରିତା ରାୟ, ସ୍ମୃତି ରୂପା ଭୂୟାଁ, କାଜଲ ପଣ୍ଡା, ଶତାବ୍ଦୀ ପାଢ଼ୀ, ଶର୍ମିଷ୍ଠା ମହାପାତ୍ର, ସୌମ୍ୟା ସୁଜାତା ମିଶ୍ର, ଅନିତା ସାହୁ, ଅନିତା ମଲ୍ଲିକ, ରାଜାଲକ୍ଷ୍ମୀ ମହାପାତ୍ର, ସ୍ୱର୍ଣ୍ଣ ଲତା ତ୍ରିପାଠୀ, ତପସ୍ୱିନୀ ପତି, ତପସ୍ୱିନୀ ଲେଙ୍କା, ରାଧାରାଣୀ ରାଉତ ଓ ସରୋଜ କୁମାର ନାୟକ (ଗୁଲୁ )ପ୍ରମୁଖ କ୍ରୀଡ଼ା ଉତ୍ସବ ଟିକୁ ପରି ଚାଳନା କରିଥିଲେ। ଶିକ୍ଷୟିତ୍ରୀ ସୋନାଲି ମିଶ୍ର ଧନ୍ୟ ବାଦ ପ୍ରଦାନ କରିଥିଲେ।

# ଖେଳ ଷ୍ଟାଡିୟମ ନିର୍ମାଣ ନେଇ ତହସିଲଦାରଙ୍କ କ୍ଷେତ୍ର ପରିଦର୍ଶନ



ଦୋଳସାହି,୨୪।୧୨(ସମିସ): ତିହିଡ଼ି ବ୍ଲକ୍‌ରେ ଆଉ ଏକ ଖେଳ ଷ୍ଟାଡିୟମ ନିର୍ମାଣ ହେବାକୁ ଯାଉଛି। ଦୋଳସାହି ପଞ୍ଚାୟତର ହିଡିମ୍ବାଇ ବଜାରଠାରେ ରାମନାରାୟଣ ଉଚ୍ଚ ବିଦ୍ୟାଳୟର ଖେଳ ପଡ଼ିଆରେ ଏହି ଖେଳ ଷ୍ଟାଡିୟମ ନିର୍ମାଣ କରିବା ପାଇଁ ଶିକ୍ଷାମନ୍ତ୍ରୀ ତଥା ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ପ୍ରତିଶ୍ରୁତି ଦେଇଥିଲେ। ଆଉ ଏହା ସାକାର ହେବାକୁ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଶିକ୍ଷାମନ୍ତ୍ରୀ ଶ୍ରୀ ସୁରଜଙ୍କୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ପ୍ରଶଂସା କରିଛନ୍ତି। ବୁଧବାର ତିହିଡ଼ି ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ଓ ଭଦ୍ରକ ଜିଲ୍ଲା ଅଧୀକ୍ଷଣ ଯନ୍ତ୍ରୀ ଗଣେଶ ଚନ୍ଦ୍ର ହେମ୍ବ୍ରମ ଓ ଦୋଳସାହି ଆର ଆଇ ସୁଜାତା ଦାସ ଏହି ଖେଳ ଷ୍ଟାଡିୟମ ନିର୍ମାଣ କରିବା ପରିଦର୍ଶନ କରିଥିବା ବେଳେ ଏହି ଖେଳ ଷ୍ଟାଡିୟମ ନିର୍ମାଣ ଟେଣ୍ଡର ହୋଇଥିବା ଜଣାପଡିଛି। ସେହିପରି ତିହିଡ଼ି ତହସିଲ ଅଧିନ ଭାଟପଡା ପଂଚାୟତରେ ଦୀର୍ଘବର୍ଷ ପୁର୍ବରୁ ନିର୍ମାଣ ହୋଇଥିବା ଖେଳ ଷ୍ଟାଡିୟମ କାର୍ଯ୍ୟକ୍ଷମ ହୋଇପାରୁନଥୀବା ନେଇ ସାଧାରଣ ରେ ତଥା ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

# ମତ୍ସ୍ୟ ଚାଷୀଙ୍କ ପ୍ରଶିକ୍ଷଣ କର୍ମଶାଳା



ବାରିକପୁର,୨୪।୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମତ୍ସ୍ୟ ବିଭାଗ ପକ୍ଷରୁ ଏକଦିବସୀୟ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ମତ୍ସ୍ୟ ଅଧିକାରିଣୀ ଉପାସନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଶିବିରରେ ୪୦ରୁ ଅଧିକ ମତ୍ସ୍ୟ ଚାଷୀ ଯୋଗ ଦେଇଥିଲେ। ବିଶେଷ କରି ମାଛ ଚାଷ କରୁଥିବା ଏସ୍‌ଏଚ୍‌ଜି ମହିଳା ଗୋଷ୍ଠୀ ସଦସ୍ୟାମାନେ ଏଥିରେ ଉପସ୍ଥିତ ଥିଲେ। ଶିବିରରେ ବ୍ଲକ୍ କୃଷି ଅଧିକାରିଣୀ ସୁଦୀପ୍ତା ପଣ୍ଡା, ଧାମନଗର ବ୍ଲକ୍ ମତ୍ସ୍ୟ ଅଧିକାରୀ ଆୟୁଷ୍ମାନ କର, ପ୍ରଶିକ୍ଷକ ଭାବେ ସନ୍ଦୀପ ଶଙ୍କର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ପୋଖରୀ ପ୍ରସ୍ତୁତଠାରୁ ଆରମ୍ଭ କରି ମତ୍ସ୍ୟ ଚାଷ, ରୋଗ ପ୍ରତିରୋଧକ ଓ ଖାଦ୍ୟ ପରିଚାଳନା ସମ୍ପର୍କରେ ଚାଷୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

# ଶିଶୁ ମନ୍ଦିରରେ ୯ମ ବାର୍ଷିକ କ୍ରୀଡ଼ା ଉତ୍ସବ

ଧାମନଗର,୨୪।୧୨(ସମିସ): ଧାମନଗର ବ୍ଲକ ଚୁଡ଼ାକୁଟି ପଞ୍ଚାୟତ ଅଧୀନ ଘରୋଇ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିଶୁମନ୍ଦିରରେ ଚୁଡ଼ାକୁଟି ମେଳଣ ପଡ଼ିଆଠାରେ ନବମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିରର ସଭାପତି ଜୟନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧାମନଗର ଥାନା ଆଇଆଇସି ରଞ୍ଜନ ସେଠୀ ଯୋଗଦେଇ ଥିବା ବେଳେ ମୁଖ୍ୟ ବକ୍ତା ଭାବେ ଇନ୍ଦ୍ର ଗୋବିନ୍ଦ ଆଂଚଳିକ ସାଧନ କେନ୍ଦ୍ରର ପୂର୍ବତନ ସଂଯୋଜକ ପ୍ରଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଏସ୍ ଆଇ ପ୍ରଦୀପ କୁମାର ନାୟକ ସମାଜସେବୀ ପ୍ରଶାନ୍ତ ସାହୁ, ସାମ୍ବାଦିକ ସୁଶାନ୍ତ ରାଉତ ଓ ସଞ୍ଜୀବ ମହାନ୍ତି,ବିକେସି ଶିଶୁ ମନ୍ଦିରର ସମ୍ପାଦକ ଅର୍ଜୁନ ଚରଣ ଦାସ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ସମ୍ପାଦକ ବିବେକାନନ୍ଦ ପଣ୍ଡା, ଗୁରୁଜୀ ସଞ୍ଜୟ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ପିଲାମାନଙ୍କ ଦ୍ୱାରା ସୂର୍ଯ୍ୟ ନମସ୍କାର କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିଶୁ ମାନଙ୍କ ଦ୍ୱାରା ୧୦୦ ମିଟର ଦୌଡ଼, ବାଇଗଣ ଦୌଡ଼, ଗଣିତ ଦୌଡ଼, ଗୋଲି ଚାମଚ, ଦୁଇ ଗୋଡ଼ ମଝିରେ ବେଲୁନ ରଖି ଚାଲିବା, ବେଙ୍ଗ ଡିଆଁ ଓ ମିୟୁଜିକ୍ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମ୍ପାଦକ ବିବେକାନନ୍ଦ ପଣ୍ଡା ଅତିଥି ମାନଙ୍କର ପରିଚୟ ତଥା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଭିଭାବକଙ୍କ ପୂର୍ଣ୍ଣ ସହଯୋଗ ମିଳିଥିବା ବେଳେ, ଶିଶୁମନ୍ଦିରର ଗୁରୁଜୀ ଓ ଗୁରୁମା ସଞ୍ଜୟ କୁମାର ସେଠୀ, ମାମିନାରାଣୀ ପାଲ୍,ଗୋପିକା ରାଣୀ ଦେ,ପ୍ରମିଳା ବେହେରା, ସରିତା ନାୟକ, ପ୍ରିୟଙ୍କା ସାହୁ ଓ ସେବିକା ଧରିତ୍ରୀ ରାଣୀ ପାଗଳ ପ୍ରମୁଖ ପରିଚାଳନା କାର୍ଯ୍ୟ ସମ୍ପାଦନ କରିଥିଲେ। ସମାଜସେବୀ ରତିକାନ୍ତ ବେହେରା, ବିକାଶ ରାଉତ, ସାମ୍ବାଦିକ ଦୁର୍ଗା ପ୍ରସାଦ ମହାପାତ୍ର ଓ ତଥାସ୍ତୁ ଶିଶୁ ମନ୍ଦିରର ଗୁରୁଜୀ ପ୍ରଦୀପ କୁମାର ନାୟକ ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ।



# ବଢୁଛି ଦୁର୍ଘଟଣା; ଗତି ରୋଧକ ନିର୍ମାଣ ଦାବି

ବାରିକପୁର,୨୪।୧୨(ସମିସ)



ଭଣ୍ଡାରିପୋଖରୀ ବ୍ଲକ ଜାତୀୟ ରାଜପଥ ସଂଲଗ୍ନ ପାଳଦା ବାଙ୍କ ଠାରୁ ପଡ଼ୋଶୀ ଯାଜପୁର ସହର ବିରଜା କ୍ଷେତ୍ରକୁ ପୂର୍ତ୍ତ ରାସ୍ତା ସଂଯୋଗ ହୋଇଛି। ବିଭିନ୍ନ ସ୍ଥାନକୁ ଯିବାକୁ ପଥର ଦୂରତା ହ୍ରାସ ଓ ସମୟ ବଞ୍ଚାଇବା ସକାଶେ ପ୍ରାୟ ୧୩ କିମି ବିଶିଷ୍ଟ ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ଜନସାଧାରଣ ବିଭିନ୍ନ ଯାନବାହାନରେ ଯାତାୟାତ କରିଥାନ୍ତି। ଏହାଛଡ଼ା ରାତି ପାହିଲେ ଶହଶହ ବାଇକ ସହିତ ଅନେକ ଯାତ୍ରୀବାହୀ ଓ ମାଲ ପରିବହନ ଗାଡି, ବାଲି ଓ ଇଟା ଗାଡି ଏହି ରାସ୍ତାରେ ଯାତାୟାତ କରିଥାଏ। ପାଳଦାବାଙ୍କ ଠାରୁ ମଣୀନାଥପୁର ବଲ୍ଲଭୀ ଘାଟ ସେତୁ ଯାଏଁ ରାସ୍ତା ପାର୍ଶ୍ୱରେ ଅନେକ ଗାଁ, ଛୋଟବଡ ଗ୍ରାମ୍ୟ ବଜାର ଓ ସ୍କୁଲ ରହିଛି। ସମ୍ପୂର୍ଣ୍ଣ ରାସ୍ତାଟି କଂକ୍ରିଟ ନିର୍ମାଣ ହୋଇଥିବା ବେଳେ ଅନେକ ସମୟରେ ଏହି ପଥରେ ଯିବା ବେଳେ ଲୋକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ରାଢୋ ହନୁମାନ ବଜାର ନିକଟସ୍ଥ ବାଙ୍କରେ ପ୍ରାୟତଃ କିଛି ନା କିଛି ଦୁର୍ଘଟଣା ଘଟୁଥିବା ଦେଖା ଯାଇଛି। ଏଥିରେ ବାଇକ ଚାଳକ ମାନେ ଆହତ ହେଉଛନ୍ତି। ଯେଉଁ ଦୂରଦୂରାନ୍ତ ଲୋକ ମାନେ ମୋଟରସାଇକେଲ ଯୋଗେ ଏହି ରାସ୍ତାରେ ଯାଉଛନ୍ତି ଏହି ବକ୍ରାକାର ସ୍ଥାନକୁ ହଠାତ୍ ଜାଣିପାରୁ ନାହାନ୍ତି। ଅନ୍ୟମନସ୍କ ହେଉ କିମ୍ବା ଗାଡିର ବେଗ ଅଧିକ ହେଉ ଯେଉଁଥିପାଇଁ ଠିକ୍ ଭାବେ ଏହି ସ୍ଥାନକୁ ଆକଳନ କରିନପାରି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ପାର୍ଶ୍ୱରେ ଥିବା ପୁଷ୍କରିଣୀ ଓ କଟାଂବାଡରେ ପଡ଼ି ଅନେକ ବାଇକ ଆରୋହୀ ଆହତ ହୋଇଥିବା ନଜୀର ରହିଛି। ଅନୁରୂପ ଭାବେ ଖପୁରିଆପଦା ଓ ମଣିନାଥପୁର ଠାରେ ଥିବା ବାଙ୍କ ମଧ ଦୁର୍ଘଟଣା ପ୍ରବଣ ସ୍ଥାନ ଭାବେ ପରିଗଣିତ ହୋଇଛି। ଆଜିକାଲି ଯେଉଁଭଳି ବେପରୁଆ ଗାଡି ଚାଳନା ଓ ଯାନବାହାନ ଚଳାଚଳ ବୃଦ୍ଧି ପାଉଛି ସେଥିରେ ଗାଁ ଗହଳି ରାସ୍ତାରେ ଯିବାଆସିବା କରିବାକୁ ଲୋକେ ସୁରକ୍ଷିତ ମଣୁନାହାନ୍ତି। କିଛି ଦିନ ପୂର୍ବରୁ ଏହି ରାସ୍ତାରେ ଦୁର୍ଘଟଣା ଘଟି ଜଣେ ନୀରିହ ସ୍କୁଲ ଛାତ୍ରୀଙ୍କ ଜୀବନ ମଧ ଯାଇଛି। ଏହାଛଡା ଅନେକ ସମୟରେ କିଛି ନିର୍ଦ୍ଦିଷ୍ଟ ଦୁର୍ଘଟଣା ପ୍ରବଣ ସ୍ଥାନରେ ଅନ୍ୟାନ୍ୟ ଦୁର୍ଘଟଣା ଘଟି ଲୋକ ମାନେ ଗୁରୁତର ମଧ ହୋଇଛନ୍ତି। ତେଣୁ ଉକ୍ତ ରାସ୍ତାର ବିଭିନ୍ନ ବିଦ୍ୟାଳୟ, ଗ୍ରାମ୍ୟ ବଜାର, ଦୁର୍ଘଟଣା ସ୍ଥଳ ଓ ବକ୍ରାକାର ସ୍ଥାନରେ ଗତି ରୋଧକ (ସ୍ପିଡ ବ୍ରେକର) ନିର୍ମାଣ ପାଇଁ ଦାବି ହେଉଛି।

## ସେତୁ ରାସ୍ତା ଫାଙ୍କରେ ପଶିଗଲା ଓଟ ଗୋଡ଼

କବାଟବନ୍ଧ,୨୪।୧୨(ସମିସ): ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ଜେନାପୁର ଥାନା ବ୍ରାହ୍ମଣୀ ବ୍ରିଜ ଉପରେ ଏକ ଓଟ ଗୋଡ଼ ପୋଲ ଫାଙ୍କ ଭିତରେ ପଶି ଯାଇଥିବା ଦେଖିବାକୁ ମିଳିଥିଲା। ଯାହା ଫଳରେ ବ୍ରିଜ ଉପରେ ଲୋକଙ୍କ ଭିଡ଼ ହୋଇଥିଲା। ଖବର ଅନୁସାରେ ରାଜସ୍ଥାନ ଅଞ୍ଚଳର ଓଟ ପାଳକମାନେ ୪ ଗୋଟି ଓଟ ନେଇ କଳିଙ୍ଗନଗର ଡୁବୁରୀ ପଟରୁ ବ୍ରାହ୍ମଣୀ ବ୍ରିଜ ଦେଇ ଚଣ୍ଡିଖୋଲ ଆଡକୁ ଯାଉଥିବା ସମୟରେ ବ୍ରାହ୍ମଣୀ ପୋଲ ଉପରେ ଜଏଣ୍ଟ ପ୍ଲେଟ ଫାଙ୍କାରେ ଗୋଟିଏ ଓଟର ପଛ ଗୋଡ଼ ଦୁଇଟି ପଶି ଯାଇଥିଲା। ଫଳରେ ବହୁ ଯନ୍ତ୍ରଣାରେ ଛଟପଟ ହୋଇଥିଲା। ସ୍ଥାନୀୟ ଯୁବକ ମାନସ ବାରିକ, ସନାତନ ମଲ୍ଲିକ, ରାକେଶ ରାଉତ, ପ୍ରଭାତ ମହାରଣା, ସଞ୍ଜୟ ବାରିକ, କାଳନ୍ଦୀ ରାଉତଙ୍କ ସମେତ ଅନ୍ୟ ମାନଙ୍କ ସହାୟତାରେ ପ୍ରାୟ ଅଧ ଘଣ୍ଟାଏ ପରେ ଗୋଡ଼ ବାହାରି ଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ଓଟର ଗୋଡ଼ କ୍ଷତବିକ୍ଷତ ହୋଇ ରକ୍ତାକ୍ତ ହୋଇଥିଲା। ଓଟର ମାଲିକ ମାନେ ବହୁ ଭୟଭୀତ ହୋଇ ପଡ଼ିଥିଲେ। ତାହାର ପ୍ରାଥମିକ ଚିକିତ୍ସା କରାଯାଇ ତାଙ୍କୁ ପଠାଇ ଦିଆଯାଇଥିଲା।

## ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ

କୁଆଖିଆ,୨୪।୧୨(ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ବଡ଼କଇଁଚି ପଞ୍ଚାୟତର ମଧୁବନହାଟ ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରର ତ୍ରିଂଶତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶିକ୍ଷାବିତ୍ ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ମୁଖ୍ୟବକ୍ତା ଭାବରେ ଶିକ୍ଷାବିକାଶ ସମିତିର ବିଦ୍ୱତ ପରିଷଦର ସଭାପତି କୁଞ୍ଜବିହାରୀ ଦାଶ, ସମ୍ମାନିତ ଅତିଥି ଭାବରେ ଦୁର୍ନୀତି ନିବାରଣ ବିଭାଗ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅଧିବକ୍ତା ନିରଞ୍ଜନ ମହାରଣା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶଶିଭୂଷଣ ସାହୁ, ଉଦୟନାଥ ପାଣି, ଅନିଲ କୁମାର ଦ୍ୱିବେଦୀ ପ୍ରମୁଖ ଯୋଗଦେଇ ବାର୍ଷିକ ଉତ୍ସବ ଓ ବିଦ୍ୟାମନ୍ଦିରର ଉତ୍କର୍ଷତା ସଂପର୍କରେ ଆଲୋକପାତ କରିଥିଲେ। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସଞ୍ଜୟ କୁମାର ମିଶ୍ର ବାର୍ଷିକ ବିବରଣୀପାଠ କରିଥିବା ବେଳେ ଗୁରୁଜୀ ନିଗମାନନ୍ଦ ମିଶ୍ର ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସହ-ପ୍ରଧାନ ଆଚାର୍ଯ୍ୟ ଅମରେନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାରେ କୃତି ଅର୍ଜନ କରି ବିଭିନ୍ନ ବର୍ଗର ଚମ୍ପିଅନ ଶୁଭମ ରାଉତ, ବୈଷ୍ଣବୀ ଦାସ, ଭାବାନୀ ଶଙ୍କର ଦାସ, ଶୁଭଲକ୍ଷ୍ମୀ ସାହୁ, ପ୍ରଭୁକୃପା ରାଉତ, ସୋହାନୀ ମହାରଣାଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାମନ୍ଦିରର ପୁରାତନ ଛାତ୍ରମାନଙ୍କ ମଧ୍ୟରୁ ୧୪ଜଣ ବିଦ୍ୟାର୍ଥୀ ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବିଭିନ୍ନ ମେଡିକାଲ କଲେଜରେ ଅଧ୍ୟୟନରତ ଅଛନ୍ତି। ସେମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହାଛଡା ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା, ପଞ୍ଚମ ଶ୍ରେଣୀ ବୃତ୍ତି, ନବୋଦୟ ପରୀକ୍ଷାରେ ସଫଳତ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା।

## ପୁସ୍ତକ ମେଳା ପଡ଼ିଆ ସଫେଇ



ବିଞ୍ଝାରପୁର,୨୪।୧୨(ସମିସ): ବିଞ୍ଝାରପୁରରେ ଆୟୋଜିତ ତୃତୀୟ ଖରସ୍ରୋତା ପୁସ୍ତକ ମେଳା ଗତ ୨୨ ତାରିଖରେ ଉଦ୍‌ଯାପିତ ହେବା ପରେ ଆଜି ଅପରାହ୍ନରେ ମଲ୍ଲିଆ ଯଙ୍କ ପଡିଆ ସଫେଇ ହୋଇଛି। ପୁସ୍ତକ ମେଳା କମିଟିର ପ୍ରତିଷ୍ଠାତା ସଭାପତି ପଦ୍ମାକର ଗୁରୁଙ୍କ ନେତୃତ୍ୱରେ କମିଟିର ମୁଖ୍ୟ ଉପଦେଷ୍ଟା ସୁଶାନ୍ତ କୁମାର ନାୟକ, କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ପ୍ରଧାନ, ସାଙ୍ଗଠନିକ ସମ୍ପାଦକ ନାରାୟଣ ଚନ୍ଦ୍ର ଦାସ, ଉପଦେଷ୍ଟା ଅମ୍ବିକା ପ୍ରସାଦ ସାମଲ, ଖଗେଶ୍ୱର ସାହୁ, ସନ୍ତୋଷ କୁମାର ବେଉରିଆ, ରମାକାନ୍ତ ନାୟକ, ଶରତ କୁମାର ନାୟକ, ବିଜୟ କୁମାର ଜେନା, ଭାରତ ଭୂଷଣ ମଲ୍ଲିକ, ସୁବାସ ଚନ୍ଦ୍ର ସାହାଣୀ, କୋଷାଧ୍ୟକ୍ଷ ରତ୍ନାକର ସାହୁ, ସାଂସ୍କୃତିକ ସମ୍ପାଦକ ପ୍ରଦୀପ କୁମାର ଜେନା, କାର୍ଯ୍ୟକାରୀ ସଭ୍ୟ ଶିଶିର କୁମାର ଦାସ, ଉମା ଶଙ୍କର ଗୁରୁ, ମନୋଜ ସାହୁ, ନରୋତ୍ତମ ଜେନା, କଳିଙ୍ଗ ମହାକୁଡ଼, ନରୋତ୍ତମ ଜେନା, ଆଲୋକ ଦାସ, ପ୍ରଶାନ୍ତ କୁମାର ଦାସ, ରାଜେଶ ଦାସ, ସୁବାସ ଚନ୍ଦ୍ର ଜେନା ପ୍ରମୁଖ ମେଳାରେ ପଡ଼ିଥିବା ସମସ୍ତ ଅଳିଆକୁ ସଫେଇ କରିଥିଲେ।

## ଶରତ ପାତ୍ର ହେବେ ନୂତନ ଏସ୍‌ଡିପିଓ



ଧର୍ମଶାଳା, ୨୪।୧୨(ସମିସ): ଯାଜପୁର ରୋଡର ନୂତନ ଏସ୍‌ଡିପିଓ ଭାବେ ଶରତ ଚନ୍ଦ୍ର ପାତ୍ରଙ୍କ ବଦଳି ହୋଇଛି। ପୂର୍ବରୁ ଏଠାରେ ଥିବା ଏସଡିପିଓ ଲକ୍ଷ୍ମୀଧର ସ୍ୱାଇଁଙ୍କ ଧାମନଗରକୁ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ଶ୍ରୀ ପାତ୍ରଙ୍କ ସେଠାକୁ ବଦଳି ହୋଇଛି। ଯାଜପୁର ରୋଡ୍ ଏସ୍‌ଡିପିଓ କାର୍ଯ୍ୟାଳୟ ଅଧୀନରେ ଅନେକ ଥାନା ଆସୁଥିବାରୁ କାର୍ଯ୍ୟ ମନ୍ଥରତା ଓ ଆଇନ ଶୃଙ୍ଖଳାକୁ ନଜରରେ ରଖି ସରକାର ଚଣ୍ଡିଖୋଲ ଠରେ ଏକ ଏସ୍‌ଡିପିଓ କାର୍ଯ୍ୟାଳୟ କରିବାକୁ ଘୋଷଣା କରିସାରିଛନ୍ତି। ଚଣ୍ଡିଖୋଲ ଠାରେ ନୂତନ କାର୍ଯ୍ୟାଳୟ ସ୍ଥାପନା ହେବା ପର୍ଯ୍ୟନ୍ତ କୋରେଇ, ରସୁଲପୁର, ଧର୍ମଶାଳା ଓ ବଡଚଣା ବ୍ଲକରେ ଥିବା ଥାନା ଗୁଡିକର ତଦନ୍ତ ଦାୟିତ୍ୱ ଯାଜପୁର ରୋଡ୍ ଏସଡିପିଓଙ୍କ ରହିଛି। ଶ୍ରୀ ପାତ୍ର ପ୍ରଥମେ ନୌସେନାରେ ସଠିକ ଭାବେ କାର୍ଯ୍ୟ ସମ୍ପନ୍ନ କରି ଅବସର ନେବା ପରେ ସେ ଓଡିଶା ପୁଲିସରେ ଯୋଗଦେଇ ଦେବଗଡ଼, ଯାଜପୁର, କେନ୍ଦ୍ରାପଡା ଜିଲ୍ଲା ସମେତ ଭୁବନେଶ୍ୱର କମିସନରେଟରେ ବେଶ ଦକ୍ଷତାର ସହିତ କାମ କରି ଏବେ ଯାଜପୁର ଟାଉନ ଥାନା ଅଧିକାରୀ ଭାବେ କାର୍ଯ୍ୟ ତୁଲାଉଛନ୍ତି। ଗତ ଏପ୍ରିଲ ମାସରେ ତାଙ୍କର ଡିଏସ୍‌ପି ପାହ୍ୟାକୁ ବଦଳି ହୋଇଥିଲା।

**ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ**

# ୨୧ ପ୍ରତିଯୋଗିତାରେ ୭୮୦ ପ୍ରତିଯୋଗୀ

କୁଆଖିଆ,୨୪।୧୨(ସମିସ)

ରସୁଲପୁର ମଣ୍ଡଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ସାରଙ୍ଗପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ତ୍ରିଂଶତିତମ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମହୋତ୍ସବରେ ରସୁଲପୁର ମଣ୍ଡଳରୁ ୬୬ ଓ ଜିଲ୍ଲାରୁ ୨୦ରୁ ଉର୍ଦ୍ଧ୍ୱ ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଉଭୟ ବ୍ଲକ ଓ ଜିଲ୍ଲାରୁ ୮୬ରୁ ଉର୍ଦ୍ଧ୍ୱ ବିଦ୍ୟାଳୟରୁ ୭୮୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ୨୧ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରଥମରୁ ଦଶମ ଶ୍ରେଣୀ ବିଦ୍ୟାର୍ଥୀଙ୍କୁ ନେଇ ୫ଟି ବର୍ଗରେ ବିଭକ୍ତ କରାଯାଇଥିଲା। ପ୍ରତିଯୋଗୀମାନଙ୍କୁ ନେଇ ଓଡ଼ିଆ ହସ୍ତାକ୍ଷର, ଆବୃତ୍ତି, ଚିତ୍ରାଙ୍କନ, ଗଣିତ କୌତୁକ, ସଂଗୀତ, ନୃତ୍ୟ, ସାଧାରଣଜ୍ଞାନ, ପ୍ରବନ୍ଧ ଲିଖନ, ଏକକ ଅଭିନୟ, ବକ୍ତୃତା ଆଦି ୨୧ଗୋଟି ବିଭାଗରେ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ସଂଘ ଓଷ୍ଟାର ସଭାପତି ଅରୁଣ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଯାଜପୁର ସାଂସଦ ରବୀନ୍ଦ୍ର



ନାରାୟଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବରେ ରସୁଲପୁର ବ୍ଲକ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ପ୍ରଭଞ୍ଜନ ପତି, ସମ୍ମାନିତ ଅତିଥି ଭାବରେ ଟ୍ରେଂହେଡନ ଗ୍ରୁପ ଅଧ୍ୟକ୍ଷ ତ୍ରିଦେବ ବେହେରା, ଅରୁଣ କୁମାର ସେଠୀ, ବୈରାଗୀ ଚରଣ ଘଡାଇ, ସିଆର୍‌ସିସି ଦେବକୀ ପାତ୍ର, ସାରଙ୍ଗପୁର ଉପ୍ରା ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, ଶିକ୍ଷକ ନେତା ସଂଜୀବ କୁମାର ସୁତାର, ପ୍ରଭାତ କୁମାର ଚନ୍ଦ, ପ୍ରମୋଦ ଚନ୍ଦ୍ର ପ୍ରଧାନ, ପ୍ରଦୀପ କୁମାର ସାମଲ, ଗୋଲକ ବିହାରୀ ରାଉତ, ସୁବାଷ ଚନ୍ଦ୍ର ପାଢୀ, ଶ୍ୟାମ ସୁନ୍ଦର ଦାଶ, ସୁଦାମ ଚରଣ ରାଉତ, ମଦନ ମୋହନ ପୃଷ୍ଟି, ଗଗନ ବିହାରୀ ଜେନା, ରବିନ୍ଦ୍ର କୁମାର ପୃଷ୍ଟି, ବଳରାମ ଆଏଚ, ହୃଷୀକେଶ ସାମଲ, ରବୀନ୍ଦ୍ର କୁମାର ମହାନ୍ତି, ବିଜୟ କୁମାର ଭଦ୍ର, ଅବିନାଶ ଆଏଚ, ରଞ୍ଜନ କୁମାର ବାରିକ, ଗୋବିନ୍ଦ ଦ୍ୱିବେଦୀ, ଦେବେନ୍ଦ୍ର କୁମାର ନାୟକ, ଇନ୍ଦ୍ରମଣି ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରବୀନ୍ଦ୍ର ଦାଶରଥି ମେମୋରିଆଲ ଚାମ୍ପିଅନ୍ସ ଟ୍ରଫି ଓ ମହେଶ୍ୱର ରାଉତ ସ୍ମାରକୀ ଉନ୍ମୋଚନ କରାଯାଇଥିଲା। ବିଭିନ୍ନ ବିଭାଗରେ ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ଚୟନ କରାଯାଇଥିଲା। ଦ୍ୱତୀୟ ଅଧିବେଶନରେ କୃତି ପ୍ରତିଯୋଗୀ ଓ ବିଭିନ୍ନ ବିଭାଗରେ ଚମ୍ପିଅନ ହୋଇଥିବା ବିଦ୍ୟାଳୟକୁ ପୁରସ୍କୃତ କରାଯାଇଥିଲା। ଏହି ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ପ୍ରଫେସର ଦୁଷ୍ମନ୍ତ କୁମାର ନାୟକ, ମୁଖ୍ୟବକ୍ତା ଭାବରେ ସଂଘର ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନା, ସମ୍ମାନିତ ଅତିଥି ଭାବରେ ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ ଭୋଗରାଇ କମଳ ଲୋଚନ ବିଶ୍ୱାଳ, ଅଲଓଷ୍ଟା ସଂଘର କାର୍ଯ୍ୟକାରୀ ସଭାପତି ନୀଳମଣି ଲେଙ୍କା, ସାଧାରଣ ସଂପାଦକ ସୁକାନ୍ତ କୁମାର ବେହେରା, ସଭାପତି ଅଲଓଷ୍ଟା ବିକ୍ରମ କୁମାର ଦାସ, ଉପସଭନେତ୍ରୀ ନିର୍ମଳା ପଣ୍ଡା, ବ୍ରଜ କିଶୋର ବିଶ୍ୱାଳ, ସାରଙ୍ଗପୁର ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହ ଉତ୍ସବ ଅବସରରେ ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ଜିଲ୍ଲାର ଆଦର୍ଶ ଶିକ୍ଷକ ଭାବରେ ରଞ୍ଜନ କୁମାର ବାରିକ, ଜନ୍ମେଜୟ ନାୟକ, ତାରିଣୀ ପ୍ରସାଦ ପୁହାଣ, ଡ. ଦୟାନିଧି ଦାଶ, ପ୍ରଫେସର ତ୍ରିଦେବ ବେହେରାଙ୍କୁ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀ ପ୍ରତିଭାରେ ସମ୍ମାନିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଅଶୋକ ରାଉତ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶିକ୍ଷକ ସୁଦର୍ଶନ ପଣ୍ଡା, ଜୟପ୍ରକାଶ ନାୟକ, ଅବିନାଶ ଆଏଚ, ସୌମ୍ୟରଞ୍ଜନ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ଶୋଭନୀୟ ଶିକ୍ଷାଶ୍ରମରେ ବାର୍ଷିକ ଉତ୍ସବ



କବାଟବନ୍ଧ,୨୪।୧୨(ସମିସ): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବୃନ୍ଦାଦେଇପୁର ଶୋଭନୀୟ ଶିକ୍ଷାଶ୍ରମର ୨୩ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ଖେଳ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସଂପାଦକ ଡ.ବିଷ୍ଣୁ ପ୍ରସାଦ ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ ମଲ୍ଲିକ୍ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ବିଷ୍ଣୁଚରଣ ଓଝା ଏବଂ ସମାଜସେବୀ ପଦ୍ମନାଭ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଶୈକ୍ଷିକ ବାତାବରଣ ଏବଂ ପରିବେଶକୁ ପ୍ରଶଂସା କରିବା ସହିତ ପିଲାମାନଙ୍କ ଉଦ୍ଦେଶ୍ୟରେ ଅନେକ ମୂଲ୍ୟବାନ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ସଚ୍ଚିକାନ୍ତ ଶତପଥୀ ଏବଂ ପ୍ରୀତିପ୍ରଜ୍ଞା ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଭଳି ଦୌଡ, ପୁଟିଂ, ମ୍ୟୁଜିକ୍ ଚେୟାର, ଦୌଡ଼, ଯୋଗ, ନୃତ୍ୟ ଓ ସଂଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କୃତିତ୍ୱ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ କର୍ମଚାରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ସୁଧାଂଶୁବାଳା ଶତପଥୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ସଂଗଠନର ସମ୍ବର୍ଦ୍ଧନା ଉତ୍ସବ

ବଡଚଣା,୨୪।୧୨(ସମିସ): ଚଣ୍ଡିଖୋଲ ମହାବିନାୟକ ପୀଠ ଡାକବଙ୍ଗଳା ପରିସରରେ ଯାଜପୁର ଜିଲ୍ଲା ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ସଂଗଠନ ଦ୍ୱାରା ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ନନ୍ଦକିଶୋର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସୋନପୁର ଜିଲ୍ଲାର ଅବସରପ୍ରାପ୍ତ ଶାରୀରିକ ଶିକ୍ଷାଧିକାରୀ ଦୁର୍ଯ୍ୟୋଧନ ରାଉତ, ସମ୍ମାନିତ ଅତିଥି ଭାବେ ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ଶାରୀରିକ ଶିକ୍ଷାଧିକାରୀ ରାଜେନ୍ଦ୍ର କୁମାର ବିଶ୍ୱାଳ, ଯାଜପୁର ଜିଲ୍ଲାର ଅବସର ପ୍ରାପ୍ତ ଶାରୀରିକ ଶିକ୍ଷାଧିକାରୀ ଶମ୍ଭୁନାଥ ଦାଶ ଯୋଗ ଦେଇଥିଲେ। ସଂଗଠନର ସମ୍ପାଦକ ବସନ୍ତ କୁମାର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାର ୬ ଜଣ କ୍ରୀଡ଼ାବିତଙ୍କୁ ନନ୍ଦକିଶୋର ନାୟକ ଏବଂ ମାନସୀ ମୋହିନୀ ପତି ମେଧା ସମ୍ମାନ ପ୍ରଦାନ କରାଯାଇଥିଲା। ସେମାନେ ହେଲେ ଅର୍ଜୁନ ନାୟକ, ଦ୍ୱବାଂଶୁ ସାହୁ, ଶୁଭଶ୍ରୀ ଦାସ, ସତ୍ୟଜିତ ବିଶ୍ୱାଳ, ସୌମ୍ୟରଞ୍ଜନ ସାହୁ, ଓମ ପ୍ରକାଶ ସାମଲ। ସେହିପରି ୧୪ ଜଣ ଶାରୀରିକ ଶିକ୍ଷା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶାନ୍ତିଲାତ ଦାଶ ମେଧା ସମ୍ମାନରେ, ୧୨ ଜଣ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସହିତ ଯାଜପୁର ଜିଲ୍ଲାରେ ରଗବି ଫୁଟବଲର ବିକାଶ ପାଇଁ ଭରତ ଚନ୍ଦ୍ର ସାହୁଙ୍କୁ ପ୍ରତିମା ପଣ୍ଡା ମେଧା ସମ୍ମାନରେ ସାମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବାସୁଦେବ ଜେନା, ସୁବାସ ଚନ୍ଦ୍ର ମହାପାତ୍ର, ମଧୁସୂଦନ ଧଳ, ଗୁରୁଚରଣ ଥାଟୋଇ, ବେଣୁଧର ଜେନା, ରାଖେଳ ଚନ୍ଦ୍ର ଜେନା, ତ୍ରିଲୋଚନ ଜେନା, ଅମୀୟ କୁମାର ନାୟକ, ସତ୍ୟନାରାୟଣ ମହାନ୍ତି, ନିରଞ୍ଜନ ସାହୁ, ହରିହର ବିଶ୍ୱାଳ, ସୁଜାତା ଜେନା, ସୋନାଲି ସାହୁ, ସ୍ୱାତୀ ସୁଚରିତା ପତି, ଶଙ୍କର୍ଷଣ ବେହେରା, ଜ୍ଞାନରଞ୍ଜନ ସ୍ୱାଇଁ, ଚନ୍ଦନ କୁମାର ସାହୁ, ବିନୋଦ କୁମାର ଦଳାଇ, ଅରୁଣ କୁମାର ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ଆଜି ସନ୍ଧ୍ୟାରୁ 'ଧର୍ମଶାଳା ମହୋତ୍ସବ'

ଧର୍ମଶାଳା,୨୪।୧୨(ସମିସ): ଆଜି ସନ୍ଧ୍ୟାରେ ଉଦଘାଟନ ହେବ "ଧର୍ମଶାଳା ମହୋତ୍ସବ'। ଏଥିଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପବିତ୍ର ଧନୁ ସଂକ୍ରାନ୍ତି ଅବସରରେ ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ଜାରକା ଠାରେ ଅନୁଷ୍ଠିତ ଲକ୍ଷ୍ମୀନାରାୟଣ ପୂଜା ଅବସରରେ ଜାରକା ସ୍ଥିତ ମହୋତ୍ସବ ପଡିଆରେ ଧର୍ମଶାଳା ମହୋତ୍ସବର ଆୟୋଜନ କରାଯାଇଛି। ଉଦଘାଟନୀ ଉତ୍ସବରେ ଯାଜପୁର ସାଂସଦ ରବିନ୍ଦ୍ର ନାରାୟଣ ବେହେରା, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ବଡ଼ଚଣାର ବିଧାୟକ ଅମର କୁମାର ନାୟକ ଓ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦଘାଟନ କରିବେ। ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ଆସନ୍ତା ଜାନୁଆରୀ ୬ ତାରିଖରେ ଅନୁଷ୍ଠିତ ହେବାକୁଥିବା ଉଦ୍‌ଯାପନୀ ଉତ୍ସବରେ ମନ୍ତ୍ରୀ ସମ୍ପଦ କୁମାର ସ୍ୱାଇଁ, କୋରେଇ ବିଧାୟକ ଆକାଶ ଦାସ ନାୟକ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଓ ଧର୍ମଶାଳାର ବିଧାୟକ ହିମାଂଶୁ ଶେଖର ସାହୁ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ୨୫ ତାରିଖ ଉଦ୍‌ଘାଟନ ସନ୍ଧ୍ୟାରୁ ପ୍ରତ୍ୟେକ ସନ୍ଧ୍ୟାରେ ବଲିଓଡ଼ ଓ ହଲିଉଡ଼ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସଭାପତି ରବିନାରାୟଣ ସାହୁ ଓ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ସୂଚନା ଦେଇଛନ୍ତି।

## ପୂରାତନ ଛାତ୍ର ସଂସଦ ବାର୍ଷିକ ଉତ୍ସବ ୨୬ରେ

ଧର୍ମଶାଳା,୨୪।୧୨(ସମିସ): ଧର୍ମଶାଳାର ବାଣୀପୀଠର ୭୮ତମ ବାର୍ଷିକ ଉତ୍ସବ ଓ ପୁରାତନ ଛାତ୍ର ସଂସଦର ୧୫ତମ ବାର୍ଷିକ ଉତ୍ସବ ଆସନ୍ତା ୨୬ ତାରିଖ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏନେଇ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୨୬ ତାରିଖ ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା ଉତ୍ସବରେ ଉଦ୍‌ଘାଟକ ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାହିତ୍ୟିକ ଡ. ରବିନ୍ଦ୍ର ବିହାରୀ ଓ ମୁଖ୍ୟବକ୍ତା ଭାବେ ଅଧ୍ୟାପିକା ଡ. ରୋଜାଲିନୀ ଜେନା ଯୋଗଦେବେ। ଏହି ଅବସରରେ ବିଦ୍ୟାଳୟର ପୁରାତନ ଶିକ୍ଷକ ଗଣେଶ୍ୱର ପରିଡା, ମଧୁରମୁରଲୀ ଦାଶଙ୍କ ସମେତ ବିଦ୍ୟାଳୟର ପୁରାତନ ଛାତ୍ର ବଟକୃଷ୍ଣ ମହାନ୍ତି, ପଦ୍ମଚରଣ ପ୍ରଧାନ, ବସନ୍ତ କିଶୋର ସାହୁ, ନଟବର ସାହୁ, କ୍ଷେତ୍ରବାସୀ ସେଠୀ, କାମଦେବ ଶତପଥୀ ଓ ମହମ୍ମଦ ଫରାହିମଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯିବ। ସ୍ମରଣୀକା ବାଣୀବିତାନ ଓ ପୁସ୍ତକ ପ୍ରୀତିପୁଷ୍ପା ଉନ୍ମୋଚନ କରାଯିବ ବୋଲି ପୁରାତନ ଛାତ୍ର ସଂସଦର ସଭାପତି ଡା. ବିଜୟ କୁମାର ଶତପଥୀ ଓ ସମ୍ପାଦକ ଆଦିକନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି।

## ଅହିୟାସ ଉଚ୍ଚ ବିଦ୍ୟାଳୟ ହୀରକ ଜୟନ୍ତୀ ସମାରୋହ



ମଙ୍ଗଳପୁର,୨୪।୧୨(ସମିସ): ଦଶରଥପୁର ବ୍ଲକର ଅହିୟାସ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ଅବସରପ୍ରାପ୍ତ ଅଧ୍ୟକ୍ଷ ମଦନ ମୋହନ ପାଣି ସଭାପତିତ୍ୱ କରିବାସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମିତିର ସମ୍ପାଦକ ଦିଗମ୍ବର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗଦେଇ ଶିଶୁମାନେ ଭଲ ଶିକ୍ଷାଦାନ କରିବାରେ ମାଆ ମାନଙ୍କର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇଥିଲେ। ଏଥିରେ ଅଭିନେତା ତଥା କୋରାଇ ବିଧାୟକ ଆକାଶ ଦାସ ନାୟକ, କମିଟିର ପୃଷ୍ଠପୋଷକ ତଥା ପ୍ରାକ୍ତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗୌତମ ରାୟ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁର୍ଗାଶଙ୍କର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିଜ ନିଜର ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ। ଅପରାହ୍ନରେ କବିତା ପାଠଉତ୍ସବ, କବିସମ୍ମିଳନୀ ଓ ପ୍ରାକ୍ତନ ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ସମ୍ମାନ-ସମ୍ବର୍ଦ୍ଧନା ପ୍ରଦାନ କରାଯାଉଥିଲା। କାର୍ଯ୍ୟକ୍ରମକୁ ଆଗେଇ ନେବାରେ ପ୍ରାକ୍ତନ ଛାତ୍ର ସୁବାସ ମହାନ୍ତି, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ରମେଶ ସାମଲ, ଗୌରାଙ୍ଗ ସାହୁ, ରଞ୍ଜିତ ମହାନ୍ତି କିଶୋର ଯେନାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ର ଛାତ୍ରୀ ମାନେ ସହଯୋଗ କରିଥିଲେ। ଶେଷରେ ସନ୍ଧ୍ୟାରେ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ବଳ ଗୋଟାଉଛନ୍ତି ମୋକିମ୍**

# ଯାଜପୁରରେ ଅସନ୍ତୁଷ୍ଟଙ୍କୁ ଭେଟିଲେ

କୁଆଖିଆ,୨୪।୧୨(ସମିସ)

 କଂଗ୍ରେସରୁ ବହିଷ୍କୃତ ହେବା ପରେ ବାରବାଟୀ କଟକର ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍ ଏବେ ବଳ ଗୋଟାଇବାରେ ଲାଗିଛନ୍ତି। ନୂଆ ରାଜନୈତିକ ଦଳ ଗଢ଼ିବା ନେଇ ଚର୍ଚ୍ଚା ହେଉଥିବା ବେଳେ ସିଏ ଏବେ ବିଭିନ୍ନ ଦଳର ଅସନ୍ତୁଷ୍ଟଙ୍କୁ ଭେଟି ବଳଗୋଟାଉଛନ୍ତି। କିଛି ଦିନ ତଳେ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କୁ ଭେଟିଥିବା ବେଳେ ଆଜି ଯାଜପୁରରେ କିଛି ନେତାଙ୍କୁ ଭେଟି ଆଲୋଚନା କରିଛନ୍ତି।

ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ସତ୍‌ସଙ୍ଗ ବିହାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ବନ୍ଧୁମିଳନ ଅବସରରେ ନୂଆ ଦଳ ସଂପର୍କରେ ଆଲୋଚନା କରାଯାଇଛନ୍ତି। ବିଭିନ୍ନ ସ୍ଥାନରେ ଦେଖାଦେଉଥିବା ରାଜନୈତିକ ସଂକଟ ଓ ରାଜନେତାମାନଙ୍କର ମତାମତକୁ ପାଥେୟକରି ଆଗକୁ ଯାହାକିଛି ନିଷ୍ପତି ନିଆଯିବ ବୋଲି ଏହି ଅବସରରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ପୂର୍ବତନ ବିଧାୟକ ମୋକିମ୍ ସୂଚନା ଦେଇଛନ୍ତି। ଆଗକୁ ବହୁ ନେତାଙ୍କୁ ଭେଟିବାକୁ ନେଇ କାର୍ଯ୍ୟକ୍ରମ ରହିଛି ବୋଲି ସେ ପ୍ରକାଶ କରିଛନ୍ତି। ମଙ୍ଗଳବାର ଅପରାହ୍ନରେ



ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ମୁଖପାତ୍ର ନରେଶ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବନ୍ଧୁମିଳନ ଉତ୍ସବରେ ୫୦ରୁ ଉର୍ଦ୍ଧ୍ୱ ବିଭିନ୍ନ ଦଳର ପୁରୁଖା ନେତାମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନେତୃମଣ୍ଡଳିମାନଙ୍କ ମଧ୍ୟରେ ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ମୁଖପାତ୍ର ନିକୁଞ୍ଜ ପଶାୟତ, ଦଶରଥପୁର ବ୍ଲକର କଂଗ୍ରେସ ନେତା ଶ୍ୟାମସୁନ୍ଦର କର, ଅଶୋକ କୁମାର ମହାନ୍ତି, ଦେବେନ୍ଦ୍ର ପଣ୍ଡା, ଯାଜପୁର ପୌରପରିଷଦରୁ ଦିଲ୍ଲୀପ ଦାସ, ହୃଦାନନ୍ଦ ବେହୁରିଆ, ବଡଚଣାରୁ ସଂଜୟ ରାୟ, ପୂର୍ଣ୍ଣଚନ୍ଦ୍ର ବାରିକଙ୍କ ସମେତ ବହୁ ନେତା ଯୋଗଦେଇ ଥିଲେ।

## କ୍ଲଷ୍ଟରସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ମଙ୍ଗଳପୁର,୨୪।୧୨(ସମିସ): ଦଶରଥପୁର ବ୍ଲକ ମଲ୍ଲିକାପୁର ପଞ୍ଚାୟତ ଦୀନବନ୍ଧୁପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆଜି କ୍ଲଷ୍ଟରସ୍ତରୀୟ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଦଶରଥପୁର ବ୍ଲକର ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଅନ୍ନଦା ପ୍ରସାଦ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଆର୍‌ସିସି ନିରଞ୍ଜନ ନାୟକ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା ବେଳେ ଦଶରଥପୁର ଏବିଓ ନୃସିଂହ



ଚରଣ ମହାନ୍ତି, ଏବିଓ ସାବିତ୍ରୀ ସେଠୀ, ଅବସରପ୍ରାପ୍ତ ଏବିଓ ରବିନାରାୟଣ ତ୍ରିପାଠୀ, ପ୍ରମୋଦ ପାଣିଗ୍ରାହୀ, ରବୀନ୍ଦ୍ର ରାୟ, ଗୌତମ ବେହେରା, ରଞ୍ଜନ କୁମାର ମହାନ୍ତି, ବିକାଶ ମଲ୍ଲିକ, ବିଜୟ ନାୟକ, ଗତିକୃଷ୍ଣ ମହାନ୍ତି, ବସନ୍ତ କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଅର୍ଦ୍ଧାଉଳିଆ ନୋଡାଲ ଉପ୍ରା ବିଦ୍ୟାଳୟ ଛାତ୍ରୀ ଅଭିଲିପ୍ସା ପତି ସ୍ୱାଗତ ନୃତ୍ୟ ପରିବେଷଣ କରିଥିବା ବେଳେ ସଂଗୀତ ଶିକ୍ଷୟିତ୍ରୀ ଉଷାରାଣୀ ପଣ୍ଡା ସ୍ୱାଗତ ସଂଗୀତ ଗାନ କରିଥିଲେ। ଶିକ୍ଷକ କୈଳାଶ ଚନ୍ଦ୍ର ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଧର୍ମାନନ୍ଦ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର କାର୍ଯ୍ୟକ୍ରମକୁ ପୂର୍ବତନ ବିଆର୍‌ସିସି ନିରଞ୍ଜନ ନାୟକ ଉଦଘାଟନ କରିଥିବାବେଳେ ଡୋଭାବିଲ ସରକାରୀ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗିରିଶ ଚନ୍ଦ୍ର ମହାନ୍ତି ଓ ତରପଦା ଉପ୍ରା ବିଦ୍ୟାଳୟ ସହକାରୀ ଶିକ୍ଷକ ଦୀପକ କୁମାର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା କରିବାରେ ଦୀନବନ୍ଧୁପୁର କ୍ଲଷ୍ଟର, ଅର୍ଦ୍ଧାଉଳିଆ ନୋଡାଲ ଉପ୍ରା ବିଦ୍ୟାଳୟ କ୍ଲଷ୍ଟର, ଜଗନ୍ନାଥ ଜୀୟୁ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

THE SAKALA

# ଗାଜାର ଗଜବ ସ୍ଥିତି

ଇସ୍ରାଏଲ ଓ ଗାଜା ମଧ୍ୟରେ ଗତ ଅକ୍ଟୋବର ୧୦ ରୁ ଯୁଦ୍ଧବିରତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲେ ମଧ୍ୟ ତାହା କେତେଦୂର ଯଥାର୍ଥରେ କାର୍ଯ୍ୟକାରୀ ହେଉଛି ସେଥିପ୍ରତି ଦୃଷ୍ଟିଦେବାକୁ ମଧ୍ୟସ୍ଥଙ୍କ ଭୂମିକା ନଗଣ୍ୟ ହୋଇପଡ଼ିଛି । ଇତିମଧ୍ୟରେ ଇସ୍ରାଏଲ ୮୦୦ ଥର ଯୁଦ୍ଧବିରତି ଉଲ୍ଲଙ୍ଘନ କରି ୩୮୬ ଜଣଙ୍କୁ ହତ୍ୟା କରିଛି । ୫ ଦିନ ତଳେ ହମାସର ଜଣେ ସିନିୟର କମାଣ୍ଡର ଇସ୍ରାଏଲ୍ ଆକ୍ରମଣରେ ନିହତ ହୋଇଛନ୍ତି । ଏକଥା ସତ ଯେ ପୂର୍ବଭଳି ଯୁଦ୍ଧ ଘନଘଟାର ତୀବ୍ରତା ନାହିଁ । ପ୍ରବଳ ବର୍ଷାରେ ଗାଜାର ଅସ୍ଥାୟୀ ଶିବିର ଜଳମଗ୍ନ ହୋଇଛି । ସେମାନଙ୍କ ପୁନଃଥଇଥାନ ଓ ରିଲିଫ୍ ଯୋଗାଣ ପ୍ରତି କେହି ଦୃଷ୍ଟି ଦେଉନାହାନ୍ତି । ଏମିତିରେ ପୁନଃନିର୍ମାଣ ପ୍ରକଳ୍ପର କୌଣସି ଆଭାସ ଦେଖାଯାଉ ନାହିଁ । ନେତାନ୍ୟାହୁଙ୍କ ପରାମର୍ଶରେ ଡୋନାଲ୍ଡ ଟ୍ରମ୍ପ ହମାସଙ୍କୁ କିଭଳି ନିରସ୍ତ୍ର କରାଯିବ ସେ ନେଇ ବ୍ୟସ୍ତ ବିବ୍ରତ । ଏଥି ସକାଶେ ଆନ୍ତର୍ଜାତିକ ସ୍ଥିରତା ବାହିନୀ (ଆଇଏସଏଫ) ଗଠନରେ ସେ କିଛି ମୁସଲିମ ରାଷ୍ଟ୍ରଙ୍କ ସହଯୋଗ ଲୋଡ଼ିଛନ୍ତି । ଏହି ବାହିନୀରେ ପାକିସ୍ତାନର ୩୦୦ ସୈନ୍ୟ. ଯୋଗ ଦେଇଥିବାର ଜଣାପଡ଼ିଛି । ପାକ୍ ସେନାବାହିନୀ ମୁଖ୍ୟ ଅସିମ ମୁନୀରଙ୍କ ସହ ଟ୍ରମ୍ପଙ୍କ ପ୍ରତ୍ୟକ୍ଷ ଆଲୋଚନା ସଫଳ ହୋଇଛି । ଏହି ବାହିନୀରେ ସାଉଦୀ ଆରବ, ମିଶର ଓ ଜୋର୍ଡାନର ଯୋଗଦାନ ରହିବାର ସୂଚନା ମିଳିଛି ।

ମୁନୀରଙ୍କ ନିଷ୍ପତ୍ତି ପରେ ପାକିସ୍ତାନରେ ପ୍ରବଳ ପ୍ରତିକ୍ରିୟା ମୁଣ୍ଡ ଟେକିଛି । ଇମରାନ ଖାଁ ଓ ତାଙ୍କ ଭଉଣୀଙ୍କ ନେତୃତ୍ୱରେ ପରିଚାଳିତ ଦଳୀୟ କର୍ମୀଙ୍କ ବିକ୍ଷୋଭ ଓ ସମାବେଶକୁ ଆତଙ୍କବାଦ ନିରୋଧ ଆଇନ ବଳରେ ଦମନ କରାଯାଉଥିବା ବେଳେ ଗାଜାରେ ସୈନ୍ୟ ମୁତୟନକୁ ନେଇ ନୂଆ ବିବାଦ ମୁଣ୍ଡ ଟେକିଛି । ଦେଶରେ ସକ୍ରିୟ ଥିବା ଇସ୍ରାଏଲ ବିରୋଧୀ ଗୋଷ୍ଠୀ ବଡ଼ ଧରଣର ମେଳି ଓ ବିଦ୍ରୋହ ପାଇଁ ପ୍ରସ୍ତୁତ ହେଉଥିବାର ଜଣାପଡ଼ିଛି । ଗାଜାରେ ଅସ୍ତ୍ରବିରତି ପରେ ଶାନ୍ତି ଫେରି ଆସି ନ ଥିବା ବେଳେ ଏହି ସ୍ଥିରତା ବାହିନୀ ଗଠନର ଆବଶ୍ୟକତା କ'ଣ? ସୂଚନାଯୋଗ୍ୟକି ଇସ୍ରାଏଲର ସ୍ଥଳବାହିନୀ ପରିସ୍ଥିତି ସମ୍ଭାଳିବାକୁ ଅସାମର୍ଥ୍ୟ ପ୍ରକାଶ କରିଛି । ସ୍ଥଳବାହିନୀ ମୁଖ୍ୟଙ୍କ ସୂଚନା ଅନୁଯାୟୀ ବିପୁଳ ସଂଖ୍ୟାରେ ଯବାନ୍ ଇସ୍ତଫା ଦେଇଛନ୍ତି । କେବଳ ବାୟୁସେନା ମାଧ୍ୟମରେ ଆକାଶ ମାର୍ଗରୁ ଯୁଦ୍ଧର ଚଳଚଞ୍ଚଳତା ଜାରି ରହିଛି । ହମାସଙ୍କୁ ନିରସ୍ତ୍ର କରିବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ । ତେଣୁ କିଛି ମୁସଲମାନ ରାଷ୍ଟ୍ରଙ୍କ ସେନା ମୁତାୟନ କରି ହମାସଙ୍କ ବିରୋଧରେ ସେମାନଙ୍କୁ ଲଢ଼ାଇଦେବାର ନୂଆ ଯୋଜନା ପ୍ରସ୍ତୁତ କରାଯାଇଛି । ନେତାନ୍ୟାହୁଙ୍କ ଏହି ପ୍ରସ୍ତାବକୁ ଗ୍ରହଣ କରି ଟ୍ରମ୍ପ ମଧ୍ୟପ୍ରାଚ୍ୟର ସହଯୋଗୀ ରାଷ୍ଟ୍ର ଓ ପାକିସ୍ତାନ ଉପରେ ଚାପ ପ୍ରୟୋଗ କରିଛନ୍ତି । ମୁନୀର ଏହାକୁ ମାନି ନେଇ ନିଜ ଦେଶରେ ପ୍ରବଳ ଚାପର ସମ୍ମୁଖୀନ ହୋଇଛନ୍ତି । ଅନ୍ୟପକ୍ଷରେ ଶାନ୍ତି ରାଜିନାମାର ଅନ୍ୟତମ ସହଯୋଗୀ କାତାର ପ୍ରଧାନମନ୍ତ୍ରୀ ଆମେରିକା ଗସ୍ତରେ ଯାଇ ବୈଦେଶିକ ମନ୍ତ୍ରୀ ରୁବେରିଓଙ୍କ ସହ ଆଲୋଚନା କରିଛନ୍ତି । ଇସ୍ରାଏଲର ଅସ୍ତ୍ରବିରତି ଉଲ୍ଲଙ୍ଘନ ଓ ସ୍ୱତନ୍ତ୍ର ପାଲେଷ୍ଟାଇନ ଗଠନ ଉଦ୍ୟମକୁ ପଣ୍ଡ କରିଦେବା ପାଇଁ ପ୍ରୟାସ ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ।

ନେତାନ୍ୟାହୁଙ୍କ ଆଭିମୁଖ୍ୟ ଯାହା, ସେଥିରେ ଗାଜାରେ ଯେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ହେବ ସେ ଆଶା ଊଣା । ହସମାସଙ୍କୁ ନିରସ୍ତ୍ର କରିବା ନାମରେ ପରସ୍ପର ବିରୋଧରେ ଲଢ଼େଇ ସକାଶେ ଯେଉଁ ଯୋଜନା ହୋଇଛି ତାହାର ପରିଣାମ ଭୟଙ୍କର ହେବ ।

# ଓମାନ ପରେ ନ୍ୟୁଜିଲାଣ୍ଡ

ନ୍ୟୁଜିଲାଣ୍ଡ ସହ ମୁକ୍ତ ବାଣିଜ୍ୟ ରାଜିନାମା ଚୂଡ଼ାନ୍ତ ହୋଇଛି । ୨୦୨୧ ପରେ ଭାରତର ଏହା ହେବ ସପ୍ତମ ବାଣିଜ୍ୟ ରାଜିନାମା । ଦୁଇଦେଶ ମଧ୍ୟରେ ୯ ମାସ ଧରି ଏହି ଚୁକ୍ତିନାମା ପାଇଁ ଚାଲିଥିବା ଦ୍ୱିପାକ୍ଷିକ ଆଲୋଚନାର ଅନ୍ତ ଘଟିଛି । କେବଳ ନ୍ୟୁଜିଲାଣ୍ଡ ସଂସଦର ଅନୁମୋଦନକୁ ଅପେକ୍ଷା । ଭାରତର ଶତପ୍ରତିଶତ ଓ ନ୍ୟୁଜିଲାଣ୍ଡ ୯୫ ପ୍ରତିଶତ ସାମଗ୍ରୀ ରପ୍ତାନି ଶୁଳ୍କ ମୁକ୍ତ ହୋଇଛି । ଦୁଇଦେଶର ପ୍ରଧାନମନ୍ତ୍ରୀ ଆନୁଷ୍ଠାନିକ ଭାବେ ଏହି ରାଜିନାମା ଘୋଷଣା କରିଛନ୍ତି । ସପ୍ତାହକ ପୂର୍ବରୁ ଗଲ୍ଫ ରାଷ୍ଟ୍ର ଓମାନ ସହ ମଧ୍ୟ ଭାରତ ଅନୁରୂପ ରାଜିନାମା ସ୍ୱାକ୍ଷର କରିଥିଲା ।

ବିଶ୍ୱରେ ବିଭିନ୍ନ ରାଷ୍ଟ୍ର ବ୍ୟବସାୟ କ୍ଷେତ୍ରରେ ରକ୍ଷଣଶୀଳ ନୀତି ଅନୁସରଣ କରୁଥିବାରୁ ନିଜ ନିଜର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରାଜିନାମାରେ ଉପନୀତ ହେଉଛନ୍ତି । ଯେମିତି ନ୍ୟୁଜିଲାଣ୍ଡ ସହ ହୋଇଥିବା ରାଜିନାମାରୁ କୃଷିଜାତ ଓ ଦୁଗ୍ଧ ଜାତ ଦ୍ରବ୍ୟକୁ ବାଦ ଦିଆଯାଇଛି । ୟୁକେ ସହ ହୋଇଥିବା ମୁକ୍ତ ବାଣିଜ୍ୟ ରାଜିନାମାରେ ମଧ୍ୟ ଭାରତ ଅନୁରୂପ ଆଭିମୁଖ୍ୟ ଗ୍ରହଣ କରିଛି । ଅନ୍ୟ ପକ୍ଷରେ ଭାରତୀୟ ଚାଷୀ ନ୍ୟୁଜିଲାଣ୍ଡର ସଂପ୍ରାସାରିତ ବଜାରରେ ସୁଯୋଗ ପାଇବା ସହ ବୈଷୟିକ ସହାୟତା ମଧ୍ୟ ହାସଲ କରିବ । ମୁକ୍ତ ବାଣିଜ୍ୟ ରାଜିନାମାରେ ଦୁଗ୍ଧଜାତ ଦ୍ରବ୍ୟ ଓ କୃଷି ଉତ୍ପାଦକୁ ବାଦ ଦିଆଯାଉଥିବାରୁ ନ୍ୟୁଜିଲାଣ୍ଡ ବିରୋଧୀ ଦଳ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି । ତେବେ ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋଏଲଙ୍କ କହିବା କଥା ହେଲା, ଭରତ ତାହାର ଦୁଗ୍ଧ ବଜାରକୁ ଅନ୍ୟ ଦେଶ ପାଇଁ ମୁକ୍ତ କରିପାରିବ ନାହିଁ । ସେହିଭଳି ଚାଉଳ, ଗହମ, ସୋୟାବିନ ଓ ଅନ୍ୟାନ୍ୟ କୃଷି ଉତ୍ପାଦ କ୍ଷେତ୍ରରେ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ ।

ଏହି ରାଜିନାମାର ବୃହତ୍ତର ଦିଗ ହେଲା, ନ୍ୟୁଜିଲାଣ୍ଡ ଏକାଥରକେ ଭାରତୀୟଙ୍କ ପାଇଁ ୫୦୦୦ ଭିସା ଦେବ । ତାହା ସହ ତିନିବର୍ଷ ରହଣି ପାଇଁ ମଧ୍ୟ ଅନୁମତି ପ୍ରଦାନ କରିବ । ଏହାଦ୍ୱାରା ଭାରତୀୟ ଛାତ୍ରଙ୍କ ପାଇଁ ଉଚ୍ଚତର ଶିକ୍ଷାଲାଭ ଓ ନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇଛି । ସେହିଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଉଚ୍ଚ ପେସାଦାରଙ୍କ ସହାୟତାର ଆବଶ୍ୟକତା ମଧ୍ୟ ଅଛି । ତେଣୁ ସାମୟିକ ଭିସା ମାଧ୍ୟମରେ ସେମାନେ ସେଠାରେ ଉପକୃତ ହୋଇପାରିବେ । ଆଗାମୀ ଦିନରେ ନ୍ୟୁଜିଲାଣ୍ଡରେ ବିପୁଳ ନିଯୁକ୍ତି ସୁଯୋଗ ଥିବାରୁ ଏହି ବୁଝାମଣା ଭାରତୀୟ ଶ୍ରମଭିତ୍ତିକ କର୍ମୀଙ୍କ ପାଇଁ ସମ୍ଭାବନାର ପଥ ଉନ୍ମୁକ୍ତ କରିଛି । ୨୦୨୪ ରେ ଦୁଇ ଦେଶ ମଧ୍ୟରେ ସାମଗ୍ରୀ ଓ ସେବା କାରବାର ୨୪୦ କୋଟି ଡଲାର ଥିଲା । ସେଥିମଧ୍ୟରୁ କେବଳ ସେବା ବାବଦ ଅଂଶ ୧୨୪ କୋଟି ଡଲାର । ଆଗାମୀ ଦିନରେ ଭାରତୀୟ କମ୍ପାନୀଗୁଡ଼ିକ ନ୍ୟୁଜିଲାଣ୍ଡରେ ନିଜର ସ୍ଥିତି ସୁଦୃଢ଼ କରିବେ ବୋଲି ଆଶା କରାଯାଉଛି । ସର୍ବୋପରି ଦେଶର ବୟନ, ପୋଷାକ, ଚମଡ଼ା ସାମଗ୍ରୀ ଓ ସାମୁଦ୍ରିକ ଉତ୍ପାଦ ରପ୍ତାନି ପାଇଁ ବିପୁଳ ସୁଯୋଗ ସୃଷ୍ଟି ହୋଇଛି ।

ଭାରତ ଭଳି ଦ୍ରୁତ ଗତିଶୀଳ ଅର୍ଥନୀତି ପାଇଁ ବିଭିନ୍ନ ରାଷ୍ଟ୍ରସହ ବାଣିଜ୍ୟ କାରବାରର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି । ବଜାର ଅର୍ଥନୀତିରେ ବାଣିଜ୍ୟିକ ସ୍ୱାର୍ଥରକ୍ଷା ସହ କୂଟନୈତିକ ସଂପର୍କ ସୁଦୃଢ଼ କରିବା ପ୍ରତି ରାଷ୍ଟ୍ରନାୟକମାନେ ପ୍ରାଧାନ୍ୟ ଦେଇଥିବାରୁ ଦିନକୁ ଦିନ ନୂଆ ବିକଳ୍ପ ମଞ୍ଚ ମୁଣ୍ଡ ଟେକୁଥିବାର ପରିଲକ୍ଷିତ ହେଉଛି ।

# ସମ୍ପାଦକୀୟ



ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଓ ମହିଳା ସଶକ୍ତୀକରଣ ଦ୍ୱାରା ଜନସଂଖ୍ୟା ବିସ୍ଫୋରଣକୁ ରୋକାଯାଇପାରିବ ।

-ବିଲ୍ ଗେଟ୍ସ

# ପରମାଣୁ ଶକ୍ତି ବିକାଶ ଓ 'ଶାନ୍ତି'

ଇଂ ମାୟାଧର ସ୍ୱାଇଁ

ନିକଟରେ ଶେଷ ହୋଇଥିବା ସଂସଦର ଶୀତ ଅଧିବେଶନରେ ଦେଶରେ ପରମାଣୁ ଶକ୍ତିର ବିକାଶ ପାଇଁ ଏକ ବିଧେୟକ ପାରିତ ହୋଇଛି । ଏହା ହେଉଛି 'ସଷ୍ଟେନେବଲ୍ ହାର୍ସେନିଂ ଆଣ୍ଡ ଆଡଭାନ୍ସମେଣ୍ଟ ଅଫ୍ ନ୍ୟୁକ୍ଲିୟର ଏନର୍ଜି ଫର ଟ୍ରାନ୍ସଫରମିଙ୍ଗ ଇଣ୍ଡିଆ' ବା ସଂକ୍ଷେପରେ 'ଶାନ୍ତି' ବିଲ୍ । ଦେଶରେ ପରମାଣୁ ଶକ୍ତି ସମ୍ବନ୍ଧୀୟ ଦୁଇଟି ଆଇନ୍ ବର୍ତ୍ତମାନ କାର୍ଯ୍ୟକାରୀ ହେଉଛି । ସେଗୁଡ଼ିକ ହେଉଛି 'ପରମାଣୁ ଶକ୍ତି ଆଇନ-୧୯୬୨' ଏବଂ 'ପରମାଣିକ କ୍ଷତି ପାଇଁ ଦାୟିତ୍ୱ ଆଇନ-୨୦୧୦' । ନୂତନ ବିଲ୍ ଏହି ଦୁଇଟି ଆଇନ୍ ପ୍ରତିବଦଳରେ ପ୍ରଚଳିତ ହେବ । ଏହି ବିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପରମାଣୁ ଶକ୍ତି କ୍ଷେତ୍ରରେ ବେସରକାରୀ କମ୍ପାନୀଗୁଡ଼ିକୁ ଅନୁମତି ଦେବା ।

ବର୍ତ୍ତମାନ ଦେଶରେ ପରମାଣୁ ଶକ୍ତି ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକ୍ରମ ସରକାରୀ ସ୍ତରରେ କିମ୍ବା ସରକାରଙ୍କ ଅଧୀନସ୍ଥ ସଂସ୍ଥା 'ଭାରତୀୟ ଆଣବିକ ନିଗମ ଲିମିଟେଡ' ହାତରେ ଅଛି । ତା' ହେଲେ ଏହାକୁ ବେସରକାରୀ କମ୍ପାନୀକୁ ସମର୍ପଣ କରିବାର ଉଦ୍ଦେଶ୍ୟ କ'ଣ? ଭାରତର ମୋଟ ବିଦ୍ୟୁତ୍ ଉତ୍ପାଦନର ପ୍ରାୟ ୫୦ ପ୍ରତିଶତ ତାପଜ ବିଦ୍ୟୁତ୍‌ରୁ ଆସୁଛି । ତାହା ହିଁ ହେଉଛି ଜଳବାୟୁ ପରିବର୍ତ୍ତନର ପ୍ରମୁଖ କାରଣ । ତାପଜ ବିଦ୍ୟୁତ୍ ଉତ୍ପାଦନ ହ୍ରାସ କରିବା ପାଇଁ ଅନ୍ତର୍ଜାତୀୟ ସ୍ତରରେ ରାଜିନାମା ହୋଇଛି ଏବଂ ଭାରତ ସେଥିରେ ସ୍ୱାକ୍ଷର କରିଛି । ତାପଜ ବିଦ୍ୟୁତ୍‌ର ଏକ ବିକଳ୍ପ ଭାବରେ ପରମାଣୁ ଶକ୍ତିକୁ ବିଚାର କରାଯାଉଛି । ଏଣୁ ଭାରତ ସରକାର ୨୦୪୭ ମସିହା ସୁଦ୍ଧା ଦେଶରେ ପରମାଣୁ ବିଦ୍ୟୁତ୍ ଉତ୍ପାଦନ କ୍ଷମତାକୁ ୧୦୦ ଗିଗାୱାଟ୍‌କୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି । ସରକାରୀ ସ୍ତରରେ ଏହା ହାସଲ କରିବା ସମ୍ଭବ ନୁହେଁ ମନେ କରି ସରକାର ଏହି ପଦକ୍ଷେପ ନେଇଛନ୍ତି ।

ସୂଚନାଯୋଗ୍ୟ ଯେ ଭାରତରେ ପ୍ରଥମ ପରମାଣୁ ବିଦ୍ୟୁତ୍ କେନ୍ଦ୍ର ମହାରାଷ୍ଟ୍ରର ତାରାପୁରଠାରେ ୧୯୬୯ ମସିହାରେ ସ୍ଥାପିତ ହୋଇଥିଲା ଏବଂ ୨୦୨୫ ମସିହା ଡିସେମ୍ବର ମାସ ସୁଦ୍ଧା ଦେଶରେ ପରମାଣୁ ବିଦ୍ୟୁତ୍ ପ୍ରତିଷ୍ଠିତ କ୍ଷମତା ହେଉଛି ୮୭୮୦ ମେଗାୱାଟ୍ (୮.୭୮ ଜିଗାୱାଟ୍) । ଏହା ହେଉଛି ଦେଶର ମୋଟ ବିଦ୍ୟୁତ୍ ଉତ୍ପାଦନର ମାତ୍ର ତିନି ପ୍ରତିଶତ । ପରମାଣୁ ଶକ୍ତି ପ୍ରତିଷ୍ଠାର ଏହି କଚ୍ଛପ ଗତିକୁ ଦେଖିଲେ ଆଉ ୨୨ ବର୍ଷ ମଧ୍ୟରେ ଏହା ଆଠଗୁଣ ବୃଦ୍ଧି ପାଇବା ଆଶା କରିବା ବୃଥା । ସରକାରୀ ସ୍ତରରେ ଅର୍ଥାଭାବ ସାଙ୍ଗକୁ ଶାସନଗତ ଓ ଅମଲାତାନ୍ତ୍ରିକ ଅସୁବିଧା ଅଛି, ଯାହା ବେସରକାରୀ କମ୍ପାନୀ ପାଖରେ ନାହିଁ ।

ପନ୍ଦର ବର୍ଷ ପୂର୍ବେ କ୍ଷୁଦ୍ର ପରମାଣୁ ରିଆକଟର ଓ ଭାରତ କ୍ଷୁଦ୍ର ରିଆକ୍ଟର ବିଷୟରେ ଜଣା ନଥିଲା କିମ୍ବା କେହି ଏହାର କଳ୍ପନା ମଧ୍ୟ କରି ନ ଥିଲେ । ୫ ମେଗାୱାଟ୍, ୫୫ ମେଗାୱାଟ୍ ଓ ୨୦୦ ମେଗାୱାଟ କ୍ଷମତାର ପରମାଣୁ ରିଆକ୍ଟରଗୁଡ଼ିକ ହେଉଛି ଦକ୍ଷ ଓ ନିରାପଦ ଏବଂ ଏହାର ନିର୍ମାଣ ସମୟ ବହୁତ କମ୍ । ଏଗୁଡ଼ିକୁ ବେସରକାରୀ କମ୍ପାନୀଗୁଡ଼ିକ ନିର୍ଦ୍ଧାରିତ ସମୟରେ ସମ୍ପାଦନ କରିପାରିବେ ବୋଲି ଆଶା କରାଯାଉଛି । ଅନେକଙ୍କର ଧାରଣା ଯେ ପରମାଣୁ ଶକ୍ତି କେବଳ ବିଦ୍ୟୁତ୍ ଉତ୍ପାଦନ ଓ ଅସ୍ତ୍ର (ବୋମା) ନିର୍ମାଣ ପାଇଁ ବ୍ୟବହୃତ ହେଉଛି । କିନ୍ତୁ ଶାନ୍ତି କ୍ଷେତ୍ରରେ ଏହାର ଅନେକ ଉପଯୋଗ ହେଉଛି । ଏଣୁ ବେସରକାରୀ ସ୍ତରରେ ପରମାଣୁ ଶକ୍ତି ଉତ୍ପାଦିତ ହେଲେ ଏହି ସବୁ କ୍ଷେତ୍ର ପାଇଁ ସହଜରେ ଉପଲବ୍ଧ ହୋଇପାରିବ ।

ବିଲ୍ ଅନୁଯାୟୀ କେନ୍ଦ୍ର ସରକାରଙ୍କ କୌଣସି ବିଭାଗ, ସରକାରୀ କମ୍ପାନୀ, ବେସରକାରୀ କମ୍ପାନୀ କିମ୍ବା ଯୌଥ କମ୍ପାନୀ ପରମାଣୁ ଶକ୍ତି କାର୍ଯ୍ୟକ୍ରମ ପାଇଁ ସରକାରଙ୍କଠାରୁ ଲାଇସେନ୍ସ ନେବାକୁ ପଡ଼ିବ । ଏହାପରେ ସେମାନେ ପରମାଣୁ ବିଦ୍ୟୁତ୍ କେନ୍ଦ୍ର ନିର୍ମାଣ, ପ୍ରଚଳନ କିମ୍ବା ଭାଙ୍ଗି ପାରିବେ । ସେମାନଙ୍କ କାର୍ଯ୍ୟ ମଧ୍ୟରେ ପରମାଣୁ ଇନ୍ଧନ ନିର୍ମାଣ, ପରମାଣୁ ଇନ୍ଧନ କିମ୍ବା ବ୍ୟବହୃତ ଇନ୍ଧନର ପରିବହନ ଓ ସଞ୍ଚୟ ଏବଂ ପରମାଣୁ ପଦାର୍ଥ, ଉପକରଣ, ପ୍ରଯୁକ୍ତିବିଦ୍ୟା କିମ୍ବା ସଫ୍ଟୱେୟାର ରପ୍ତାନି ଓ ଆମଦାନୀ ଅନ୍ତର୍ଭୁକ୍ତ ।

ପରମାଣୁ ଶକ୍ତି କାର୍ଯ୍ୟକ୍ରମର ଦୁଇଟି ବଡ଼ ବିପତ୍ତି ଅଛି । ଗୋଟିଏ ହେଉଛି ପରମାଣୁ ବିକିରଣ ଜନିତ ନିରାପତ୍ତା ଏବଂ ଅନ୍ୟଟି ହେଉଛି ପରମାଣୁ ଅସ୍ତ୍ର ନିର୍ମାଣ ପାଇଁ ଏହାର ଦୁରୁପଯୋଗ । ପରମାଣୁ କେନ୍ଦ୍ରରେ ଦୁର୍ଘଟଣା ଘଟିଲେ ବିକିରଣ ଯୋଗୁଁ ଅନେକ କ୍ଷତି ହୋଇପାରେ ଏବଂ ପରମାଣୁ ବୋମାର ଭୟାବହତା ସମସ୍ତଙ୍କୁ ଜଣା । ଏଥିପାଇଁ ଭାରତ ସମେତ ଅନେକ ଦେଶରେ ପରମାଣୁ କାର୍ଯ୍ୟକ୍ରମ ସରକାରଙ୍କର ପୂର୍ଣ୍ଣ ନିୟନ୍ତ୍ରଣାଧୀନ ଅଛି । ନୂତନ ବିଲ୍‌ରେ ସରକାର ବେସରକାରୀ ସ୍ତରକୁ ଏହାକୁ ପ୍ରସାରଣ କରିଥିବାରୁ ଏହି ଉଭୟ ବିପତ୍ତିକୁ ଲକ୍ଷ୍ୟ କରି ଏଥିରେ ଯଥେଷ୍ଟ ସତର୍କତା ଅବଲମ୍ବନ କରାଯାଇଛି । ସରକାର ପରମାଣୁ ପଦାର୍ଥ ଓ କାର୍ଯ୍ୟକଳାପ ଉପରେ ନିୟନ୍ତ୍ରଣ ରଖିବେ । ପରମାଣୁ ଶକ୍ତିର ଇନ୍ଧନ ହେଉଛି ୟୁରାନିୟମ ଓ ଅନ୍ୟ କେତେକ ବିଖଣ୍ଡନୀୟ ପଦାର୍ଥ । ସରକାର ଏହାର ନିରୀକ୍ଷଣ କରିବେ । ବ୍ୟବହୃତ ପରମାଣୁ ଇନ୍ଧନକୁ ନିର୍ଦ୍ଦିଷ୍ଟ ଶୀତଳନ ଅବଧି ପର୍ଯ୍ୟନ୍ତ ନିରାପଦରେ ରଖିବାକୁ ହେବ ଏବଂ ଏହା ପରେ ଏହାକୁ ସରକାରଙ୍କୁ ହସ୍ତାନ୍ତର କରିବାକୁ ପଡ଼ିବ । ପରମାଣୁ କେନ୍ଦ୍ରରେ ମନ୍ଦକ ଭାବେ ଭାରୀଜଳ ବ୍ୟବହୃତ ହୁଏ ଏବଂ ବିଲ୍ ଅନୁଯାୟୀ ବ୍ୟବହାର ପରେ ଏହାକୁ ମଧ୍ୟ ସରକାରଙ୍କୁ ହସ୍ତାନ୍ତର କରାଯିବ ।

ପରମାଣୁ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଅନ୍ୟାନ୍ୟ କ୍ରିୟାକଳାପଗୁଡ଼ିକ ସରକାରଙ୍କର ଅଧୀନରେ ଅଛି । ଏହିସବୁ ମଧ୍ୟରେ ୟୁରାନିୟମ୍ ସମୃଦ୍ଧିକରଣ, ବ୍ୟବହୃତ ପରମାଣୁ ଇନ୍ଧନର ପୁନଃପ୍ରକ୍ରିୟାକରଣ, ପରମାଣୁ ଅବଶେଷର ପରିଚାଳନା ଏବଂ ଭାରୀଜଳ ଉତ୍ପାଦନ ଅନ୍ତର୍ଭୁକ୍ତ । ପୁନଶ୍ଚ ଖଣିରୁ ୟୁରାନିୟମ୍ ଓ ଥୋରିୟମ୍ ନିଷ୍କାସନ ମଧ୍ୟ କେବଳ ହେଉଛି ସରକାରଙ୍କର ଅଧିକାର । ଏହାର ଉତ୍ତୋଳନ କେବଳ ସରକାରଙ୍କ ନିୟନ୍ତ୍ରିତ କମ୍ପାନୀ କରିପାରିବେ ଏବଂ ସରକାରଙ୍କର ବିନା ଅନୁମତିରେ ଏଗୁଡ଼ିକର ବିକ୍ରି କିମ୍ବା ପରିବହନ ହୋଇ ପାରିବ ନାହିଁ ।

'ଶାନ୍ତି' ବିଲ୍‌ରେ ଏକ ଉଲ୍ଲେଖନୀୟ ଧାରା ହେଉଛି ପରମାଣୁ ଶକ୍ତିଜନିତ ଦୁର୍ଘଟଣାର କ୍ଷୟକ୍ଷତି ପୂରଣ । ଯଦି କୌଣସି ପରମାଣୁ ଦୁର୍ଘଟଣା ହୁଏ, ତା' ହେଲେ ଏହାକୁ ଚଳାଉଥିବା କମ୍ପାନୀ ଏଥିପାଇଁ ଦାୟୀ ହେବ ଏବଂ ପୀଡ଼ିତ ବ୍ୟକ୍ତିମାନଙ୍କୁ କ୍ଷତିପୂରଣ ଦେବ । ଏଥିମଧ୍ୟରେ ବିଦ୍ୟୁତ୍ କେନ୍ଦ୍ରରେ ଦୁର୍ଘଟଣା ଏବଂ ପରିବହନ ସମୟରେ ଦୁର୍ଘଟଣା ଅନ୍ତର୍ଭୁକ୍ତ । ଅବଶ୍ୟ ଯଦି ଜଣେ ବ୍ୟକ୍ତିର ନିଜର ଅବହେଳା ଯୋଗୁଁ ସେ କ୍ଷତିଗ୍ରସ୍ତ ହୋଇଥାଏ, ତା' ହେଲେ ସେ କ୍ଷତିପୂରଣ ପାଇବ ନାହିଁ । ପ୍ରତ୍ୟେକ ଦୁର୍ଘଟଣା ପାଇଁ କ୍ଷତିପୂରଣର ଏକ ସର୍ବୋଚ୍ଚ ସୀମା ବିଲ୍‌ରେ ନିର୍ଦ୍ଧାରଣ କରାଯାଇଛି । ଏହା ବିଦ୍ୟୁତ୍ କେନ୍ଦ୍ରର ଉତ୍ପାଦନ କ୍ଷମତା ଉପରେ ନିର୍ଭର କରେ । ୩୬୦୦ ମେଗାୱାଟ୍‌ରୁ ଅଧିକ ବିଦ୍ୟୁତ୍ କେନ୍ଦ୍ର ପାଇଁ ଏହା ୩୦୦୦ କୋଟି ଟଙ୍କା ଥିବା ବେଳେ ୧୫୦୦ରୁ ୩୬୦୦ ମେଗାୱାଟ ମଧ୍ୟରେ କ୍ଷମତା ପାଇଁ ୧୫୦୦ କୋଟି ଟଙ୍କା, ୭୫୦ ରୁ ୧୫୦୦ ମେଗାୱାଟର ରିଆକ୍ଟର ପାଇଁ ୭୫୦ କୋଟି ଟଙ୍କା, ୧୫୦ ରୁ ୭୫୦ ମେଗାୱାଟ କ୍ଷମତା ପାଇଁ ୩୦୦ କୋଟି ଟଙ୍କା ଏବଂ ଛୋଟ ରିଆକ୍ଟର, ଇନ୍ଧନ ଚକ୍ର ଉପକରଣ ଓ ପରମାଣୁ ପଦାର୍ଥର ପରିବହନ କ୍ଷେତ୍ରରେ ଏହା ୧୦୦ କୋଟି ଟଙ୍କା ରଖାଯାଇଛି । ସେହିପରି ପରମାଣୁ ନିୟମ ଉଲଙ୍ଘନକାରୀଙ୍କୁ ମଧ୍ୟ ବିଦ୍ୟୁତ୍ କେନ୍ଦ୍ରର କ୍ଷମତା ଅନୁଯାୟୀ ୫୦ ହଜାର ଟଙ୍କାରୁ ୧କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନାର ବ୍ୟବସ୍ଥା ଅଛି ।

ଦେଶରେ ପରମାଣୁ ଶକ୍ତି କାର୍ଯ୍ୟକ୍ରମର ନିୟନ୍ତ୍ରଣ ପାଇଁ 'ପରମାଣୁ ଶକ୍ତି ନିୟାମକ ପରିଷଦ' ଅଛି । ନୂତନ ବିଲ୍‌ରେ ଏହାକୁ ଅଧିକ କ୍ଷମତା ଦିଆଯାଇଛି ଏବଂ ସରକାରଙ୍କ ନିୟନ୍ତ୍ରଣରୁ ମୁକ୍ତ କରାଯାଇଛି । ଏହି ବିଲ୍‌କୁ ଅନେକ ସ୍ୱାଗତ କରିଥିବା ବେଳେ କେତେକ ବିରୋଧ ମଧ୍ୟ କରୁଛନ୍ତି । ଏହାଦ୍ୱାରା ନିଶ୍ଚିତ ଭାବେ ଦେଶରେ ସ୍ୱଚ୍ଛ ଓ ପରିଷ୍କାର ବିଦ୍ୟୁତ୍‌ର ବିକାଶ ହେବ । କିନ୍ତୁ ସମ୍ବେଦନଶୀଳ ପରମାଣୁ ଶକ୍ତିକୁ ସରକାରୀ କଳ ବାହାରକୁ ଦେବାର ନିରାପତ୍ତାଜନିତ ଚିନ୍ତା ମଧ୍ୟ ରହିଛି । ଯୁକ୍ତରାଷ୍ଟ୍ର ଆମେରିକା, ଜାପାନ, ଇଂଲଣ୍ଡ, ଫିନଲାଣ୍ଡ ଓ କାନାଡ଼ାରେ ପରମାଣୁ ବିଦ୍ୟୁତ୍ ଉତ୍ପାଦନ ବେସରକାରୀ ଭାବେ ହେଉଛି ଏବଂ କୌଣସି ସମସ୍ୟା ସୃଷ୍ଟି ହୋଇନାହିଁ । ଏଣୁ ଆମ ଦେଶରେ ଏହା ମଧ୍ୟ ଠିକ୍ ଭାବରେ କାର୍ଯ୍ୟ କରିବ ବୋଲି ଆଶା କରିବା । କେବଳ ସରକାରଙ୍କ ଆୟୁକ୍ତ ନିରୀକ୍ଷଣ ଓ ସତର୍କତା ଆବଶ୍ୟକ ।

(ସମ୍ପାଦକ, ସାଇନ୍ସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

# ସଂସଦରେ ଚା' ଭୋଜି: ଭାରତୀୟ ଗଣତନ୍ତ୍ରର ସଭ୍ୟ ପରମ୍ପରା

ରାଜେଶ କୁମାର ତ୍ରିପାଠୀ

ତୀବ୍ର ବାଦ-ବିବାଦ, ପ୍ରତିବାଦ, ବିରୋଧ, ଆରୋପ-ପ୍ରତ୍ୟାରୋପ ଓ ରାଜନୈତିକ ଉତ୍ତେଜନା ମଧ୍ୟରେ ସଂସଦର ଶୀତକାଳୀନ ଅଧିବେଶନ ସମାପ୍ତ ହୋଇଛି । ଅଧିବେଶନ ସମୟର ଏହିଭଳି ଦୃଶ୍ୟ ଆମ ସମସ୍ତଙ୍କ ପାଇଁ ସାଧାରଣ । ଭିନ୍ନ ମତ ଓ ତୀବ୍ର ତର୍କ ଛଡ଼ା ଗଣତନ୍ତ୍ର ଚାଲେ ନାହିଁ । କିନ୍ତୁ ଗଣତନ୍ତ୍ରର ଶକ୍ତି କେବଳ ତର୍କରେ ନୁହେଁ, ତର୍କରେ ସଂଯମ ଓ ସମ୍ମାନକୁ ଧରି ରଖିବାରେ ରହିଛି । ସେଇଠି ଆସେ ସଂସଦର 'ଚା' ଭୋଜି'ର ମହତ୍ତ୍ୱ ।

ଲୋକସଭା ଅଧ୍ୟକ୍ଷଙ୍କ ଦ୍ୱାରା ପ୍ରତ୍ୟେକ ଅଧିବେଶନ ପରେ ଆୟୋଜିତ ଏହି ଚା' ଭୋଜି କେବଳ ଏକ ସାମାଜିକ ଔପଚାରିକତା ନୁହେଁ । ଏହା ଭାରତର ସଭ୍ୟତାମୟ ଗଣତାନ୍ତ୍ରିକ ପରମ୍ପରାର ନିଦର୍ଶନ, ଯେଉଁଠି ଚା' କପର ଉଷ୍ମତା ଭିତରେ ବାଦ-ବିବାଦ ଜନିତ ଉତ୍ତେଜନା ପ୍ରଶମିତ ହୁଏ । ବିରୋଧୀ ଦଳର ପ୍ରତିନିଧି ମଧ୍ୟ ସରକାରଙ୍କର 'ଶତ୍ରୁ' ନୁହନ୍ତି, ବରଂ 'ସହଯାତ୍ରୀ', ଏହାକୁ ଅନୁଭବ କରାଇବାର ସୌଜନ୍ୟଭରା ଅବକାଶ ତିଆରି କରନ୍ତି ଲୋକସଭା ଅଧ୍ୟକ୍ଷ । ଚଳିତ ଥର ଶାସକ ଓ ବିରୋଧୀ ଉଭୟ ପକ୍ଷର ସୁସ୍ଥ ଉପସ୍ଥିତି ଏହି ପରମ୍ପରାକୁ ଆଉ ଗୋଟିଏ ସକାରାତ୍ମକ ବାର୍ତ୍ତା ଦେଇଛି, ଯାହା କେବଳ ଶବ୍ଦରେ ନୁହେଁ, ମନୋଭାବରେ ମଧ୍ୟ ପ୍ରକାଶ ପାଇଥିଲା । ଅଧିବେଶନ ଶେଷରେ ଏହି ଆସରରେ ଗମ୍ଭୀର ଅଭିଯୋଗ-ପ୍ରତ୍ୟାଭିଯୋଗର ପରିବେଶକୁ ସାମାଜିକ ସୌଜନ୍ୟ, ଗଣତାନ୍ତ୍ରିକ ଆବଶ୍ୟକତା ଭିତରେ ସମସ୍ତେ ହସ-ମଜାର ହାଲୁକା ରଙ୍ଗରେ ଖୁବ ସୁଖଦ ଭାବରେ ନିଜକୁ ଯୋଡ଼ି ନେଇଥିଲେ ।

ବିରୋଧୀ ପକ୍ଷର ପ୍ରତିନିଧି ବସିଥିବା ଆସନରେ ମଧ୍ୟ ଶାସକ ଶିବିରର କଠୋର ମୁଖମଣ୍ଡଳ ନୁହେଁ, ସହଜ ହସ, ଧୈର୍ଯ୍ୟ ଓ ଶୁଣିବାର ଶ୍ରଦ୍ଧାପୂର୍ଣ୍ଣ ମନୋଭାବ ଦେଖାଗଲା । ବିରୋଧୀ ପକ୍ଷର ପ୍ରତିନିଧି ଯେତେବେଳେ ନିଜ ନିର୍ବାଚନ ମଣ୍ଡଳୀର ଏକ ଔଷଧୀୟ ଉଦ୍ଭିଦ ବିଷୟରେ କଥା ଉଠାଇ 'ଆଲର୍ଜିରୁ ରକ୍ଷା ପାଇଁ ସେ ଏହା ସେବନ କରନ୍ତି' ବୋଲି କହିଥିଲେ, ପ୍ରଧାନମନ୍ତ୍ରୀ ଓ ପ୍ରମୁଖ ଶାସକ ନେତାଙ୍କ ମୁହଁରେ ହସ ଫୁଟି ଉଠିଥିଲା । ଏହା ଗଣତନ୍ତ୍ରର 'ଭିନ୍ନ ମତ, କିନ୍ତୁ ମାନବିକ ସମ୍ପର୍କ' ଧାରଣାକୁ ସ୍ପଷ୍ଟ କରିଦେଇଥିଲା । ଏହି ଆସରରେ ବିରୋଧୀ ପକ୍ଷ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ସମ୍ପ୍ରତିକ ବିଦେଶ ଯାତ୍ରା ପ୍ରସଙ୍ଗ ଉଠାଇ ସହଜ ପ୍ରଶ୍ନ କରିଥିଲେ ଏବଂ ପ୍ରଧାନମନ୍ତ୍ରୀ ମଧ୍ୟ ତାହାର ସହଜ ଭାବରେ ଉତ୍ତର ଦେଇଥିଲେ । ଏହି ଛୋଟ ଆଦାନ-ପ୍ରଦାନରେ ଗୋଟିଏ ଗଭୀର ସୂଚନା ଥିଲା- 'ଆମେ ତର୍କ କରିପାରୁ, କିନ୍ତୁ କଥା ହେବା ବନ୍ଦ କରିବା ଉଚିତ୍ ନୁହେଁ, ପରସ୍ପରକୁ ସୌଜନ୍ୟ ଦେଖାଇବାରେ କାର୍ପଣ୍ୟତା ଦେଖାଇବା ଉଚିତ ନୁହେଁ ।'

ଅନ୍ୟପଟେ ଉଚ୍ଚସ୍ୱର ଯୁକ୍ତିତର୍କ ନେଇ ଗୃହରେ ଚର୍ଚ୍ଚିତ ଥିବା ଜଣେ ବିରୋଧୀ ସଦସ୍ୟଙ୍କୁ ନେଇ ପ୍ରଧାନମନ୍ତ୍ରୀ ହାଲୁକା ମଜା କରିଥିଲେ- 'ସେଇଥିପାଇଁ ସେସନ୍ ଛୋଟ ରଖାଗଲା, ନହେଲେ ମୋ ଗଳା ଅଧିକ କଷ୍ଟ ପାଇ ଥା'ନ୍ତା ।' - ଏପରି ହାସ୍ୟରେ ମନ ହାଲୁକା ହୁଏ, ରାଗ-ରୁଷା କାମ ହୁଏ । ତା' ସହିତ, ପ୍ରଧାନମନ୍ତ୍ରୀ କିଛି ବିରୋଧୀ ସଦସ୍ୟଙ୍କୁ 'ଭଲ ପ୍ରସ୍ତୁତି' ସହ ଗୃହକୁ ଆସିଥିବାରୁ ପ୍ରଶଂସା କରିଥିଲେ । ଭଲ ତର୍କକୁ ସ୍ୱୀକାର କରିବା, ବିରୋଧାଭାଷ ଉପରୁ ଉଠି ଗୁଣକୁ ସମ୍ମାନ ଦେବା ମଧ୍ୟ ଗଣତନ୍ତ୍ରର ଏକ ଭଲ ପରମ୍ପରା ।

ବିରୋଧୀ ସଦସ୍ୟମାନେ ନୂଆ ସଂସଦ ଭବନରେ ଏକ 'କେନ୍ଦ୍ରୀୟ ହଲ୍' ଭଳି 'ସାଧାରଣ ମିଳନ ଆଲୋଚନା ସ୍ଥାନ' ରଖିବା ପ୍ରସଙ୍ଗ ଉଠାଇଥିଲେ । ଏଥିରେ ପ୍ରଧାନମନ୍ତ୍ରୀଙ୍କ ସ୍ମିତହାସ୍ୟ ଭରା ଉତ୍ତର ଥିଲା - 'ସେଟା ତ ପୋଷ୍ଟ-ରିଟାୟରମେଣ୍ଟ ପାଇଁ; ସେ ସମୟ ପାଇଁ ଆପଣଙ୍କର ତ ଆଉ ଅନେକ ଦିନ ବାକି ଅଛି ।' ଏହି ମୃଦୁ ଉତ୍ତର ପରିବେଶକୁ ଆହୁରି ମଜାଦାର କରିଥିଲା । ଏହିସବୁ ଆଚରଣମାନ କେଉଁଠି ନିୟମ ଭାବେ ଲିଖିତ ନାହିଁ । ଏହା ହେଉଛି ଗଣତନ୍ତ୍ର ପାଇଁ ଆବଶ୍ୟକ ଥିବା ସଭ୍ୟ ଆଚରଣର ଅଲିଖିତ ସଂବିଧାନ ।

ଭାରତୀୟ ସଂସଦର ଇତିହାସରେ ଏପରି ଉଦାହରଣରେ ରହିଛି, ଯେଉଁଠି ତୀବ୍ର ବିରୋଧ ସତ୍ତ୍ୱେ ପରସ୍ପର ସମ୍ମାନ ଅତୁଟ ରହିଛି । ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଓ ଅଟଳ ବିହାରୀ ବାଜପେୟୀଙ୍କ ମଧ୍ୟରେ ଥିବା ବାଦବିବାଦ ଆଜି ମଧ୍ୟ ସଂସଦୀୟ ଆଦର୍ଶ ଭାବେ ଉଦ୍ଧୃତ ହୁଏ । ବାଜପେୟୀ ଯେତେବେଳେ ନେହେରୁଙ୍କୁ କଠୋର ଭାଷାରେ ସମାଲୋଚନା କରୁଥିଲେ ନେହେରୁ ତାଙ୍କୁ 'ଭବିଷ୍ୟତର ପ୍ରଧାନମନ୍ତ୍ରୀ' ବୋଲି କହି ସଂସଦରେ ସମ୍ମାନ ଦେଇଥିଲେ । ଏହା ହେଉଛି ଗଣତନ୍ତ୍ରର ଶ୍ରେଷ୍ଠ ଶିକ୍ଷା- ବିରୋଧ ମଧ୍ୟରେ ମଧ୍ୟ ସମ୍ମାନ । ସେହିପରି ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ବିରୋଧୀ ନେତା ମନମୋହନ ସିଂହଙ୍କୁ ସଂସଦରେ ସମ୍ମାନ ଦେଉଥିଲେ । ମନମୋହନ ସିଂହ ପ୍ରଧାନମନ୍ତ୍ରୀ ହେବା ପରେ ବାଜପେୟୀଙ୍କୁ 'ଭାରତୀୟ ରାଜନୀତିର ଶ୍ରେଷ୍ଠ ସଂସଦବିଦ୍' ବୋଲି ସ୍ମରଣ କରିଥିଲେ । ଏହି ପରମ୍ପରା ଦର୍ଶାଏ ଯେ ସତ୍ତା ବଦଳିଥାଏ, କିନ୍ତୁ ସଭ୍ୟତା ଅତୁଟ ରୁହେ ।

ଭାରତୀୟ ସଂସଦର ଆଉ ଗୋଟିଏ ଶକ୍ତିଶାଳୀ ପରମ୍ପରା ହେଉଛି 'ପ୍ରଶ୍ନୋତ୍ତର କାଳ' । ଏଠି ବିରୋଧୀ ଦଳ ସରକାରକୁ କଠୋର ପ୍ରଶ୍ନ ପଚାରନ୍ତି ଏବଂ ସରକାର ଉତ୍ତର ଦେବାକୁ ବାଧ୍ୟ ହୁଅନ୍ତି । ଏହି ପ୍ରଣାଳୀ ଗଣତନ୍ତ୍ରକୁ ଜବାବଦେହୀ କରିଥାଏ । ଏହା ମଧ୍ୟ ଦର୍ଶାଏ ଯେ ବିରୋଧମାନେ ଅବରୋଧ ନୁହେଁ, ବରଂ ନିରୀକ୍ଷଣ । ଆଜି ଯେତେବେଳେ ଗାଁ ଓ ସହରରେ ରାଜନୀତି ଦ୍ୱେଷର ରୂପ ନେଉଛି ଏବଂ ଦ୍ୱେଷ ସଂଘର୍ଷ ତଥା ରକ୍ତପାତ ସ୍ତରକୁ ଯାଉଛି ସଂସଦର ଏହି ପରମ୍ପରାମାନ ଆମକୁ ଏକ ଆଇନା ଦେଖାଉଛି । ଗାଁ ହେଉକି ସହର; ଚା' ଦୋକାନରେ ମତଭେଦ ସହ ହସ-ଖୁସିର ଆସର ରହିବା ଦରକାର । ସଂସଦର ଚା' ପାର୍ଟି ଏହି ସତ୍ୟକୁ ସ୍ମରଣ କରାଏ । ଗଣଙ୍କ ସାମୂହିକ ଉନ୍ନତି ପାଇଁ ତର୍କ ହେଉ, ବିରୋଧ ରହୁ; ଶେଷରେ ସାଙ୍ଗ ହୋଇ ସେ ବିକାଶକୁ ଭୋଗ କରିବାକୁ, ସେ ପ୍ରଗତି ପାଇଁ ଖୁସି ହେବାକୁ ସମସ୍ତେ ସାଥିରେ ରହିବାର ଆବଶ୍ୟକତାକୁ ଆମକୁ ବୁଝିବାକୁ ହେବ । ଗୋଟେ କପ୍ ଚା' ଗଣତାନ୍ତ୍ରିକ ସୌନ୍ଦର୍ଯ୍ୟ ଉପରେ ଗୋଟେ ସହଜ କଥା କୁହେ- 'ରାଜନୈତିକ ବିରୋଧ ଭିତରେ ଯଦି ଆମେ ସାଙ୍ଗରେ ବସି କଥା ହେଇ ପାରିବା, ଏକାଠି ଚା' ଆସରରେ ଖୁବ ହସି ପାରିବା ଆଉ ପରସ୍ପରର ପରିପୂରକ ହେବାର ଇଚ୍ଛା ରଖିପାରିବା ତେବେ ଭାରତର ଗଣତନ୍ତ୍ର ସୁସ୍ଥ ରହିବ ।'

ଶେଷରେ ଏହା ଅନୁଭବ ହୁଏ ଯେ ଯଦି ବିରୋଧ ପରେ ଏମିତି ସମ୍ବାଦ ରହିବ ଏବଂ ସଂସଦରୁ ଆରମ୍ଭ ହୋଇ ଏକାଠି ଆସର କରିବାର ଏହି ସଂସ୍କୃତି ଗାଁର ଚା' ଦୋକାନ ପର୍ଯ୍ୟନ୍ତ ଆଦୃତ ହେବ, ତେବେ ଆମେ ସମସ୍ତେ ନିଜକୁ ଗଣତାନ୍ତ୍ରିକ ବ୍ୟବସ୍ଥାର ପୂଜାରୀ ବୋଲି କହିପାରିବା ଏବଂ ଦେଶର ଗତି ଠିକଣା ଦିଗରେ ଆଗକୁ ବଢ଼ିପାରିବ ।

ଭୁବନେଶ୍ୱର, ମୋ: ୯୬୯୨୩୩୩୦୩୧

# ଶତାବ୍ଦୀ-ସାଧକ: ନିରାସକ୍ତ ନିତ୍ୟାନନ୍ଦ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ରାଜନୀତି ଆଉ ସାହିତ୍ୟ ମଧ୍ୟରେ ଅବସ୍ଥାନ କରି ଉଭୟ ଭାବ-ପରିଧିର ଉର୍ଦ୍ଧ୍ୱ ସୋପାନକୁ ଯିଏ ସମୁତ୍ତୀର୍ଣ୍ଣ ହୋଇ ଯାଇପାରନ୍ତି ତାଙ୍କ ବ୍ୟକ୍ତିତ୍ୱକୁ ଆକଳନ କରିବା କ'ଣ ସହଜସାଧ୍ୟ! ସେ କ୍ଷମତା ବିସ୍ତାର ସକାଶେ ରାଜନୀତିକୁ ଆସି ନ ଥିଲେ କିମ୍ବା ଯଶସ୍ୱୀ ହେବା ପାଇଁ ସାହିତ୍ୟକୁ ଆୟୁଧ କରି ନଥିଲେ । ପ୍ରାଚୀନ ଯୁଗର ଅସାମାନ୍ୟ ଋଷି-ଚେତନା ଧାରଣ କରି କାନ୍ତକବିଙ୍କ ବୈକୁଣ୍ଠରେ ସେ ଭୂମି ହେବାର ରହସ୍ୟ ଭେଦ କରିବାର ଶକ୍ତି ଆମର କାହିଁ? ଯେଉଁ ଅପଶକ୍ତି ଅଶିଷ୍ଟ ଆଚରଣରେ ଲକ୍ଷ୍ମୀକାନ୍ତଙ୍କ ତନୁଶ୍ରୀ କରିଦେଇଥିଲା ବିବର୍ଣ୍ଣ, ସେହି ଅଶାଳୀନତାକୁ ଚୂର୍ଣ୍ଣୀଭୂତ କରିଦେବା ନିମିତ୍ତ ଦେବ-ପ୍ରେରିତ ପ୍ରତିଭା ଆଉ ସାଧୁତାର କାନ୍ତିମୟ ନମନୀୟତା ନେଇ ଆବିର୍ଭୂତ ହୋଇଥିଲେ ନିତ୍ୟାନନ୍ଦ ମହାପାତ୍ର । ଲକ୍ଷ୍ମୀକାନ୍ତଙ୍କ ସାରସ୍ୱତ ଉତ୍ତରାଧିକାରୀ ଭାବରେ ଲାଭ କରିଥିଲେ ସେ ଏପରି ଏକ ପରିଚ୍ଛନ୍ନ, ସମ୍ବେଦନଶୀଳ ସମ୍ପ୍ରସାରିତ ହୃଦୟ, ଯେଉଁଠୁ ନିରନ୍ତର ନିଃସୃତ ହେଉଥିଲା କେବଳ ସ୍ନେହ, ଶ୍ରଦ୍ଧା, ସଂପ୍ରୀତିର ଅମୃତ ନିର୍ଝର । ଏହି କାରଣରୁ ସେ ନିର୍ମାଣ କରି ପାରିଥିଲେ 'ହିଡ଼ମାଟି' । ଅର୍ଜନ କରିଥିଲେ 'ଘରଡିହ' । 'ହିଡ଼ମାଟି'ରେ ସେ ଲେଖିଛନ୍ତି ତାଙ୍କ ଭାଷାରେ- 'ଏଇ ଗାଁ -ଏଇ ଗାଁ -କେଡ଼େ ସୁନ୍ଦର, କେଡ଼େ ମିଠା । ସତେ ଏଇ ଗାଁର ଧୂଳି ବାଲିରେ କେତେ ପାଠ ଲେଖା ହୋଇଛି ।' ନିତ୍ୟାନନ୍ଦଙ୍କ ପ୍ରତିଟି ବାକ୍ୟ ଏହିପରି ଆବେଗସିକ୍ତ । ସାଧାରଣ ମଣିଷ ପ୍ରତି କି ସୁଗଭୀର ମମତ୍ୱବୋଧ!

ସେ କବିତା, ଗଳ୍ପ, ଉପନ୍ୟାସ, ନାଟକ, ଏକାଙ୍କିକା, ରମ୍ୟରଚନା- ଯାହା ଲେଖନ୍ତୁ ନା କାହିଁକି ସବୁ ହେଉଛି ଏକ ଏକ ମହୁଫେଣା । କି ସୁଲଳିତ ଭାଷା! କି କୋମଳ ବର୍ଣ୍ଣନା! ଆଉ କି ଗଭୀର ସମ୍ବେଦନା! ତାଙ୍କ ଗଳ୍ପ 'ମାଉସୀ' ବ୍ରିଟିଶ ଶାସକ ଦ୍ୱାରା ବାଜ୍ୟାପ୍ତ ହୋଇଥିଲା । ସେଥିପାଇଁ ତାଙ୍କ କଲମ ଅଟକିଗଲା ନାହିଁ । 'କ୍ଷଣିକା', 'ରାଜକନ୍ୟା' ପରି ଗଳ୍ପ ପୁସ୍ତକ, 'ଜୀବନର ଲକ୍ଷ୍ୟ', 'ସୁଖର ସନ୍ଧାନେ', 'ଭଙ୍ଗାହାଡ଼' ପରି ଉପନ୍ୟାସ, 'ପତ୍ର ଓ ପ୍ରତିମା' ପରି ରମ୍ୟ ରଚନା କିମ୍ବା 'ଭାରତ ଭାଗ୍ୟ ବିଧାତା' ଭଳି ଜୀବନୀ ଗ୍ରନ୍ଥ- ସବୁ କିଛି ଆନ୍ତରିକ ଅନୁରାଗରେ ଭାବାପ୍ଲୁତ, ରସାପ୍ଲୁତ, ମର୍ମଭେଦୀ ହୋଇ ଉଠିଛି ସେଇଥିଲାଗି ।

ଲେଖାରେ ତାଙ୍କର କେଉଁଠି ସାମାନ୍ୟ ଚାତୁର୍ଯ୍ୟ ନଥାଏ, ଥାଏ କେବଳ ମାଧୁର୍ଯ୍ୟ । ପାଣ୍ଡିତ୍ୟ ନଥାଏ, ରହିଥାଏ ସାରଲ୍ୟର ଦ୍ୟୁତି । କବିତ୍ୱ ପ୍ରଦର୍ଶନ ନୁହେଁ, ସବୁଠି ପ୍ରେମର ନିଦର୍ଶନ । ସେ ସାହିତ୍ୟ ଲେଖନ୍ତି ନାହିଁ । ରକ୍ତ ନିଗାଡ଼ି ଦିଅନ୍ତି । ଅଶ୍ରୁ ତର୍ପଣ କରନ୍ତି । ହୋମାଗ୍ନି ପ୍ରଜ୍ୱଳିତ କରି ରଖନ୍ତି ହୃଦୟବେଦୀରେ । ସେଇଥିପାଇଁ ସେ ଏତେ ଆପଣାର । 'ଅଶ୍ରୁ' ଶୀର୍ଷକ ପ୍ରବନ୍ଧରେ ଲେଖକ କହୁଛନ୍ତି- 'ତୀର୍ଥଜଳ କଳୁଷିତ ହୋଇପାରେ । ମାତ୍ର ଆଖିପାଣି କେବେ କଳୁଷିତ ହୋଇପାରେ ନାହିଁ ।' ସେ ପୂଜା କରିବା ପାଇଁ ଠାକୁର ଘରକୁ ଯାଆନ୍ତି । ଫଳ, ଫୁଲ, ଧୂପକାଠି କିଛି ନଥାଏ ତାଙ୍କ ପାଖରେ । ଅଶ୍ରୁର ନୈବେଦ୍ୟ ନିବେଦନ କରନ୍ତି ଭଗବାନଙ୍କୁ ।

ନିତ୍ୟାନନ୍ଦ ମହାପାତ୍ରଙ୍କ ହୃଦୟପାତ୍ରରେ କେଉଁ ଭାବର ସାଙ୍ଗୀତିକ ସ୍ରୋତ ପ୍ରବାହିତ ହେଉନଥିଲା! ଓଡ଼ିଆରୁ ହିନ୍ଦୀକୁ ସେ ଅନୁବାଦ କରିଛନ୍ତି କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ' । ରାଜଗୋପାଳଚାରୀଙ୍କ ଇଂରାଜୀରେ ଲିଖିତ 'କମ୍ବନ ରାମାୟଣ'କୁ ଓଡ଼ିଆରେ ଅନୁବାଦ କରି ପ୍ରଦାନ କଲେ ଅନନ୍ୟ ଉପହାର । 'ନ୍ୟାସନାଲ ବୁକ ଟ୍ରଷ୍ଟ' ଦ୍ୱାରା ପ୍ରକାଶିତ ରମଣ ମହର୍ଷିଙ୍କ ଜୀବନୀ ମଧ୍ୟ ଓଡ଼ିଆରେ ଅନୁବାଦ କରିଛନ୍ତି । ଆଉ ସାହିତ୍ୟ ପତ୍ରିକା 'ଡଗର'? ତାହାରି ମାଧ୍ୟମରେ ତ ସେ ଘରେ ଘରେ ହୋଇଯାଇଥିଲେ ପରିଚିତ । ସେ ସଂସ୍କୃତି ବିଭାଗର ମନ୍ତ୍ରୀ ଥିବା ବେଳେ ହିଁ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜନ୍ମଗୃହ ଓଡ଼ିଶା ସରକାରଙ୍କ ଦ୍ୱାରା ଜାତୀୟକରଣ ହୋଇଥିଲା । ସେଥିପାଇଁ ସେ ନିଜେ ଯାଇ ବୁଲି ଆସିଥଲେ କବିଗୃହ । ସାକ୍ଷାତ ଆଲୋଚନା କରିଥିଲେ କବିପୁତ୍ର ଭଗବାନ ମେହେରଙ୍କ ସହ ।

ସେ ଶହେଟି ଶରତ ଅତିକ୍ରମ କରିଯାଇପାରିଲେ କେଡ଼େ ଧୀର ଗତିରେ ସତେ! ଶତବର୍ଷରେ ଉପନୀତ ହେବା ପରେ ତାଙ୍କ ଭିତରେ ବିଦ୍ୟମାନ ଥିଲା ବିରଳ ଓ ସଦା ଦେଦୀପ୍ୟମାନ ଚୈତ୍ୟସତ୍ତା, ଯାହା ଦେଖିପାରିବାର ଆଖି ଆମର ନାହିଁ । ସମଗ୍ର ଜୀବନବ୍ୟାପୀ ସେ ଏପରି ଏକ ଉଚ୍ଚତର ଚେତନା ଦ୍ୱାରା ପରିଚାଳିତ ହୋଇଛନ୍ତି, ଯେଉଁ କାରଣରୁ ସଂସାର ମଧ୍ୟରେ ରହି ମଧ୍ୟ ସେ ଥିଲେ ସନ୍ନ୍ୟାସୀ । ନିରାସକ୍ତ ମଣିଷ । ନିରାସକ୍ତ ସାଧକ । ତାଙ୍କ ରଚନାବଳୀ ଯେଉଁମାନେ ଧ୍ୟାନସ୍ଥ ଚିତ୍ତରେ ପାଠ କରିବେ ସେମାନଙ୍କ ଯେ ଅନ୍ତଃ ପରିବର୍ତ୍ତନ ସୁନିଶ୍ଚିତ, ଏଥିରେ ସନ୍ଦେହ ନାହିଁ ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

■ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କ୍ଷତିପୂରଣ ଟଙ୍କା ହଡ଼ପ ଘଟଣା

## ୫ ଅଭିଯୁକ୍ତଙ୍କୁ ୩ ବର୍ଷ ଲେଖାଏଁ ଜେଲ୍‌ଦଣ୍ଡ

ବାରିପଦା,୨୪।୧୨(ସମିସ): ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କ୍ଷତିପୂରଣ ଅର୍ଥ ଅନିୟମିତତା ମାମଲାରେ ବାରିପଦା ଭିଜିଲାନ୍ସ କୋର୍ଟ ବୁଧବାର ରାୟ ଶୁଣାଇଛନ୍ତି। ବିଚାରପତି ଏହାର ବିଚାର କରି ମାମଲାରେ ଜଡ଼ିତ ଥିବା ଜଣେ ଜମି ଅଧିଗ୍ରହଣ ଅଧିକାରୀ ଓ ବ୍ୟାଙ୍କ ମ୍ୟାନେଜର, କ୍ୟାସିୟର ସମେତ ୪ଜଣ କର୍ମଚାରୀ ମିଶି ମୋଟ୍ ୫ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ପ୍ରତ୍ୟେକଙ୍କୁ ୩ ବର୍ଷ ଲେଖାଏଁ ଜେଲ୍ ଦଣ୍ଡାଦେଶ ଶୁଣାଣି କରିଛନ୍ତି। ଏହା ସହିତ ପ୍ରତ୍ୟେକ ୫୦ହଜାର ଟଙ୍କା ଜରିମାନା କରିବା ସହ ସମସ୍ତଙ୍କ ପେନ୍‌ସନ୍ ବନ୍ଦ ପାଇଁ ବିଭାଗ ପକ୍ଷରୁ ଆବେଦନ କରିବା ପାଇଁ ନିର୍ଦ୍ଦେଶ ରହିଛି। ଅଭିଯୁକ୍ତମାନେ ହେଲେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ପୂର୍ବତନ ସ୍ପେଶାଲ ଲ୍ୟାଣ୍ଡ ଏକ୍ୱାଇଜେସନ ଅଫିସର(ଏଲ୍‌ଏଓ) ଗୌରାଙ୍ଗ ଚରଣ ମହାନ୍ତି, ବ୍ୟାଙ୍କ ଅଫ୍ ଇଣ୍ଡିଆ ତକତପୁରସ୍ଥିତ ବିଶ୍ୱବିଦ୍ୟାଳୟ ଶାଖାର ପୂର୍ବତନ ମ୍ୟାନେଜର ଅଖଣ୍ଡଳ ପ୍ରସାଦ ମହାନ୍ତି, ପୂର୍ବତନ କର୍ମଚାରୀ ପୁରୁଷୋତ୍ତମ ମହାନ୍ତି, ସୁଦାମ ଚନ୍ଦ୍ର ସାହୁ ଓ ମୁଖ୍ୟ କ୍ୟାସିୟର ଶାନ୍ତନୁ କୁମାର କର। ସୂଚନାଯୋଗ୍ୟ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପରେ ଲୋକଙ୍କ ଜମି ଅଧିଗ୍ରହଣ ବାବଦକୁ ସହାୟତା ଟଙ୍କା ଅନିୟମିତତା ନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ ପରେ ଏକ ମାମଲା ରୁଜୁ ହୋଇଥିଲା। ତଦନ୍ତପୂର୍ବକ ରିପୋର୍ଟ ପ୍ରଦାନ ପରେ ସମସ୍ତଙ୍କ ସମ୍ପୃକ୍ତି ଥିବାର ସ୍ପଷ୍ଟ ପ୍ରମାଣ ମିଳିଥିଲା। ସମସ୍ତ ରିପୋର୍ଟ ଓ ସାକ୍ଷୀଙ୍କ ବୟାନ ଆଧାରରେ ବିଚାରପତି ଉକ୍ତ ମାମଲାର ଶୁଣାଣି କରିଛନ୍ତି।

## ୩୦ ଫୁଟ୍ ପୋଲ ତଳକୁ ଖସିପଡ଼ିଲେ ନାବାଳିକା

ବେତନଟୀ,୨୪।୧୨(ସମିସ): ବେତନଟୀ ଥାନା ଅଧୀନ ମନ୍ତାପାଳ ପୋଲରୁ ତଳକୁ ଜଣେ ନାବାଳିକା ଖସି ପଡ଼ିବା ଫଳରେ ଗୁରୁତର ହୋଇପଡ଼ିଛନ୍ତି। ତାଙ୍କୁ କିଛି ସ୍ୱେଚ୍ଛାସେବୀ ଆଣି ବେତନଟୀ ମେଡିକାଲରେ ଭର୍ତ୍ତି କରିଥିଲେ। ଘଟଣା ଅନୁସାରେ, ମଙ୍ଗଳବାର ଅପରାହ୍ଣରେ ବେଣାପୁରା ଗ୍ରାମରଙ୍କ ପ୍ରଧାନ ସିଂଙ୍କ ଝିଅ ଅଞ୍ଜଳି ସିଂ (୧୫) ମନ୍ତାପାଳ ପୋଲ ନିକଟରେ ବୁଲାବୁଲି କରୁଥିବା ସମୟରେ ତଳକୁ ହଠାତ୍ ଖସି ପଡ଼ିଥିଲେ। ସେ ପୋଲ ଉପରେ ଠିଆ ହୋଇ ତଳକୁ ଚାହୁଁଥିବାବେଳେ ହଠାତ୍ ମୁଣ୍ଡ ବୁଲେଇ ଦେବାରୁ ତଳକୁ ଖସିପଡ଼ିଥିଲେ। ଏହି ପୋଲ ଉପରୁ ତଳ ପର୍ଯ୍ୟନ୍ତ ଗଭୀରତା ପ୍ରାୟ ୩୦ ଫୁଟ୍ ରହିଥିଲା। ଝିଅଟି ପଡ଼ିଯିବା ପରେ ଦୁର୍ଘଟଣା ସ୍ଥାନରୁ ଅଳ୍ପ ଦୂରରେ ଉପସ୍ଥିତ କିଛି ସ୍ଥାନୀୟ ଗ୍ରାମବାସୀ ସେହି ଝିଅଟିକୁ ଉଦ୍ଧାରକରି ଅଟୋରେ ବେତନଟୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ମୁକ୍ତାପୁର ଗ୍ରାମର ରବୀନ୍ଦ୍ର ବେହେରା, ମାନସ ଲେଙ୍କା, ସେବାନନ୍ଦ ବେହେରା, ଦିଲ୍ଲୀପ ବେହେରା ପ୍ରମୁଖ ଝିଅଟିକୁ ଲୁଗାପଟା, ଶୁଖିଲା ଖାଦ୍ୟ ଦେଇ ସାହାଯ୍ୟ କରିଥିଲେ। ଡାକ୍ତରଖାନାରେ ଝିଅଟିର ବାପା-ମାଆ ଉପସ୍ଥିତ ଥିବାବେଳେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ପଠାଇ ଦିଆଯାଇଥିଲା।

## ବେଙ୍ଗାଲୁରୁରେ ଓଡ଼ିଆ କର୍ମଚାରୀଙ୍କ ମୃତ୍ୟୁ



କୁଆମରା,୨୪।୧୨(ସମିସ): ବେଙ୍ଗାଲୁରୁରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଜଣେ ଓଡ଼ିଆ କର୍ମଚାରୀଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଗୋପବନ୍ଧୁ ନଗର ବ୍ଲକ୍ ଖୁଣ୍ଟା ଥାନା ଅନ୍ତର୍ଗତ ଗୋହିରାଡିହା ଗ୍ରାମର ରମେଶ ଚନ୍ଦ୍ର ସାହୁ (୬୦)। ସପ୍ତାହେ ତଳେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ନ ଘଟିବାରୁ ତାଙ୍କୁ ସେଠାରୁ ଘରକୁ ଫେରାଇ ଆଣୁଥିବାବେଳେ ମଙ୍ଗଳବାର ଅପରାହ୍ଣରେ ବାଟରେ ମୃତ୍ୟୁ ଘଟିଛି। ବୁଧବାର ତାଙ୍କ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ତେବେ ୨୦ ବର୍ଷ ତଳେ ରମେଶ ସେଠାରେ ଏକ କମ୍ପାନୀରେ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ସ୍ତ୍ରୀ, ଦୁଇ ପୁଅ ଓ ଗୋଟିଏ ଝିଅ ଅଛନ୍ତି।

■ ହାଟରୁ ଫେରୁଥିବା ସମୟରେ ଡକାୟତି

## ଭୁଜାଲି ଦେଖାଇ ୨ ଲକ୍ଷ ଟଙ୍କାର ଗହଣା ଲୁଟ୍

ମୋରଡ଼ା,୨୪।୧୨(ସମିସ): ମୋରଡ଼ା ଥାନା ଅନ୍ତର୍ଗତ ଟୁକପଳାସିଆ ଗ୍ରାମର ଗହଣା ବ୍ୟବସାୟୀ ମନୋରଞ୍ଜନ କାମିଲା ବୁଧବାର ମୋରଡ଼ା ନିକଟରେ ଥିବା ଧାନଶୋଳ ସାପ୍ତାହିକ ହାଟରୁ ଫେରୁଥିବା ସମୟରେ ଡକାୟତିର ଶିକାର ହୋଇଛନ୍ତି। ଶ୍ରୀ କାମିଲା ହାଟ ସରିବା ପରେ ଦିନ ୧ଟା ସମୟରେ ଜଣେ ଗ୍ରାହକଙ୍କ ନିକଟରୁ ବକେୟା ଟଙ୍କା ନେଇ ଘରକୁ ଫେରୁଥିବା ସମୟରେ ଖୁଣ୍ଟାପାଳ କେନାଲ ନିକଟରେ ପାଞ୍ଚ ଜଣ ଯୁବକ ତାଙ୍କୁ ଅଟକାଇଥିଲେ। ତପ୍ରେ ତାଙ୍କୁ ମାର୍‌ପିଟ୍ କରିବା ସହିତ ଭୁଜାଲି ଦେଖାଇ ଜୀବନରୁ ମାରି ଦେବାର ଧମକ ଦେଇଥିଲେ ଏବଂ ତାଙ୍କ ନିକଟରୁ ପାଖାପାଖି ୨ ଲକ୍ଷ ଟଙ୍କାର ଗହଣା ନେଇ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ମନୋରଞ୍ଜନ ଅଚେତ ଅବସ୍ଥାରେ ପଡ଼ିଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିବା ଜଣାପଡ଼ିଛି।

## ମୋହରୀରଙ୍କ ବିୟୋଗରେ ଶୋକ

ଆନନ୍ଦପୁର, ୨୪।୧୨ (ସମିସ): ଆନନ୍ଦପୁର ଦେୱାନୀ ଅଦାଲତରେ ମୋହରୀର ଥିବା କୁଳମଣି ବାରିକଙ୍କ ସୋମବାର ଆନନ୍ଦପୁରସ୍ଥିତ ବାସଭବନରେ ବିୟୋଗ ଘଟିଛି। ସେ ଜଣେ ନିରାମୟ ଓ ପରୋପକାରୀ ବ୍ୟକ୍ତି ଥିଲେ। ୧୯୬୫ରୁ ୨୦୦୫ ପର୍ଯ୍ୟନ୍ତ ସେ ଅଦାଲତ କାର୍ଯ୍ୟରେ ଲୋକଙ୍କ କାର୍ଯ୍ୟ କରିଆସୁଥିଲେ। ବାର୍ଦ୍ଧକ୍ୟଜନିତ କାରଣରୁ ତାଙ୍କ ମୃତ୍ୟୁ ଘଟିଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ହୋଇଥିଲା। ତାଙ୍କର ବିୟୋଗରେ ଦେୱାନୀ ଅଦାଲତର ମୋହରୀ ସଂଘର କର୍ମକର୍ତ୍ତା ଓ ସଦସ୍ୟ ଯଥା ସଭାପତି ସନାତନ ଯେନା, ସମ୍ପାଦକ ଶଙ୍କର୍ଷଣ ପତି, ଉପସଭାପତି ମଦନମୋହନ ମିଶ୍ର, ସଦସ୍ୟ ବ୍ରଜକିଶୋର ପଣ୍ଡା, ଶେଷ ନାଥ, ଶାନ୍ତନୁ ଯେନା, ସୁଦର୍ଶନ ସାହୁ, ଅଞ୍ଜନା ଜେନା ଓ ଅନ୍ୟ ସଦସ୍ୟ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା ଓ ଶାନ୍ତିପାଠ କରିଥିଲେ।

## କୁସୁମବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

ବାରିପଦା,୨୪।୧୨(ସମିସ):



ବାଙ୍ଗିରିପୋଷି ବ୍ଲକ୍‌ର ସର୍ବପୁରାତନ କୁସୁମବନ୍ଧ (ବସନ୍ତପୁର)ଠାରେ ଥିବା କୁସୁମବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ପୁଷିତା ରାଣୀ ସୁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟର ସହକର୍ମୀ ତଥା ସମସ୍ତ ଆଲୁମ୍ନି ସଦସ୍ୟ ସଦସ୍ୟାଙ୍କର ମିଳିତ ଉଦ୍ୟମରେ ତିନି ଦିନ ଧରି ଏହି ଜୟନ୍ତୀ ପାଳିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ବୁଢ଼ାବଳଙ୍ଗ ନଦୀରୁ ଘଟ ଉତ୍ତୋଳନ କରି ସ୍ଥାନୀୟ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ହରିନାମ ସଂକୀର୍ତ୍ତନ ପୂର୍ବକ ଜୟନ୍ତୀ ଉତ୍ସବ ସ୍ଥଳରେ ସ୍ଥାପନ କରାଯାଇଥିଲା। ତତ୍‌ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍ୱର୍ଗତ ଯୋଗେଶ୍ୱର ବେହେରା, ସହକର୍ମୀ ଖୁଦିରାମ ମାଝୀ, ଚିତ୍ତରଞ୍ଜନ ପଣ୍ଡା, ଦିବାକର ମହାନ୍ତ, ରାମେଶ୍ୱର ବେହେରା, ଆଲୋକ ଦାସ ଓ ଦିବଂଗତ ଛାତ୍ରଛାତ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ସଦର ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା ଛାତ୍ରଛାତ୍ରୀ, ଆଲୁମ୍ନି ସଦସ୍ୟ ତଥା ଗ୍ରାମବାସୀଙ୍କୁ ପ୍ରଶଂସା କରିଥିଲେ। ଅପରାହ୍ଣରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀ ଯୋଗଦେଇଥିଲେ। ପିରାମଲ୍ ହେଲ୍‌ଥ ସହଯୋଗରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଦ୍ୱାରା ୧୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସୁବର୍ଣ୍ଣ ଜୟନ୍ତୀର କୁସୁମ ବାଟିକାକୁ ଉପଜିଲ୍ଲାପାଳ ଡ. ପରିଡ଼ା ଉନ୍ମୋଚନ କରିଥିଲେ। ଦ୍ୱିତୀୟ ଦିନ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ, ସ୍ଥାନୀୟ ବିଧାୟିକା ସୁଶ୍ରୀ ସଞ୍ଜଳି ମୁର୍ମୁ ଯୋଗଦେଇଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ଯୋଗେଶ୍ୱର ବେହେରାଙ୍କ ସ୍ମୃତିରେ ତାଙ୍କ ପୁତ୍ର ଭେଙ୍କଟେଶ୍ୱର ବେହେରା ପ୍ରଦାନ କରୁଥିବା ଯୋଗେଶ୍ୱର ମେମୋରିଆଲ ଛାତ୍ରବୃତ୍ତି ଚଳିତ ବର୍ଷ ପାଇଁ କାପୁରା ସରେନଙ୍କୁ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଦିବସରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପରମାନନ୍ଦ ଖଣ୍ଡେଇ ଓ ତହସିଲ୍‌ଦାର ସୁଶ୍ରୀ ଶୁଭଙ୍କର ସୁଦେଷ୍ଣା ଦାଶ ଓ ପୂର୍ବତନ ମୁଖ୍ୟ ବନ ସଂରକ୍ଷକ ଓ ପୂର୍ବତନ ଲୋକାୟୁକ୍ତ ଡ. ଦେବବ୍ରତ ସ୍ୱାଇଁ ଯୋଗଦେଇଥିଲେ।

## ଆଗର୍ଦ୍ଦାରୁ ରାତିଅଧିଆ ମୋରମ୍ ଚାଲାଣ

ଆନନ୍ଦପୁର,୨୪।୧୨(ସମିସ): ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ତହସିଲରୁ ମାତ୍ରାଧିକ ଲଘୁଖଣିଜ ଚୋରି ଚିନ୍ତାର କାରଣ ହେଲାଣି। ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ସାଇଁକୂଳ ଫାଣ୍ଡି ନିକଟ ଆଗରଦା ଗ୍ରାମରେ ରାତିଅଧିଆ ମୋରମ ଚୋରା ଚାଲାଣ ହେଉଥିଲା। ରେଙ୍ଗାଳି କେନାଲ କାର୍ଯ୍ୟ ଚାଲୁଥିବା ସ୍ଥାନରୁ ଗୋଟିଏ ଜେସିବି ଓ ୧୦ଟି ହାଇୱାରେ ମୋରମ ବୁହା ହୋଇ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ଏହାର ଫଟୋ ଓ ଭିଡିଓ ଉତ୍ତୋଳନ କରି ସାମାଜିକ ଗଣମାଧ୍ୟମରେ ପ୍ରସାରଣ କରିବା ସହ ଖଣି ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ଜାଣିପାରି ଦୁର୍ବୃତ୍ତମାନେ ସମସ୍ତ ଗାଡ଼ି ଓ ମେସିନକୁ ନେଇ ପଳାଇ ଯାଇଥିଲେ। ଏ ସଂକ୍ରାନ୍ତରେ ଖଣି ଅଧିକାରୀ ତାରିଣୀ ସିଂ କହିଛନ୍ତି ଯେ ଆଗରଦାରେ ଚାଲୁଥିବା ରେଙ୍ଗାଳି କେନାଲ କାର୍ଯ୍ୟରୁ ମୋରମ ନେବା ନିୟମ ନାହିଁ ଏବଂ ତାଙ୍କ ଟିମ୍ ପହଞ୍ଚିବା ବେଳକୁ ସେଠାରୁ ସମସ୍ତ ଗାଡ଼ି ପଳାଇ ଯାଇଥିଲେ।

## ସାନଘାଗରାରେ ପରିବେଶ ସୁରକ୍ଷା ବାର୍ତ୍ତା

କେନ୍ଦୁଝର, ୨୪।୧୨(ସମିସ): ଟାଟା ଷ୍ଟିଲ ଓ ପରିବେଶପ୍ରେମୀଙ୍କ ଉଦ୍ୟମରେ କେନ୍ଦୁଝର ଜିଲ୍ଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ସାନଘାଗରାଠାରେ ପ୍ଲାଷ୍ଟିକମୁକ୍ତ ପରିବେଶ ସଚେତନତା କାର୍ଯ୍ୟକ୍ରମ ସହ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କେନ୍ଦୁଝରର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସହଯୋଗିତାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପରିବେଶ ଓ ଟାଟା ଷ୍ଟିଲ ଫାଉଣ୍ଡେସନର ୨୫ ଜଣ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ସ୍ଥାନୀୟ ଲୋକ, ପର୍ଯ୍ୟଟକ, ସ୍କୁଲଛାତ୍ରଛାତ୍ରୀମାନଙ୍କୁ ପରିବେଶସଚେତନତା ସମ୍ପର୍କିତ ପାମ୍ପଲେଟ ବଣ୍ଟନ କରାଯିବା ସହ ପ୍ଲାଷ୍ଟିକ ବ୍ୟବହାର ନକରିବା ସମ୍ପର୍କରେ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଏଥିସହ ଗୋଟିଏ ଥର ବ୍ୟବହାର ହେଉଥିବା ପ୍ଲାଷ୍ଟିକ ବ୍ୟବହାର ନକରିବା ପାଇଁ ଏକ ବ୍ୟାନର ଲଗାଯାଇଥିଲା। ସ୍କୁଲ ଛାତ୍ରଛାତ୍ରୀମାନେ ସଫେଇ କାର୍ଯ୍ୟକ୍ରମ ଓ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଟାଟା ଷ୍ଟିଲ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକମାନଙ୍କ ସହଯୋଗରେ ସଫଳତାର ସହ ସମାପନ ହୋଇଛି।

## ଆଜିଠୁ ଗୋନାସିକା-କେନ୍ଦୁଝର ମହୋତ୍ସବ

କେନ୍ଦୁଝର,୨୪।୧୨(ସମିସ): ଗୁରୁବାରଠାରୁ କେନ୍ଦୁଝର ଷ୍ଟାଡିୟମରେ ୩୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଗୋନାସିକା-କେନ୍ଦୁଝର ମହୋତ୍ସବ ୨୦୨୫ ଏବଂ ଜାତୀୟ ପଲ୍ଲିଶ୍ରୀ ମେଳ ପାଇଁ ଦରବାର ହଲ୍‌ରେ ଜିଲ୍ଲାପାଳ ବିଶାଳ ସିଂହଙ୍କ ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇଛି। ଖେଳ ସହ ସାଂସ୍କୃତିକ କାର୍ଯ୍ୟକ୍ରମ, ସାହିତ୍ୟ, ପୁସ୍ତକ ମେଳା, ବୌଦ୍ଧିକ ଆଲୋଚନା ପାରମ୍ପରିକ ଖାଦ୍ୟ-ସାମଗ୍ରୀ ଷ୍ଟଲ୍ ଆଦି ଏହି ୬ ଦିନିଆ ମହୋତ୍ସବର ମୁଖ୍ୟ ଆକର୍ଷଣ ରହିବ ବୋଲି ଜଣାପଡ଼ିଛି। ଏହି ମହୋତ୍ସବରେ ବହୁ ସଂଖ୍ୟାରେ ଯୋଗଦେଇ ଶାନ୍ତିଶୃଙ୍ଖଳାର ସହ କାର୍ଯ୍ୟକ୍ରମ ଉପଭୋଗ କରିବାକୁ ଜିଲ୍ଲାପାଳ ଶ୍ରୀ ସିଂହ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଛନ୍ତି।

## ରାଜ୍ୟସ୍ତରୀୟ ଯୁବ ସଂସଦ ପ୍ରତିଯୋଗିତାରେ ଆର୍ଯ୍ୟାନ ପ୍ରଥମ

ବାରିପଦା,୨୪।୧୨(ସମିସ): ରାଜ୍ୟ ସରକାରଙ୍କ ଶିକ୍ଷକ ଓ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଭୁବନେଶ୍ୱର ଆନୁକୂଲ୍ୟରେ କୃଷି ଭବନ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ଯୁବ ସଂସଦ ପ୍ରତିଯୋଗିତାରେ ବାରିପଦାର ଆର୍ଯ୍ୟାନ ଦାସ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୯ନଂ ୱାର୍ଡସ୍ଥିତ ବଳରାମପୁର ନିବାସୀ ରାଜୀବ କୁମାର ଦାସ ଓ ମୂର୍ଚ୍ଛନା ଦାସ ପଟ୍ଟନାୟକଙ୍କ ଏକମାତ୍ର ପୁତ୍ର ସେଣ୍ଟ ମେରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏକାଦଶ ଶ୍ରେଣୀର ଛାତ୍ର ଆର୍ଯ୍ୟାନ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଏହି ପ୍ରତିଯୋଗିତାରେ ଭାଗ ନେବାର ସୌଭାଗ୍ୟ ଅର୍ଜନ କରିଥିଲେ। ଖବର ପାଇ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ବିଦ୍ୟାଳୟର ଅଧ୍ୟକ୍ଷ ରାଜେଶ ଡୁଙ୍ଗଡୁଙ୍ଗ, ଗାଇଡ୍ ଶିକ୍ଷକ ସ୍ନେହାଶିଷ ମିଶ୍ର, ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।




**AFFIDAVIT**

By virtue of an affidavit sworn before The Notary Public, Bhubaneswar, dated: 23/12/2025, I, SAUBHAGYA RANJAN ROUT, resident of At: Sanabarchikayan, Ramachandrapur, Bonth, Bhadrak-756114, Odisha declare that I have changed the name of my daughter from SANGYA SIYALAXMI ROUT to **KHARADHIKA ROUT.** Henceforth, she shall be known as **KHARADHIKA ROUT** for all purposes.

SAUBHAGYA RANJAN ROUT

**AFFIDAVIT**

I, Rajendra Kumar Agrawalla, aged about 47 years, S/o- Gopiram Agrawal, resident of Mahalaxmi Nagar, Station Road, Po- Balangir, Ps-Town Bolangir, Dist- Balangir, Odisha, Pin- 767001 declare by this affidavit No. 2585, dtd- 24/12/2025, that now onwards I shall be known as **RAJENDRA KUMAR AGRAWAL** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Bargarh dtd. 23/12/2025, I Jayanti Sahu, W/o- Jagamohan Sahu, R/o- Patharla, Po.- Govindpur, Ps.- Bargarh, Dist.- Bargarh state that, I have changed my name from **Damayanti Sahu** to **Jayanti Sahu**. Henceforth I shall be known as **Jayanti Sahu** for all future purposes.


**OFFICE OF THE MEDICAL OFFICER IN-CHARGE,CHC, DAVA**
BLOCK PROGRAMME MANAGEMENT UNIT (NHM)
*At- CHC, Dava, Po-Dava, Block- Jharbandh Dist-Bargarh(Odisha)*
*Email : bpmudava3@gmail.com*

**Notice No.374 / Date 24.12.2025**

**SHORT TENDER CALL NOTICE FOR HIRING OF VEHICLE**

Sealed proposals as per the prescribed RFP document are invited from interested eligible bidders (Private individuals/Tour operators / Travel Agency / Society / Firm) for hiring & empanelment of vehicle for BPMU Office at CHC DAVA on a monthly basis for BPMU Office . The eligibility criteria, the terms of reference and the formats for submission of bid are set forth in the RFP document, which can be received from the BPMU office Jharbandh . Interested bidders fulfilling the eligibility criteria may submit their proposals with EMD & documents as per RFP. The details of the Vehicle are mentioned in the RFP document. The bidders have to submit their proposals with all required documents and should reach to the office of the undersigned on or before Dt. 10/01/2026 up to 4.00 P.M. Technical & financial bid shall be opened in presence of the bidders on dt. 15/01/2026 at 3 PM . at the Meeting Hall PHC Jharbandha , Bargarh. The undersigned reserves the right to reject any or all the proposal without assigning any reason thereof.

Sd/-
Medical Officer I/c CHC Dava , Bargarh


**AFFIDAVIT**

I, Kadam Shaik, resident of Maltira, Po- Padhanpara, Ps-Bonth, Dist-Bhadrak, Odisha-756114, declare by this affidavit No.2893, dated: 23/12/2025, that now onwards I shall be known as **Sk Kadam** for all future purposes.

**Affidavit (For Minor)**

By virtue of an affidavit sworn before Executive Magistrate, Banpur, vide No- 4574, dated-20/12/2025, I, **Manas Bariki,** aged about 44 years, Address: S/o- Golakh Bariki, At- Bhimpur Nua Patana Sahi, Po- Bhimpur, Ps- Banpur, Dist-Khordha, Odisha, Pin-752031, declare that I have changed the name of my minor son's name from **Rajesh Kumar Barik** to **Rakesh Kumar Bariki.** Henceforth, he shall be known as **Rakesh Kumar Bariki** for all purposes.

**Rakesh Kumar Bariki**

**AFFIDAVIT**

I, Namita Kumari Mahapatra, aged about 56 years, W/o- Rabindra Kumar Das, resident of At- Flat No. 405, Rosan Elegant, Haridaspur, Naharakanta, PS- Pahal, Bhubaneswar, Dist- Khordha, PIN- 752101, Odisha declared by this affidavit No. 2582, dtd- 23/12/2025 that now onwards I shall be known as **NAMITA DASH** for all future purposes.

**AFFIDAVIT**

By virtue of an affidavit sworn before Notary Public, Bhubaneswar, on dated 17.12.2025, I Bulu Nahak S/o- Kasinath Nahak, resident At-Kaudia,Po-Lenkakhali, Ganjam, Dist- Ganjam, Odisha, PIN- 761144, declare that I have changed my Daughter name from Ankita Nahak to Sriya Nahak. Henceforth, She shall be known as **SRIYA NAHAK** for all future purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated- 30/11/2025. I, **Susila Putel** (new name), formerly called as **Jemamani Putel** (old name), W/o- Sadhuram Putel, permanent & current resident of AT- Sirol, PO- Sirol, PS- Titilagarh, Dist- Balangir, (Odisha), PIN- 767033 declare that I have changed my name from **Jemamani Putel to Susila Putel.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Susila Putel** (new name) for all future purposes.

**Susila Putel**

**AFFIDAVIT**

By virtue of an affidavit before the Notary Public, Titilagarh, on dated- 23/12/2025. I, **Trushnarani Dandsena** (new name), formerly called as **Trusnarani Mohapatra** (old name), aged about 35 years, W/o- Girish Chandra Mohapatra, permanent & current resident of AT- Badapari, PO/PS- Tangi, Dist- Khordha, (Odisha), PIN- 752023 declare that I have changed my name from **Trusnarani Mohapatra to Trushnarani Dandsena.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Trushnarani Dandsena** (new name) for all future purposes.

**Trushnarani Dandsena**

**NAME CHANGE**

By virtue of an affidavit sworn before Notary Public, Bhubaneswar on 22/09/2025, it is declared and informed that my name has been changed from **'SANJAY KUMAR MOHAPATRA'**, Son of Late Nabaghana Mohapatra to **'SWAMI DEVETANANDA'** as I voluntarily renounced to the mundane world to join Ramakrishna Mission Sevashrama as a brahmachari. After rigorous test and training ordained as sanyasi (monk) I have been christened as 'Swami Devetananda', son of Swami Gahanananda and henceforth known as **"SWAMI DEVETANANDA"** Furthermore, it declared that Sri Sanajy Kumar Mohapatra and Swami Devetananda is one and same person.

**LOST**

I, **Kuni Behera,** W/o- Trilochan Behera, resident of At: Pandara, Po: GGP Colony, Ps: Mancheswar, Bhubaneswar-25, Dist- Khordha, Odisha declare that I have lost my Original Sale Deed bearing No-11831700062 at Mancheswar Market area at 11 am on dated- 22/12/2025. If anybody found it please contact: Debabrata Padhy (Advocate): 9861454766.

**AFFIDAVIT**

By virtue of an affidavit sworn before Executive Magistrate, Sambalpur, CF No- 3712 dated 18/12/2025, I Satyanarayana sahoo, S/o- Abaduta sahoo, resident of Ganesh Nagar Rairakhol, Po- Rairakhol, Ps.- Rairakhol, Dist.- Sambalpur, Odisha, Pin- 768106 declare that, I have changed the name of my minor daughter from Jagasmita sahoo to Yogasmita sahoo. Henceforth, she shall be known as **Yogasmita Sahoo** for all purposes.

**Sd/- Satyanarayana sahoo**

**AFFIDAVIT**

By virtue of an affidavit sworn before the Executive Magistrate, Rairakhol ,vide CF No.973 dtd. 20.12.2025 , I Priyabrata Bhurubhuri, S/o- Prasanta Bhurubhuri, resident of village- Kuteswar, Po.- Nagaon, Ps.- Athamallik ,Dist.-Angul ,Odisha, Pin- 759125 state that, I have changed the my name from Priyabrat Bhurubhuri (old name) and have assumed the name Priyabrata Bhurubhuri (new name) from the date hereof. Henceforth, I shall be known, called and identified by the name Priyabrata Bhurubhuri for all purposes. This change is made for Gazette Notification & Aadhaar Card correction only.

**Sd/- Priyabrata Bhurubhuri**


OFFICE OF THE NOTIFIED AREA COUNCIL, KAMAKHYANAGAR. C-1874
At/Po-Kamakhyanagar, Ward No-06, District-Dhenkanal, pin-759018
kamakhyanagarnac@gmail.com, kamakhyanagarn.hud@nic.in

**"e" Procurement Notice**

Notice No. 2906/N.A.C. (K) Dt. 22.12.2025

**Tender Reference No.KNR-NAC-04/2025-26**

The Notified Area Council, Kamakhyanagar invites online Bid in single cover system through "e" Procurement.

| | |
|---|---|
| Total Nos. of works;- | 23(Twenty three) |
| Value of works;- | 2.11 Lakh to 4.23 lakh |
| Date of availability of tender for online Bidding;- | From dt.24.12.2025 at 11.00 A.M. up to dt.03.01.2026 at 5.00 P.M. |
| Date of opening of Bid:- | dt.05.01.2026 at 11.00 A.M. |
| Further details can be seen from the website;- | www. tendersodisha.gov.in |

Executive Officer
N.A.C. Kamakhyanagar

OIPR-13128/11/0016/2526

A-1177 E-mail :- eemidivision_deogarh@yahoo.in

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER, MINOR IRRIGATION DIVISION, DEOGARH.
No. 1588, Date. 20.12.2025
e-PROCUREMENT NOTICE
BID REF No: SE,MID,DGR /05/ 2025-26

Bid documents consisting names of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the works :- | Civil Construction works. |
| 2 | No of Works :- | 03(Three) No. |
| 3 | Estimated Cost :- | Approximately From **10.20 lakh and Rs. 22.33 lakh.** |
| 4 | Period of completion :- | 4 (Four) Calendar months & 2 (Two) Calendar months |
| 5 | Date and Time of availability of bid documents in the portal:- | From **Dt.26.12.2025** at 10.00 AM to **Dt. 05.01.2026** up to 5.00 PM. |
| 6 | Last Date / Time of receipt of bids in the portal :- | **Dt.05.01.2026** up to 5.00 PM |
| 7 | Date of opening of Bid :- | **Dt.06.01.2026** at 11.00 AM onwards |
| 8 | Name and address of the OIT :- | Superintending Engineer, Minor Irrigation Division, Deogarh. |
| 9 | Mode of Payment of Bid Cost & Bid Security :- | Online |

** Further details can be seen from the e-Procurement market place http://tendersodisha.gov.in

Superintending Engineer
M.I. Division, Deogarh

OIPR-32289/11/0017/2526


**AFFIDAVIT**

By virtue of an affidavit before the Notary Public, Titilagarh, on dated: 23/12/2025. I, **Jagannath Bhue,** aged about 65 years, S/o- Buda Bhue, permanent & current resident of AT- Piprut, P.O- Belgaon, PS- Saintala, Dist- Bolangir, (Odisha), PIN- 767032 declare that I have changed my minor daughter's name from **Rajyabanti Bhue** (old name) to **Rajbanti Bhoi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Rajbanti Bhoi** (new name) for all future purposes.

**Jagannath Bhue**

**AFFIDAVIT**

By virtue of an affidavit (CF No. 01, dtd- 24/12/2025) sworn before the Executive Magistrate, Padampur. I, **Nisha Bhoi,** D/o- Prashanna Bhoi, permanent & current resident of AT- Palsada, PO- Palsada, PS- Paikmal, Dist- Bargarh, PIN- 768039, Odisha declare that I have changed my name from **Lisa Bhoi to Nisha Bhoi.** Henceforth, I shall be known as **Nisha Bhoi** (new name) for all purposes.

**Nisha Bhoi**

**AFFIDAVIT**

I, Domti Abinash Dora, S/o - Alekh Chandra Dora, Resident of Police Camp, Sunabeda, Ps- Sunabeda, Dist- Koraput, Pin-763003, Odisha declare by this affidavit No.2275, dated- 27/11/2025 that now onwards I shall be known as **D ABINASH DORA** for all future purposes.

**AFFIDAVIT**

By virtue of an affidavit (CF No. 447) sworn before The Executive Magistrate, Begunia dated- 03/04/2025. I, **Alok Kumar Sahoo,** S/o- Raja Kishore Sahoo, Address: Village- Balarampur, PO/PS- Begunia, Dist- Khordha, PIN- 752062, Odisha declare that I have changed my minor son's name from **Ayush Kumar Sahoo** to **Aditya Sahoo.** Henceforth, he shall be known **Aditya Sahoo** (new name) for all purposes.

**Alok Kumar Sahoo**

**AFFIDAVIT**

By virtue of an affidavit sworn before EXECUTIVE MAGISTRATE, BHUBANESWAR, Dated 23.12.2025, I, NRUSINGHA PRASAD DASH, At–Lingipur, P.O. Sisupalgarh, P.S. Dhauli, Bhubaneswar–751002, Dist. Khordha, State – Odisha declare that I have changed my name fromNRUSINGHA PRASAD NAYAK to NRUSINGHA PRASAD DASH. Henceforth, I shall be known as **NRUSINGHA PRASAD DASH.**

ସକାଳ THE SAKALA



## ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବ

# ମହୋତ୍ସବ ଭାଷା ସାହିତ୍ୟ ଓ ସଂସ୍କୃତିର ଏକ ଅଫୁରନ୍ତ ସମାହାର

ଯାଜପୁର,୨୪।୧୨(ସମିସ):




୧୫ତମ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା ପୁସ୍ତକ ମହୋତ୍ସବ କମିଟିର ସଭାପତି ସନ୍ତୋଷ କୁମାର ନନ୍ଦଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ଉତ୍ସବର ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ ସ୍ତୋତ୍ରପାଠ କରିଥିଲେ। କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ମହାପାତ୍ର ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ କରିଥିବା ବେଳେ ସଂଗଠନ ସଂପାଦକ ହୃଷୀକେଶ ପତି ପରିଚୟ ପ୍ରଦାନ କରିଥିଲେ। ପୁସ୍ତକ ମହୋତ୍ସବ କମିଟିର ସଂପାଦକ ଡ. କାହ୍ନୁଚରଣ ମିଶ୍ର ପୁସ୍ତକ ମହୋତ୍ସବ ଆରମ୍ଭ ଠାରୁ ଆଜି ପର୍ଯ୍ୟନ୍ତ ସମସ୍ତ ବିଷୟର ବିଷଦ୍ ବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଘାଟକ ଅତରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ମହୋତ୍ସବ ଭାଷା ସାହିତ୍ୟ ଓ ସଂସ୍କୃତିର ଏକ ଅପୁରନ୍ତ ସମାହାର; ବିକଶିତ ଜୀବନର ପ୍ରତ୍ୟେକଟି ଇସ୍ତାହାର ପୁସ୍ତକ ସହ ଜଡ଼ିତ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ମୁଖ୍ୟ ଅତିଥିଭାବେ ମାନନୀୟ ରାଜ୍ୟସଭା ସାଂସଦ ସୁଲତା ଦେଓ ଯୋଗଦେଇ ପୁସ୍ତକର ଅଦୃଶ୍ୟ ଶକ୍ତି ମାନବକୁ ମାନବୋତ୍ତର ଅବସ୍ଥାରେ ପହଞ୍ଚାଇବା ସଙ୍ଗେ ସଙ୍ଗେ ଗୋଟିଏ ଦେଶ ଓ ଜାତିର ବିବର୍ତ୍ତନ ବାଦରେ ନୂତନ ଇତିହାସ ଲେଖିଥାଏ ବୋଲି ଉଲ୍ଲେଖ କରିଥିଲେ। ମୁଖ୍ୟବକ୍ତା ଭାବେ ଯାଜପୁରର ମାନ୍ୟବର ବିଧାୟିକା ସୁଜାତା ସାହୁ ଯୋଗଦେଇ ଡିଜିଲାଇଜେସନ ମାଧ୍ୟମରେ ଆମେ ଯେତେ ତଥ୍ୟ ଉପଲବ୍ଧ କରୁଛୁ ତାହା ପରେ ମଧ୍ୟ ବହୁ ତଥ୍ୟ ପୁସ୍ତକ ମାଧ୍ୟମରେ ଆମକୁ ମିଳିପାରୁଛି। ସେଥିନିମନ୍ତେ ପୁସ୍ତକର ବହୁଳ ଆବଶ୍ୟକତା ଅଛି ବୋଲି ସେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଉପାଧ୍ୟକ୍ଷ ରାଜୀବ ମହାନ୍ତି ଯୋଗଦେଇ ଜୀବନକୁ ସରସ ସୁନ୍ଦର ଓ କର୍ମଠ କରିବାକୁ ହେଲେ ବହିହିଁ ସବୁଠାରୁ ଭଲ ସହଚର ବନ୍ଧୁ ହିସାବରେ ସହଯୋଗ ଦେଇଥାଏ ବୋଲି ପ୍ରକାଶ କରିଥିଲେ। ଅପରାହ୍ନ ଅଧିବେଶନରେ ଯାଜପୁର ଇନ୍‌ଟାକ୍ .ପ୍ଟର ତରଫରୁ ଅବସରପ୍ରାପ୍ତ ଅଧ୍ୟକ୍ଷ ବଳରାମ ମହାନ୍ତି, ପ୍ରାକ୍ତନ ଅଧ୍ୟକ୍ଷ ବିନୋଦ ଚନ୍ଦ୍ର ନାୟକ, ପ୍ରଫେସର ଉଦୟ ନାରାୟଣ ପରିଡ଼ା, ପ୍ରାକ୍ତନ ଅଧ୍ୟକ୍ଷ ଅନିଲ୍ କୁମାର ମହାନ୍ତି, ଆବସର ପ୍ରାପ୍ତ ଅଧ୍ୟକ୍ଷ ଅଶୋକ କୁମାର ଦାଶ, ପ୍ରାକ୍ତନ ଅଧ୍ୟକ୍ଷ ଡ. କ୍ଷୀରୋଦ ଚନ୍ଦ୍ର ବେହେରା, ଡ. ଦାମୋଦର ବେହେରା, ପ୍ର. ପ୍ରସନ୍ନ କୁମାର ରାଉତ, ଡ. ଦୁଷ୍ମନ୍ତ ନାୟକ, ଅଧ୍ୟକ୍ଷ ମହେଶ୍ୱର ପାଢ଼ୀ ପ୍ରମୁଖ ଐତିହ୍ୟ ସଂସ୍କୃତି ଓ ପରଂପରାରେ ଯାଜପୁର ଶୀର୍ଷକ ଆଲୋଚନା ଚକ୍ରରେ ଆଲୋଚନା କରିଥିଲେ। ଡିଏବି ଡ୍ୟାନ୍ସ ଗ୍ରୁପ ତରଫରୁ ଶ୍ରୀୟା ରାଣୀ ପାଢ଼ୀ ସ୍ୱାଗତ ନୃତ୍ୟ କରିଥିଲେ। ବଲାଙ୍ଗୀର ଢ଼ୋଲ ମହୁରୀ ବାଦ୍ୟ ତରଫରୁ ନୀଳାଞ୍ଜଳ ନନ୍ଦଙ୍କର ନେତୃତ୍ୱରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଭୁବନେଶ୍ୱରର କଳାକାର ସଂସ୍ଥା ତରଫରୁ ବାଦ୍ୟ ବିଚିତ୍ରା ପରିବେଷଣ କରିଥିଲେ। ଗଣ ମାଧ୍ୟମର ସଂଯୋଜକ ଆଦିତ୍ୟ ନାରାୟଣ ମହାନ୍ତି ସମସ୍ତ କାର୍ଯ୍ୟକ୍ରମ ପରି.ଳନା କରିଥିଲେ। ସନ୍ତୋଷ କୁମାର ମିଶ୍ର, ଅଧିକାରୀ ନବକିଶୋର ଦାସ, ଡକ୍ଟର ହରିଶ୍ଚନ୍ଦ୍ର ପଣ୍ଡା, ଦୁର୍ଯ୍ୟୋଧନ ବେହେରା, ସଂଗ୍ରାମ ସାହାଣୀ, ସଂଗ୍ରାମ ଜେନା ପ୍ରମୁଖ ସହଯୋଗ କରିଥିଲେ। ଉପସଭାପତି ବିଭୂତି ଭୂଷଣ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପ୍ରଫେସର ବଟକୃଷ୍ଣ ମହାପାତ୍ର, ଅଧ୍ୟାପକ କୁଳମଣି ଜେନା, ଶିକ୍ଷାବିତ୍ ରଣଜିତ କର ପ୍ରମୁଖ ବହି ମଣିଷର ଜୀବନକୁ ଅନ୍ଧକାରର ଅତଳ ଗର୍ଭରୁ ଆଲୋକର ଉଜ୍ୱଳ ବର୍ତ୍ତିକା ଆଡକୁ ନେଇ ସମାଜରେ ପ୍ରତିଷ୍ଠିତ କରିଥାଏ ବୋଲି ପ୍ରକାଶ କରିଥିଲେ।

## ନାବାଳିକା ଗର୍ଭବତୀ ମାମଲା

# ଏତଲା କଲେନି ସିଡିପିଓ; ଅଭିଯୁକ୍ତ ଫେରାର



ଦଶରଥପୁର,୨୪।୧୨(ସମିସ): ଦଶରଥପୁର ବ୍ଲକ ଖଣ୍ଡରା ପଞ୍ଚାୟତ ସୁଧଗୋବିନ୍ଦା ଗ୍ରାମର ଅଙ୍ଗନବାଡି କେନ୍ଦ୍ରକୁ ମମତା ଯୋଜନାରେ ନାମ ପଞ୍ଜୀକରଣ କରିବାକୁ ଯାଇଥିବା ଜଣେ ନାବାଳିକା ଗର୍ଭବତୀ ହୋଇଥିବା ଘଟଣା ପ୍ରଘଟ ହୋଇଥିଲା। ସ୍ଥାନୀୟ ଅଙ୍ଗନବାଡି କର୍ମୀ ଦମୟନ୍ତୀ ରଥ ଘଟଣା ବିଷୟରେ ବିଭାଗୀୟ ଅଧିକାରିଣୀ ଦଶରଥପୁର ସିଡିପିଓ ଶାନ୍ତିଲତା ସେଠୀଙ୍କୁ ଅବଗତ କରିଥିଲେ ମଧ୍ୟ ସିଡିପିଓ ଏଥିପ୍ରତି କୌଣସି ପଦକ୍ଷେପ ନେଇନଥିଲେ। ପରଦିନ ସ୍ଥାନୀୟ ଅଞ୍ଚଳର ଜଣେ ଯୁବ ସମାଜସେବୀଙ୍କ ଠାରୁ ସୂଚନା ପାଇ ଜିଲ୍ଲା ଚାଇଲ୍ଡ ଲାଇନ କାର୍ଯ୍ୟକର୍ତ୍ତା ସୁଧଗୋବିନ୍ଦା ଗ୍ରାମରୁ ସମ୍ପୃକ୍ତ ଗର୍ଭବତୀ ନାବାଳିକାକୁ ଉଦ୍ଧାର କରି ଜିଲ୍ଲାରେ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଅସ୍ଥାୟୀ ରହଣି କେନ୍ଦ୍ରରେ ଥଇଥାନ କରିବା ସହିତ ଘଟଣାରେ ସମ୍ପୃକ୍ତ ଯୁବକ ଏସ୍‌କେ ମୁସ୍ତାକଙ୍କ ବିରୁଦ୍ଧରେ ପୁଲିସ ନିକଟରେ ଏତଲା କରିବାକୁ ଦଶରଥପୁର ସିଡିପିଓ ଶାନ୍ତିଲତା ସେଠୀଙ୍କୁ ପରାମର୍ଶ ଦେଇଥିଲେ ହେଁ ସିଡିପିଓ ତାହା କରିନଥିଲେ। ଯାହାର ସୁଯୋଗରେ ଅଭିଯୁକ୍ତ ଯୁବକ ଏସ୍‌କେ ମୁସ୍ତାକ ଘଟଣା ପ୍ରଘଟ ହେବାପରେ ବିଦେଶକୁ ଚାଲିଯାଇଥିବା ସ୍ଥାନୀୟ ଅଞ୍ଚଳରୁ ଖବର ପାଇ ଅନ୍ତରାଷ୍ଟ୍ରୀୟ ବିଶ୍ୱହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ଘଟଣାକୁ ଗମ୍ଭୀରତାର ସହ ନେଇଥିଲା। ସଂଗଠନ ପକ୍ଷରୁ ଅରବିନ୍ଦ ଦାସ, ମୃତ୍ୟୁଞ୍ଜୟ ପଟ୍ଟନାୟକ, ଦେବୀ ପ୍ରସାଦ ପାଣି, ଗୌତମ ପ୍ରସାଦ ସାହୁ, ପ୍ରଭାତ କୁମାର ମଲ୍ଲିକ, ଅମୀୟ କୁମାର ମହାନ୍ତି, ଅନିଲ କୁମାର ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଆଜି ପୂର୍ବାହ୍ନ ୧୧ଟାରେ ଦଶରଥପୁର ସିଡିପିଓ ଶାନ୍ତିଲତା ସେଠୀଙ୍କୁ ତାଙ୍କ କାର୍ଯ୍ୟାଳୟ ଭେଟି ମାମଲାରେ ଅଭିଯୁକ୍ତ ଯୁବକକୁ ସିଡିପିଓ ସୁରକ୍ଷା ଦେଉଥିବା ଅଭିଯୋଗ ଆଣିଥିଲେ। ଏତିକ କଥାରେ ସିଡିପିଓ ଶ୍ରୀମତୀ ସେଠୀ ନିଜ ହିତାହିତ ଜ୍ଞାନ ହରାଇ ତୁମେ ମାନେ କିଏ, ମୋର ଯାହା ଇଚ୍ଛା ମୁଁ କରିବି। ତୁମେ କ'ଣ ମୋ ଅଥରିଟି। ତୁମେ କହିଦେଲେ କ'ଣ ମୁଁ ପୁଲିସ ନିକଟରେ ଅଭିଯୋଗ କରିବି। ଏଠୁ ଜଲଦି ପଳାଅ। ନଚେତ ପୁଲିସକୁ ଡାକି ଜେଲ ପଠାଇଦେବି, କହିବା ସହ ପ୍ରତିନିଧି ମଣ୍ଡଳୀର ୨ଜଣ ସଦସ୍ୟଙ୍କୁ ଗୋଡ଼ରେ ଠେଲି ଦେଇଥିବା ଅଭିଯୋଗ କରିଥିଲେ। ଯାହାକୁ ନେଇ କାର୍ଯ୍ୟାଳୟ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ବହୁ ସଂଖ୍ୟାରେ କାର୍ଯ୍ୟକର୍ତ୍ତା ସିଡିପିଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ବିଭିନ୍ନ ନାରାବାଜି ଦେବାସହ ହୋ-ହାଲ୍ଲା କରିଥିଲେ। ଖବର ପାଇ ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ ମଧ୍ୟ ସଂଗଠନର କାର୍ଯ୍ୟକର୍ତ୍ତା ସିଡିପିଓ କ୍ଷମା ମାଗନ୍ତୁ ନଚେତ ତାଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଆନ୍ଦୋଳନକାରୀ ଅଡ଼ି ବସିଥିଲେ। ଫଳରେ ଦୀର୍ଘ ୪ଘଣ୍ଟାରୁ ଅଧିକ ସମୟ କାର୍ଯ୍ୟାଳୟ ପରିସର ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଥିଲା। ଘଟଣା ସମ୍ପର୍କରେ ସୂଚନା ପାଇ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକଙ୍କ ବିଡ଼ିଓଙ୍କ ସହ ଆଲୋଚନା କରିବା ପରେ ବିଡିଓ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ନାବାଳିକା ଗର୍ଭବତୀ ଘଟଣାରେ ଅଭିଯୁକ୍ତ ଯୁବକ ବିରୋଧରେ ଆଜି ଏତଲା କରାଯାଇଛି ବୋଲି କହି ଏତଲା ସମ୍ପର୍କିତ କପି ପ୍ରଦାନ କରିଥିଲେ। ତଥାପି ଧାରଣାକାରୀଙ୍କ ଗୋଟିଏ ଜିଦ ସିଡିପିଓ କ୍ଷମା ମାଗନ୍ତୁ ନ ହେଲେ ପୁଲିସ ତାଙ୍କ ବିରୁଦ୍ଧରେ ମାମଲା ରୁଜୁ କରୁ। ପରିସ୍ଥିତି ଭିନ୍ନ ମୋଡ଼ ନେଉଥିବା ଦେଖି ସିଡିପିଓ ଶାନ୍ତିଲତା ସେଠୀ ଧାରଣାକାରୀ ସଂଗଠନର କାର୍ଯ୍ୟକର୍ତ୍ତାଙ୍କ ନିକଟକୁ ଆସି କ୍ଷମାପ୍ରାଥାନା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

**ହିନ୍ଦୁ ସଂଗଠନ କାର୍ଯ୍ୟକର୍ତ୍ତାଙ୍କ ଧାରଣା**

# ଯୁଝପଦା ଉଚ୍ଚ ବିଦ୍ୟାଳୟରେ ସମ୍ମିଳନୀ

ଯଖପୁରା,୨୪।୧୨(ସମିସ): ଦାନଗଦି ବ୍ଲକ ଅନ୍ତର୍ଗତ ରାଛିପୁର ଯୁଝପଦା ଉଚ୍ଚ ବିଦ୍ୟାଳୟର ୧୯୯୧ ମସିହାର ଛାତ୍ରଛାତ୍ରୀଙ୍କୁ ନେଇ ଆକାସିଆ ବଣରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୪ ବର୍ଷ ପରେ ସାଙ୍ଗ ସାଥୀମାନଙ୍କୁ ନେଇ ଏହି ସମ୍ମିଳନୀରେ ସାଙ୍ଗସାଥୀମାନେ ପରସ୍ପରକୁ ପାଇ ଖୁସି ମନାଇବା ସହିତ ସ୍କୁଲର ପୁରୁଣା ସ୍ମୃତିକୁ ମନେ ପକାଇଥିଲେ। ଏହିସମ୍ମିଳନୀରେ ଅଭୟ କୁମାର ନାୟକ, ନିର୍ମଳ ଜେନା, ପ୍ରକାଶ କୁମାର ସାହୁ, ବାଇଧର ସାହୁ, ରାଜେଶ ନାୟକ, ଅକ୍ଷୟସାହୁ, ଭରତ ସାହୁ, ରମାକାନ୍ତ ପ୍ରଧାନ, ଶରତ ସାହୁ, ବିଜୟ କୁମାର ସାହୁ, ପ୍ରଭାକର ନାଥ, ନିରଞ୍ଜନ ମହାରଣା, ବୀରବର ମହାରଣା, ସୁରେଶ ସ୍ୱାଇଁ, ବଟକୃଷ୍ଣ ମଲିକ, କବିତା ବାରିକ, କଳ୍ପିଲତା ବିଶ୍ୱାଳ, ଜୟନ୍ତୀ ସାହୁ, ରୀନାରାଣୀ ସାହୁ, ସ୍ୱର୍ଣ୍ଣପ୍ରଭା ରାଉତ, ସୌଦାମିନି ସାମଲ, ଜାନକୀ ସାହୁ, ରିତାରାଣୀ ନାଥ, ଇନ୍ଦୁମତି ସାମଲ, ହିରଣ୍ମୟୀ ନାୟକ, ଅଞ୍ଜନା ମଲିକ, ରମାବତି ସାହୁ ଯୋଗଦେଇଥିଲେ। ନିର୍ମଳ ଜେନା, ଅଭୟ ଜେନା, ରାଜେଶ ନାୟକ, ରୀନାରାଣୀ ସାହୁଙ୍କୁ ବ୍ୟାଚ ତରଫରୁ ଧନ୍ୟବାଦ୍ ଦେଇଥିଲେ।

# ଛାତ୍ରଛାତ୍ରୀଙ୍କ ଗୁରୁପୂଜନ ଉତ୍ସବ



ମଙ୍ଗଳପୁର,୨୪।୧୨(ସମିସ): ଦଶରଥପୁର ବ୍ଲକ ଦୁଦୁରାଅନ୍ତା ପଞ୍ଚାୟତସ୍ତ ଗରିବବନ୍ଧୁ ଉଚ୍ଚବିଦ୍ୟାଳୟ ଓ ଅର୍ଦ୍ଧାଉଳିଆ ବାଳିକା ଉଚ୍ଚ ବିଦ୍ୟାଳୟ ୧୯୯୫ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ ଓ ବନ୍ଧୁମିଳନ ଉତ୍ସବ ମା' ଜାଡୁଆଙ୍କ ପୀଠରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗରିବବନ୍ଧୁ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗୋପବନ୍ଧୁ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗରିବବନ୍ଧୁ ଉଚ୍ଚ ବିଦ୍ୟାଳୟ, ଅର୍ଦ୍ଧାଉଳିଆ ନୋଡାଲ ଉପ୍ରା ବିଦ୍ୟାଳୟ, ଅର୍ଦ୍ଧାଉଳିଆ ବାଳିକା ଉଚ୍ଚ ବିଦ୍ୟାଳୟର ୨୫ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ପୁରାତନ ଛାତ୍ର ଭବାନୀ ଶଙ୍କର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସସ୍ମିତା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ରଞ୍ଜନ କୁମାର କୁଅଁର ମଞ୍ଚ ପରିଚାଳନା କରିଥିବାବେଳେ ୭୫ଜଣ ଛାତ୍ର ଛାତ୍ରୀ ଆଜିର କାର୍ଯ୍ୟକ୍ରମରେ ନିଜ ନିଜ ପରିବାର ସହିତ ଉପସ୍ଥିତ ହୋଇଥିଲେ। ଦିବଙ୍ଗତ ଶିକ୍ଷକ ନିରଞ୍ଜନ ବଳ, ସୁରେଶ ଚନ୍ଦ୍ର ତ୍ରିପାଠୀ, ଘନଶ୍ୟାମ ତ୍ରିପାଠୀଙ୍କ ଅମର ଆରାର ସଦଗତି ନିମନ୍ତେ ୧ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା କରିବାରେ ଦେବରାଜ ପରିଡା, ପଞ୍ଚାନନ ମେକାପ, ତ୍ରିଲୋଚନ ମେକାପ,ରଞ୍ଜିତ ମେକାପ, ପଦ୍ମଲୋଚନ ବିଶ୍ୱାଳ, ବ୍ରହ୍ମାନନ୍ଦ ପରିଡା, ପ୍ରେମାନନ୍ଦ ମେକାପ, ଖଗେଶ୍ୱର ମଲ୍ଲିକ, ନିଶିକାନ୍ତ କୁଅଁର, ମଳୟ କୁମାର ରାଉତ, ଅଜୟ ମହାଳିକ, ଦେବଦତ୍ତ ଶତପଥୀ, ସୁରଭି କୁସୁମ କୁଅଁର, ସ୍ମୃତିରେଖା ତ୍ରିପାଠୀ ପ୍ରମୁଖଙ୍କ ସମେତ ସମସ୍ତ ପୁରାତନ ଛାତ୍ର ଛାତ୍ରୀ ମାନେ ସହଯୋଗ କରିଥିଲେ।

# କାଠ ଖୋଦେଇ ହସ୍ତଶିଳ୍ପରେ ନିପୁଣ ପ୍ରଦ୍ୟୁମ୍ନ



ବାଲିଚନ୍ଦ୍ରପୁର,୨୪।୧୨(ସମିସ): ରାଜ୍ୟର ପ୍ରମୁଖ ଧର୍ମ, ସଂସ୍କୃତି ଓ ପର୍ଯ୍ୟଟନ କ୍ଷେତ୍ର, ହୀରକ ତ୍ରିଭୁଜ ବୌଦ୍ଧ ପୀଠ ଲଳିତଗିରି ଏକ ସ୍ୱତନ୍ତ୍ର ପରିଚୟ ପାଇପାରିଛି। ଏହି ଲଳିତଗିରି ପଞ୍ଚାୟତର ପ୍ରଦ୍ୟୁମ୍ନ ମହାରଣା (୬୪) ଦୀର୍ଘ ୪୦ ବର୍ଷ ଧରି କାଠ ଖୋଦେଇ ହସ୍ତଶିଳ୍ପରେ ନିଜକୁ ନିୟୋଜିତ କରିଛନ୍ତି। ସେ ବହୁ କାଠ ଖୋଦେଇ ଦେବାଦେବୀଙ୍କ ମୂର୍ତ୍ତି, ଭଗବାନ ଗୌତମ ବୁଦ୍ଧଙ୍କ ମୂର୍ତ୍ତି, ବିଭିନ୍ନ ମନ୍ଦିର ଆଦି କାରୁକାର୍ଯ୍ୟ ତିଆରି କରି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଓଡ଼ିଶା ସରକାରଙ୍କ ତରଫରୁ ୨୦୧୧ମସିହାରେ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପାଇଥିଲେ। ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ତରଫରୁ ୨୦୧୦ମସିହାରେ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଏବଂ ବିଭିନ୍ନ ଅନୁଷ୍ଠାନ ତରଫରୁ କାଠ ଖୋଦେଇ ହସ୍ତଶିଳ୍ପ ପାଇଁ ସମ୍ବର୍ଦ୍ଧିତ କରାଯାଇଅଛି। କାଠ ଖୋଦେଇ ହସ୍ତଶିଳ୍ପରେ ରାଷ୍ଟ୍ରୀୟ ପୁରସ୍କାର ପାଇଥିବା ଗୁରୁ ମଧୁସୂଦନ ଓଝାଙ୍କ ଠାରୁ ୧୯୮୫ ମସିହାରୁ ଶିକ୍ଷା ଗ୍ରହଣ କରି ବର୍ତ୍ତମାନ ପ୍ରଦ୍ୟୁମ୍ନ ହ୍ୟାଣ୍ଡିକ୍ରାଫ୍ଟସ ଲଳିତଗିରି ପଞ୍ଚାୟତରେ ନିର୍ମାଣ କରି ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି। କାଠ ଖୋଦେଇ ହସ୍ତଶିଳ୍ପକୁ ନିଜର ଜୀବନକୁ ଉତ୍ସର୍ଗିକୃତ କରିଥିବାରୁ ରାଷ୍ଟ୍ରୀୟ ପୁରସ୍କାର ପାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି।

# ଓମକାର ବିଦ୍ୟାମନ୍ଦିରରେ କ୍ରୀଡ଼ା ଉତ୍ସବ




ଧର୍ମଶାଳା,୨୪।୧୨(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଙ୍ଗାଧରପୁର ପଞ୍ଚାୟତ ନୂଆଗାଁ ଠାରେ ଓମକାର ବିଦ୍ୟା ମନ୍ଦିରରରେ ବାର୍ଷିକ କ୍ରୀଡ ପ୍ରତିଯୋଗିତା ଅଜି ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟର ନିର୍ଦ୍ଦେଶକ ଅସିତ କୁମାର ସାମଲଙ୍କ ତତ୍ୱବଧାନରେ ଏହି କ୍ରୀଡା ଉତ୍ସବରେ ମୁଖ୍ୟଅତିଥି ଭାବରେ ଜାରକା ବିଟ୍‌ହାଉସ ଅଧିକାରୀ ବିଜୟ କୁମାର ବେହେରା ଯୋଗଦେଇ ଫିତା କାଟି ଉଦଘାଟନ କରିଥିବା ବେଳେ, ମୁଖ୍ୟବକ୍ତା ଭାବେ ମଧୁପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ କୁଶଧର ପଣ୍ଡା ଯୋଗ ଦେଇଥିଲେ। ସ୍କୁଲର ଏହିକ୍ରୀଡା ପ୍ରତିଯେଗିତା ୩ ଦିନ ଧରି ଚଳିବ ବୋଲି ସ୍କୁଲ କର୍ତୃପକ୍ଷ ସୂଚନା ଦେଇଛନ୍ତି। ସ୍କୁଲର କନିଷ୍ଠ ନିର୍ଦ୍ଦେଶକ ଏ.ଆର ଅର୍ପିତ ରାଜଙ୍କ ସହଯୋଗରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଉଷରାଣୀ ଦାସ, ସହକାରୀ ଶିକ୍ଷୟତ୍ରୀ ସସ୍ମିତା ସାମଲ, ସସ୍ମିତା ଜେନା, ସସ୍ମିତା ନାୟକ, ସସ୍ମିତା ଦାସ, ମମତା ଦାସ, ଚିନ୍ମୟୀ ଜେନା ଓ ନମିତା ସ୍ୱାଇଁ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଛନ୍ତି। ଏହି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ଆସନ୍ତା ଜାନୁଆରୀ ୨୬ରେ ପୁରସ୍କାର ପ୍ରଦାନ କରାଯିବ ବୋଲି ବିଦ୍ୟାଳୟର ନିର୍ଦ୍ଦେଶକ ଶ୍ରୀ ସାମଲ ସୂଚନା ଦେଇଛନ୍ତି।

# ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

ଧର୍ମଶାଳା,୨୪।୧୨(ସମିସ): ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଶ୍ୟାମସୁନ୍ଦର ହାଇସ୍କୁଲର ୨୦୦୯ ମ୍ୟାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ଏକ ସମ୍ମିଳନୀ ବୌଦ୍ଧ କୀର୍ତ୍ତିରାଜି ସମ୍ପନ୍ନ ଲାଙ୍ଗୁଡି ପାହାଡ ପାଦଦେଶରେ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନରେ ୨୦୦୯ ବ୍ୟାଚର ପାଖାପାଖି ୫୦ଜଣ ପୁରାତନ ଛାତ୍ରଛାତ୍ରୀମାନେ ଯୋଗଦେଇ ସ୍କୁଲ ଜୀବନର ପୁରୁଣା ସ୍ମୃତିକୁ ମନେପାକାଇ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ। ଏହି ଅବସରରେ ସମସ୍ତେ ଲାଙ୍ଗୁଡି ପାହାଡରେ ଥିବା ବୌଦ୍ଧ କୀର୍ତ୍ତିରାଜିକୁ ଦେଖି ମୁଗ୍ଧ ହୋଥିଲେ।

# ମୋବାଇଲ୍ ଲୁଟରାଙ୍କ ଶିକାର ହେଲେ ସ୍ଥାନୀୟ ଯୁବକ

ବ୍ରହ୍ମବରଦା,୨୪ ।୧୨(ସମିସ): ବୁଧବାର ସନ୍ଧ୍ୟାରେ ଏହି ଥାନା ଥାନା ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତ ନୂଆକୂଳ ଗ୍ରାମର ସୁରେନ୍ଦ୍ର ସାହୁଙ୍କ ପୁଅ ଦୀନବନ୍ଧୁ ବଜାର ଉପରେ ମୋବାଇଲ ଲୁଟର ଶିକାର ହୋଇଛନ୍ତି। ଏ ନେଇ ଦୀନବନ୍ଧୁ ବ୍ରହ୍ମବରଦା ଥାନାରେ ଅଭିଯୋଗ କରିଛନ୍ତି। ଖବର ମତେ ଆଜି ସନ୍ଧ୍ୟାରେ ଦୀନବନ୍ଧୁ ବ୍ରହ୍ମବରଦା-ବନ୍ଧଢିଅ ମୁଖ୍ୟ ରାସ୍ତାର ତାରିଣୀ ଛକ ନିକଟରୁ ମହିମା ଛକ ଆଡକୁ ନିଜ ଘରକୁ ଚାଲି ଚାଲି ମୋବାଇଲରେ କଥା ହୋଇ ଯାଉଥିଲେ। ସେହି ସମୟରେ ତାଙ୍କ ପଛପଟୁ ଗୋଟିଏ କଳା ରଙ୍ଗର ବାଇକରେ ଦୁଇ ଜଣ ଦୁର୍ବୃତ୍ତ ହଠାତ ତାଙ୍କ ମୋବାଇଲଟିକୁ ଝାମ୍ପି ନେଇ ବନ୍ଧଢିଅ ଆଡ଼େ ଚମ୍ପଟ ମାରିଥିଲେ। ଦୀନବନ୍ଧୁ ଦୁର୍ବୃତ୍ତ ମାନଙ୍କ ପିଛା କରିଥିଲେବି ସେମାନଙ୍କ ଟେର ପାଇପାରି ନଥିଲେ। ବିଚ ବଜାର ଉପରୁ ଏପରି ଲୁଟ ବ୍ରହ୍ମବରଦା ପୁଲିସ ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରିଛି।

# ଯାଜପୁରରେ ପ୍ରଥମଥର ଅଟଳ କପ୍



ଯାଜପୁର ଟାଉନ,୨୪।୧୨(ସମିସ): ଯୁବ ସଶକ୍ତଷକରଣ, କ୍ରୀରା ପ୍ରୋତ୍ସାହନ ଓ ସାମାଜିକ ଏକତାକୁ ଲକ୍ଷ୍ୟ କରି 'ଆମ ଯାଜପୁର' ସାମାଜିକ ଅନୁଷ୍ଠାନ ପକ୍ଷରୁ ଯାଜପୁରରେ ପ୍ରଥମଥର ପାଇଁ ଆୟୋଜିତ ହୋଇଛି "ଅଟଳ ବିହାରୀ ବାଜପେୟୀ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ 'ଅଟଳ କପ୍-୨୦୨୫'। ଯାଜପୁର ସହରସ୍ଥିତ କୁସୁମା ସମ୍ମୁଖ କ୍ରିକେଟ ଷ୍ଟାଡିଅମରେ ଭବ୍ୟ ଭାବେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନୀ ସମାରୋହରେ ଗାନ୍ଧୀବାଦୀ ଚିନ୍ତକ ନିଶିଥ କୁମାର ଦାସ, ବର୍ଷିଆନ ସମାଜସେବୀ ପୀତବାସ ଦାସ, ସନ୍ଥ ସୁନୀଲ ମହାରାଜ, ରାଜ୍ୟ ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ଡା. ଐଶ୍ୱର୍ଯ୍ୟା ବିଶ୍ୱାଳ, ରାଜ୍ୟ ବିଜେପି ଯୁବ ମୋର୍ଚ୍ଚା ଉପସଭାପତି ସଂଗ୍ରାମ କେଶରୀ ପାତ୍ରଙ୍କ ସହ ଅନେକ ସମାଜସେବୀ, ଯୁବ, ଛାତ୍ରଛାତ୍ରୀ ଓ ମହିଳାମାନେ ଉପସ୍ଥିତ ଥିଲେ। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଯାଜପୁର ଜିଲ୍ଲାର ୮ଟି ଟିମ୍ ମଧ୍ୟରେ ରୋମାଞ୍ଚକର ମ୍ୟାଚ ଖେଳାଯାଇଥିଲା। ଆଗାମୀ ଦିନରେ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ କ୍ରୀଡ଼ା ସହିତ ସାମାଜିକ, ସାଂସ୍କୃତିକ ଓ ଯୁବମୁଖୀ କାର୍ଯ୍ୟକ୍ରମ ନିୟମିତ ଭାବେ ଆୟୋଜନ କରାଯିବ ବୋଲି 'ଆମ ଯାଜପୁର' ପକ୍ଷରୁ କୁହାଯାଇଛି।

# ଜଡ଼ା, ଜାଡ଼ିଙ୍କ ଡାକ ଶୁଣନ୍ତି ମା' ଜାଡୁଆ ନାହାକାଣୀ

କଁୟାଗୋଳା,୨୪।୧୨(ସମିସ):

ବିସ୍ତୀର୍ଣ୍ଣ ଜାଡୁଆ ଭେଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ଜାଡୁଆଣୁଣି। ପୂର୍ବ ଯାଜପୁର ଅଞ୍ଚଳରେ କେତୋଟି ଦେବୀ ପୀଠ ମଧ୍ୟରୁ ଏହା ଅନ୍ୟତମ। ଦଶରଥପୁର ବ୍ଲକ ଅନ୍ତର୍ଗତ ନିଜାମପୁର ପଞ୍ଚାୟତରେ ମା' ବିରାଜମାନ। ପ୍ରାୟ ଦେଢ଼ ଶହ ବର୍ଷ ପୂର୍ବେ ନଅଙ୍କ ଦୁର୍ଭିକ୍ଷର ପରେ ପରେ ବୈତରଣୀ ନଦୀର ଆଖୁଆପଦା ଠାରେ ବ୍ୟାରେଜ ନିର୍ମାଣ ପରେ ନଦୀର ଦକ୍ଷିଣ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ସମସ୍ତ ଶାଖା ନଦୀର ମୁହଁକୁ ବନ୍ଦ କରି କୂଳେ କୂଳେ ଯାଜପୁର ଠାରୁ ବ୍ରହ୍ମଚାରୀ ପାଟଣା ପର୍ଯ୍ୟନ୍ତ ବଡ ବନ୍ଧ ତିଆରି କରାଯାଇଥିଲା। ଫଳରେ ତଳ ମୁଣ୍ଡ କାଣୀନଦୀରେ ବର୍ଷର ସବୁ ସମୟରେ ପାଣି ଚାଲିଲା। ସେଇ ନଦୀର ବିଭିନ୍ନ ସ୍ଥାନରେ ବନ୍ଧ ବାନ୍ଧି କୈବର୍ତ୍ତମାନେ ଜାଲ ବସାଇ ମାଛ ଧରନ୍ତି। ଦୋହରା ପାଟଣାର କୈବର୍ତ୍ତ ମାନେ ଆଶ୍ୱିନ ମାସ ଶୁକ୍ଳ ପକ୍ଷ ଷଷ୍ଠୀ ତିଥିରେ ଜାଲ ଭିତରୁ କଅଁଳା ପିଲାର କାନ୍ଦ ଶୁଣିଲେ। ଜାଲରେ ସାମୁଦ୍ରିକ ଶିଶୁମାର ମାଛ ପଡ଼ିଛି ଭାବି ଶ୍ରୀଧର ମଲ୍ଲିକ ନାମକ ଜଣେ କୈବର୍ତ୍ତ ଜାଲ ଝାଡିବାରୁ କଳା ମୁଗୁନି ପଥରରେ ନିର୍ମିତ ଏକ ସୁନ୍ଦର ଦେବୀ ମୂର୍ତ୍ତୀ ପାଇଲେ। ଏହା ଦେବୀ ମୂର୍ତ୍ତି କହି ଏହାର ସ୍ଥାପନା କଲେ। ବିନା ମନ୍ତ୍ର ପାଠରେ ମୂର୍ତ୍ତି ଉପରେ ଫୁଲ ଚଢ଼ାଇ ବହଳ ସିନ୍ଦୁର ଲେପି ମାଛ ଭୋଗ ଲଗାଇବା ପରେ ଗାଁ ଲୋକେ ଖିଆପିଆ କରିଥାନ୍ତି।

ଜାଲରେ ଦେବୀଙ୍କ ଆବିର୍ଭାବ ହୋଇଥିବାରୁ ତାଙ୍କର ନାମ ମା' ଜାଲୁଆ ଓ ପରେ ଅପଭ୍ରଂଶ ହୋଇ ଜାଡୁଆ ହୋଇଛି ବୋଲି କେତେକଙ୍କ ମତ। ପରବର୍ତ୍ତୀ ସମୟରେ ଗ୍ରାମବାସୀଙ୍କ ଚାନ୍ଦା ଭେଦାରେ କାଠ ବାଉଁଶରେ ନିର୍ମିତ ଘରେ ମା'ଙ୍କ ଅବସ୍ଥାନ କଲେ। କିଛି ବର୍ଷ ପରେ ସେ ଘରଟି ପୋଡ଼ି ଯିବାରୁ ପ୍ରାୟ ୮୦ ବର୍ଷ ତଳେ ଏକ ମନ୍ଦିର ନିର୍ମିତ ହେଲା। ମନ୍ଦିର ଚାରିପଟେ ବରୁଣ, ଖଜୁରୀ, ନଡ଼ିଆ ଗଛ ଲଗାଗଲା। ମନ୍ଦିର ସନ୍ନିକଟରେ ଥିବା କିଛି ଜମି ଅନୁଷ୍ଠାନ ପକ୍ଷରୁ କିଣାଯାଇ ସେଠାରେ ଯାତ୍ରୀ ନିବାସ, ରୋଷେଇ ଘର ଓ ପାଲା ମଣ୍ଡପ ନିର୍ମିତ ହୋଇଛି। ବର୍ଷର ସବୁ ସମୟରେ ବିଭିନ୍ନ ପ୍ରକାର ଫଳମୂଳ ସହ ଗୋଦୁଗ୍ଧ ଜାତ ସାମଗ୍ରୀ ମା'ଙ୍କ ପାଖରେ ଭୋଗ ରୂପେ ଲାଗେ। ଚାଷୀମାନଙ୍କ ଖଳା କାମ ଶେଷ ହେବା ପରେ କ୍ଷୀରି, ଖେଚୁଡ଼ି ଭୋଗ ହୁଏ। ମୁଢ଼ି, ନଡ଼ିଆ ଓ କଞ୍ଚା ଲଙ୍କା ମା'ଙ୍କର ପ୍ରିୟ ଭୋଗ। ଏବେବି କୈବର୍ତ୍ତ ସମ୍ପ୍ରଦାୟର ଲୋକେ ମା'ଙ୍କ ପାଖରେ ମାଛ ଭୋଗ ଲଗାଉଛନ୍ତି। ପୂର୍ବେ ପଣା ସଂକ୍ରାନ୍ତି ଦିନ ପୀଠରେ ବୋଦା ଓ ଗଞ୍ଜା ବଳି ଦିଆଯାଉଥିଲା। ୩ ଜଣ ସ୍ଥାନୀୟ ପୂଜକ ମାସେ ଲେଖାଏଁ ପାଳି କରି ଠାକୁରାଣୀ ପୂଜା କାର୍ଯ୍ୟ କରନ୍ତି। ପ୍ରତିବର୍ଷ ପଣା ସଂକ୍ରାନ୍ତି ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ, କୀର୍ତ୍ତନ, ଯାତ୍ରା ହେଉଥିଲା। ପ୍ରଥମେ ତିନି ଦିନ ଓ ପରେ ପାଞ୍ଚ ଦିନପାଲା ଅନୁଷ୍ଠିତ ହେଉଛି। ମଧ୍ୟାହ୍ନରେ କ୍ଷୀରି, ଖେଚୁଡ଼ି ଭୋଗ ଅନୁଷ୍ଠାନ ତରଫରୁ ଦିଆଯାଏ। ଅପରାହ୍ନରେ ମା'ଙ୍କ ଦାସୀଙ୍କୁ କାଳିସୀ ଲାଗେ। କାଳିସୀଙ୍କୁ ଭକ୍ତ ମାଗିଥିବା ମାଗୁଣି ପୂରଣ ହୁଏ ବୋଲି ସମସ୍ତଙ୍କ ବିଶ୍ୱାସ। ରାତିରେ ନିଆଁ ପାଟୁଆ ହୁଏ। କାଳିସୀ ନିଆଁ ଖନ୍ଦାରେ ଚାଲିବା ପରେ ଅନ୍ୟମାନେ ଚାଲନ୍ତି। ତା ପରେ କାଳୀସି କଣ୍ଟାରେ ପୂର୍ଣ୍ଣ ଅଝଡା ଖଜୁରୀ ଗଛରେ ଚଢ଼ି ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଚକିତ କରିଦିଏ। ଠାକୁରାଣୀଙ୍କ ନୀତି କାନ୍ତି, ଓ ସମସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦନ ପାଇଁ ପୂଜା କମିଟି ଗଠିତ ହୋଇଛି।



୭ ଦଶନ୍ଧି ଧରି ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଆସୁଛି। ସୋଲପାଟ ଗାଁର ସ୍ୱର୍ଗତ ଅନାମ ଚରଣ ବିଶ୍ୱାଳ ପ୍ରାୟ ୩୦ ବର୍ଷ ମନ୍ଦିର ଦାୟିତ୍ୱ ନିର୍ବାହ କରିଥିଲେ। ପରେ ସ୍ୱର୍ଗତ ମୂରଲୀଧର ପାତ୍ରଙ୍କ ସହଯୋଗରେ ସବୁ କିଛି କରାଯାଉଥିଲା। ବ୍ୟକ୍ତିବିଶେଷଙ୍କ ଆର୍ଥିକ ସହାୟତା, ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ଅଞ୍ଚଳ ବାସୀଙ୍କ ସହଯୋଗରେ ଏବେ ଏ ସମସ୍ତ କାର୍ଯ୍ୟ ହେଉଛି। ସରକାରଙ୍କ ତରଫରୁ ପାନୀୟ ଜଳ ଓ ବିଦ୍ୟୁତ ଯୋଗାଣ ହୋଇଛି। ଯାତ୍ରୀ ନିବାସ ଓ ରୋଷେଇ ଘର ଥିବାରୁ ସେ ସ୍ଥାନଟି ବଣ ଭୋଜି ପାଇଁ ଉପଯୁକ୍ତ। ତେବେ ଏହି ପ୍ରସିଦ୍ଧ ଠାକୁରାଣୀ ପୀଠ ପ୍ରତି ସରକାର ଓ ପ୍ରଶାସନର ଶୁଭ ଦୃଷ୍ଟି ପଡ଼ିଲେ ଅନ୍ୟାନ୍ୟ ଆବଶ୍ୟକତା ପୂରଣ ହେବା ସହ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କୁ ପୀଠକୁ ଆଗମନ ପାଇଁ ଆକୃଷ୍ଟ କରନ୍ତା। ମା'ଙ୍କ ପୀଠକୁ ଭଦ୍ରକ, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲାରୁ ଭକ୍ତମାନେ ଆସନ୍ତି। ମା' ପୀଠରେ ପଣସଂକ୍ରାନ୍ତି ବଡ଼ ଆକାରେ ମେଳା ପଡ଼ି ଥାଏ। ସରକାରଙ୍କ ନଜର ପଡ଼ିଲେ ଏହି ପୀଠ ଉନତି ହୋଇପାରନ୍ତା ବୋଲି ସ୍ଥାନୀୟ ଅଞ୍ଚଳର ନିର୍ମଳ ଚନ୍ଦ୍ର ବେହୁରିଆ କହିଛନ୍ତି।



ଚାନ୍ଦବାଲି ଦିବ୍ୟାଙ୍ଗ ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା ପରେ ମ୍ରିୟମାଣ ପରିବାର

# ଚାନ୍ଦବାଲିରେ ପୁଣି ନାବାଳିକା ଅପହରଣ, ହତ୍ୟା ଉଦ୍ୟମ

ଭଦ୍ରକ,୨୪।୧୨(ସମିସ)

ପୁଣି ଭଦ୍ରକ ଜିଲ୍ଲା ଚାନ୍ଦବାଲିରେ ଚାଞ୍ଚଲ୍ୟ। ଚାନ୍ଦବାଲି ବାଲିଗାଁ ନାବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ୨୪ ଘଣ୍ଟା ନପୂରୁଣୁ ଆଉ ଜଣେ ନାବାଳିକାକୁ ଅପହରଣ ଓ ପରେ ନଦୀକୁ ଠେଲି ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ନାବାଳିକା ଆହତ ହୋଇ ପ୍ରଥମେ ଚାନ୍ଦବାଲି ଓ ପରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେରେ ଭର୍ତ୍ତି ହୋଇଛନ୍ତି। ଏଭଳି ଅଭିଯୋଗ ଆସିଛି ଚାନ୍ଦବାଲି ଥାନା ବାଣପୁର ଗ୍ରାମରୁ। ବାଣପୁର ଗ୍ରାମର ସତ୍ୟଭାମା ମହାଳିକଙ୍କ ଝିଅ ହଠାତ ଗତକାଲି ସନ୍ଧ୍ୟାରେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଅନେକ ଖୋଜାଖୋଜି କରି ନ ପାଇବାରୁ ଆଜି ସକାଳୁ ଚାନ୍ଦବାଲି



ଥାନାରେ ଅଭିଯୋଗ କରିଥିଲେ। ପରେ ଅପହରଣ କରିଥିବା ଯୁବକ ନାବାଳିକାଙ୍କ ମା'କୁ ଫୋନ କରି ଝିଅକୁ ନେଇଯିବା ପାଇଁ କହିଥିଲେ। ନିଖୋଜ ନାବାଳିକାଙ୍କ ମା' ପୁଲିସକୁ ଖବର ଦେଇଥିଲେ। ତେବେ ଆଜି ସନ୍ଧ୍ୟାରେ ବୈତରଣୀ ନଦୀରେ ଜଣେ କେହି ପଡ଼ିଯିବାର ଦେଖି ସ୍ଥାନୀୟ ଲୋକେ ଉଦ୍ଧାର କରିବା ସହ ପୁଲିସକୁ ଜିମା ଦେଇଥିଲେ। ନଦୀରୁ ଉଦ୍ଧାର ଯୁବତୀ ଜଣଙ୍କ ନିଖୋଜ ନାବାଳିକା ଜଣାପଡିବା ପରେ ପୁଲିସ ଆହତ ନାବାଳିକାକୁ ମେଡିକାଲରେ ଭର୍ତ୍ତି କରାଇଛି। ଅନ୍ୟପଟେ ନିଜ ଝିଅକୁ ସଂପୃକ୍ତ ଯୁବକ ଜଣଙ୍କ ନଦୀକୁ ଠେଲି ମାରିଦେବାକୁ ଉଦ୍ୟମ କରିଥିବା ଅଭିଯୋଗ କରିଛନ୍ତି ନାବାଳିକାଙ୍କ ମାଆ। ଘଟଣାରେ ସଂପୃକ୍ତ ଥିବା ରାହୁଲ ନାମକ ଯୁବକକୁ ପୁଲିସ ଅଟକ ରଖିଥିବା ଜଣାପଡ଼ିଛି।

## ଉଚ୍ଚପଦା ସ୍କୁଲରେ ସମ୍ବର୍ଦ୍ଧନା ସଭା



ଅସୁରାଳି,୨୪।୧୨(ସମିସ): ଧାମନଗର ବ୍ଲକ ଅନ୍ତର୍ଗତ କୋରୁଆ ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଉଛି କ୍ଷକୋରୁଆ କ୍ଲଷ୍ଟର ଯୁବ ସିଆର୍‌ସିସି ନୃସିଂହ ଚରଣ ସାହୁଙ୍କ ସଂଯୋଜନାରେ ଉଚ୍ଚପଦା ଉ ପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହେନ୍ଦ୍ର ପାତ୍ର ସଭାପତିତ୍ୱ କରିଥିଲେ। ବିଦାୟୀ ଶିକ୍ଷକ ମନୋଜ ପାଣିଗ୍ରାହୀ, ଦେବେନ୍ଦ୍ର ପଣ୍ଡା, ନିତାଇ ଗୌର ପଣ୍ଡା ଓ ଶିକ୍ଷୟିତ୍ରୀ ଶାନ୍ତିଲତା ସାହୁଙ୍କୁ ବିଦାୟୀ ସମ୍ବର୍ଦ୍ଧିତ କରାଯାଇ ଥିଲା ଓ ଧାମନଗର ଏବିଇଓ ସତ୍ୟ ସୁନ୍ଦର ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଦାୟୀ ଶିକ୍ଷକଙ୍କ ନିରୋଗ କାମନା କରିବା ସଙ୍ଗେ ସଙ୍ଗେ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏକ ସୁନ୍ଦର ବିଦ୍ୟାଳୟ ଗଠନ ପାଇଁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ସୌଦାମିନୀ ନାଥ ଧନ୍ୟବାଦ ଅର୍ପଣ କରିଥିଲେ। କୋରୁଆ କ୍ଲଷ୍ଟର୍‌ର ପ୍ରତି ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରି ସଭା କାର୍ଯ୍ୟକୁ ସଫଳତାର ଶୀର୍ଷରେ ପହଞ୍ଚାଇ ଥିଲେ।

## ଦୀର୍ଘଦିନ ପରେ ଏକାଠି ହେଲେ ପୁରୁଣା ବନ୍ଧୁ

ତିହିଡି,୨୪।୧୨(ସମିସ): ଦୀର୍ଘଦିନ ପରେ ଏକାଠି ହୋଇଥିଲେ ପୁରୁଣା ବନ୍ଧୁ। ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଡଃ ଚିତ୍ତରଞ୍ଜନ ଜେନାଙ୍କ ନେତୃତ୍ୱରେ ବୈଠକ ସହ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ପରିପେକ୍ଷୀରେ ଡଃ ସିଦ୍ଧାନ୍ତ ରାଉତ, ସଂଗ୍ରାମ ଦାସ, ସାମ୍ବାଦିକ ଯଯାତି କେଶରୀ ଦାଶ, ସମାଜସେବୀ ରାକେଶ ସାହୁ, ଅଭିଷେକ ପତି, ଅବିନାଶ ପତି, ଭବେଶ କୁମାର ପତି, ସୁଧୀର ମୋହନ୍ତି ପ୍ରମୁଖ ଯୋଗଦାନ କରିଥିଲେ। ଏଥିରେ ତିହିଡିର ସ୍ୱାସ୍ଥ୍ୟ ସମସ୍ୟା, ଗଣ ଶିକ୍ଷା, ସମାଜସେବା ଉପରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ କେମିତି ତିହିଡିର ସର୍ବାଙ୍ଗୀନ ଉନତି ସହିତ ତିହିଡିର ସ୍ୱାସ୍ଥ୍ୟ ସେବାରେ ଉନ୍ନତି ହୋଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା।

## ସାବରଙ୍ଗ ରାଜସ୍ୱ ସର୍କିଲରେ ଅତିରିକ୍ତ ଜିଲ୍ଲାପାଳଙ୍କ ପରିଦର୍ଶନ

ଭଦ୍ରକ,୨୪।୧୨(ସମିସ): ଆଜି ଭଦ୍ରକ ତହସିଲ ଅଧୀନ ସାବରଙ୍ଗ ରାଜସ୍ୱ ସର୍କିଲକୁ ଅଚାନକ ପରିଦର୍ଶନ କରିଛନ୍ତି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ। ଏହି ଅବସରରେ ସେ ଚିଟଫଣ୍ଡ କମ୍ପାନୀରେ ଟଙ୍କା ଜମା କରିଥିବା ଜମାକାରୀମାନଙ୍କ ସହ ସାକ୍ଷାତ୍ କରି ଆଲୋଚନା କରିଥିଲେ। ଏଥିସହ ସେମାନଙ୍କର ସମସ୍ୟା ଓ ଅଭିଯୋଗ ସମ୍ପର୍କରେ ଅବଗତ ହୋଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁଙ୍କ ସହ କଥାବାର୍ତ୍ତା ପରେ ଜମାକାରୀମାନେ ତାଙ୍କ ଚିଟଫଣ୍ଡରେ ଫସିଥିବା ଅର୍ଥ ଫେରି ପାଇବେ ବୋଲି ଆଶା କରିଛନ୍ତି। ଏହା ସହ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ ସାବରଙ୍ଗ ଆର୍‌ଆଇଙ୍କୁ ସାଧାରଣ ଜମାକାରୀମାନଙ୍କୁ ସମସ୍ତ ପ୍ରକାର ସହଯୋଗ ଓ ସେବା ତୁରନ୍ତ ଯୋଗାଇ ଦେବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ।



## ଚମ୍ପୁଆ ଥାନାରେ ନୂଆ ଆଇଆଇସି ସ୍ୱରୁପ ରଂଜନ

ଚମ୍ପୁଆ,୨୪।୧୨(ସମିସ): ଉପାନ୍ତ ଚମ୍ପୁଆ ଥାନାର ଆଇଆଇସି ଭାବେ ଯୋଗ ଦେଇଛନ୍ତି ସ୍ୱରୁପ ରଂଜନ ନାୟକ। ପୂର୍ବରୁ ଥାନାଧିକାରୀ ରମାକାନ୍ତ ମୁଦୁଲିଙ୍କୁ ଯାଜପୁର ଜିଲ୍ଲାକୁ ବଦଳି ପରେ ଖାଲି ପଡିଥିବା ଏହି ସ୍ଥାନରେ ବାରିଆ ଥାନାଧିକାରୀଙ୍କୁ ଭାରପ୍ରାପ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଜି ଆନୁଷ୍ଠାନିକ ଭାବେ ଶ୍ରୀ ନାୟକ କାର୍ଯ୍ୟଭାର ଗ୍ରହଣ କରିବା ସହିତ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କ ସହ



ସୈଜନ୍ୟ ମୂଳକ ଆଲୋଚନା କରିଛନ୍ତି। ଚମ୍ପୁଆ ପଡ଼ୋଶୀ ଝାଡଖଣ୍ଡ ରାଜ୍ୟ ଓ ମୟୂରଭଂଜ ଜିଲ୍ଲାର ବିଭିନ୍ନ ପ୍ରବେଶ ପଥ ରହିଛି। ଆଇନଶୃଙ୍ଖଳା ଦୃଷ୍ଟିରୁ ଚମ୍ପୁଆ ଏକ ପ୍ରମୁଖ ଥାନା। ଦୈନନ୍ଦିନ ସଡ଼କ ଦୁର୍ଘଟଣା ଏ ଅଞ୍ଚଳ ପାଇଁ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ପୁଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା, ଅସାମାଜିକ କାର୍ଯ୍ୟକଳାପକୁ ରୋକ ଲଗାଇବା ଏବଂ ବୃଦ୍ଧି ପାଉଥିବା ସଡକ ଦୁର୍ଘଟଣାକୁ ପ୍ରସମିତ କରିବା ପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ଶ୍ରୀ ନାୟକ ସୂଚନା ଦେବା ସହିତ ପୋଲିସ ଲୋକଙ୍କ ବନ୍ଧୁ ଭାବେ ରହି କାର୍ଯ୍ୟ କରିବ ବୋଲି କହିଛନ୍ତି। ଶ୍ରୀ ନାୟକ ପୂର୍ବରୁ ଚମ୍ପୁଆ ସବଇନସପେକ୍ଟର, କେନ୍ଦୁଝର ସଦର, ବିଲେଇପଦା, ବାମେବାରୀ, ସ୍ପେସାଲ ସ୍କ୍ୱାଡ କାଞ୍ଜିପାଣି ଥାନାରେ କାର୍ଯ୍ୟ କରି ଆସିଛନ୍ତି।

## ଆନ୍ତରାଜ୍ୟ ଫୁଟ୍‌ବଲ: ଢେଙ୍କାନାଳ ଓ ଜଟଣୀ ସେମିରେ

ଆନନ୍ଦପୁର, ୨୪।୧୨ (ସମିସ): ଆନନ୍ଦପୁର ବ୍ଲକ ତରତରାଠାରେ ୨୬ତମ ମା' ତାରିଣୀ ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଲିଗ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଏହି ମ୍ୟାଚ୍‌ରେ ସିଦ୍ଧୁଲି ଏଫସି ଆସାନସୋଲକୁ ପେନାଲ୍‌ଟି କିକ୍ ମାଧ୍ୟମରେ ଜଟଣୀର ଫ୍ରେଣ୍ଡ୍ସ ପାରାଡ଼ାଇଜ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି। ଜଟଣୀ ଦଳ ୭-୬ ଗୋଲ ବ୍ୟବଧାନରେ ଆସାନସୋଲଠାରୁ ବିଜୟ ହାସଲ କରିଥିଲା।

ଉଦଘାଟନୀ ଉତ୍ସବରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ମୁଖ୍ୟଅତିଥି, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ



ମ୍ୟାଚ ପପୁଲାର କ୍ଲବ୍, ଢେଙ୍କାନାଳ ଓ ମା' କାମାକ୍ଷା ସ୍ପୋର୍ଟସ୍ କ୍ଲବ୍ ବକ୍ସାର ମଧ୍ୟରେ ଖେଳା ଯାଇଥିଲା। ଢେଙ୍କାନାଳ ଦଳ ୨-୦ ଗୋଲ୍‌ରେ ବକ୍ସାରକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ରେଫରି ପ୍ରସନ୍ନ ନାୟକ, ରାମଚନ୍ଦ୍ର ବେଶ୍ରା, ଲକ୍ଷ୍ମଣ ସୋରେନ, ମାନସ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ। ସୁବ୍ରତ ସାମଲ, ବସନ୍ତ ଜେନା, ସୁଶାନ୍ତ ସାମଲ, ଜିତେନ୍ଦ୍ର ସାମଲ, ପ୍ରିୟବ୍ରତ ନାଇକ, ସତ୍ୟବ୍ରତ ନାଇକ, ସୁଶୀଲ ସାମଲ, ଜଗନ୍ନାଥ ସାମଲ, ରାକେଶ ସାମଲ, ସୁରେନ୍ଦ୍ର ନାଇକ, ସୁବ୍ରତ ନାଇକ, ଦୀପ୍ତିରଞ୍ଜନ ବାରିକ, ରବୀନ୍ଦ୍ର ଧଳ ରଞ୍ଜିତ ପାତ୍ର, ସୁଶାନ୍ତ ନାଇକ, ଆକାଶ ନାଇକ, ସୁଶାନ୍ତ ଜେନା, ସତ୍ୟସ୍ୱରୂପ ସାମଲ, ସନ୍ତୋଷ ଧଳ, ଜଗନ୍ନାଥ ବେହେରା, ମନ୍ଦରଧର ଜେନା, ଅଜିତ ଜେନା ସହଯୋଗ କରିଥିଲେ।

## ସର୍ବଭାରତୀୟ ପ୍ରତିଯୋଗିତାରେ ଅଭିଲିପ୍ସାଙ୍କ କୃତିତ୍ୱ

ଆନନ୍ଦପୁର,୨୪।୧୨ (ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ କଳାଉତ୍ସବରେ ଶାସ୍ତ୍ରୀୟ ସଂଗୀତ ପରିବେଷଣ କରି ରାଜ୍ୟରେ ପ୍ରଥମସ୍ଥାନ ଅଧିକାର କରିଥିବା ସୁଶ୍ରୀ ଅଭିଲିପ୍ସା ତ୍ରିପାଠୀ ସର୍ବଭାରତୀୟ ସ୍ତରରେ ତୃତୀୟ ସ୍ଥାନ ହାସଲ କରିଛନ୍ତି।

ଘସିପୁରା ବ୍ଲକ ମଚ୍ଛାଲୋ ପଞ୍ଚାୟତ ଅନ୍ତର୍ଗତ ରୁଦ୍ରନାରାରାୟଣପୁର ଶାସନ ନିବାସୀ ବିଜୟ ତ୍ରିପାଠୀ, ସୁଭଦ୍ରା ତ୍ରିପାଠୀଙ୍କ ଝିଅ ତଥା ସାଇଁକୁଳ ପତିତପାବନ ମହାବିଦ୍ୟାଳୟର ଛାତ୍ରୀ ଅଭିଲିପ୍ସା ନୂଆଦିଲ୍ଲୀଠାରେ ଆୟୋଜିତ ସର୍ବଭାରତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ସହଯୋଗରେ ସେ ଉକ୍ତ ପ୍ରତିଯୋଗିତାରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିଥିଲେ। ସମଗ୍ର ଭାରତବର୍ଷର ବିଭିନ୍ନ ରାଜ୍ୟରୁ ପ୍ରାୟ ୨ ଶ ପ୍ରତିଯୋଗୀଙ୍କ ମଧ୍ୟରେ ତୃତୀୟ ସ୍ଥାନ ଅଧିକାର କରି ଓଡ଼ିଶାର ସୁନାମ ରଖିଥିବାରୁ ବିଭିନ୍ନ ମହଲରେ ପ୍ରଶଂସିତ ହୋଇପାରିଛନ୍ତି। ତାଙ୍କର ଏହି ହିନ୍ଦୁସ୍ତାନ ସଂଗୀତ ଶିକ୍ଷାରେ ଗୁରୁ ହରିହର ଜେନା ଓ ତବଲା ଗୁରୁ ଶୁଭାଶିଷ ଶତପଥୀ ସହଯୋଗ କରିଥିଲେ।

## ଜିଲ୍ଲାରେ ପାଞ୍ଚ ନୂଆ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟିତ

କେନ୍ଦୁଝର, ୨୪।୧୨(ସମିସ): କେନ୍ଦୁଝର ଜିଲ୍ଲାରେ ପାଞ୍ଚଟି ନବନିର୍ମିତ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମହିଳା ଏବଂ ଶିଶୁ ବିକାଶ ବିଭାଗର ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଭାସି ମାଧ୍ୟମରେ ଏହି ପାଞ୍ଚଟି କେନ୍ଦ୍ରର ଉଦଘାଟନ କରିଛନ୍ତି। ଏହାଦ୍ୱାରା ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ପୁଷ୍ଟି ସେବା ସୁଦୃଢ଼ ହେବ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମିତା ନାୟକ, ସୁଧା ଗୋସ୍ୱାମୀ, ସିଡିପିଓ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଘସିପୁରା ବ୍ଲକ ଅନ୍ତର୍ଗତ ଗୁହାଳଡିହି ଏବଂ ହାତୀସିଲା, ଚମ୍ପୁଆ ବ୍ଲକର ଜୟମଙ୍ଗଳପୁର ଏବଂ ବରପଦା ଏବଂ ବାଂଶପାଳ ବ୍ଲକର ମାମଲାପୋଷି-ଏ କେନ୍ଦ୍ରଗୁଡ଼ିକ ମା'ମାନଙ୍କ ପାଇଁ ପରିପୂରକ ପୁଷ୍ଟିସାର, ସ୍ୱାସ୍ଥ୍ୟ ତଦାରଖ ଏବଂ ପରାମର୍ଶ ସେବା ସହ ଶିଶୁଙ୍କ ପ୍ରାରମ୍ଭିକ ଶିକ୍ଷା ଓ ପୁଷ୍ଟିସାରଯୁକ୍ତ ଖାଦ୍ୟ ସୁବିଧା ପ୍ରଦାନ କରିବ। ଏହି ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ଦ୍ୱାରା ସମ୍ପୃକ୍ତ ଗ୍ରାମର ୨୨୧ ଜଣ ହିତାଧିକାରୀ ଶିଶୁ ଏବଂ ଗର୍ଭବତୀ ଏବଂ ସ୍ତନ୍ୟପାନକାରୀ ମହିଳା ଅତ୍ୟାବଶ୍ୟକ କଲ୍ୟାଣ ସେବାର ସୁବିଧା ପାଇପାରିବେ। ଜିଲ୍ଲାରେ ମୋଟ ଅଙ୍ଗନବାଡ଼ି କେନ୍ଦ୍ର (ନିଜସ୍ୱ ଗୃହ) ସଂଖ୍ୟା ୨୨୫୦ରେ ପହଞ୍ଚିଛି। ସୂଚନାଯୋଗ୍ୟ, ଜିଲ୍ଲାରେ ଏବେ ମୋଟ ୩୩୬୧ଟି ଅଙ୍ଗନବାଡ଼ି କେନ୍ଦ୍ର କାର୍ଯ୍ୟକ୍ଷମ ଅଛି।

## ଚାରିଦିନିଆ ସାମଗ୍ରିକ ଶିକ୍ଷା କର୍ମଶାଳା ସମ୍ପନ୍ନ

କେନ୍ଦୁଝର, ୨୪।୧୨(ସମିସ): ବିଦ୍ୟାଳୟ ଶିକ୍ଷାକ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ କେନ୍ଦୁଝର, ଡିଆଇଇଟି କେନ୍ଦୁଝର ଏବଂ ପିରାମଲ୍ ଫାଉଣ୍ଡେସନ୍‌ର ସହଯୋଗରେ ଚାରିଦିନିଆ ଦକ୍ଷତା ବିକାଶ କର୍ମଶାଳା ଡିଆଇଇଟି କନଫରେନ୍ସ ହଲ୍‌ରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୧୯ଟି ପିଏମ୍‌ଶ୍ରୀ (ପ୍ରଥମ ପର୍ଯ୍ୟାୟ) ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଆଧୁନିକ ପାଠ୍ୟକ୍ରମର ସାମାଜିକ, ଆବେଗିକ, ନୈତିକ ଶିକ୍ଷା ଏବଂ ଶାରୀରିକ ସାକ୍ଷରତା ଉପରେ ଧ୍ୟାନ ଦିଆଯାଇଥିଲା। କର୍ମଶାଳାକୁ ଏଡିଇଓ ଏକାଡେମିକ ଶ୍ରୀକାନ୍ତ ବେହେରା, ଏଡିଇଓ ସ୍କିମ୍ ରୁଦ୍ରନାରାୟଣ ସାମଲ ଏବଂ ଡିଆଇଇଟି ଅଧକ୍ଷା କଲ୍ୟାଣୀ ମାଝୀ ଉଦ୍‌ଘାଟନ କରିଥିଲେ। ସେମାନେ ଜିଲ୍ଲାରେ "ସକ୍ରିୟ ଏବଂ ସମ୍ବେଦନଶୀଳ ବିଦ୍ୟାଳୟ" ଗଠନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଜାତୀୟ ଶିକ୍ଷାନୀତି ଏବଂ ରାଜ୍ୟ ପାଠ୍ୟକ୍ରମ ଆଧାର ୨୦୨୫ ଅନୁଯାୟୀ ଶାରୀରିକ ସାକ୍ଷରତା ଉପରେ ଗୁରୁତ୍ୱ ଦିଆଯାଇଥିଲା। କେବଳ ପ୍ରତିଯୋଗିତାରେ ଜିତିବା ନୁହେଁ ବରଂ ଶାରୀରିକ ଗତିବିଧି ମାଧ୍ୟମରେ ଜୀବନ କୌଶଳ, ଦଳଗତ କାର୍ଯ୍ୟ ଏବଂ ଲିଙ୍ଗଗତ ସମ୍ବେଦନଶୀଳତା ବିକାଶ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ ଥିଲା ପିରାମଲ୍ ଫାଉଣ୍ଡେସନ୍ ପ୍ରସ୍ତୁତ ଶାରୀରିକ ସାକ୍ଷରତା କାର୍ଯ୍ୟପୁସ୍ତକର ଉନ୍ମୋଚନ। ଫାଉଣ୍ଡେସନ୍‌ର ଟିମ୍ ପ୍ରୋଗ୍ରାମ୍ ମ୍ୟାନେଜର କବିତା ମିଶ୍ର, ସିନିୟର୍ ପ୍ରୋଗ୍ରାମ୍ ଲିଡର ସସ୍ମିତା ରଥ, ପ୍ରୋଗ୍ରାମ୍ ଲିଡର ଅନନ୍ୟା ପଣ୍ଡା, ଗାନ୍ଧୀବାଦୀ ସୁମିତ୍ କୁମାର ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ସମସ୍ତ ଶିକ୍ଷକ ଆଗାମୀ ୩ ମାସ ପାଇଁ ନିଜ ନିଜର କାର୍ଯ୍ୟଖସଡ଼ା ଉପସ୍ଥାପନ କରିଥିଲେ। ଜିଲ୍ଲା ପ୍ରଶାସନ ଏବଂ ପିରାମଲ୍ ଫାଉଣ୍ଡେସନ୍‌ର ଏହି ମିଳିତ ପ୍ରୟାସ ଜୀବନ ଉଲ୍ଲାସ-ଜୀବନର ଆନନ୍ଦକୁ ପାଳନ କରିବା ଅଭିଯାନରେ ଏକ ନୂତନ ଅଧ୍ୟାୟ ଯୋଡ଼ିଛି।

■ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଉଦ୍ୟମ

## ମାନସ ପାତ୍ର ପାଇଲେ ମାନସିକ ବୌଦ୍ଧିକ ଅସମର୍ଥ ଭତ୍ତା

କେନ୍ଦୁଝର, ୨୪।୧୨(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣର ସଫଳ ଉଦ୍ୟମ ଫଳରେ ଜଣେ ମାନସିକ ବୌଦ୍ଧିକ ଅସମର୍ଥତା ଭତ୍ତା ପାଇବା ପାଇଁ ସମର୍ଥ ହୋଇ ପାରିଛନ୍ତି। ସଦର ବ୍ଲକ ବାଉରୀପଦା ପଞ୍ଚାୟତର ମୁକୁନା ଗ୍ରାମର ଗୀତାଞ୍ଜଳି ସାହୁ ଓ ଗୌରାଙ୍ଗ ସାହୁଙ୍କ ପୁତ୍ର ମାନସ ଜଣେ ମାନସିକ ଅନଗ୍ରସର ବୌଦ୍ଧିକ ପିଲା ଘରେ ନରହି ଏହି ୧୬ ବର୍ଷର ପିଲା ଏଣେତେଣେ ବୁଲୁଥିଲେ। କେନ୍ଦୁଝର ଲାବଣ୍ୟ ଛକରେ ଏକୁଟିଆ ବସିଥିବାବେଳେ ଆଇନସେବା ପ୍ରାଧିକରଣର ସଚିବ ଖବର ପାଇ ପାରା ଆଇନ ସ୍ୱେଚ୍ଛାସେବୀ ବନଲତା ଜେନାଙ୍କ ପାଖକୁ ପଠାଇଥିଲେ। ପିଏଲ୍ଭି ତୁରନ୍ତ ତାଙ୍କୁ ମୁଖ୍ୟ ଚିକିତ୍ସାଳୟରେ ମାନସିକ ୱାର୍ଡରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସୁଶାନ୍ତ କୁମାର ମାଝୀ



ତୁରନ୍ତ ତାର ଚିକିତ୍ସା ଜାରି ରଖିଥିଲେ। ତାଙ୍କୁ ଡିଏମ୍‌ଏଫ୍ ଆଶ୍ରୟରେ ୬ ମାସ ରହି ଚିକିତ୍ସା କଲା ପରେ ତାର ମାନସିକ ବୌଦ୍ଧିକତାରେ ସାମାନ୍ୟ ଉନ୍ନତି ଆସିଲା ଏବଂ ପରେ ପରେ ଆଇନ ସେବା ପ୍ରାଧିକରଣର ହସ୍ତକ୍ଷେପ ପରେ ମାନସିକ ବିକଳାଙ୍ଗ ସାର୍ଟିଫିକେଟ ପାଇଁ ପିଏଲ୍ଭି ବନଲତା ପାତ୍ର ତା'ର ବିଭିନ୍ନ କାଗଜପତ୍ର ଆଣି ଆବେଦନ କରି ୫୦% ର ଭିନ୍ନକ୍ଷମ ମାନସିକ ବିକଳାଙ୍ଗ ସାର୍ଟିଫିକେଟ କରାଇ ଭତ୍ତା ପାଇଁ ଆବେଦନ କରିଥିଲେ। ଜିଲ୍ଲା ପ୍ରଶାସନ ତା'ର ଆବେଦନ ମଞ୍ଜୁର କରି ୨ ମାସ ହେବ ଭତ୍ତା କରାଇଛନ୍ତି। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀଙ୍କୁ ଏ ବିଷୟରେ ଅବଗତ କରାଇଛନ୍ତି। ପ୍ରାଧିକରଣ ର ସଫଳ ହସ୍ତକ୍ଷେପ ଫଳରେ ଜଣେ ଭିନ୍ନକ୍ଷମ ଉପକୃତ ହୋଇ ପାରିଛନ୍ତି।

# ଆଗରପଡ଼ାରେ ଜବରଦଖଲ ଉଚ୍ଛେଦ ଆରମ୍ଭ

ବନ୍ତ/ଆଗରପଡ଼ା,୨୪।୧୨(ସମିସ)

ବିଭିନ୍ନ ଗଣମାଧ୍ୟମରେ ବନ୍ତ ବ୍ଲକ ବଡ଼ହାଟତ୍ରିଲୋଚନପୁର ପଞ୍ଚାୟତର ଉନ୍ନୟନ ମୂଳକ କାର୍ଯ୍ୟରେ ଜବରଦଖଲ ବାଧା ସୃଷ୍ଟି କରୁଥିବା ଖବର ବାରମ୍ବାର ପ୍ରକାଶ ପାଇବା ପରେ ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ ଜାରି କରାଯାଇଥିଲା। ହେଲେ ତାହା କାର୍ଯ୍ୟକାରୀ ହୋଇପାରୁନଥିବାରୁ ପ୍ରଶାସନର କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ ହୋଇ ଆସୁଥିଲା। ଶେଷରେ ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ପ୍ରଶାସନ ପକ୍ଷରୁ ବୁଧବାର ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ବନ୍ତ ବ୍ଲକ ଅତିରିକ୍ତ ତହସିଲଦାର ପ୍ରସନ୍ନ ମହାନ୍ତି ଓ ବନ୍ତ ଥାନାଧିକାରିଣୀ ମୋନାଲିସା କରଙ୍କ ଉପସ୍ଥିତରେ ଆରମ୍ଭ ହୋଇଛି। ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବା କ୍ଷଣି କିଛି ସମୟ ପର୍ଯ୍ୟନ୍ତ ଉତ୍ତେଜନା ପରିସ୍ଥିତି ଲାଗି ରହିଥିଲେ ମଧ୍ୟ ଶେଷରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ବନ୍ତ ବ୍ଲକ ବଡ଼ହାଟତ୍ରିଲୋଚନପୁର ପଂଚାୟତର ଉନ୍ନୟନ ମୂଳକ କାର୍ଯ୍ୟରେ ଜବରଦଖଲ ବାଧା ସୃଷ୍ଟି କରୁଥିବା ଖବର ପ୍ରକାଶ ପାଇବା ପରେ ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ ଜାରୀ କରାଯାଇଥିଲା କିନ୍ତୁ କାର୍ଯ୍ୟକାରୀ ହୋଇପାରୁ ନଥିଲା। ଶେଷରେ ବିଟିପୁର ସରପଂଚଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ସରପଞ୍ଚଙ୍କ ଅଭିଯୋଗ ପାଇବା ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ତହସିଲଦାର, ବନ୍ତଙ୍କୁ ଅଭିଯୋଗ ଉପରେ ତଦନ୍ତ କରି ରିପୋର୍ଟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।



ନିର୍ଦ୍ଦେଶ ପାଇବା ପରେ ତହସିଲଦାର,ବନ୍ତ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୪୯୫୧/୧୭.୧୦.୨୫ରେ ତାଙ୍କ ଉତ୍ତର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପ୍ରେରଣ କରିଥିବା ଜଣାପଡିଥିଲା। ପତ୍ରରେ ବିଟିପୁର ମୌଜା, ଖାତା ନଂ୨୭୦,ପ୍ଲଟ ନଂ୭୧୩,ଏ୦.୩୨ଡ଼ି.,କିସମ-ରାସ୍ତା ଯାହାକି ସରକାରୀ ନଥିପତ୍ରରେ 'ସର୍ବସାଧାରଣ'ଙ୍କ ନାମରେ ଉଦ୍ଦିଷ୍ଟ। ଉକ୍ତ ଜାଗାକୁ କିଛି ସ୍ଥାନୀୟ ଲୋକ ଜବରଦଖଲ କରି ରଖିଛନ୍ତି। ଉକ୍ତ ଜବରଦଖଲକାରୀଙ୍କୁ ଚିହ୍ନଟ କରାଯାଇ ତାଙ୍କ ଉପରେ ଜମି ଅନଧିକୃତ ଦଖଲ ମାମଲା ଦାୟର କରାଯିବା ସହ ଫର୍ମ 'କ' ଓ 'ଖ'ମଧ୍ୟ ପ୍ରେରଣ କରାଯାଇଛି। ତତ୍ ସହିତ ବିଟିପୁର ମୌଜା, ଖାତା ନଂ୨୭୧,ପ୍ଲଟ ନଂ୩୮୨,କିସମ-ଗୋଚରକୁ ଜନୈକ ମୁକୁନ୍ଦ ସାହୁ ନାମକ ବ୍ୟକ୍ତି ବେଆଇନ ଭାବେ ଜବରଦଖଲ କରି ତା ଉପରେ ଚାଳଛପର ଘର ନିର୍ମାଣ କରିଥିବାରୁ ତାଙ୍କ ଉପରେ ଏଲ.ଇ କେସ ଦାୟର କରାଯାଇଛି। ଏବଂ ବର୍ଷା ଋତୁ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ଉଲ୍ଲେଖ କରିଥିଲେ। ଏଠାରେ ପ୍ରକାଶ ଥାଉକି;୨୦୨୩-୨୪ରେ ବିଧାୟକଙ୍କ ଅନୁଦାନ ପାଣ୍ଠିରୁ ବିଟିପୁର ସୁଲଭ ଶୌଚାଳୟ ନିକଟରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ ନିମନ୍ତେ ୪ଲକ୍ଷ ଟଙ୍କା ମଂଜୁର ହୋଇଛି।

ତତ୍ ସହିତ ପଞ୍ଚାୟତ ସଂକଳ୍ପ ଥିମରୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ୫୦ହଜାର ଅର୍ଥ ରାଶି ମଧ୍ୟ ମଞ୍ଜୁର ହୋଇଅଛି। କିନ୍ତୁ ବିଟିପୁର ମୌଜାର ମୁଖ୍ୟ ପିଡ଼ବ୍ଲ୍ୟୁଡ଼ି ସଡ଼କକୁ ସଂଲଗ୍ନ କରୁଥିବା ବିଟିପୁର ମୌଜା,କିସମ-ଗ୍ରାମ୍ୟ ରାସ୍ତା ସରକାରଙ୍କ ସର୍ବସାଧାରଣ ଖାତା ନଂ୨୭୦,ପ୍ଲଟ ନଂ୭୧୩ରେ ନିର୍ମିତ ହେଉଥିବା ସୁଲଭ ଶୌଚାଳୟ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ରହିଅଛି। ସୁଲଭ ଶୌଚାଳୟ ସମ୍ମୁଖରେ ପିଡ଼ବ୍ଲ୍ୟୁଡ଼ି ସଡ଼କକୁ ସଂଲଗ୍ନ କରୁଥିବା ଅବଶିଷ୍ଟ ପରିତ୍ୟକ୍ତ ତଥା ଖାଲି ପଡ଼ିଥିବା ଉକ୍ତ ପ୍ଲଟର ପାଖାପାଖି ଏ୦.୩୨ଡ଼ି. ମଧ୍ୟରୁ ଏ ୦.୦୭ଡ଼ି. ଜମିରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କେନ୍ଦ୍ର ନିର୍ମାଣ ପାଇଁ ସ୍ଥିର ହୋଇଥିଲେ ସୁଦ୍ଧା ଉକ୍ତ ରାସ୍ତା ଜବରଦଖଲକାରୀଙ୍କ କବଜାରେ ଥିବାରୁ ( କିଛି ଉଠା ଦୋକାନୀ) ସୁଲଭ ଶୌଚାଳୟ ନିର୍ମାଣ ସଂପୂର୍ଣ୍ଣ ହୋଇପାରୁନାହିଁ। ସେହିପରି ସରକାରୀ ଅନୁଦାନରେ ଏଏନଏମ ସେଣ୍ଟର ଓ କନିଷ୍ଠଯନ୍ତ୍ରୀଙ୍କ କ୍ୱାର୍ଟର ଆଦି ନିର୍ମାଣ ହୋଇଥିଲେ ସୁଦ୍ଧା ଏହାର ସମ୍ମୁଖ ଭାଗ ମଧ୍ୟ ଜବରଦଖଲରେ ଅଛି। ସରକାରୀ ଜାଗାରୁ ଜବର ଦଖଲ ଉଚ୍ଛେଦ ପାଇଁ ପଞ୍ଚାୟତ ତରଫରୁ ବହୁବାର ତହସିଲଦାର,ବନ୍ତଙ୍କୁ ଅବଗତ କରାଯିବା ସହିତ ବିଧାୟକଙ୍କୁ ମଧ୍ୟ ଅବଗତ କରାଯାଇଥିଲା। ପରେ ବିଧାୟକ ପତ୍ର ସଂଖ୍ୟା ୩୫/୨୦୨୪,ତା୦୯.୦୮.୨୪ରେ ତହସିଲଦାର, ବନ୍ତଙ୍କୁ ପତ୍ର ମାଧ୍ୟମରେ ନିବେଦନ କରିଥିଲେ। ବ୍ଲକ ପ୍ରଶାସନ ପତ୍ର ସଂଖ୍ୟା ୩୦୭,ତା୩୦.୦୧.୨୦୨୫ରେ ତହସିଲଦାରଙ୍କୁ ଜାଗା ଚିହ୍ନଟ କରିବା ସହ ଜବରଦଖଲରେ ଥିବା ଜାଗାକୁ ଜବରଦଖଲ ମୁକ୍ତ କରିବା ପାଇଁ ଉଚିତ୍ ପଦକ୍ଷେପ ଗ୍ରହଣ କରିବା ପାଇଁ ନିବେଦନ କରିଥିଲେ। କିନ୍ତୁ ୨ମାସରୁ ଅଧିକ ସମୟ ବିତିଯିବା ପରେ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ପଂଚାୟତ ପକ୍ଷରୁ ଗତ ଏପ୍ରିଲ ମାସରେ ଜିଲ୍ଲାପାଳଙ୍କୁ ପୁନଃ ସାକ୍ଷାତ କରାଯାଇଥିଲା ଏବଂ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ ନିମନ୍ତେ ବାରମ୍ବାର ନୋଟିସ ଜାରି ହେଉଥିଲା। କିନ୍ତୁ ତାହା କାର୍ଯ୍ୟକାରୀ ହେଉନଥିଲା।

## କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା



ବନ୍ତ/ଆଗରପଡ଼ା,୨୪।୧୨(ସମିସ): ବନ୍ତ ବ୍ଲକ ଗୋପିନାଥପୁର ପଞ୍ଚାୟତ ଅନ୍ତର୍ଗତ ସାହୁପଡ଼ା ଠାରେ ଥିବା ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ଉକ୍ତ ମନ୍ଦିରର ୫ମ ଶ୍ରେଣୀ ଛାତ୍ର କୁମାର ବିଶାଲ ଦେବ ସରକାରୀ ବୃତ୍ତି ପରୀକ୍ଷାରେ ସଫଳତା ହାସଲ କରିଥିବାରୁ ତାଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ସଭାପତି ରତ୍ନାକର ନାୟକ ଦ୍ୱୀପ ପ୍ରଜ୍ୱଳନ କରି ଦୃଢ ମନୋବଳ ନେଇ ଆଗକୁ ଆଗେଇ ଚାଲିଲେ ଜୀବନରେ ସଫଳତା ହାସଲ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟ ମାୟାଧର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୁରୁମା ମମତା ରାଣୀ ମିଶ୍ର ସଭାର ଆଭିମୁଖ୍ୟ କଥନ କରିଥିଲେ। ଗୁରୁଜୀ ରମାକାନ୍ତ ମହୁରୀ, ପ୍ରଦୀପ ପାଣିଗ୍ରାହୀ, ଗୁରୁମା ମମତା ମହାନ୍ତି, ରଶ୍ମିତା ପାଣିଗ୍ରାହୀ, ରାଜଶ୍ରୀ ବେହେରା, ସୁମତୀ ସେଠୀ, ସ୍ୱର୍ଣ୍ଣଲତା ଦଳେଇ, ରୁନୁଲତା କଟୁଆଳ, ସୁଚିସ୍ମିତା ଆଇଚ, ଅପା ପଦ୍ମାବତୀ ବେହେରା ଓ ମାତୃଭାରତୀର ସଦସ୍ୟା ମାନେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଚଳନ୍ତା କାର୍‌ରେ...

ହୋଇଯାଇଥିଲେ । ଏହାର ସୁଯୋଗ ନେଇ ଦୁହେଁ ତାଙ୍କୁ ଦୁଷ୍କର୍ମ କରିଥିଲେ । ହୋସ ଆସିବା ପରେ ଯୁବତୀ ଜଣକ ଏହା ଜାଣି ପାରିଥିଲେ । ଡିସେମ୍ବର ୨୩ରେ ଯୁବତୀ ଏ ନେଇ ଅଭିଯୋଗ କରିଥିଲେ । ପୀଡିତା ଉଦୟପୁରରେ ରୁହନ୍ତି । ଏହି ମାମଲାର ଯାଞ୍ଚ ପାଇଁ ମହିଳା ଅପରାଧ ଶାଖାର ଏସ୍‌ପି ମାଧୁରୀ ବର୍ମାଙ୍କୁ ଦାୟିତ୍ୱ ଦିଆଯାଇଛି । ୩ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି । ପୀଡିତାଙ୍କ ମେଡିକାଲ ଟେଷ୍ଟ କରାଯାଇଛି ବୋଲି ଉଦୟପୁର ଏସ୍‌ପି ଯୋଗେଶ ଗୋଏଲ କହିଛନ୍ତି ।

### 'ପୁଣି ଦମ୍ ଦେଖାଇଲା...

ଓଜନ ୬୪୦ ଟନ ୬ଲକ୍ଷ ୪୦ ହଜାର କେଜି ଓଜନ ବିଶିଷ୍ଟ ଥିଲା । ଏହାକୁ ମଧ୍ୟ ଜିଓସିଙ୍କ୍ରୋନସ ଟ୍ରାନ୍ସଫର ଅର୍ବିଟ (ଜିଟିଓ)ରେ ସ୍ଥାପିତ କରିଥିଲା ।

ବ୍ଲୁବାର୍ଡ ବ୍ଲକ-୨ ପରବର୍ତ୍ତୀ ପିଢ଼ିର ଯୋଗାଯୋଗ ଉପଗ୍ରହ ବିବେଚିତ ହେଉଛି । ଏହି ଉପଗ୍ରହ ଦ୍ୱାରା ସାଧାରଣ ସ୍ମାର୍ଟଫୋନ୍‌ରେ ସିଧାସଳଖ ହାଇ-ସ୍ପିଡ୍ ସେଲ୍ୟୁଲାର ବ୍ରଡବ୍ୟାଣ୍ଡ ସଂଯୋଗ ଆଣିହେବ ଓ ଏଥିପାଇଁ ସ୍ୱତନ୍ତ୍ର ଡିଜାଇନ୍ ମଧ୍ୟ କରାଯାଇଛି । ସବୁଠାରୁ ବଡ଼ କଥା ହେଉଛି ପୃଥିବୀର ଯେକୌଣସି ସ୍ଥାନରୁ ଟାୱାର ମୁକ୍ତ ୪ଜି ଏବଂ ୫ଜି ଭଏସ୍ କଲ, ଭିଡିଓ କଲ୍, ମେସେଜିଂ, ଷ୍ଟ୍ରିମିଂ ଓ ଡାଟା ସେବା ପ୍ରଦାନ କରିହେବ । ଏହି ମିସନ ନ୍ୟୁସ୍ପେସ୍ ଇଣ୍ଡିଆ ଲିମିଟେଡ (ଏନ୍‌ଏସ୍‌ଆଇଏଲ୍) ଓ ଆମେରିକା ଭିତ୍ତିକ ଏଏସ୍‌ଟି ସ୍ପେସ୍ ମୋବାଇଲ ଟେକ୍ନୋଲୋଜ (ଏଏସ୍‌ଟି ଆଣ୍ଡ ସାଇନ୍ସ, ଏଲ୍‌ଏଲ୍‌ସି) ମଧ୍ୟରେ ଏକ ବାଣିଜ୍ୟିକ ଚୁକ୍ତିର ଅଂଶ ବଶେଷ । ନ୍ୟୁସ୍ପେସ ହେଉଛି ଇସ୍ରୋର ବାଣିଜ୍ୟିକ ଶାଖା । ଏଲ୍‌ଭିଏମ୍‌୩ର ଏହା ୯ମ ଉଡାଣ ବ୍ଲୁବାର୍ଡ ବ୍ଲକ-୨ ଉପଗ୍ରହ ପାଇଁ ଏହା ତୃତୀୟ ବାଣିଜ୍ୟିକ ମିସନ ।

ଇସ୍ରୋ ଅନୁଯାୟୀ ଏଲ୍‌ଭିଏମ୍‌୩ ୮ଟି ସଫଳ ପ୍ରକ୍ଷେପଣ ସମାପ୍ତ କରିଛି । ଏଥିରେ ଚନ୍ଦ୍ରଯାନ-୨ ଓ ଚନ୍ଦ୍ରଯାନ-୩ ଭଳି ପ୍ରମୁଖ ମିସନ ଅନ୍ତର୍ଭୁକ୍ତ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏହି ମିସନ ପାଇଁ ଇସ୍ରୋକୁ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ସେ ଲେଖିଛନ୍ତି ଯେ, ଏହା ଭାରତର ଅନ୍ତରିକ୍ଷ କ୍ଷେତ୍ରରେ ସବୁଠାରୁ ବଡ଼ ଉପଲବ୍ଧି । । ଭାରତର ମହାକାଶ ଯାତ୍ରାରେ ଏହା ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିଛି ବୋଲି ସେ ଉଲ୍ଲେଖ କରିଛନ୍ତି ।

### ଚାନ୍ଦବାଲି ଅଶାନ୍ତ...

ଅଭିଯୋଗ କରିଥିଲେ ସ୍ଥାନୀୟ ଲୋକେ । ଏସ୍‌ପିଙ୍କ ପ୍ରତିଶ୍ରୁତି ପରେ ବୁଧବାର ସକାଳେ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଛି । ୧୦ବର୍ଷୀୟା ଏହି ଛାତ୍ରୀଙ୍କ ବାପା ପ୍ରଶାନ୍ତ ମିଶ୍ରଙ୍କ ଅଭିଯୋଗ ପରେ ଏକ ମାମଲା ରୁଜୁ କରାଯାଇଛି । ତଦନ୍ତ ପରେ ମୁଖ୍ୟ ଅଭିଯୁକ୍ତ ବବୁଲ ଦାସ (୨୪)କୁ ପୁଲିସ ଜଗତସିଂହପୁରରୁ ଗିରଫ କରିଛି ।

ଏହି ଘଟଣାକୁ ନେଇ ଚାନ୍ଦବାଲିରେ ଆଜି ଗାଡ଼ି ଚଳାଚଳ ବନ୍ଦ ରହିଥିଲା । ଅନ୍ୟପକ୍ଷରେ ମୃତକଙ୍କୁ ନ୍ୟାୟ ଦାବିରେ ହାଟପଟି, ମଧୁବାବୁ ଛକ ଓ ବସ୍‌ଷ୍ଟାଣ୍ଡରେ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ସେହିଭଳି ଅଭିଯୁକ୍ତଙ୍କ ଘରେ ପଶି ଲୋକେ ବହୁ ସାମଗ୍ରୀ ଭାଙ୍ଗି ଦେଇଥିଲେ । ସମସ୍ତ ବ୍ୟାଙ୍କ ଓ ସରକାରୀ ଅଫିସ ବନ୍ଦ ରହିଥିଲା । ଖବର ପାଇ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ, ଅତିରିକ୍ତ ଏସ୍‌ପି ଅରୂପ ବେହେରା, ଏସ୍‌ଡିପି ଓ ତ୍ରିଲୋଚନ ସେଠୀଙ୍କ ସମେତ ୧୦ରୁ ଅଧିକ ଇନ୍ସପେକ୍ଟର ୪ ପ୍ଲାଟୁନ ଫୋର୍ସ ସହ ପହଞ୍ଚି ଘଟଣା ଉପରେ ନଜର ରଖିଥିଲେ । ଅଭିଯୁକ୍ତକୁ ଧରିବାକୁ ପୁଲିସ ପକ୍ଷରୁ ୪ଟି ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା । ଯାହାର ନେତୃତ୍ୱ ନିଜେ ଏସ୍‌ପି ନେଇଥିଲେ । ଘଟଣା ଘଟିଥିବା ଛକରେ ସରକାରୀ ଜମି ଜବରଦଖଲ କରି ଅଭିଯୁକ୍ତ ଦୋକାନ କରିଥିବାବେଳେ ସେଗୁଡ଼ିକୁ ପ୍ରଶାସନ ଜେସିବି ଲଗାଇ ଆଜି ଉଚ୍ଛେଦ କରିଛି । ବାଲେଶ୍ୱର ଡିଆଇଜି ପିନାକ ମିଶ୍ର ଓ ଏସ୍‌ପି ଘଟଣାସ୍ଥଳରେ ରହି ସ୍ଥିତି ଉପରେ ନଜର ରଖିଛନ୍ତି । ଅନ୍ୟପକ୍ଷରେ ଘଟଣାକୁ ବିଜେଡି ଓ କଂଗ୍ରେସ ତୀବ୍ର ନିନ୍ଦା କରିଥିବାବେଳେ କଂଗ୍ରେସ ପକ୍ଷରୁ ଆସନ୍ତାକାଲି ଚାନ୍ଦବାଲି ବନ୍ଦ ଡକରା ଦିଆଯାଇଛି ।

ଅନ୍ୟପକ୍ଷରେ ଗଣଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସ ଜାତୀୟ ମାନବାଧିକାର ଆୟୋଗ(ଏନଏଚ୍‌ଆରସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି । କମିଶନ ଏହି ଅଭିଯୋଗକୁ ଗ୍ରହଣ କରି ଏହାର ଡାଏରୀ ନମ୍ବର ୨୯୩୨୪/ ଆଇଏନ୍/୨୦୨୫ ପ୍ରଦାନ କରିଛନ୍ତି । ନିର୍ଦ୍ଧାରିତ ସମୟ ମଧ୍ୟରେ ଚାର୍ଜସିଟ୍ ଦାଖଲ କରି ଦ୍ରୁତ ଶୁଣାଣି ବ୍ୟବସ୍ଥା କରିବା ଓ ପୀଡ଼ିତାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ସେ ନିବେଦନ କରିଛନ୍ତି ।

### ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ...

ସହାୟତା ଘୋଷଣା କରିଛନ୍ତି । ସମ୍ପୃକ୍ତ ଘଟଣାର ଉପଯୁକ୍ତ ତଦନ୍ତ କରି ଦୋଷୀଙ୍କୁ ଆଇନ ଅନୁଯାୟୀ କଠୋରରୁ ଅତି କଠୋର ଦଣ୍ଡ ବିଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଅପରପକ୍ଷେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ସେ କହିଛନ୍ତି ଯେ ଏହା କେବଳ ସରକାରର ନୁହେଁ, ଏଥିରେ ସମାଜର ବି ଦାୟିତ୍ୱ ଅଛି । ସରକାର-ସମାଜ ଭାଗିଦାରୀ କରି ଝିଅମାନଙ୍କ ଉପରେ ଆସୁଥିବା ଅକଥନୀୟ ଅତ୍ୟାଚାରକୁ ରୋକିବାକୁ ପଡିବ । ପୁଲିସ ଓ ଆଇନ ତା ବାଟରେ ଯିବ, ଯାହା ଆବଶ୍ୟକତା ତାହା କରାଯିବ । ଘଟଣାରେ ମହିଳା କମିଶନର ସଦସ୍ୟା ନ୍ୟାୟିକ ତଦନ୍ତ କରିବେ ବୋଲି ସେ କହିଛନ୍ତି ।

### ରାଜ୍ୟବାସୀ ବିଚଳିତ...

ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ମହିଳାଙ୍କ ସୁରକ୍ଷା ଓ ଦୃଢ଼ ଆଇନଶୃଙ୍ଖଳା ପାଇଁ ଦିନେ ସୁନାମ ସାଉଁଟୁଥିବା ଓଡ଼ିଶାର ଛବି ଆଜି ସାରା ଦୁନିଆ ଆଗରେ କଳଙ୍କିତ । ରାଜ୍ୟରେ ମହିଳାଙ୍କ ସୁରକ୍ଷା ବିପର୍ଯ୍ୟସ୍ତ ହୋଇଥିବା ବେଳେ ବିଜେପି ସରକାରର ସ୍ଥାଣୁତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି । ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇ ସମସ୍ତଙ୍କ ପାଇଁ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବାରେ ସରକାର କାହିଁକି ପଛଘୁଞ୍ଚା ଦେଉଛନ୍ତି? କେତେ ଆଉ ନିରୀହ ଜୀବନ ଗଲେ ସରକାରଙ୍କ ନିଦ ଭାଙ୍ଗିବ ବୋଲି ନବୀନ ପ୍ରଶ୍ନ କରିଛନ୍ତି । ଓଡ଼ିଶାର ମା'ଭଉଣୀମାନେ ସୁରକ୍ଷା ଚାହୁଁଛନ୍ତି, ଡବଲ୍ ଇଞ୍ଜିନ୍ ସରକାରର ମିଛ ବାହାସ୍ଫୋଟ ନୁହେଁ । ସ୍ଥିତି ଆହୁରି ବିଗିଡ଼ିବା ଆଗରୁ ସରକାର ଆଗୁଆ ତତ୍ପର ହୋଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରନ୍ତୁ ବୋଲି ନବୀନ ଦାବି କରିଛନ୍ତି ।

### ଭାରତକୁ ମାଗିଲା...

ପ୍ରତିଶତ ରହିଛି । ଏବେ ମହମ୍ମଦ ୟୁନୁସ ତାହା ବୁଝି ପାରିଛନ୍ତି । ସ୍ଥିତି ଅଧିକ ବିଗିଡ଼ି ଗଲେ ଦେଶରେ ଗମ୍ଭୀର ଖାଦ୍ୟ ସଙ୍କଟ ସୃଷ୍ଟି ହେବ ବୋଲି ସେ ଜାଣି ସାରିଛନ୍ତି । ଭାରତ ଶସ୍ତାରେ ଯୋଗାଉଥିବା ସାମଗ୍ରୀକୁ ଅଣଦେଖା କଲେ ଭୁଶୁଡ଼ି ଯାଇଥିବା ଦେଶର ଅର୍ଥ ବ୍ୟବସ୍ଥା ସମ୍ପୂର୍ଣ୍ଣ ରସାତଳଗାମୀ ହେବ ବୋଲି ସେ ହୃଦୟଙ୍ଗମ କରିଛନ୍ତି । ଭାରତ ବ୍ୟତୀତ ଆଉ କେଉଁ ଦେଶରୁ ସାମଗ୍ରୀ ମଗାଇଲେ ବାଂଲାଦେଶର ବିପୁଳ କ୍ଷତି ହେବ । ରାଜକୋଷ ଖାଲି ହୋଇଯିବ । ଏଥିପାଇଁ ପାଣ୍ଠି ମଧ୍ୟ ଦେଶ ପାଖରେ ନାହିଁ । ତେଣୁ ଅଧିକ ଅର୍ଥ ଦେଇ ପାକିସ୍ତାନ, ଚୀନ୍ କିମ୍ବା ଆଉ କୌଣସି ଦେଶରୁ ଚାଉଳ ଆଣିବାକୁ ବାଂଲାଦେଶ ପଛଘୁଞ୍ଚା ଦେଉଛି । କେବଳ ଚାଉଳ ନୁହେଁ, ପ୍ରମୁଖ ୫ଟି ଜରୁରୀ ସାମଗ୍ରୀ ପାଇଁ ଭାରତ ଉପରେ ନିର୍ଭରଶୀଳ । ସଙ୍କଟ ସମୟରେ ଅନେକ ଥର ବାଂଲାଦେଶ ଭାରତ ସୀମାରୁ ଚାଉଳ ମଗାଇଛି ।

ବାଂଲାଦେଶ ଖବରକାଗଜ 'ଡେଲି ଷ୍ଟାର' ଅନୁଯାୟୀ, ଟନ୍ ପିଛା ୩୫୫ ଡଲାର (ପ୍ରାୟ ୩୨ ହଜାର ଟଙ୍କା) ମୂଲ୍ୟରେ ଭାରତରୁ ୫୦ ହଜାର ଟନ୍ ଚାଉଳ ମଗା ଯାଇଛି । ପାକିସ୍ତାନ ଏଥିପାଇଁ ୩୯୫ ଡଲାର ମାଗୁଥିଲା । ଭାରତ ବ୍ୟତୀତ ଆଉ କୌଣସି ରାଷ୍ଟ୍ରରୁ ଏତେ କମ୍ ମୂଲ୍ୟରେ ଚାଉଳ ମିଳିବନି ବୋଲି ବାଂଲାଦେଶ ଅଧିକାରୀ କହିଛନ୍ତି । ୨୦୨୫-୨୬ରେ ବାଂଲାଦେଶ ୯ ଲକ୍ଷ ଟନ୍ ଚାଉଳ ଆମଦାନୀ କରିବାକୁ ଚାହୁଁଛି । ପ୍ରତି ପର୍ଯ୍ୟାୟରେ ୫୦ ହଜାର ଟନ୍ ଲେଖାଏଁ ପଠାଇବାକୁ କୁହାଯାଇଛି । ମହଜୁଦ କ୍ଷମତା ବଢ଼ାଇବାକୁ ଏବଂ ଘରୋଇ ବଜାରରେ ମୂଲ୍ୟ ନିୟନ୍ତ୍ରଣ ପାଇଁ ଏହି ପଦକ୍ଷେପ ନିଆଯାଇଛି । ମାତ୍ର ଦେଶରେ ଭାରତ ବିରୋଧୀ ଅଭିଯାନ ଚାଲିଥିବାବେଳେ ଏହି ଚାଉଳ ଯୋଗାଣ ସମ୍ଭବ ମନେ ହେଉନାହିଁ । କାରଣ ବାଂଲାଦେଶ ନେତାମାନେ ଖୋଲାଖୋଲି ଭାବେ ଭାରତକୁ ଧମକ ଦେଉଛନ୍ତି । ଭାରତ ବିରୋଧୀଙ୍କୁ ଦେଶରେ ଶରଣ ଦେବେ ବୋଲି କହିଛନ୍ତି । ଚଟ୍ଟୋଗ୍ରାମ ସ୍ଥିତ ଭାରତୀୟ ଦୂତାବାସ ଉପରେ ମଧ୍ୟ ଆକ୍ରମଣ କରାଯାଇଛି । ଏପରି ସ୍ଥଳରେ ଭାରତର ଖାଇ ଭାରତ ପାଇଁ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି । ସେହିପରି ପୂର୍ବରୁ ଭାରତରୁ ଝୋଟ ରପ୍ତାନୀ ଉପରେ ବାଂଲାଦେଶ କଟକଣା ଲଗାଇ ଦେଇଥିଲା । ତେଣୁ ଚାଉଳ ରପ୍ତାନୀ କରିବାକୁ ଭାରତର ରପ୍ତାନୀକାରୀ ରାଜି ହେଉନାହାନ୍ତି । ସାର୍ବଭୌମତ୍ୱକୁ ବାଜିରେ ଲଗାଇ ବନ୍ଧୁତା କରାଯାଇପାରିବ ନାହିଁ ବୋଲି ସେମାନେ ସ୍ପଷ୍ଟ କରିଦେଇଛନ୍ତି । ଭାରତ ପାଇଁ ସମସ୍ୟା ସୃଷ୍ଟି କରୁଥିବା ଲୋକଙ୍କ ଉପରେ ୟୁନୁସ ସରକାର କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ସେମାନେ ଚାହୁଁଛନ୍ତି । ଅନ୍ୟପଟେ ବାଂଲାଦେଶ ରପ୍ତାନୀ ଅଧିକାରୀମାନେ କହିଛନ୍ତି ଯେ ରାଜନୈତିକ ସ୍ତରରେ ତିକ୍ତତା ବଢ଼ିଥିଲେ ବି ବାଣିଜ୍ୟିକ ଦୃଷ୍ଟିରୁ ଭାରତ ସହ ଭଲ ସମ୍ପର୍କ ରହିଛି । ଏହି ସମ୍ପର୍କ ଆଗକୁ ବଢ଼ିବ । ଏହା ଉପରେ ରାଜନୀତିର କୌଣସି ପ୍ରଭାବ ପଡ଼ିବାକୁ ଦିଆଯିବନି । ତେଣୁ ସେମାନେ ଭାରତକୁ ଚାଉଳ ଦେବାକୁ ଅନୁରୋଧ କରିଛନ୍ତି ।

### ତାଳଚେରରେ ଡବଲ...

କହି ଘରୁ ଆସିଥିଲେ । ବୁଧବାର ରାସ୍ତା ପାଖରୁ ଉଭୟଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଅନ୍ୟପଟେ ଘଟଣା ସ୍ଥଳରେ ଅନୁଗୋଳ ଏସ୍‌ପି ପହଞ୍ଚି ତଦନ୍ତ କରିଛନ୍ତି । ଗାଁ ନିକଟରେ ଥିବା ଟାୱାର ନିର୍ମାଣକାରୀ ସଂସ୍ଥାର କର୍ମଚାରୀମାନେ ହତ୍ୟା କାଣ୍ଡରେ ସମ୍ପୃକ୍ତ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ଏହି ଘଟଣା ପରେ ଉକ୍ତ ସଂସ୍ଥାର ସମସ୍ତ କର୍ମଚାରୀ ନିଜ ମୋବାଇଲ ଫୋନ୍ ଓଏ ଆସବାବପତ୍ର ଛାଡ଼ି ଫେରାର ହୋଇଯାଇଛନ୍ତି । ଯାହାକୁ ନେଇ ହତ୍ୟାକାଣ୍ଡରେ ସେମାନଙ୍କ ସମ୍ପୃକ୍ତି ନେଇ ସନ୍ଦେହ ଅଧିକ ଘନୀଭୂତ ହେବାରେ ଲାଗିଛି । କମ୍ପାନୀ ପରିସରରେ ପୁଲିସ ପହଞ୍ଚି ତଦନ୍ତ କରିବା ସମୟରେ ସେଠାରେ ଥିବା ଗୋଟିଏ ଘରୁ ଜଣେ ଯୁବକଙ୍କୁ ଉଠାଇ ନେଇ ପଚରାଉଚରା କରୁଛି ।

### ଆଜିଠୁ ବଢ଼ିବ...

ଉଦୟଗିରି ୮.୭, ଫୁଲବାଣୀ ୯, ବୌଦ୍ଧ ୯.୭ ଡିଗ୍ରୀ ରେକର୍ଡ କରାଯାଇଛି ।

ଅନ୍ୟପଟେ ରାଜ୍ୟର ଶୀତ ସହ କୁହୁଡ଼ିର ମଧ୍ୟ ପ୍ରଭାବ ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି । ଗୁରୁବାର ରାତିରୁ ଶୁକ୍ରବାର ସକାଳ ମଧ୍ୟରେ ସମ୍ବଲପୁର, ଢେଙ୍କାନାଳ, ସୁନ୍ଦରଗଡ଼, ସୋନପୁର, କନ୍ଧମାଳ ଜିଲ୍ଲାରେ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ସୂଚନା ଦେଇଛି । ଏହି ସହିତ ଜଗତସିଂହପୁର, ଅନୁଗୁଳ, କୋରାପୁଟ, କଳାହାଣ୍ଡି, ଭଦ୍ରକ, ବୌଦ୍ଧ, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ କେନ୍ଦ୍ରାପଡ଼ାରେ ମଧ୍ୟମ ଧରଣର କୁହୁଡ଼ି ହୋଇପାରେ ବୋଲି ପୂର୍ବାନୁମାନ କରାଯାଇଛି । କୁହୁଡ଼ି ସ୍ଥିତି ପ୍ରାୟ ୨୮ ତାରିଖ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଥିବାରୁ ଏହି ସମୟରେ ଯାନ ବାହନ ଚଳାଚଳରେ ବିଶେଷ ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଛି ।

### ଅନୁ ଗର୍ଗ...

ଝାରସୁଗୁଡ଼ାର ଉପଜିଲ୍ଲାପାଳ ଭାବେ ୧୯୯୩ ଅଗଷ୍ଟ ୩୦ରୁ ୧୯୯୪ ସେପ୍ଟେମ୍ବର ୨ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିଲେ । ପରବର୍ତ୍ତୀ ସମୟରେ ସେ କଳାହାଣ୍ଡି ଉପଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳ, ବରଗଡ଼ ଓ ସମ୍ବଲପୁର ଜିଲ୍ଲାପାଳ ଭାବେ କାର୍ଯ୍ୟ କରିବା ପରେ ତାଙ୍କୁ ୧୯୯୮ ମସିହା ମେ ମାସରେ ସ୍ୱାସ୍ଥ୍ୟ ବିଭାଗର ଡେପୁଟି ସେକ୍ରେଟେରୀ ଭାବେ ନିଯୁକ୍ତି ମିଳିଥିଲା । ୨୦୧୨ ଅକ୍ଟୋବରରୁ ୨୦୧୫ ଏପ୍ରିଲ ପର୍ଯ୍ୟନ୍ତ ସେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରିଥିଲେ । ଓଡ଼ିଶା ଫେରିବା ପରେ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟ କରିଥିଲେ ଓ ୨୦୨୩ ମସିହାରେ ରାଜ୍ୟ ଉନ୍ନୟନ କମିଶନର ଭାବେ ତାଙ୍କୁ ନିଯୁକ୍ତି ମିଳିଥିଲା । ଶ୍ରୀମତୀ ଗର୍ଗ ବର୍ତ୍ତମାନ ଜଳସମ୍ପଦ ଏବଂ ଯୋଜନା ଏବଂ ସଂଯୋଜନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଭାବରେ ଦାୟିତ୍ୱ ତୁଲାଉଛନ୍ତି ।

## ଜୟନାରାୟଣଙ୍କ ନାଲି ଆଖି
# ଅବହେଳା କଲେ ତଲୱାର ଉଠିବ

ସମ୍ବଲପୁର,୨୪।୧୨ (ସମିସ): ବେଲଗାମ୍ ମନ୍ତବ୍ୟ ପାଇଁ ସର୍ବଦା ବିବାଦରେ ରହୁଥିବା ବିଜେପିର ବରିଷ୍ଠ ନେତା ତଥା ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ପୁଣି ଥରେ ନିଜ ମନ୍ତବ୍ୟ ପାଇଁ ବିବାଦୀୟ ହୋଇଛନ୍ତି । ୫ମ ଜାତୀୟ ସମ୍ବଲପୁରୀ ସମ୍ମେଳନର ଉଦ୍‌ଯାପନୀ ଉତ୍ସବରେ ଅତିଥି ରୂପେ ଯୋଗ ଦେଇ ପୁଣି ଥରେ ଖଣ୍ଡା ଉଠାଇବାକୁ ଧମକ ଦେଇ ସମ୍ବଲପୁରରେ ଆଲୋଡ଼ନ ସୃଷ୍ଟି କରିଛନ୍ତି ।

ପୂର୍ବରୁ ହନୁମାନ ଜୟନ୍ତୀ ସମୟରେ ଖଣ୍ଡା ବୁଲାଇବା ନେଇ ଜୟନାରାୟଣ ବିବାଦୀୟ ହୋଇଥିଲେ । ଜଣେ ଡ଼ିଏସ୍‌ପିଙ୍କ କଲର ଧରିବା ଓ ମହିଳା ଥାନା ଅଧିକାରୀଙ୍କୁ ମାଡ଼ ମାରିବା ଘଟଣାରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା । ବିଭିନ୍ନ ସମୟରେ ନିଜ ଦଳର ନେତାମାନଙ୍କୁ କଟାକ୍ଷ କରି ସେ ସବୁବେଳେ ଚର୍ଚ୍ଚାରେ ରହି ଆସୁଥିବା ବେଳେ ଆଜି ପୁଣି ସେ ତଲୱାର ଉଠାଇବା ଧମକ ଦେଇଛନ୍ତି । ନିଜ ଭାଷଣ ପ୍ରସଙ୍ଗରେ ଜୟନାରାୟଣ ପଶ୍ଚିମ ଓଡ଼ିଶାକୁ ପ୍ରସଙ୍ଗ କରିଥିଲେ । ସେ କହିଥିଲେ ଯେ ପଶ୍ଚିମ ଓଡ଼ିଶା ନାଁରେ ଆମକୁ ଅତ୍ୟାଚାର କରାଗଲେ ବା ବେଖାତିର କରାଗଲେ ନିଶ୍ଚୟ ତଲୱାର ଉଠିବ । ଏଥିପାଇଁ ଆମେ ପଛକୁ ଘୁଞ୍ଚିବୁ ନାହିଁ । ମାତ୍ର ତାଙ୍କର ଏହି ସଂକ୍ଷିପ୍ତ ମନ୍ତବ୍ୟ ପରେ ପଶ୍ଚିମ ଓଡ଼ିଶାକୁ କିଏ ଅବହେଳା କରୁଛି ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି । ସମ୍ପ୍ରତି ରାଜ୍ୟରେ ଜୟନାରାୟଣଙ୍କ ଦଳ ବିଜେପି କ୍ଷମତାସୀନ । ରାଜ୍ୟ କ୍ୟାବିନେଟ୍‌ରେ ପଶ୍ଚିମ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା କନକବର୍ଦ୍ଧନ ସିଂହଦେଓ ଉପମୁଖ୍ୟମନ୍ତ୍ରୀ ପଦ ସହ ଶକ୍ତି ଓ କୃଷି ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ନିର୍ବାହ କରୁଛନ୍ତି । ତାଙ୍କ ବ୍ୟତୀତ ସୁରେଶ ପୂଜାରୀ, ମୁକେଶ ମହାଲିଙ୍ଗ, ରବି ନାୟକ ପ୍ରମୁଖ ରାଜସ୍ୱ, ସ୍ୱାସ୍ଥ୍ୟ ଓ ସଂସଦୀୟ ବ୍ୟାପାର, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ଆଦି ବିଭାଗ ଦାୟିତ୍ୱରେ ଅଛନ୍ତି । ଯଦିଓ ବିଭିନ୍ନ ସମୟରେ ମନ୍ତ୍ରୀ ପଦ ପାଇ ନ ଥିବାରୁ ଜୟନାରାୟଣ ଅସୁଖୀ ଥିବା କୁହାଯାଉଛି, ତଥାପି ସେ ଏପରି କାହିଁକି କହିଲେ ତାହା ବିଭିନ୍ନ ମହଲରେ ଗୁଞ୍ଜରଣ ସୃଷ୍ଟି କରିଛି ।

ରାଜ୍ୟରେ ବିଜେପି ସରକାର ଆସିବା ପରେ ଗତ ୧୮ ମାସ ମଧ୍ୟରେ ଅନେକବାର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କଥା ଉଠିଛି । ସେହିପରି ବିଭିନ୍ନ ନିଗମ ନିଯୁକ୍ତି ଝୁଲି ରହିଛି । ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ପଦ ପୂରଣ ହୋଇନାହିଁ । ଯାହାକୁ ନେଇ ଦଳରେ ଅସନ୍ତୋଷ ବଢୁଛି । ଏହି ସମୟରେ ବିଭିନ୍ନ ସମୟରେ ପଶ୍ଚିମ ଓଡ଼ିଶାରୁ ଇରାଶିଷ ଆଚାର୍ଯ୍ୟ, ଅଶ୍ୱିନୀ ଷଡ଼ଙ୍ଗୀ, ଟଙ୍କଧର ତ୍ରିପାଠୀଙ୍କୁ ମନ୍ତ୍ରୀ କରାଯାଇପାରେ ବୋଲି ଆଲୋଚନା ହେଉଥିବାବେଳେ ଜୟନାରାୟଣଙ୍କ ନାମ ଚର୍ଚ୍ଚା ପରିଧିକୁ ଆସୁନାହିଁ । ଯାହାକୁ ନେଇ ସେ ଅସନ୍ତୁଷ୍ଟ ଥିବା କୁହାଯାଉଛି । ଯେଉଁଥିପାଇଁ ସେ ଅତୀତରେ ନିଜକୁ ତଡ଼ାଖିଆ ନେତା, ଛୋଟ ନେତା ଆଦି ଅଭିହିତ କରିଥିବା ମଧ୍ୟ ଦେଖାଯାଇଛି । ମାତ୍ର ଏବେ ସମ୍ବଲପୁରୀ ସମ୍ମେଳନ ପରି ଏକ ମଞ୍ଚରେ ତାଙ୍କର ତଲୱାର ଧମକ ଦଳ ପାଇଁ ଅସ୍ୱସ୍ତିକର ହୋଇଥିବା କୁହାଯାଉଛି ।

## ୪୯୧ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୨୪।୧୨(ସମିସ): ତୃଣମୂଳସ୍ତରର ବିକାଶର କେନ୍ଦ୍ରବିନ୍ଦୁ ହେଉଛି ଅଙ୍ଗନବାଡ଼ି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମତବ୍ୟକ୍ତ କରିଛନ୍ତି । ବୁଧବାର ମହିଳା ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଭାସୀ ମାଧ୍ୟମରେ ରାଜ୍ୟର ୪୯୧ଟି ନବନିର୍ମିତ ଅଙ୍ଗନବାଡି କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି । ଅଙ୍ଗନବାଡିକୁ ସଶକ୍ତ କରିବା ସହ ସ୍ୱଚ୍ଛତା, ଶୌଚାଳୟ, ପାନୀୟ ଜଳ ସୁବିଧା, ବିଦ୍ୟୁତ ସେବା, ପୁଷ୍ଟି ବଗିଚା ଆଦିକୁ ବିଶେଷ ଗୁରୁତ୍ୱ ଦିଆଯାଇଥିବା ଶ୍ରୀମତୀ ପରିଡ଼ା କହିଛନ୍ତି ।

କାର୍ଯ୍ୟକ୍ରମରେ ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗଦେଇ ଅଙ୍ଗନବାଡି କେନ୍ଦ୍ରକୁ ବିକଶିତ ଗାଁ ବିକଶିତ ଓଡିଶାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି କହିବା ସହମହିଳାମାନଙ୍କ ସ୍ୱାସ୍ଥ୍ୟ ଓ ଶିଶୁମାନଙ୍କ ପ୍ରାକ୍ ପ୍ରାଥମିକ ଶିକ୍ଷା ଓ ସ୍ୱାସ୍ଥ୍ୟ ବିକାଶ ଅଙ୍ଗନବାଡିର ଭିତ୍ତିଭୂମି ଉପରେ ନିର୍ଭର କରୁଛି ବୋଲି ପ୍ରକାଶ କରିଛନ୍ତି । ଗତ ସେପ୍ଟେମ୍ବର ମାସରେ ପ୍ରଥମ ପର୍ଯ୍ୟାୟରେ ୯୧୩ଟି ଓ ଆଜି ଦ୍ୱିତୀୟ ପର୍ଯ୍ୟାୟରେ ୪୯୧ ଅଙ୍ଗନବାଡି କେନ୍ଦ୍ରକୁ ମିଶାଇ ଦୁଇଟି ପର୍ଯ୍ୟାୟରେ ୧୪୦୪ ଅଙ୍ଗନବାଡିକୁ ସଶକ୍ତ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

XXVII-23

### ଓଡ଼ିଶା ସରକାର
### ମାଲକାନଗିରି ଜିଲ୍ଲାପାଳ କାର୍ଯ୍ୟାଳୟ, ମାଲକାନଗିରି
### ଘୋଷଣା

File No.: 2388/2025

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ -ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 ) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ବାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା : ମୁଣ୍ଡାଗୁଡ଼ା ଥାନା : ମାଥିଲି ତହସିଲ :ମାଥିଲି ଜିଲା : ମାଲକାନଗିରି ରେ ନିମ୍ନ ସୂଚିତ ' କ ' ତହସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା : ଜୟପୁର – ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ - ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 ) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୯୭ /୨୦୨୩ ତା :୧୬.୦୬.୨୦୨୩ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା : ମୁଣ୍ଡାଗୁଡ଼ା ଥାନା : ମାଥିଲି ତହସିଲ :ମାଥିଲି ଜିଲା : ମାଲକାନଗିରି ର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।ଏହା ମଧ୍ୟ ଜିଲ୍ଲା ୱେବସାଇଟ www.malkangiri.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୁ -ଅର୍ଜନ ଅଧିକାରୀ, ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ -ତଥା -ତହସିଲଦାର, ମାଥିଲି ଙ୍କ ତହସିଲ କାର୍ଯ୍ୟାଳୟ ,ମାଥିଲି ଠାରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ – କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚି)

ଜିଲ୍ଲା : ମାଲକାନଗିରି | ତହସିଲ :ମାଥିଲି

| ଗ୍ରାମ ର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମୁଣ୍ଡାଗୁଡ଼ା | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା। | | | | | |

ଭୂମି ଅନୁସୂଚୀ
ମୌଜା: ମୁଣ୍ଡାଗୁଡା, ଥାନା- ମାଥିଲି ନଂ.-୧୦୮, ତହସିଲ- ମାଥିଲି, ଜିଲ୍ଲା- ମାଲକାନଗିରି
ଜୟପୁର - ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|
| ୯ | ୨୯୨ | ୧.୦୦୧ | ୧.୦୦୦୭ | ଧାନ ଏକ | ଗୋପିନାଥ ଧୋବା -ପି ରାମଚନ୍ଦ୍ର ଧୋବା ଜା-: ଧୋବା ବା-ମାଥିଲି |
| ୧୭ | ୩୦୨ | ୦.୭୬୧ | ୦.୨୩୮୧ | ଧାନ ଦୁଇ | ଡମ୍ବୁ ପରମା ପି-ମାଧବ ପରମା ଜା-: ଭୂମିଆ ବା-ମାଥିଲି |
| | ୩୧୩ | ୦.୬୭୦ | ୦.୫୦୦୮ | ଧାନ ଏକ | ଡମ୍ବୁ ପରମା ପି-ମାଧବ ପରମା ବଳରାମ ପରମା, ଗୋପି ପରମା ଭଗତ ପରମା ପି-ମଙ୍ଗରାଜ ପରମା ଜା-: ଭୂମିଆ ବା-ମାଥିଲି |
| | ୩୧୦ | ୦.୪୪୫ | ୦.୪୪୪୭ | ଧାନ ଏକ | ଡମ୍ବୁ ପରମା ପି-ମାଧବ ପରମା ବଳରାମ ପରମା, ଗୋପି ପରମା ଭଗତ ପରମା ପି-ମଙ୍ଗରାଜ ପରମା ଜା-: ଭୂମିଆ ବା-ମାଥିଲି |
| | ୨୯୩ | ୦.୯୫୪ | ୦.୯୫୩୮ | ଧାନ ଏକ | ଡମ୍ବୁ ପରମା ପି-ମାଧବ ପରମା ବଳରାମ ପରମା, ଗୋପି ପରମା ଭଗତ ପରମା ପି-ମଙ୍ଗରାଜ ପରମା ଜା-: ଭୂମିଆ ବା-ମାଥିଲି |
| | ୩୦୮ | ୦.୩୭୧ | ୦.୩୫୨୬ | ଧାନ ଦୋଫସଲି ଦୁଇ | ଡମ୍ବୁ ପରମା ପି-ମାଧବ ପରମା ବଳରାମ ପରମା, ଗୋପି ପରମା ଭଗତ ପରମା ପି-ମଙ୍ଗରାଜ ପରମା ଜା-: ଭୂମିଆ ବା-ମାଥିଲି |
| | ୩୦୩ | ୦.୩୭୧ | ୦.୦୨୨୮ | ଧାନ ଦୋଫସଲି ଦୁଇ | ଡମ୍ବୁ ପରମା ପି-ମାଧବ ପରମା ବଳରାମ ପରମା, ଗୋପି ପରମା ଭଗତ ପରମା ପି-ମଙ୍ଗରାଜ ପରମା ଜା-: ଭୂମିଆ ବା-ମାଥିଲି |
| ୧୭ | ୨୯୬ | ୧.୩୫୪ | ୧.୩୫୪୧ | ଧାନ ଦୋଫସଲି ଦୁଇ | ଡମ୍ବୁ ପରମା ପି-ମାଧବ ପରମା ବଳରାମ ପରମା, ଗୋପି ପରମା ଭଗତ ପରମା ପି-ମଙ୍ଗରାଜ ପରମା ଜା- ଭୂମିଆ ବା-ମାଥିଲି |
| | ୩୦୯ | ୦.୮୬୫ | ୦.୮୬୪୮ | ଧାନ ଦୋଫସଲି ଦୁଇ | |
| | ୨୯୫ | ୦.୬୧୮ | ୦.୬୧୭୭ | ଡଙ୍ଗର ଦୁଇ | |
| ୬୨/୫୬ | ୩୧୯ | ୦.୬୨୩ | ୦.୬୨୨୭ | ଧାନ ଏକ | ବିଜୟ କୁମାର ମଲିକ ପି-ପୂର୍ଣ୍ଣନନ୍ଦ ମଲିକ ଜା-: କଣ୍ଡରା ବା-ମାଥିଲି |
| ୬୨/୬୭ | ୩୨୪ | ୦.୦୯୬ | ୦.୦୯୬୩ | ଧାନ ଦୁଇ | ବିଜୟ କୁମାର ମଲିକ ପି-ପୂର୍ଣ୍ଣନନ୍ଦ ମଲିକ ଜା-: କଣ୍ଡରା ବା-ମାଥିଲି |
| ୬୨/୬୭ | ୩୨୬ | ୦.୧୫୬ | ୦.୧୨୧୧ | ଧାନ ଦୁଇ | ବିଜୟ କୁମାର ମଲିକ ପି-ପୂର୍ଣ୍ଣନନ୍ଦ ମଲିକ ଜା-: କଣ୍ଡରା ବା-ମାଥିଲି |
| ୬୨/୬୭ | ୩୨୫ | ୩.୨୪୨ | ୩.୨୪୨୦ | ଧାନ ଦୁଇ | ବିଜୟ କୁମାର ମଲିକ ପି-ପୂର୍ଣ୍ଣନନ୍ଦ ମଲିକ ଜା-: କଣ୍ଡରା ବା-ମାଥିଲି |
| ୬୨/୯୪ | ୨୭୨ | ୨.୨୨୧ | ୧.୭୧୫୩ | ଧାନ ଏକ | ମୁକୁନ୍ଦନାୟକ ପି-ଭଗବାନ ନାୟକ , ସୀତା ନାୟକ ସ୍ୱା-ମୁକୁନ୍ଦ ନାୟକ ଜା-: ଭୂମିଆ ବା-ମାଥିଲି |
| | ୨୭୫ | ୨.୭୮୨ | ୦.୨୭୨୬ | ଧାନ ଏକ | |
| ୨୩ | ୯୫ /୫୦୫ | ୨.୦୦୨ | ୦.୦୦୪୪ | ଡଙ୍ଗର ଏକ | ପଦ୍ମଚରଣ ହୋତା ପି-ହାଡୁ ବନ୍ଧୁ ହୋତା ଜା-: ବ୍ରାହ୍ମଣ ବା-ମାଥିଲି |
| ୬୨/୨୮ | ୨୯୩/ ୫୩୫ | ୧.୦୦୧ | ୦.୪୪୪୭ | ଧାନ ଏକ | ମୁଚୁଲୁ ମାଢି ପି-ପାଣ୍ଡୁ ମାଢି ଜା-କୋୟା, ବା-ନିଜଗାଁ |
| ୬୨/୯୩ | ୩୧୯/୫୯୪ | ୦.୨୧୦ | ୦.୨୧୦୦ | ଘରବାରୀ | ବିଜୟ କୁମାର ମଲିକ ପି-ପୂର୍ଣ୍ଣନନ୍ଦ ମଲିକ ଜା-: କଣ୍ଡରା ବା-ମାଥିଲି |
| ୬୨/୨୩୮ | ୩୧୯/୭୦ ୭/୭୩୨ | ୦.୧୧୯ | ୦.୦୦୯୮ | ଧାନ ଏକ | କଲ୍ୟାଣୀ ରଥ ସ୍ୱା-ଦିଲ୍ଲିପ କୁମାର କର ଜା-ବ୍ରାହ୍ମଣ ବା-ନିଜଗାଁ |
| ୬୨/୨୩୯ | ୩୧୯/୭୦ ୭/୭୩୩ | ୦.୦୪୪ | ୦.୦୪୪୪ | ଧାନ ଏକ | ସନ୍ଧ୍ୟାରାଣି ପାତ୍ର ସ୍ୱା-:ଇ. ରାଜ କୁମାର ପାତ୍ର ଜା-:ପାଟ ସାଲିଆ ବା-ଡଙ୍ଗର ଖଲି |
| ୬୨/୨୪୦ | ୩୧୯/୭୦ ୭/୭୩୪ | ୦.୦୪୯ | ୦.୦୪୯୪ | ଧାନ ଏକ | ପ୍ରଦୀପ କୁମାର ପାତ୍ର ପି-ଦିଲ୍ଲିପ କୁମାର ପାତ୍ର ଜା-:ପାଟ ସାଲିଆ ବା-ଡଙ୍ଗର ଖଲି |
| ୬୨/୨୪୧ | ୩୧୯/୭୦ ୭/୭୩୫ | ୦.୦୪୦ | ୦.୦୩୯୫ | ଧାନ ଏକ | ସନ୍ତୋଷ କୁମାର ପାତ୍ର ପି-ଦିଲ୍ଲିପ କୁମାର ପାତ୍ରଜା-:ପାଟ ସାଲିଆ ବା-ଡଙ୍ଗର ଖଲି |
| ୬୨/୨୪୨ | ୩୧୯/୭୦ ୭/୭୩୬ | ୦.୦୩୫ | ୦.୦୩୪୫ | ଧାନ ଏକ | ବନିତା ବେହେରା ସ୍ୱା-ଶୁଶାନ୍ତ କୁମାର ମଲ୍ଲିକ ଜା-:ଭଣ୍ଡାରୀ ବା-ମାଥିଲି |
| ୬୨/୨୪୩ | ୩୧୯/୭୦ ୭/୭୩୮ | ୦.୦୪୯ | ୦.୦୪୯୪ | ଧାନ ଏକ | କମଳ ଲୋଚନ ସାମଲ ପି- ବିଶ୍ୱ ନାଥ ସାମଲ ଜା-:ଖଣ୍ଡାୟତ ବା-ମାଥିଲି |
| ୬୨/୨୪୯ | ୩୧୯/୭୦ ୭/୭୪୪ | ୦.୦୪୯ | ୦.୦୪୯୪ | ଧାନ ଏକ | ମହେଶ ପଟ୍ଟନାୟକ ପି-ଈଶ୍ୱର ଚନ୍ଦ୍ର ପଟ୍ଟନାୟକ ଜା-କରଣ ବା-ମାଥିଲି |
| ୬୨/୨୫୦ | ୩୧୯/୭୦ ୭/୭୪୫ | ୦.୦୪୯ | ୦.୦୪୯୪ | ଧାନ ଏକ | କାନ୍ହୁ ବିଶୋଇ ପି-କରପା ବିଶୋଇ ଜା-କାଳଞ୍ଜି ବା-ଧବଳପୁର ଗଞ୍ଜାମ |
| ୬୨/୨୫୧ | ୩୧୯/୭୦ ୭/୭୪୬ | ୦.୦୪୦ | ୦.୦୩୯୫ | ଧାନ ଏକ | ମନୋଜ କୁମାର ମହାନ୍ତି ପି-ପୂର୍ଣ୍ଣ ଚନ୍ଦ୍ର ମହାନ୍ତି ଜା-:କରଣ ବା-ବଳଦିଆଗୁଡା |
| ୬୨/୨୫୨ | ୩୧୯/୭୦ ୭/୭୪୭ | ୦.୦୪୦ | ୦.୦୩୯୫ | ଧାନ ଏକ | ସ୍ନେହଲତା ସାମଲ ସ୍ୱା-ସୁଧାକର ସେଠି ଜା-ଧୋବା ବା-ମାଥିଲି |
| ୬୨/୨୫୩ | ୩୧୯/୭୦ ୭/୭୪୮ | ୦.୦୪୯ | ୦.୦୪୯୪ | ଧାନ ଏକ | ମନୋଜ କୁମାର ସାମଲ ପ-ସନାତନ ସାମର୍ଲ ଜା-ଖଣ୍ଡାୟତ ବା-ବୋଡାଗୁଡା |
| ୬୨/୨୫୭ | ୩୧୯/୭୦ ୭/୭୫୨ | ୦.୧୧୯ | ୦.୦୧୪୮ | ଧାନ ଏକ | ତପସ୍ୱିନୀ ବରାଳ ସ୍ୱା-କୁମାର ପୂର୍ଣ୍ଣଚନ୍ଦ୍ର ବରାଳ ଜା-ଖଣ୍ଡାୟତ ବା-ଏଜୁକେସନ କଲୋନି ମାଲକାନଗିରି |
| ୬୨/୨୧୭ | ୩୧୯/୭୦ ୭ | ୦.୮୦୧ | ୦.୪୨୫୨ | ଧାନ ଏକ | .ଅଶୋକ କୁମାର ପଟ୍ଟନାୟକ ପି-ସତ୍ୟ ନାରାୟଣ ପଟ୍ଟନାୟକ ଜା-କରଣ ବା-ଅମ୍ବା ଗୁଡା ଜୟପୁର ,ଧୋବା ରଣା ପି-ଭରତ ରଣା ଜା-ରଣା ବା-ପାଣ୍ଡିପାଣୀ |
| ୬୨/୨୪୨ | ୩୨୪/୭୦ ୮/୭୩୭ | ୦.୦୦୫ | ୦.୦୦୪୯ | ଧାନ ଦୁଇ | ବନିତା ବେହେରା ସ୍ୱା-ଶୁଶାନ୍ତ କୁମାର ବାରିକ ଜା-ଭଣ୍ଡାରି ବା-ମାଥିଲି |
| ୬୨/୨୪୭ | ୩୨୫/୭୦ ୯/୭୪୧ | ୦.୦୪୦ | ୦.୦୩୯୫ | ଧାନ ଦୁଇ | ମନୋରଞ୍ଜନ ପାଣିଗ୍ରାହି ପି-ମୁକ୍ତିକାନ୍ତ ପାଣିଗ୍ରାହି ଜା-:ବ୍ରାହ୍ମଣ ବା-୧୧୯ କଲୋନି ମାଲକାନଗିରି |
| ୬୨/୨୧୬ | ୩୧୧/୫୬ ୧ | ୨.୩୩୩ | ୧.୫୦୩୦ | ଧାନ ଦୋଫସଲି ଦୁଇ | ସୌଭାଗ୍ୟ କୁମାର ନାୟକ ପି-ଗଙ୍ଗାଧର ନାୟକ ଜା-:ଖଣ୍ଡାୟତ ବା-ବଳଦିଆଗୁଡା |
| ୬୨/୨୧୭ | ୩୨୪/୭୦ ୮ | ୦.୧୦୯ | ୦.୦୮୨୧ | ଧାନ ଦୁଇ | .ଅଶୋକ କୁମାର ପଟ୍ଟନାୟକ ପି-ସତ୍ୟ ନାରାୟଣ ପଟ୍ଟନାୟକ ଜା-କରଣ ବା-ଅମ୍ବା ଗୁଡା ଜୟପୁର ,ଧୋବା ରଣା ପି-ଭରତ ରଣା ଜା-ରଣା ବା-ପାଣ୍ଡିପାଣୀ |
| ୬୨/୨୧୭ | ୩୨୫/୭୦୯ | ୦.୫୭୩ | ୦.୨୩୭୧ | ଧାନ ଦୁଇ | ଅଶୋକ କୁମାର ପଟ୍ଟନାୟକ, ପିତା- ସତ୍ୟ ନାରାୟଣ ପଟ୍ଟନାୟକ, ଜା- କରଣ ବା - ଅମ୍ବା ଗୁଡା ଜୟପୁର, ଧୋବା ରଣା, ପି- ଭରତ ରଣା, ଜା- ରଣା, ବା- ପାଣ୍ଡିପାଣୀ |
| ୬୨/୨୬୯ | ୩୧୧/୫୬ ୧/୭୬୦ | ୦.୧୯୮ | ୦.୧୯୭୬ | ଧାନ ଦୋଫସଲି ଦୁଇ | କାଶିନାଥ ମିଶ୍ର, ପି- ପଂଚାନନ ମିଶ୍ର, ଜା- ବ୍ରାହ୍ମଣ, ବା- ନିଜଗାଁ |
| ୬୨/୨୭୦ | ୩୧୧/୫୬ ୧/୭୬୧ | ୦.୧୯୮ | ୦.୧୯୭୬ | ଧାନ ଦୋଫସଲି ଦୁଇ | ରାଜିବ ନାୟକ, ପି- ଲକ୍ଷ୍ମଣ ନାୟକ, ଜା- ଗୌଡ,ବା-ନିଜଗାଁ |
| | ମୋଟ | ୫୩.୪୧୬ | ୩୧.୩୧୭ | | |

ତଫସିଲ –ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚି)

ଜିଲ୍ଲା : ମାଲକାନଗିରି | ତହସିଲ :ମାଥିଲି

| ଗ୍ରାମ ର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ : ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନ ଠାରୁ ଛଅ ମାସ ମଧ୍ୟରେ।

ରାଜ୍ୟପାଳଙ୍କ ଆଦେଶ କ୍ରମେ
ଜିଲ୍ଲାପାଳ ,ମାଲକାନଗିରି

OIPR-24074/14/0019/2526

## ଆଜିର ଇତିହାସ

- ୧୭୭୧- ଶାହ ଆଲମ୍ ଦ୍ୱିତୀୟ ଦିଲ୍ଲୀ ସିଂହାସନରେ ବସିଲେ।
- ୧୮୯୨- ସ୍ୱାମୀ ବିବେକାନନ୍ଦ କନ୍ୟାକୁମାରୀରେ ତିନିଦିନ ପର୍ଯ୍ୟନ୍ତ ସାଧନା କଲେ।
- ୧୯୭୭- ଜଣାଶୁଣା ହାସ୍ୟ ଅଭିନେତା ଚାର୍ଲି ଚାପଲିନ୍‌ଙ୍କ ଦେହାନ୍ତ।
- ୧୯୯୧- ମିଖାଇଲ୍ ଗୋର୍ବାଚୋଭ୍ ସୋଭିଏତ୍ ସଂଘର ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଲେ।
- ୨୦୧୫- ବଲିଉଡ୍ ଅଭିନେତ୍ରୀ ସାଧନାଙ୍କ ପରଲୋକ।



## ଅକ୍ଟୋବର ୨ରେ 'ଦୃଶ୍ୟମ୍ ୩'

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅଜୟ ଦେବଗନ୍‌ଙ୍କ 'ଦୃଶ୍ୟମ୍' ଓ 'ଦୃଶ୍ୟମ୍ ୨'କୁ ଦର୍ଶକୀୟ ଆଦୃତି ମିଳିଥିଲା। କ୍ରାଇମ୍ ଥ୍ରୀଲର୍ ଉପରେ ଆଧାରିତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ବେଶ୍ ଭଲ ପ୍ରଦର୍ଶନ କରିଥିଲା। ଇତିମଧ୍ୟରେ ଏହି ସିରିଜ୍‌ର ତୃତୀୟ ଫିଲ୍ମ ବିଷୟରେ ଘୋଷଣା କରାଯାଇଛି। ଏହି ଫିଲ୍ମ ଅକ୍ଟୋବର ୨, ୨୦୨୬ରେ ପରଦାକୁ ଆସିବ। ତେବେ ଫିଲ୍ମ ନିର୍ମାତା ଏକ ଭିଡିଓ ମାଧ୍ୟମରେ 'ଦୃଶ୍ୟମ୍ ୩' ବିଷୟରେ ଘୋଷଣା କରିଛନ୍ତି। ୧ ମିନିଟ୍ ୧୩ ସେକେଣ୍ଡର ଏହି ଭିଡିଓରେ ଅଜୟଙ୍କ ଦମ୍‌ଦାର୍ ସ୍ୱର ଶୁଣାଯାଉଛି। ଭିଡିଓରେ ଅଜୟ ଲୋକଙ୍କୁ ତାଙ୍କ ପରିବାର ସମ୍ପର୍କରେ କହୁଥିବାର ଶୁଣାଯାଉଛି। ଭିଡିଓର ଶେଷରେ ବିଜୟ ସଲଗାଁଓକର(ଅଜୟ) କହୁଛନ୍ତି, 'କାହାଣୀ ଏବେ ସରି ନାହିଁ। ଶେଷ ଅଂଶ ବାକି ଅଛି।' ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଜୟ ପାଠକ ରହିଛନ୍ତି। 'ଦୃଶ୍ୟମ୍ ୨' ଯେଉଁଠାରେ ସରିଥିଲା, ସେହିଠାରୁ 'ଦୃଶ୍ୟମ୍ ୩'ର କାହାଣୀ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଫିଲ୍ମରେ ଅଜୟଙ୍କ ବ୍ୟତୀତ ଅନ୍ୟ କେଉଁ କଳାକାରମାନେ କାମ କରୁଛନ୍ତି ତାହା ସ୍ପଷ୍ଟ ହୋଇ ନାହିଁ। ଏଠାରେ ପ୍ରକାଶ ଥାଉ କି 'ଦୃଶ୍ୟମ୍' ମୋହନଲାଲଙ୍କ ମଲାୟାଲମ୍ ଫିଲ୍ମର ହିନ୍ଦୀ ରିମେକ୍। ଏହି ଫିଲ୍ମ ୨୦୧୫ରେ ଆସିଥିଲା। ଏହା ବକ୍ସଅଫିସ୍‌ରେ ହିଟ୍ ସାବ୍ୟସ୍ତ ହୋଇଥିଲା। ଏହାର ସାତ ବର୍ଷ ପରେ ୨୦୨୨ରେ 'ଦୃଶ୍ୟମ୍ ୨' ଆସିଥିଲା। ଏହା ମଧ୍ୟ ବକ୍ସ ଅଫିସ୍‌ରେ ଭଲ ବିଜିନେସ୍ କରିଥିଲା। ଏବେ ଏହାର ଚାରି ବର୍ଷ ପରେ 'ଦୃଶ୍ୟମ୍ ୩' ଆସିବ। କିଛି ଦିନ ପୂର୍ବରୁ ମୋହନଲାଲ 'ଦୃଶ୍ୟମ୍ ୩' (ମଲାୟାଲମ୍) ସୁଟିଂ ଆରମ୍ଭ କରିଥିବା ଘୋଷଣା କରିଥିଲେ। ତେବେ ଏହି ଫିଲ୍ମର ସଫଳତାକୁ ଦେଖି ମଲାୟାଲମ୍ ନିର୍ମାତା ଏହାକୁ ହିନ୍ଦୀରେ ରିଲିଜ୍ କରିବା ପାଇଁ ଯୋଜନା କରିଛନ୍ତି।




## ପବିତ୍ର ବଡ଼ଦିନ

ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଧରାବତରଣ ଖୁସିରେ ଖ୍ରୀଷ୍ଟମାସ ତଥା ପବିତ୍ର ବଡ଼ଦିନକୁ ଖ୍ରୀଷ୍ଟଧର୍ମାବଲମ୍ବୀମାନେ ବଡ଼ ଧୂମଧାମ୍‌ରେ ପାଳନ କରିଥାନ୍ତି । ପବିତ୍ର ଗ୍ରନ୍ଥ ବାଇବେଲ୍‌ରେ ଯୀଶୁଙ୍କ ଜନ୍ମଦିନକୁ ନେଇ ସଠିକ୍ ତାରିଖ ଉଲ୍ଲେଖ ନ ଥିଲେ ମଧ୍ୟ ଏହି ଦିନକୁ ସାରା ବିଶ୍ୱରେ କ୍ରିସ୍‌ମାସ୍ ଭାବେ ପାଳନ କରାଯାଇଥାଏ। ବାଇବେଲ ଅନୁସାରେ, ଭଗବାନ ଯୀଶୁ ହେଉଛନ୍ତି ଈଶ୍ୱରଙ୍କ ସନ୍ତାନ । ପୃଥିବୀରେ ପ୍ରେମ ଏବଂ ଶ୍ରଦ୍ଧାର ବାର୍ତ୍ତା ପ୍ରଚାର କରିବା ପାଇଁ ସେ ଧରାବତରଣ କରିଥିଲେ । ଖ୍ରୀଷ୍ଟ ଧର୍ମରେ ଏହି ଦିନକୁ ସବୁଠାରୁ ପବିତ୍ର ମନେ କରାଯାଇଥାଏ। ଦୟା, କ୍ଷମା, କରୁଣାର ଅବତାର ଥିଲେ ପ୍ରଭୁ ଯୀଶୁ। ମାନବ ସମାଜକୁ ଦିଗ୍‌ଦର୍ଶନ ଦେବା ଲାଗି ପରମେଶ୍ୱରଙ୍କ ନିର୍ଦ୍ଦେଶରେ ସେ ଧରାବତରଣ କରିଥିଲେ। ସମାଜର ମଙ୍ଗଳ ପାଇଁ ସେ ହସିହସି ପ୍ରାଣବଳି ଦେଇଥିଲେ। ପ୍ରଭୁ ଯୀଶୁ ମାନବ ସମାଜକୁ ପ୍ରେମ ଏବଂ ମାନବିକତା ଶିକ୍ଷା ଦେଇଥିଲେ। ସେ ଜଗତର ଲୋକଙ୍କୁ ପ୍ରେମ ଏବଂ ଭାଇଚାରା ସହିତ ବଞ୍ଚିବାକୁ ବାର୍ତ୍ତା ଦେଇଥିଲେ। ଏହି ଦିନଟିକୁ ଇଉରୋପୀୟ ରାଷ୍ଟ୍ରରେ ଖୁବ୍ ଜାକଜମକରେ ପାଳନ କରାଯାଉଥିଲାବେଳେ ଆଜିକାଲି ପ୍ରାୟତଃ ସବୁସ୍ଥାନରେ ଏହି ଦିବସ ପାଳନ କରାଯାଉଛି। ବଡ଼ଦିନ ପାଳନ ଅବସରରେ ଚର୍ଚ୍ଚଗୁଡ଼ିକୁ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକମାଳା, ତାରକାରେ ସଜ୍ଜିତ କରାଯାଇ କ୍ୟାରୋଲ ସଙ୍ଗୀତ ଗାନ, ସମୂହ ପ୍ରାର୍ଥନା ସହ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଏ। ଖ୍ରୀଷ୍ଟ ଧର୍ମର ଲୋକେ ବଡ଼ଦିନ ଉପଲକ୍ଷେ ନିଜ ଘରକୁ ଆଲୋକମାଳା ଓ ଫୁଲରେ ସଜାଇବା ସହ ନୂତନ ପୋଷାକ ପରିଧାନ କରିଥାନ୍ତି। ଏହି ଅବସରରେ ବିଭିନ୍ନ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ ମଧ୍ୟ ପ୍ରସ୍ତୁତ କରାଯାଇଥାଏ। ବଡ଼ଦିନରେ କେକ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସମସ୍ତେ ମିଳିତ ହୋଇ କେକ୍ କାଟିବା ସହ ପରସ୍ପରକୁ କେକ୍ ଖୁଆଇ ଏହି ଦିନର ଶୁଭ କାମନା ଜଣାଇଥାନ୍ତି। ଛକ ଛକରେ ଲାଇଟ୍ ଲଗାଇ ଖ୍ରୀଷ୍ଟମାସ ଗଛ ସଜାଇ ଥା'ନ୍ତି ଖ୍ରୀଷ୍ଟଧର୍ମାବଲମ୍ବୀ ଲୋକେ। ଏହି ଅବସରରେ ଲୋକେ ପରସ୍ପରକୁ ଉପହାର ଦେଇ ଶୁଭକାମନା ଜଣାଇଥାନ୍ତି। ଏହି ଦିନର ସବୁଠାରୁ ଆକର୍ଷଣୀୟ ବିଷୟ ହେଉଛି କ୍ରିସ୍‌ମାସ୍ ଟ୍ରି ଓ ସାନ୍ତାକ୍ଲଜ୍। ପ୍ରଥମେ ଲଣ୍ଡନରେ ଏହି କ୍ରିସ୍‌ମାସ୍ ଟ୍ରି ପରମ୍ପରା ଆରମ୍ଭ ହୋଇଥିଲା। ପିଲାଙ୍କ ଆୟୁଷ ବଢ଼ିବା ନିମନ୍ତେ ଏହି ଗଛ ସଜାଯାଉଥିବା କୁହାଯାଏ। ସାଧାରଣତଃ ପାଇନ୍ ବା ଫର୍ ଗଛ କିମ୍ବା ଚେରି ଗଛରେ କ୍ରିସ୍‌ମସ୍ ଟ୍ରି ପ୍ରସ୍ତୁତ ହୋଇଥାଏ। ତ୍ରିଭୂଜାକାର ଗଛ ଡାଳରେ ରଙ୍ଗିନ ବଲ୍, ଚକୋଲେଟ୍ ଓ ତାରା ଖଞ୍ଜାଯାଇ ଏହାକୁ ସଜାଯାଏ। ଖ୍ରୀଷ୍ଟମାସ ପର୍ବଟି ମୁଖ୍ୟତଃ ଛୋଟ ପିଲାମାନଙ୍କ ପାଇଁ ଅଧିକ ଆନନ୍ଦ ଓ ଉଲ୍ଲାସ ଆଣି ଦେଇଥାଏ। ଏହି ଦିନରେ ପିଲାମାନଙ୍କୁ ତାଙ୍କ ପସନ୍ଦର ଖାଦ୍ୟଦ୍ରବ୍ୟ ଖାଇବାକୁ ମିଳିବା ସହ ବହୁ ଉପହାର ମଧ୍ୟ ମିଳିଥାଏ। । ମାନ୍ୟତା ଅନୁଯାୟୀ, ସାନ୍ତାକ୍ଲଜ୍ ସ୍ୱର୍ଗରୁ ଆସି ସମସ୍ତଙ୍କ ପାଇଁ ଉପହାର ସହ ଖୁସି ଦେଇଯାଆନ୍ତି। ଏହା ଖ୍ରୀଷ୍ଟମାସ ସହିତ ଜଡିତ ଏକ ଲୋକପ୍ରିୟ କାଳ୍ପନିକ ଚରିତ୍ର । ଖ୍ରୀଷ୍ଟମାସ ରାତିରେ ବଡ଼ ଧଳା ଦାଢ଼ି ରଖିଥିବା ସାନ୍ତା କ୍ଲଜ୍ ସ୍ୱର୍ଗରୁ ପ୍ରତ୍ୟେକ ଘରକୁ ଓହ୍ଲାଇ ଆସି ଖ୍ରୀଷ୍ଟମାସ ଗଛ ପାଖରେ ପିଲାମାନଙ୍କ ପାଇଁ ଉପହାର ଛାଡ଼ି ଯାଆନ୍ତି ବୋଲି କୁହାଯାଏ । ତେଣୁ ଏହି ଦିନରେ କିଛି ବ୍ୟକ୍ତି ସାନ୍ତାକ୍ଲଜ୍ ବେଶରେ ସଜେଇ ହୋଇ ପିଲାମାନଙ୍କୁ ଉପହାର ପ୍ରଦାନ କରିଥାଆନ୍ତି। ସାନ୍ତାକ୍ଲଜ୍ ବିଷୟରେ ଅନେକ ଲୋକକଥା ରହିଛି । ଖ୍ରୀଷ୍ଟଧର୍ମାବଲମ୍ବୀମାନଙ୍କ ମତରେ, ସନ୍ଥ ନିକୋଲାସଙ୍କୁ ହିଁ ସାଣ୍ଟାକ୍ଲଜ୍ ଭାବେ ବର୍ଣ୍ଣିତ କରାଯାଇଛି । ସମଗ୍ର ବିଶ୍ୱର ଲୋକମାନେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମଦିନକୁ ନିଜ ନିଜ ପରମ୍ପରା ଏବଂ ରୀତିନୀତି ଅନୁଯାୟୀ ଭକ୍ତି ଓ ବିଶ୍ୱାସର ସହିତ ପାଳନ କରନ୍ତି ।

## ଆଜି ଆସିଥିଲେ


## ମହାନ୍ ଜନନାୟକ ଅଟଳ ବିହାରୀ ବାଜପେୟୀ




ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କର ଆଜି ଜନ୍ମ ଜୟନ୍ତୀ। ଜଣେ ଉଦାରବାଦୀ ନେତା ଭାବେ ବାଜପେୟୀ ଥିଲେ ବେଶ୍ ଲୋକପ୍ରିୟ। ନିଜର ଭାଷଣର ଦକ୍ଷତା, ହସ ହସ ମୁହଁ ଓ ବିଚାରଧାରା ପାଇଁ ବାଜପେୟୀ ଲୋକଙ୍କର ବେଶ୍ ପ୍ରିୟ ଥିଲେ। ଜଣେ ରାଜନେତା ଭାବେ ସେ ଯେତିକି ପରିଚିତ ହୋଇଥିଲେ ତାଙ୍କର କାଳଜୟୀ କବିତା ପାଇଁ ସେତିକି ଲୋକପ୍ରିୟ ହୋଇଥିଲେ। ସେ ଏମିତି ଜଣେ ପ୍ରଧାନମନ୍ତ୍ରୀ ଥିଲେ ଯାହାଙ୍କ କଥା ଓ କବିତାରେ ବିରୋଧୀ ବି ତାଳି ମାରିବାକୁ ପଛାଉ ନ ଥିଲେ। ତିନି ତିନି ଥର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ ବାଜପେୟୀ। ସେ ୧୯୨୪ ମସିହା ଆଜିର ଦିନରେ ଗ୍ୱାଲିୟରର ଏକ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ବାପାଙ୍କ ନାଁ କୃଷ୍ଣ ବିହାରୀ ବାଜପେୟୀ ଓ ମା'ଙ୍କ ନାଁ ହେଉଛି କୃଷ୍ଣା ଦେବୀ। ଗ୍ୱାଲିୟରର ଭିକ୍ଟୋରିଆ କଲେଜରୁ ସେ ସ୍ନାତକ ଡିଗ୍ରୀ ପ୍ରାପ୍ତ କରିଥିଲେ। ଛାତ୍ର ଜୀବନରୁ ହିଁ ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍‌ଏସ୍)ରେ ସ୍ୱୟଂସେବକ ହୋଇଥିଲେ। ଏପରିକି ସେ ଅଧାରୁ ପାଠପଢ଼ା ଛାଡ଼ି ପୂର୍ଣ୍ଣକାଳୀନ ପ୍ରଚାରକ ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ। ସେ କାନପୁରର ଡିଏଭି କଲେଜରୁ ରାଜନୀତି ବିଜ୍ଞାନରେ ଏମ୍‌ଏ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏହାପରେ ସେ କାନପୁରରେ ଏଲ୍‌ଏଲ୍‌ବି ପଢ଼ା ଆରମ୍ଭ କରିଥିଲେ। ପିଲାଦିନରୁ ତାଙ୍କର ସାହିତ୍ୟ ପ୍ରତି ରୁଚି ଥିଲା। ବିଭିନ୍ନ କବି ସମ୍ମିଳନୀରେ ଯୋଗ ଦେବାରୁ ତାଙ୍କର ଲେଖାଲେଖି ପ୍ରତି ଆଗ୍ରହ ବଢ଼ିଲା ଓ ଧୀରେ ଧୀରେ ସେ କବିତା ଲେଖା ଆରମ୍ଭ କଲେ। ତାଙ୍କର ସଂଘର୍ଷମୟ ଜୀବନ, ପରିବର୍ତ୍ତନଶୀଳ ପରିସ୍ଥିତି, ରାଷ୍ଟ୍ରବ୍ୟାପୀ ଆନ୍ଦୋଳନ, ଜେଲ ଜୀବନ ଆଦି ତାଙ୍କ କାବ୍ୟ କବିତାରେ ଦେଖିବାକୁ ମିଳିଥାଏ। ତାଙ୍କ କବିତା ସଂକଳନ ମଧ୍ୟରୁ 'ମେରି ଇକ୍ୟାବନ୍ କବିତାଏଁ' ଖୁବ୍ ଲୋକପ୍ରିୟ। ଅନ୍ୟପଟେ ସଂସଦରେ ସେ ଏକାଧିକବାର କବିତା ମାଧ୍ୟମରେ ନିଜ ମତ ମଧ୍ୟ ରଖିଛନ୍ତି। ୧୯୪୨ରେ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଜେଲ ଯାଇଥିଲେ। ବାଜପେୟୀ ୧୯୫୧ରେ ରାଜନୀତିରେ ପାଦ ଥାପିଲେ। ୧୯୫୫ରେ ସେ ଲୋକସଭା ନିର୍ବାଚନରେ ପରାଜିତ ହୋଇଥିଲେ। ଏହାପରେ ସେ ୧୯୫୭ରେ ସଂସଦ ହୋଇଥିଲେ। ସେହିପରି ସେ ଲୋକସଭାକୁ ନଅ ଥର ଓ ରାଜ୍ୟସଭାକୁ ଦୁଇ ଥର ନିର୍ବାଚିତ ହୋଇଥିଲେ। ସାରା ଦେଶରେ ସେ ହିନ୍ଦୀ ଭାଷାର ପ୍ରଚାର କରିଥିଲେ। ୧୯୭୭ ମସିହାରେ ମୋରାରଜୀ ଦେଶାଇ ସରକାର ସମୟରେ ସେ ବିଦେଶ ମନ୍ତ୍ରୀ ଥିଲେ। ଏହି ସମୟରେ ଜାତିସଂଘ ସାଧାରଣ ପରିଷଦ ବୈଠକରେ ସେ ହିନ୍ଦୀରେ ଭାଷଣ ଦେଇ ବେଶ୍ ଚର୍ଚ୍ଚିତ ହୋଇଥିଲେ। ବାଜପେୟୀ ୩ଥର ଦେଶର ପ୍ରଧାନମନ୍ତ୍ରୀ ହୋଇଥିଲେ। ୧୯୯୬ ମସିହାରେ ୧୩ ଦିନ ପାଇଁ, ୧୯୯୮ ମସିହାରେ ୧୩ ମାସ ପାଇଁ ଏବଂ ୧୯୯୯ ମସିହାରେ ସଂପୂର୍ଣ୍ଣ ୫ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ହୋଇଥିଲେ। କେବଳ ଉଦାରବାଦ ହିଁ ନୁହେଁ ପରାକ୍ରମରେ ମଧ୍ୟ ବାଜପେୟୀଙ୍କ ଜବାବ ନଥିଲା। ସେ ପ୍ରଧାନମନ୍ତ୍ରୀ ହେବା ପରେ ପାକିସ୍ତାନ ସହ ସମ୍ପର୍କ ସୁଦୃଢ଼ କରିବା ଲାଗି ଅନେକ ପ୍ରୟାସ କରିଥିଲେ। ନିଜ ଦଳର ଅନେକ ନେତାଙ୍କ ଦ୍ୱାରା ବିରୋଧର ଶିକାର ହେବା ସତ୍ତ୍ୱେ ସେ ପାକିସ୍ତାନ ଯାତ୍ରା କରିଥିଲେ। ହେଲେ ଏହାପରେ ୧୯୯୯ ମସିହାରେ ପାକିସ୍ତାନ କାରଗିଲ ଯୁଦ୍ଧ ଆରମ୍ଭ କରି ବିଶ୍ୱାସଘାତ କରିଥିଲା। ଏହି ଯୁଦ୍ଧରେ ଭାରତ ପାକିସ୍ତାନକୁ କଡ଼ା ଜବାବ ଦେଇଥିଲା। ଯୁଦ୍ଧରେ ଭାରତର ବିଜୟ ପାଇଁ ଭାରତୀୟ ସେନାର ପରାକ୍ରମ ସହ ବାଜପେୟୀଙ୍କ ନେତୃତ୍ୱକୁ ସାରା ବିଶ୍ୱ ପ୍ରଶଂସା କରିଥିଲା। ବାଜପେୟୀ ଲାଲବାହାଦୁର ଶାସ୍ତ୍ରୀଙ୍କ 'ଜୟ ଯବାନ, ଜୟ କିସାନ' ସ୍ଲୋଗାନରେ 'ଜୟ ବିଜ୍ଞାନ'କୁ ଯୋଡ଼ିଥିଲେ। ଦେଶ ପ୍ରତି ଥିବା ତାଙ୍କ ତ୍ୟାଗ ଓ ଅବଦାନ ଯୋଗୁଁ ଭାରତ ରତ୍ନ, ପଦ୍ମବିଭୂଷଣ ଆଦି ସମ୍ମାନରେ ସେ ସମ୍ମାନିତ ହୋଇଥିଲେ। ୨୦୧୮ ଅଗଷ୍ଟ ୧୬ରେ ଏହି ମହାନ ରାଜନେତାଙ୍କ ପରଲୋକ ଘଟିଥିଲା।

## ଦୀର୍ଘାୟୁର ରହସ୍ୟ ଫାଇବର

ଫିଟ୍ ରହିବା ତଥା ଦୀର୍ଘାୟୁ ହେବା ଲାଗି ଆଜିକାଲି ଲୋକେ ବିଭିନ୍ନ ଉପାୟ ଆପଣାଉଛନ୍ତି। କିଏ ଜିମ୍ ଯାଉଛନ୍ତି ତ ଆଉ କିଏ ମହଙ୍ଗା ସପ୍ଲିମେଣ୍ଟ ନେଉଥିବା ବେଳେ ଅନେକ ଡାଏଟ୍ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହାରି ଭିତରେ ଲଣ୍ଡନର ପ୍ରତିଷ୍ଠିତ ହାର୍ଟ ସର୍ଜନ ଡାକ୍ତର ଜେରେମି ଲଣ୍ଡନ କହିଛନ୍ତି, ଦୀର୍ଘାୟୁ ହେବା ପାଇଁ ତଥା ଉତ୍ତମ ସ୍ୱାସ୍ଥ୍ୟ ଲାଗି ଏସବୁର କୌଣସି ଆବଶ୍ୟକତା ନାହିଁ। ତାଙ୍କ ମତରେ, ନିତିଦିନ ଖାଦ୍ୟରେ ହିଁ ଦୀର୍ଘାୟୁ ହେବାର ରହସ୍ୟ ଲୁଚି ରହିଛି। ଦୀର୍ଘାୟୁ ହେବା ଲାଗି ମୁଖ୍ୟ ଉପାଦାନ ହେଉଛି ଫାଇବର୍ ବା ତନ୍ତୁ। ଏହା କୌଣସି ଚମତ୍କାରୀ ଔଷଧ ନୁହେଁ କିମ୍ବା ଏହାର ପ୍ରଭାବ ତୁରନ୍ତ ଦେଖିବାକୁ ମିଳି ନ ଥାଏ। ଏହାର ପ୍ରଭାବ ଧୀରେ ଧୀରେ ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ। ଡାକ୍ତର ଜେରେମି ଏହାକୁ ନେଇ ଏକ ଭିଡିଓ ଇନଷ୍ଟାଗ୍ରାମ୍‌ରେ ସେୟାର୍ କରିଛନ୍ତି। ସେ କହିଛନ୍ତି, ବୟସାଧିକ ଲୋକଙ୍କୁ ଫାଇବରଯୁକ୍ତ ଖାଦ୍ୟ ଖାଇବାକୁ କୁହାଯାଏ। କାରଣ ବୟସ ବଢ଼ିଲେ ଫାଇବରଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ପେଟ ଭଲ ରହେ। ହେଲେ ବାସ୍ତବରେ ଫାଇବର ପ୍ରତ୍ୟେକ ବୟସବର୍ଗଙ୍କ ଲାଗି ଜରୁରି। ଫାଇବର ହୃଦୟ ଏବଂ ମେଟାବଲିଜିମ୍ ସ୍ୱାସ୍ଥ୍ୟକୁ ମଜଭୁତ ରଖେ। ଏହାଦ୍ୱାରା ମଧୁମେହ ଏବଂ ହୃଦ୍‌ରୋଗ ହେବା ଆଶଙ୍କା କମିଯାଏ। ଏପରିକି ପାଚନତନ୍ତ୍ର ଉପରେ ଫାଇବରର ସବୁଠୁ ଭଲ ପ୍ରଭାବ ପଡ଼ିଥାଏ। ଏହା କୋଷ୍ଠକାଠିନ୍ୟ ସମସ୍ୟା ଦୂର କରିବା ସହ ଏଥିଯୋଗୁ ଅନ୍ତନଳୀ ରୋଗ ହେବା ଆଶଙ୍କା କମ୍ ଥାଏ। ସେହିପରି ଆବଶ୍ୟକତା ଅନୁସାରେ, ଫାଇବର ଗ୍ରହଣ କଲେ ଏହା ଯୋଗୁଁ କୋଲନ୍ କ୍ୟାନସର ଆଶଙ୍କା ହ୍ରାସ ପାଏ। ତେଣୁ ଫାଇବରକୁ କେବଳ ଖାଦ୍ୟ ହଜମ ପାଇଁ ନୁହେଁ, ବରଂ ପୂରା ସ୍ୱାସ୍ଥ୍ୟ ସହିତ ଯୋଡ଼ି ଦେଖିବା ଉଚିତ। କିଛି ଫାଇବର ଅନ୍ତନଳୀରେ ଥିବା ଥିବା ଭଲ ଜୀବାଣୁକୁ ଖାଦ୍ୟ ପ୍ରଦାନ କରେ। ଏହି ଜୀବାଣୁ ଶରୀରରେ ମେଟାବୋଲିଜିମ୍‌ରେ ସୁଧାର ଆଣେ ଏବଂ ରୋଗପ୍ରତିରୋଧକ ଶକ୍ତିକୁ ମଜଭୁତ କରିଥାଏ। ଏହି ପ୍ରକ୍ରିୟା ବୟସ ବୃଦ୍ଧି ସହିତ ହେଉଥିବା ରୋଗରୁ ରକ୍ଷା କରିବାରେ ସାହାଯ୍ୟ କରେ। ଅଧିକାଂଶ ଲୋକ ନିତିଦିନ ପର୍ଯ୍ୟାପ୍ତ ପରିମାଣର ଫାଇବର ଗ୍ରହଣ କରି ନ ଥାନ୍ତି। ତେବେ ଗବେଷଣାନୁସାରେ, ଫାଇବର ସେବନ ଯେତେ ବଢ଼େ, ଏହାର ଫାଇଦା ବି ସେହି ଅନୁସାରେ ବୃଦ୍ଧି ପାଏ। ଅନ୍ୟପକ୍ଷରେ ଫାଇବର ପାଇଁ କିଛି ଅଲଗା ଖାଦ୍ୟ ଖାଇବାର ଆବଶ୍ୟକତା ନାହିଁ, ବରଂ ନିତିଦିନ ଖାଉଥିବା ଖାଦ୍ୟରେ ହିଁ ଏହା ରହିଛି। ତେଣୁ ଫାଇବର ଲାଗି ନାସପାତି, ସେଓ, ଷ୍ଟ୍ରବେରି, ରସବେରି, କଦଳୀ, ଗାଜର, ବିଟ୍, ବ୍ରୋକଲି କନ୍ଦମୂଳ ଆଦିକୁ ଖାଦ୍ୟରେ ସାମିଲ କରିବା ଭଲ।





## କାଫେକୁ ସମର୍ପିତ ଭବିଷ୍ୟତ ଚିଠି

ପ୍ୟାରିସ୍‌ରେ 'କାଫେ ପ୍ଲି' ନାମକ ଏକ ନିଆରା କାଫେ ଏବେ ଚର୍ଚ୍ଚା ସାଉଁଟୁଛି। ଏହି କାଫେ ଗ୍ରାହକଙ୍କୁ ନିଜ ଆଶା, ସ୍ୱପ୍ନ ତଥା ଗୁପ୍ତ କଥାକୁ କାଗଜରେ ଲେଖିବାର ଅନୁମତି ପ୍ରଦାନ କରିଥାଏ। ଅବଶ୍ୟ ଗ୍ରାହକ କାଗଜରେ ଲେଖୁଥିବା କଥା ସିଲ୍ ହୋଇଯିବା ପରେ କାଫେ ଏହାକୁ ସୁରକ୍ଷିତ ଭାବେ ସାଇତି ରଖେ। କେବଳ ସେତିକି ନୁହେଁ, ଉକ୍ତ କାଫେ ପାଞ୍ଚ ବର୍ଷ କି ୨୦ ବର୍ଷ ପରେ ଚିଠିଟିକୁ ସମାନ ତାରିଖରେ ଗ୍ରାହକଙ୍କ ପାଖରେ ପହଞ୍ଚାଇବା କାମ କରେ। ଏହି କାଫେଟିକୁ ୨୦୨୪ ମସିହା ଜୁଲାଇରେ ଜେନେଭିଭ ଲ୍ୟାଣ୍ଡସମ୍ୟାନ୍ ପ୍ରତିଷ୍ଠା କରିଥିଲେ। ୟୁରୋପର ଏହା ପ୍ରଥମ କାଫେ, ଯାହାକି ଭବିଷ୍ୟତ ଉଦ୍ଦେଶ୍ୟରେ ଲେଖାଯାଉଥିବା ଚିଠି ଲାଗି ସମର୍ପିତ। ଦକ୍ଷିଣ କୋରିଆର ସିଓଲରେ ଥିବା 'ସଲୱାମ୍ ଏକ୍ସପ୍ରେସ୍' ନାମକ କାଫେଦ୍ୱାରା ପ୍ରେରିତ ହୋଇ ଜେନେଭିଭ ଏଭଳି ଏକ କାଫେ ନିର୍ମାଣ ପାଇଁ ଚିନ୍ତା କରିଥିଲେ। ତେବେ ଗ୍ରାହକ ଇଫାପା, ପୋଷ୍ଟକାର୍ଡ, କଲମ, ପେନ୍‌ସିଲ, ସିଲିଂ ୱାକ୍ସ, ଷ୍ଟିକର ଆଦିରେ ନିଜ ମନକଥା ଲେଖିବାର ସୁଯୋଗ ପାଆନ୍ତି। ନିଜ ପାଇଁ ହେଉ ଅବା ନିଜ ମନର ମଣିଷ ପାଇଁ ପ୍ରତ୍ୟେକ ଚିଠିକୁ ଜଣେ ନିଜ ପସନ୍ଦ ଅନୁସାରେ ଲେଖିଥାନ୍ତି। ଏହି କାଫେକୁ ଗ୍ରାହକ ଆସିବା ପରେ କଫି କି ପେଷ୍ଟ୍ରି ଅର୍ଡର ଦେବାକୁ ହୁଏ। ଏହାପରେ ଗ୍ରାହକ ଜଣକ କେଉଁଠିରେ ନିଜର ମନକଥା ଲେଖିବେ ତାହା ବାଛିବାକୁ ହୋଇଥାଏ। ଜଣେ ଏଠାରେ ନିଜ ପାଇଁ କି ଅନ୍ୟ କାହା ପାଇଁ ଚିଠି ଲେଖିପାରିବେ। ଲେଖିବା ପରେ ଇଫାପାକୁ ସୁନ୍ଦର ଭାବେ ସଜାଇ ତାହାକୁ ସିଲ୍ କରାଯାଏ। ଅବଶ୍ୟ ଏହି ସିଲ୍ ମହମକୁ ତରଳାଇ କରିବାକୁ ହୋଇଥାଏ। ଏହାପରେ ଗ୍ରାହକ ଚିଠିକୁ କାଫେରେ ଥିବା ବାକ୍ସ ମଧ୍ୟରେ ରଖନ୍ତି। କାଚ୍ଚରେ ଥିବା ପ୍ରତ୍ୟେକ ବାକ୍ସ ବିଭିନ୍ନ ଲେଭିଭରି ସମୟକୁ ନେଇ ରହିଛି। ଏଠାରେ ବର୍ଷେ, ପାଞ୍ଚବର୍ଷ କିମ୍ବା ୨୦ ବର୍ଷରେ ଚିଠି ପହଞ୍ଚାଇବାର ସୁବିଧା ଅଛି। ଅବଶ୍ୟ ଚିଠିଟିକୁ ଯେଉଁ ଦିନ ପହଞ୍ଚାଇବାର ଥାଏ, ସେହି ବାକ୍ସକୁ ଚୟନ କରିବାକୁ ହୋଇଥାଏ। ଏହାପରେ କାଫେ କର୍ମଚାରୀ ଏହାକୁ ସୁରକ୍ଷିତ ଭାବେ ସାଇତି ରଖନ୍ତି ଏବଂ ଯେଉଁ ତାରିଖରେ ପ୍ରାପ୍ତକର୍ତ୍ତାଙ୍କ ପାଖରେ ପହଞ୍ଚିବାର ଥାଏ, ସେଦିନ ଚିଠିକୁ ଡେଲିଭରି ଦିଆଯାଏ। ଅବଶ୍ୟ ଚିଠି ପହଞ୍ଚାଇବା ପାଇଁ ଲୋକଙ୍କୁ ଟଙ୍କା ଦେବାକୁ ପଡ଼ିଥାଏ। ବର୍ଷକ ପାଇଁ ୧୫୦୦, ପାଞ୍ଚ ବର୍ଷ ଲାଗି ୨୪୦୦, ୨୦ ବର୍ଷ ଲାଗି ୪,୩୦୦ ଟଙ୍କା ଦେବାକୁ ହୁଏ।

## କ୍ରିସ୍‌ମାସ୍ କେଶ ବିନ୍ୟାସ

କ୍ରିସ୍‌ମାସ୍ ପାର୍ଟିକୁ ନେଇ ମହିଳାମାନେ ଅଧିକ ଉତ୍ସାହିତ ଥାଆନ୍ତି। ଏଥିପାଇଁ ସାଜସଜ୍ଜଠୁ ନେଇ ବେଶପୋଷାକ ପ୍ରତି ଧ୍ୟାନ ଦିଅନ୍ତି। ଏଥିପାଇଁ ମହିଳାମାନେ ମେକ୍‌ଅପ୍ ସହ କେଶ ବିନ୍ୟାସ ମଧ୍ୟ କରନ୍ତି। ସେହିପରି କ୍ରିସ୍‌ମାସ୍‌ରେ ଆକର୍ଷଣୀୟ କେଶ ବିନ୍ୟାସ ଚାହୁଁଥିଲେ ମାଳି, ବୋ- କ୍ଲିପ୍ ଆଦି ଲଗାଇପାରିବେ। ଏହା କେଶକୁ ସୁନ୍ଦର କରିଥାଏ।



- କ୍ରିସ୍‌ମାସ୍ ପାର୍ଟିରେ ରେଡ୍ ଆଉଟ୍‌ଫିଟ୍ ସହ ଏକ ସୁନ୍ଦର ଲୁକ୍ ଚାହୁଁଥିଲେ, ବୋ-ଡିଜାଇନ ନାଲିରଙ୍ଗ ହେୟାର ଆସେସରିଜ୍ ବ୍ୟବହାର କରିପାରିବେ।
- ସେହିପରି ମହିଳାମାନେ କେଶରେ କ୍ଲିପ୍ ବଦଳରେ ନାଲି, ସବୁଜ ରଙ୍ଗ କ୍ଲିପ୍ ଲଗାଇପାରିବେ।
- କ୍ରିସ୍‌ମାସ୍ ପାର୍ଟିରେ କେଶକୁ ଖୋଲା କରି ଏଥିରେ ନାଲି ବୋ କ୍ଲିପ୍ ଲଗାଇପାରିବେ। ଏହା କେଶକୁ ଖୁବ୍ ସୁନ୍ଦର ମାନିଥାଏ।
- ସେହିପରି କେଶକୁ ଅଧିକ ଆକର୍ଷଣୀୟ କରିବାକୁ ଚାହୁଁଥିଲେ, ଏଥିରେ ଛୋଟ ନାଲିମାଳି, ଛୋଟ ବଲ୍ ଲଗାଇ କେଶକୁ ସଜାଇପାରିବେ। ସେହିପରି ଚାହିଁଲେ ନାଲି ରିବନ ଫିତାବାନ୍ଧି କେଶକୁ ସୁନ୍ଦର କରିପାରିବେ। କେଶକୁ ବାନ୍ଧିବା ବଦଳରେ ଛାଡ଼ିଲେ, ଭଲ ମାନିଥାଏ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ବିବେକକୁ ଦୃଢ଼ରେ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିଦ୍ୟାରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇନ ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରଗାମୀ ଯାତ୍ରା କରିବେ। ନିଜେଶକୁ ଦୃଢ଼ରେ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ବିଜୟ ହଜାରେ ଟ୍ରଫିରେ ରେକର୍ଡ ବର୍ଷା

# ବିହାର ଓ ବୈଭବ ସୂର୍ଯ୍ୟବଂଶୀଙ୍କ ବିଶ୍ୱରେକର୍ଡ

ନୂଆଦିଲ୍ଲୀ/ଭୁବନେଶ୍ୱର,୨୪।୧୨(ଏଜେନ୍ସି/ସମିସ): ଭାରତର ଲିଷ୍ଟ-ଏ (ଘରୋଇ ଦିନିକିଆ ଫର୍ମାଟ) କ୍ରିକେଟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫି କ୍ରିକେଟ ପ୍ରତିଯୋଗିତା ଆଜି ଦେଶର ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନରେ ଦୁଇଟି ବିଶ୍ୱରେକର୍ଡ ସହ ଅଧା ଡଜନରେ ଅଧିକ ରେକର୍ଡ ସୃଷ୍ଟି ହୋଇଛି। ଅରୁଣାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ବିହାର ୬ ୱିକେଟରେ ୫୭୪ ରନ୍ କରି ବିଶ୍ୱର ସମସ୍ତ ଲିଷ୍ଟ-ଏ’ (ଅନ୍ତର୍ଜାତୀୟ ମ୍ୟାଚ୍ ସମେତ) କ୍ରିକେଟରେ ସର୍ବୋଚ୍ଚ ଦଳଗତ ସ୍କୋର କରିଛି। ଏହି ମ୍ୟାଚ୍‌ରେ ଟିନ୍‌ଏଜ୍ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ମାତ୍ର ୧୪ ବର୍ଷ ୨୭୨ ଦିନରେ ଶତକ ହାସଲ କରି ବିଶ୍ୱର ସର୍ବକନିଷ୍ଠ ସେଞ୍ଚୁରିଆନ୍ ଭାବେ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଏହି ମ୍ୟାଚ୍‌ରେ ବିହାର ଅଧିନାୟକ ୩୨ ବଲ୍‌ରେ ଶତକ ହାସଲ କରି ଭାରତରେ ଦ୍ରୁତତମ ଓ ବିଶ୍ୱରେ ତୃତୀୟ ଦ୍ରୁତତମ ଶତକ ହାସଲ କରିବାର ରେକର୍ଡ କରିଛନ୍ତି। ଏଠାରେ ମଧ୍ୟ ବୈଭବ ସୂର୍ଯ୍ୟବଂଶୀ ୩୬ ବଲ୍‌ରେ ଓ ଝାଡଖଣ୍ଡ ବିପକ୍ଷ ମ୍ୟାଚ୍‌ରେ ଇଶାନ କିସାନ ୩୩ ବଲ୍‌ରେ ଶତକ ହାସଲ କରି ଯଥାକ୍ରମେ ଭାରତର ଚତୁର୍ଥ ଓ ଦ୍ୱିତୀୟ ଦ୍ରୁତତମ ଶତକହାସଲ କରିବାରେ ରେକର୍ଡ କରିଛନ୍ତି।

ଓଡ଼ିଶା ମଧ୍ୟ ଆଜିର ରେକର୍ଡ ବହିରେ ସାମିଲ ହୋଇଛି। ସୌରାଷ୍ଟ୍ର ବିପକ୍ଷ ମ୍ୟାଚ୍‌ରେ ଦଳର ଓପନର ସ୍ୱସ୍ତିକ ସାମଲ ୨୧୨ ରନ୍ କରି ରାଜ୍ୟର ପ୍ରଥମ ଦ୍ୱିଶତକ ହାସଲ କରିବାର ରେକର୍ଡ କରିଛନ୍ତି। ଏହା ସତ୍ତ୍ୱେ ଦଳ ୫ ୱିକେଟରେ ପରାଜିତ ହୋଇଛି। ଜାତୀୟ ଓ ଅନ୍ତର୍ଜାତୀୟ କ୍ରିକେଟ ଖେଳୁଥିବା ଅନେକ ଖେଳାଳି ମଧ୍ୟ ବ୍ୟକ୍ତିଗତ ରେକର୍ଡ ବହିରେ ନିଜ ନାମ ଲିପିବଦ୍ଧ କରିଛନ୍ତି।





### ଲିଷ୍ଟ-ଏ’ରେ ବିଶ୍ୱ ରେକର୍ଡ ଦଳଗତ ସ୍କୋର

**ବିହାର-୫୭୬/୪ ବନାମ ଅରୁଣାଚଳ ପ୍ରଦେଶ**

ରାଞ୍ଚି: ଏଠାରେ ଅନୁଷ୍ଠିତ ଅରୁଣାଚଳ ପ୍ରଦେଶ ବିପକ୍ଷ ୨୦୨୫-୨୬ ସିଜନ ବିଜୟ ହଜାର ଟ୍ରଫି ପ୍ଲେଟ୍ ଲିଗ୍‌ର ଏକ ମ୍ୟାଚ୍‌ରେ ବିହାର ୫୦ ଓଭରରେ ୫୭୬ ରନ୍ ସଂଗ୍ରହ କରିଛି। ଦିନିକିଆ ବା ୫୦ ଓଭର ଫର୍ମାଟରେ ଏହି ବିଶ୍ୱରେ ସର୍ବାଧିକ ଦଳଗତ ସ୍କୋର। ପୂର୍ବରୁ ଏହି ରେକର୍ଡ ତାମିଲନାଡୁ ନାମରେ ଥିଲା। ୨୦୨୨ ନଭେମ୍ବର ୨୧ ତାରିଖ ବେଙ୍ଗାଲୁରୁରେ ଖେଳାଯାଇଥିବା ଅରୁଣାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ତାମିଲନାଡୁ ୨ ୱିକେଟରେ ୫୦୬ ରନ୍ କରି ଏହି ବିଶ୍ୱରେକର୍ଡର ଅଧିକାରୀ ହୋଇଥିଲେ। ଏହି ଫର୍ମାଟରେ କେବଳ ଦୁଇଥର ଗୋଟିଏ ଦଳ ୫୦୦ କିମ୍ବା ତା’ଠାରୁ ଅଧିକ ରନ୍ ସଂଗ୍ରହ କରିଛି। ଏହି ତାଲିକାରେ ଇଂଲଣ୍ଡ ଦଳ ତୃତୀୟ ସ୍ଥାନରେ ରହିଛି। ନେଦରଲାଣ୍ଡସ ବିପକ୍ଷ ମ୍ୟାଚ୍‌ରେ ଦଳ ୪ ୱିକେଟରେ ୪୯୮ ରନ୍ କରି ଏହି ରେକର୍ଡର ଅଧିକାରୀ ହୋଇଛି। ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରେ ଏହା ମଧ୍ୟ ସର୍ବୋଚ୍ଚ ଦଳଗତ ସ୍କୋର। ଅରୁଣାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ବୈଭବ ସୂର୍ଯ୍ୟବଂଶୀ ୧୯୦, ଆୟୁଷ ଲୋହାରୁକା ୧୧୬ ଓ ସାକିବୁଲ ଗନି ୪୦ ବଲ୍‌ରେ ଅପରାଜିତ ୧୨୮ ରନ କରିଥିଲେ। ବିହାର ଏହି ମ୍ୟାଚ୍‌କୁ ୩୯୭ ରନ୍‌ରେ ଜିତିଥିଲା।

### ବିଶ୍ୱ ଲିଷ୍ଟ-ଏ’ରେ ୫ଟି ସର୍ବୋଚ୍ଚ ଦଳଗତ ସ୍କୋର

| ସ୍କୋର | ଟିମ୍ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ତାରିଖ/ବର୍ଷ |
|---|---|---|---|---|
| ୫୭୪/୬ | ବିହାର | ଅରୁଣାଚଳ ପ୍ର. | ରାଞ୍ଚି | ୨୪-୧୨-୨୦୨୫ |
| ୫୦୬/୨ | ତାମିଲନାଡୁ | ଅରୁଣାଚଳ ପ୍ର. | ବେଙ୍ଗାଲୁରୁ | ୨୧-୧୧-୨୦୨୨ |
| ୪୯୮/୪ | ଇଂଲଣ୍ଡ | ନେଦରଲାଣ୍ଡସ | ଆମଷ୍ଟଲଭିନ୍ | ୧୭-୬-୨୦୨୨ |
| ୪୯୬/୪ | ସରେ | ଗ୍ଲୁସେଷ୍ଟରସାୟର | ଓଭାଲ | ୨୯-୪-୨୦୦୭ |
| ୪୮୧/୬ | ଇଂଲଣ୍ଡ | ଅଷ୍ଟ୍ରେଲିଆ | ନଟିଂହାମ | ୧୯-୬-୨୦୧୮ |

### ସର୍ବକନିଷ୍ଠ ସେଞ୍ଚୁରିଆନ୍: ବୈଭବ ସୂର୍ଯ୍ୟବଂଶୀ

**୧୪ ବର୍ଷ ୨୭୨ ଦିନ ବନାମ ଅରୁଣାଚଳ**

ରାଞ୍ଚି: ଅରୁଣାଚଳ ବିପକ୍ଷ ମ୍ୟାଚ୍‌ରେ ଟିନ୍ ଏଜ୍ ଓପନର ବୈଭବ ସୂର୍ଯ୍ୟବଂଶୀ ୮୪ବଲ୍‌ରେ ୧୯୦ ରନ୍ କରିଛନ୍ତି। ଏଥିରେ ୧୬ଟି ଚୌକା ଓ ୧୫ଟି ଛକା ରହିଛି। ଏହା ଫଳରେ ସେ ମାତ୍ର ୧୪ ବର୍ଷ ୨୭୨ ଦିନରେ ସମସ୍ତ ଲିଷ୍ଟ-ଏ’ ମ୍ୟାଚ୍‌ରେ ସର୍ବକନିଷ୍ଠ ଶତକ ହାସଲ କରିବାର ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଏହି ରେକର୍ଡ ପୂର୍ବରୁ ଜହୁର ଇଲାହୀଙ୍କ ନାମରେ ଥିଲା। ୧୯୮୬ ରେଲୱେ ବିପକ୍ଷ ମ୍ୟାଚ୍‌ରେ ଜହୁର ମାତ୍ର ୧୫ ବର୍ଷ ୨୦୯ ଦିନରେ ଶତକ ହାସଲ କରି ଏହି ରେକର୍ଡ କରିଥିଲେ। ନିକଟରେ ଶେଷ ହୋଇଥିବା ସୟଦ ମୁସ୍ତାକ ଅଲି ଟି-୨୦ ଟ୍ରଫିରେ ଓ ୧୩ ବର୍ଷରେ ଆଇପିଏଲ୍‌ରେ ଶତକ ହାସଲ କରି ସର୍ବକନିଷ୍ଠ ଖେଳାଳି ହେବାର ଯୋଗ୍ୟତା ଅର୍ଜନ କରିଥିଲେ।

### ବିଶ୍ୱ ଲିଷ୍ଟ-ଏ’ରେ ୧୦ଟି ଦ୍ରୁତତମ ଶତକ

| ବଲ୍ | ଖେଳାଳି | ଟିମ୍ | ପ୍ରତିଦ୍ୱନ୍ଦ୍ୱୀ | ତାରିଖ/ବର୍ଷ |
|---|---|---|---|---|
| ୨୯ | ଜେକ୍ ଫ୍ରେଜର | ସାଉଥ୍ ଅଷ୍ଟ୍ରେଲିଆ | ଟାସ୍‌ମାନିଆ | ୨୦୨୩-୨୪ |
| ୩୧ | ଏବି ଡିଭିଲର୍ସ | ଦ.ଆଫ୍ରିକା | ୱେଷ୍ଟଇଣ୍ଡିଜ୍ | ୨୦୧୪-୧୫ |
| ୩୨ | ସାକିବୁଲ ଗନି | ବିହାର | ଅରୁଣାଚଳ | ୨୦୨୫-୨୬ |
| ୩୩ | ଇଶାନ କିସାନ | ଝାଡଖଣ୍ଡ | କର୍ଣ୍ଣାଟକ | ୨୦୨୫-୨୬ |
| ୩୫ | ଅନ୍‌ମୋଲପ୍ରୀତ୍ ସିଂହ | ପଞ୍ଜାବ | ଅରୁଣାଚଳ | ୨୦୨୪-୨୫ |
| ୩୬ | କୋରୀ ଆଣ୍ଡରସନ | ନ୍ୟୁଜିଲାଣ୍ଡ | ୱେଷ୍ଟଇଣ୍ଡିଜ୍ | ୨୦୧୪ |
| ୩୬ | ଜି ରୋଜ୍ | ସମରସେଟ୍ | ଡେଭନ | ୧୯୯୦ |
| ୩୬ | ବୈଭବ ସୂର୍ଯ୍ୟବଂଶୀ | ବିହାର | ଅରୁଣାଚଳ | ୨୦୨୫-୨୬ |
| ୩୭ | ସାହିଦ୍ ଆଫ୍ରିଦୀ | ପାକିସ୍ତାନ | ଶ୍ରୀଲଙ୍କା | ୧୯୯୬ |
| ୩୮ | ରୋଭମାନ ପାୱେଲ | ଜାମାଇକା | ଲିୱାର୍ଡ ଆଇଲାଣ୍ଡ | ୨୦୧୯-୨୦ |

### ଗନିଙ୍କ ୩୨ ବଲ୍‌ରେ ଶତକ

**ଲିଷ୍ଟ-ଏ’ରେ ଭାରତରେ ଦ୍ରୁତତମ**

ରାଞ୍ଚି: ଅରୁଣାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ବିହାର ଅଧିନାୟକ ଅବଦୁଲ ଗନି ମାତ୍ର ୩୨ ବଲ୍‌ରେ ଶତକ ହାସଲ କରିଛନ୍ତି। ଏହା ଫଳରେ ଲିଷ୍ଟ-ଏ’ କ୍ରିକେଟରେ ସେ ଭାରତର ଦ୍ରୁତତମ ଶତକ ହାସଲକାରୀ ଭାବେ ବିବେଚିତ ହୋଇଛନ୍ତି। ଏହି ରେକର୍ଡ ଗତବର୍ଷ ପଞ୍ଜାବର ଅନ୍‌ମୋଲପ୍ରୀତ୍ ସିଂହଙ୍କ ନାମରେ ଥିଲା। ୨୦୨୪ରେ ଅରୁଣାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ଅନ୍‌ମୋଲପ୍ରୀତ୍ ୩୫ ବଲ୍‌ରେ ଶତକ ପୂରଣ କରିଥିଲେ। ଏହି ମ୍ୟାଚ୍‌ରେ ବିସ୍ଫୋରକ ବ୍ୟାଟର ବୈଭବ ମାତ୍ର ୩୬ ବଲ୍‌ରେ ଶତକ ପୂରଣ କରିଛନ୍ତି। ସେ ବିଶ୍ୱର ଚତୁର୍ଥ ଦ୍ରୁତତମ ଶତକ ହାସଲକାରୀ ଭାବେ ବିବେଚିତ ହୋଇଛନ୍ତି। ଗନି ରେକର୍ଡ କରିବାର ୧୦ ମିନିଟ୍ ପୂର୍ବରୁ ଆଜି ଅନୁଷ୍ଠିତ କର୍ଣ୍ଣାଟକ ବିପକ୍ଷ ମ୍ୟାଚ୍‌ରେ ଝାଡଖଣ୍ଡ ଅଧିନାୟକ ଇଶାନ କିସାନ ମାତ୍ର ୩୩ ବଲ୍‌ରେ ଶତକ ହାସଲ କରିଥିଲେ। ଗନି ତାଙ୍କ ରେକର୍ଡକୁ ଭାଙ୍ଗିଦେଇଥିଲେ। ଲିଷ୍ଟ-ଏ’ରେ ବିଶ୍ୱରେ ଦ୍ରୁତତମ ଶତକ ହାସଲକାରୀଭାବେ ଗନିଙ୍କଠାରୁ ଦୁଇଜଣ କମ୍ ବଲ୍‌ରେ ଶତକ ହାସଲ କରିଛନ୍ତି। ଅଷ୍ଟ୍ରେଲିଆ ଘରୋଇ କ୍ରିକେଟେ ଟାସ୍‌ମାନିଆ ବିପକ୍ଷ ମ୍ୟାଚ୍‌ରେ ସାଉଥ୍ ଅଷ୍ଟ୍ରେଲିଆର ଜେକ୍ ଫ୍ରେଜର-ମ୍ୟାକ୍‌ଗୁର୍କ୍ ୨୯ ବଲ୍‌ରେ ଓ ୨୦୧୪-୧୫ ସିଜନରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଦକ୍ଷିଣ ଆଫ୍ରିକାର ଏବି ଡିଭିଲିୟର୍ସ ୩୧ ବଲ୍‌ରେ ଶତକ ହାସଲ କରି ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ବିଶ୍ୱର ପ୍ରଥମ ୫ଜଣ ଦ୍ରୁତତମ ଶତକହାସଲକାରୀଙ୍କ ମଧ୍ୟରେ ଭାରତର ୩ ଜଣ ଖେଳାଳି ରହିଛନ୍ତି।

### ସ୍ୱସ୍ତିକ-୨୧୨: ଓଡ଼ିଶାର ପ୍ରଥମ ଡବଲ ସେଞ୍ଚୁରିଆନ୍



ଅଲୁର: ବେଙ୍ଗାଲୁରୁର ଅଲୁରଠାରେ ବୁଧବାର ଅନୁଷ୍ଠିତ ସୌରାଷ୍ଟ୍ର ବିପକ୍ଷ ବିଜୟ ହଜାରେ ଟ୍ରଫିରେ ଓଡ଼ିଶାର ସ୍ୱସ୍ତିକ ସାମଲ ୨୧୨ ରନ୍ କରିଛନ୍ତି। ଏହି ମ୍ୟାଚ୍‌ରେ ଓପନର ସ୍ୱସ୍ତିକ ସାମଲ ୧୬୯ ବଲ୍‌ରୁ ୨୧୨ ରନ୍ କରିଥିଲେ। ଏହା ଫଳରେ ବିଜୟ ହଜାରେ ଟ୍ରଫିରେ ସେ ଓଡ଼ିଶାର ପ୍ରଥମ ଡବଲ ସେଞ୍ଚୁରିଆନ୍ ହୋଇଥିଲେ। ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟରେ ବିବିସିସି (ବିଶ୍ୱ ବିଜୟୀ ଚନ୍ଦ୍ରଚୂଡ) ମହାପାତ୍ର ୨୦୦୫ ଜାନୁଆରୀ ୧୫ରେ ଯାଦବପୁର ୟୁନିଭର୍ସିଟି ଗ୍ରାଉଣ୍ଡରେ ଅନୁଷ୍ଠିତ ତ୍ରିପୁରା ବିପକ୍ଷ ମ୍ୟାଚ୍‌ରେ କରିଥିବା ୧୪୫ ରନ୍ ଓଡ଼ିଶାର ଲିଷ୍ଟ-ଏ’ରେ ସର୍ବାଧିକ ସ୍କୋର ରହିଥିଲା।

---

● ଜାନୁଆରୀ ୧୧ରୁ ୩୧ ସୀମିତ ଓଭର ସିରିଜ୍

## ଭାରତ ଗସ୍ତ ଲାଗି ନ୍ୟୁଜିଲାଣ୍ଡ ଦଳ

ଅକ୍‌ଲାଣ୍ଡ,୨୪।୧୨(ଏଜେନ୍ସି): ଆସନ୍ତାବର୍ଷ ଭାରତ ଗସ୍ତରେ ୮ ମ୍ୟାଚ୍ ବିଶିଷ୍ଟ ସୀମିତ ଓଭର କ୍ରିକେଟ ସିରିଜ୍ ଖେଳିବାକୁ ନ୍ୟୁଜିଲାଣ୍ଡ କ୍ରିକେଟ ଦଳ ଘୋଷଣା କରାଯାଇଛି। ଦଳର ପ୍ରମୁଖ ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଥିବାରୁ ଜନ୍ ବ୍ରେସ୍‌ୱେଲଙ୍କୁ ଦିନିକିଆ ଓ ମିଚେଲ ସାଣ୍ଟନରଙ୍କୁ ଟି-୨୦ ଦଳର ନେତୃତ୍ୱ ଦିଆଯାଇଛି। ଏହି ସିରିଜ୍‌ରେ ୩ଟି ଦିନିକିଆ ମ୍ୟାଚ୍ ଜାନୁଆରୀ ୧୧, ୧୪ ଓ ୧୮ ରେ ଖେଳାଯିବ। ଏହି ମ୍ୟାଚ୍ ଗୁଡିକ ଯଥାକ୍ରମେ ଭଦୋଦରା, ରାଜକୋଟ ଓ ଇନ୍ଦୋରରେ ଖେଳାଯିବ। ସେହିପରି ଟି-୨୦ ମ୍ୟାଚ୍ ଗୁଡିକ ନାଗପୁରରେ ଜାନୁଆରୀ ୨୧, ରାୟପୁରରେ ୨୩, ଗୁଆହାଟୀରେ ୨୫, ବିଶାଖାପାଟଣାରେ ୨୮ ଓ ତିରୁଅନନ୍ତପୁରମରେ ୩୧ରେ ଖେଳାଯିବ।

**ନ୍ୟୁଜିଲାଣ୍ଡ ଦିନିକିଆ ଦଳ:** ମାଇକେଲ ବ୍ରେସ୍‌ୱେଲ୍ (ଅଧିନାୟକ), ଜୋସ୍ କ୍ଲାର୍କସନ, ଡେଭନ କନୱେ, ମିଚେଲ ହେ’, ହେନରୀ ନିକୋଲସ୍, ୱିଲ ୟଙ୍ଗ୍, ନିକ୍ କେଲୀ, ଡାରିଲ ମିଚେଲ, ଗ୍ଲେନ୍ ଫିଲିପ୍ସ, ଜାକାରୀ ଫୋକ୍ସ, ଜେଡେନ ଲେନକ୍ସ, ଆଦିତ୍ୟ ଅଶୋକ, କ୍ରିଷ୍ଟିଆନ୍ କ୍ଲାର୍କ, କାଏଲ ଜାମିସନ, ମାଇକେଲ ରାଏ।

**ନ୍ୟୁଜିଲାଣ୍ଡ ଟି-୨୦ ଦଳ:** ମାର୍କ ଚାପ୍‌ମ୍ୟାନ୍, ଟିମ୍ ସେଇଫର୍ଟ, ମାଇକେଲ ବ୍ରେସ୍‌ୱେଲ, ବେଭନ ଜ୍ୟାକବ୍ସ, ଡାରିଲ ମିଚେଲ, ଜେମ୍ସ ନୀଶାମ, ଗ୍ଲେନ୍ ଫିଲିପ୍ସ, ରାଚିନ ରବୀନ୍ଦ୍ର, ମିଚେଲ ସାଣ୍ଟନର (ଅଧିନାୟକ), ଜାକାରୀ ଫୋକ୍ସ, ଡେଭନ କନୱେ, ଜ୍ୟାକବ ଡଫି, ମ୍ୟାଟ୍ ହେନରୀ, କାଏଲ ଜାମିସନ, ଇସ୍ ସୋଧି।

କଳିଙ୍ଗ ଭଲିବଲ୍ - ୨୦୨୫

## ଆଜିଠୁ ସୁପରଲିଗ୍

କଟକ,୨୪।୧୨(ସମିସ): ଗ୍ରାମାଞ୍ଚଳରେ ଭଲିବଲ କ୍ରୀଡ଼ାର ପ୍ରଚାରପ୍ରସାରକୁ ଦୃଷ୍ଟି ରଖି ଆରମ୍ଭ ହୋଇଥିବା କଳିଙ୍ଗ ଭଲିବଲ୍ ଲିଗ୍(କେଭିଏଲ)ର ସୁପରଲିଗ୍ ଗୁରୁବାର ଠାରୁ ଆରମ୍ଭ ହେବ। ଲିଗ୍‌ର ଶେଷ ପର୍ଯ୍ୟାୟ ଅନୁଗୋଳ ଷ୍ଟାଡିୟମରେ ୩ଦିନ ଧରି ଜାରି ରହିବ। ବାଳକ ବର୍ଗରେ ଅନୁଗୋଳର ନୂଆହାଟ, ଢେଙ୍କାନାଳର ପାଇକ ପୁରୁଣାକୋଟ, କଟକର ନାରଙ୍ଗବସ୍ତ, ପୁରୀର ସୁବର୍ଣ୍ଣପୁର, ଖୋର୍ଦ୍ଧାର ରଜାସ୍, ନୟାଗଡର କଶକ, ଯାଜପୁରର ବୀରମଣିପୁର, ବରଗଡର ତଳପାଦଦର, ବାଳିକା ବର୍ଗରେ ଢେଙ୍କାନାଳର ପାଇକ ପୁରୁଣାକୋଟ, ଅନୁଗୋଳର ନୂଆହାଟ, ନୟାଗଡର ବାଇଗୁନିଆ, ଜଗତସିଂହପୁରର ଆଶ୍ରମପାଟଣା, ଯାଜପୁରର ପ୍ରୟାସ ସୁପରଲିଗ୍‌ରେ ପ୍ରବେଶ କରିଛନ୍ତି।

## କୋହଲିଙ୍କ ୧୬ ହଜାର ରନ, ରୋହିତ୍‌ଙ୍କ ୩୭ତମ ଶତକ

ଜୟପୁର, ୨୪।୧୨ (ଏଜେନ୍ସି): ବିଜୟ ହଜାରେ ଟ୍ରଫିର ପ୍ରଥମ ଦିବସରେ ଭାରତୀୟ ଦଳର ଦୁଇ ତାରକା ଖେଳାଳି ବିରାଟ କୋହଲି ଓ ରୋହିତ୍ ଶର୍ମା ଦମ୍‌ଦାର ପ୍ରଦର୍ଶନ କରି ଛାପ ଛାଡ଼ିଛନ୍ତି। ୧୫ ବର୍ଷର ବ୍ୟବଧାନ ପରେ ଏହି ଟୁର୍ଣ୍ଣାମେଣ୍ଟ ଖେଳିଥିବା କୋହଲିଙ୍କ ଶତକ ବଳରେ ତାଙ୍କ ଦଳ ଦିଲ୍ଲୀ ୪ ୱିକେଟ୍‌ରେ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଛି। ବ୍ୟାଟିଂକ୍ରମର ୩ୟ ସ୍ଥାନରେ ଆସିଥିବା କୋହଲି ୩୯ ବଲରେ ଅର୍ଦ୍ଧଶତକ ଓ ୮୩ ବଲରେ ଶତକ ପୂରଣ କରିଥିଲେ। ୧୪ଟି ଚୌକା ଓ ୩ଟି ଛକା ବଳରେ ସେ ୧୦୧ ବଲରୁ ୧୩୧ ରନ କରିବା ଫଳରେ ଦିଲ୍ଲୀ ୨୯୯ ରନର ଲକ୍ଷ୍ୟକୁ ୩୭.୪ ଓଭରରେ ୬ ୱିକେଟ୍ ହରାଇ ହାସଲ କରିନେଇଥିଲା। ଏହି ଶତକୀୟ ପାଳି ଅବସରରେ କୋହଲି ଲିଷ୍ଟ-ଏ କ୍ରିକେଟ୍‌ରେ ୧୬ ହଜାର ରନ ପୂରଣ କରିଛନ୍ତି। ଏଥିସହ ଲିଷ୍ଟ-ଏ କ୍ରିକେଟ୍‌ରେ ୧୬ ହଜାର ରନ ପୂରଣ କରିବାରେ ସଚିନ ତେନ୍ଦୁଲକର (୩୯୧ ଇନିଂସ)ଙ୍କୁ ପଛରେ ପକାଇ ସେ ଦ୍ରୁତତମ ଭାରତୀୟ ବ୍ୟାଟର୍ ହୋଇଛନ୍ତି। କୋହଲି ୩୩୦ତମ ଇନିଂସରେ ଏହି ମାଇଲଖୁଣ୍ଟ ଛୁଇଁଥିଲେ।

ଅପରପକ୍ଷରେ ୭ ବର୍ଷ ପରେ ମୁମ୍ବଇ ପକ୍ଷରୁ ବିଜୟ ହଜାରେ ଟ୍ରଫି ଖେଳିଥିବା ରୋହିତ ୬୨ ବଲରେ ଶତକ ମାରିଛନ୍ତି। ଫଳରେ ମୁମ୍ବଇ ୮ ୱିକେଟରେ ସିକ୍କିମକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ସିକ୍କିମ ୭ ୱିକେଟରେ ୨୩୬ ରନ କରିଥିଲା। ଜବାବରେ ମୁମ୍ବଇ ୩୦.୩ ଓଭରରେ ମାତ୍ର ୨ଟି ୱିକେଟ୍‌ରେ ବିଜୟୀ ହୋଇଥିଲା। ଲିଷ୍ଟ-ଏ’ରେ ୩୭ତମ ଶତକ ହାସଲ କରିଥିବା ରୋହିତ ୯୪ ବଲରେ ୧୫୫ ରନ କରିଥିଲେ। ଯେଉଁଥିରେ ସେ ୧୮ଟି ଚୌକା ଓ ୯ଟି ଛକା ମାରିଥିଲେ। ଏହି ଫର୍ମାଟ୍‌ରେ ରୋହିତ୍‌ଙ୍କ ଏହା ଦ୍ରୁତତମ ଶତକ। ଏଥିପୂର୍ବରୁ ରୋହିତ ୨୦୨୩ରେ ଆଫଗାନିସ୍ତାନ ବିପକ୍ଷରେ ୬୩ ବଲରେ ଶତକ ପୂରଣ କରିଥିଲେ।

### କିଶାନଙ୍କ ଶତକ ବେକାର; ୪୧୩ ରନକୁ ପିଛା କଲା କର୍ଣ୍ଣାଟକ:

ଲିଷ୍ଟ-ଏ କ୍ରିକେଟ୍ ଇତିହାସରେ କର୍ଣ୍ଣାଟକ ଦ୍ୱିତୀୟ ବୃହତ୍ ରନ ଚେଜ୍ କରିଛି। ଅହମ୍ମଦାବାଦ୍‌ରେ ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ଏ’ର ଏକ ମ୍ୟାଚରେ ଝାଡ଼ଖଣ୍ଡ ପକ୍ଷରୁ ଧାର୍ଯ୍ୟ ୪୧୩ ରନର ଲକ୍ଷ୍ୟକୁ କର୍ଣ୍ଣାଟକ ୫ ୱିକେଟ୍ ହରାଇ ୪୭.୩ ଓଭରରେ ବିଜୟୀ ହୋଇଛି। ଓପନର୍ ଦେବଦତ୍ତ ପାଡିକଲ୍ ୧୧୮ ବଲରେ ୧୪୭ ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଝାଡ଼ଖଣ୍ଡ ଅଧିନାୟକ ୩୩ ବଲରେ ଶତକ ହାସଲ କରିଥିଲେ ମଧ୍ୟ ଏହା ବୃଥା ଯାଇଥିଲା। ଲିଷ୍ଟ-ଏ କ୍ରିକେଟରେ ସର୍ବାଧିକ ରନ ଚେଜ୍ ଦକ୍ଷିଣ ଆଫ୍ରିକା ନାମରେ ରହିଛି। ୨୦୦୬ରେ ଜୋହାନ୍ସବର୍ଗରେ ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୪୩୫ ରନର ଲକ୍ଷ୍ୟକୁ ଦକ୍ଷିଣ ଆଫ୍ରିକା ଗୋଟିଏ ବଲ୍ ଓ ଗୋଟିଏ ୱିକେଟ୍ ବାକି ଥାଇ ବିଜୟୀ ହୋଇଥିଲା।

## ସନ୍ତୋଷ ଟ୍ରଫିରେ ଓଡ଼ିଶାର କ୍ରମାଗତ ବିଜୟ

କଟକ, ୨୪।୧୨ (ସମିସ): ଛତିଶଗଡ଼ରେ ଚାଲିଥିବା ଜାତୀୟ ସିନିଅର ପୁରୁଷ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ସନ୍ତୋଷ ଟ୍ରଫିର ୭୯ତମ ସଂସ୍କରଣରେ ଓଡ଼ିଶା କ୍ରମାଗତ ୨ୟ ବିଜୟ ହାସଲ କରିଛି। ବୁଧବାର ଅନୁଷ୍ଠିତ ଗ୍ରୁପ୍-ଏଫ୍’ର ଏକ ମ୍ୟାଚରେ ଓଡ଼ିଶା ୧-୦ ଗୋଲରେ ତେଲଙ୍ଗାନାକୁ ପରାସ୍ତ କରିଥିଲା। ଓଡ଼ିଶା ପକ୍ଷରୁ ଅଧିନାୟକ କାର୍ତ୍ତିକ ହନ୍ତାଳ ମ୍ୟାଚର ୪୨ତମ ମିନିଟ୍‌ରେ ଏହି ବିଜୟସୂଚକ ଏକମାତ୍ର ଗୋଲଟି ଦେଇଥିଲେ। ପୂର୍ବରୁ ପ୍ରଥମ ମ୍ୟାଚରେ ଓଡ଼ିଶା ୪-୦ ଗୋଲରେ ମଧ୍ୟପ୍ରଦେଶକୁ ମାତ୍ ଦେଇଥିଲେ। ଫଳରେ ଏବେ ଦୁଇଟି ମ୍ୟାଚରୁ ୨ଟି ବିଜୟ ସହ ଓଡ଼ିଶା ୬ ପଏଣ୍ଟ ପାଇ ଗ୍ରୁପ୍‌ର ଶୀର୍ଷ ସ୍ଥାନରେ ରହିଛି। ଓଡ଼ିଶା ଏହାର ଶେଷ ଗ୍ରୁପ୍ ମ୍ୟାଚ ଶୁକ୍ରବାର ଆୟୋଜକ ଛତିଶଗଡ଼କୁ ଭେଟିବ।

### ଜାତୀୟ କ୍ରୀଡ଼ା ପୁରସ୍କାର

## ହାର୍ଦ୍ଦିକ ପାଇବେ ‘ଖେଳରତ୍ନ’, ୨୪ଜଣଙ୍କୁ ଅର୍ଜୁନ

ନୂଆଦିଲ୍ଲୀ, ୨୪।୧୨ (ଏଜେନ୍ସି): ଭାରତୀୟ ପୁରୁଷ ହକି ଦଳର ଉପ-ଅଧିନାୟକ ହାର୍ଦ୍ଦିକ ସିଂହଙ୍କ ନାମ ଚଳିତ ବର୍ଷ ଲାଗି ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ‘ଖେଳରତ୍ନ’ ପୁରସ୍କାର ଲାଗି ସୁପାରିସ କରାଯାଇଛି। ଏକମାତ୍ର କ୍ରୀଡ଼ାବିତ୍ ଭାବେ ହାର୍ଦ୍ଦିକଙ୍କ ନାମକୁ ଚୟନ କମିଟି କ୍ରୀଡ଼ା ମନ୍ତ୍ରଣାଳୟକୁ ପଠାଇଛି। ସେହିଭଳି ଯୁବ ଚେସ୍ ତାରକା ଦିବ୍ୟା ଦେଶମୁଖ ଓ ଆଥ୍‌ଲେଟ୍ ତେଜସ୍ୱିନ ଶଙ୍କରଙ୍କ ସମେତ ୨୪ଜଣ କ୍ରୀଡ଼ାବିତଙ୍କ ନାମ ‘ଅର୍ଜୁନ’ ପୁରସ୍କାର ଲାଗି ସୁପାରିସ ହୋଇଛି। ୨୭ ବର୍ଷୀୟ ହାର୍ଦ୍ଦିକ ୨୦୨୧ ଟୋକିଓ ଓ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ କାଂସ୍ୟପଦକ ବିଜୟୀ ହୋଇଥିବା ଭାରତୀୟ ଦଳର ସଦସ୍ୟ ରହିଥିଲେ। ସେହିଭଳି ଚଳିତ ବର୍ଷ ଏସିଆ କପ୍‌ରେ ଚାମ୍ପିଅନ ହୋଇଥିବା ଭାରତୀୟ ଦଳର ସେ ପ୍ରମୁଖ ସଦସ୍ୟ ଥିଲେ। ୨୭ ବର୍ଷୀୟ ହାର୍ଦ୍ଦିକ ବର୍ତ୍ତମାନ ସୁଦ୍ଧା ଭାରତ ପାଇଁ ୧୬୬ଟି ମ୍ୟାଚ୍ ଖେଳିସାରିଛନ୍ତି।



**ସୁପାରିସ କ୍ରୀଡ଼ାବିତ୍‌ଙ୍କ ନାମ:**

**ଖେଳରତ୍ନ: ହାର୍ଦ୍ଦିକ ସିଂହ**

**ଅର୍ଜୁନ ପୁରସ୍କାର:** ତେଜସ୍ୱିନ ଶଙ୍କର, ପ୍ରିୟଙ୍କା, ନରେନ୍ଦ୍ର, ଭିଦିତ ଗୁଜରାଥି, ଦିବ୍ୟା ଦେଶମୁଖ, ଧନୁଶ ଶ୍ରୀକାନ୍ତ, ପ୍ରଣତି ନାୟକ, ରାଜକୁମାର ପାଲ୍, ସୁରଜିତ୍, ନିର୍ମଳା ଭାଟି, ରୁଦ୍ରାଂଶ ଖଣ୍ଡେୱାଲ, ଏକତା ଭ୍ୟାନ, ପଦ୍ମନାଭ ସିଂ, ଅରବିନ୍ଦ ସିଂ, ଅଖିଳ ଶୋଓରାନ, ମେହୁଲି ଘୋଷ, ସୁତୀର୍ଥ ମୁଖାର୍ଜୀ, ସୋନମ ମଲିକ, ଆରତି ପଲ୍, ତ୍ରିସା ଜୋଲି. ଗାୟତ୍ରୀ ଗୋପୀଚାନ୍ଦ, ଲାଲରେମସିଆମି, ମହମ୍ମଦ ଅଫଜାଲ ଓ ପୂଜା।

## ସ୍ୱସ୍ତିକଙ୍କ ଦ୍ୱିଶତକ, ବିପ୍ଳବଙ୍କ ଶତକ ବୃଥା; ଓଡ଼ିଶା ପରାସ୍ତ

ଭୁବନେଶ୍ୱର,୨୪।୧୨(ସମିସ): ପ୍ରଥମ ଓଡ଼ିଆ ଖେଳାଳି ଭାବେ ସ୍ୱସ୍ତିକ ସାମଲଙ୍କ ଦ୍ୱିଶତକ ଓ ଅଧିନାୟକ ବିପ୍ଳବ ସାମନ୍ତରାୟଙ୍କ ଶତକ ବିଜୟ ହଜାରେ ଟ୍ରଫିର ପ୍ରଥମ ମ୍ୟାଚ୍‌ରେ ବୃଥା ଯାଇଛି। ବେଙ୍ଗାଲୁରୁର ଅଲୁରଠାରେ ବୁଧବାର ଖେଳାଯାଇଥିବା ଗ୍ରୁପ୍-ଏ’ର ପ୍ରଥମ ମୁକାବିଲାରେ ପ୍ରତିଦ୍ୱନ୍ଦ୍ୱୀ ସୌରାଷ୍ଟ୍ର ୫ ୱିକେଟରେ ଓଡ଼ିଶାକୁ ପରାସ୍ତ କରିବା ଫଳରେ ଦଳକୁ ନିରାଶ କରିଛି। ଏହି ମ୍ୟାଚ୍‌ରେ ସ୍ୱସ୍ତିକ ସାମଲ ୧୬୯ ବଲ୍‌ରୁ ୨୧୨ ଓ ବିପ୍ଳବ ୯୧ ବଲ୍‌ରୁ ୧୦୦ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ନିର୍ଦ୍ଧାରିତ ୫୦ ଓଭରରେ ୬ ୱିକେଟ ହରାଇ ୩୪୫ ରନ୍ କରିଥିଲା। ଲିଷ୍ଟ-ଏ’ରେ ଓଡ଼ିଶାର ଏହା ଚତୁର୍ଥ ସର୍ବାଧିକ ସ୍କୋର। ଜବାବରେ ୨୨ ବର୍ଷୀୟ ଡେବ୍ୟୁଟାଣ୍ଟ ଖେଳାଳି ସମର ଗଜ୍ଜରଙ୍କ ଅପରାଜିତ ୧୩୨ ଓ ଅଭିଜ୍ଞ ଚିରାଗ ଜାନିଙ୍କ ୮୬ ରନ୍ ସହାୟତାରେ ସୌରାଷ୍ଟ୍ର ୭ଟି ବଲ ଓ ୫ଟି ୱିକେଟ ବାକିଥାଇ ଏହି ମ୍ୟାଚ୍ ଜିତିନେଇଥିଲା। ଦଳକୁ ଫେରିଥିବା ଦେବବ୍ରତ ପ୍ରଧାନ ୩ଟି, ଗୋବିନ୍ଦ ପୋଦ୍ଦାର ଓ ବିପ୍ଳବ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ସ୍ୱସ୍ତିକଙ୍କୁ ମ୍ୟାଚ୍ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମ୍ୟାଚ୍‌ରେ ସ୍ୱସ୍ତିକ ଓ ବିପ୍ଳବ ଚତୁର୍ଥ ୱିକେଟ୍‌ରୁ ୨୬୧ ରନ୍‌ର ପାର୍ଟନରସିପ୍ କରିଥିଲେ। ଲିଷ୍ଟ-ଏ’ରେ ଓଡ଼ିଶା ଖେଳିଥିବା ମ୍ୟାଚ୍‌ରେ ଏହା ରେକର୍ଡ ରନ୍। ପୂର୍ବରୁ ତ୍ରିପୁରା ବିପକ୍ଷରେ ବିବିସିସି ମହାପାତ୍ର ଓ ଶିବସୁନ୍ଦର ଦାସ ପ୍ରଥମ ୱିକେଟ୍‌ରୁ ସର୍ବାଧିକ ୨୩୯ ରନ୍ କରିଥିଲେ।



### ପରିଶ୍ରମ, ଆତ୍ମବିଶ୍ୱାସର ଫଳ ପାଇଛି: ସ୍ୱସ୍ତିକ

ବିଜୟ ହଜାରେ ଟ୍ରଫି ଆରମ୍ଭରୁ ଦ୍ୱିଶତକୀୟ ପାଳି ଖେଳି କ୍ରିକେଟ ଜଗତରେ ଚହଳ ସୃଷ୍ଟି କରିଛନ୍ତି ଓଡ଼ିଶା ଦଳର ଓପନର ସ୍ୱସ୍ତିକ ସାମଲ। ପ୍ରଥମ ଓଡ଼ିଆ ଭାବେ ସ୍ୱସ୍ତିକ ଏଭଳି ମାଇଲଷ୍ଟୋନ ଅତିକ୍ରମ କରିଛନ୍ତି। ନିକଟ ଅତୀତରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ରେ କଟକ ପାନ୍ଥର୍ସକୁ ଚାମ୍ପିଅନ କରାଇଥିଲେ ଏହି ୨୫ବର୍ଷୀୟ ଡାହାଣହାତୀ ବ୍ୟାଟରଜଣକ। ଏବେ ତାଙ୍କର ବିସ୍ଫୋରକ ପାଳି ଜାତୀୟ ସ୍ତରରେ ଗୁଞ୍ଜରଣ ସୃଷ୍ଟି କରିଛି। ସୌରାଷ୍ଟ୍ର ବିପକ୍ଷରେ ୧୬୯ ବଲରୁ ୨୧ଟି ଚୌକା ଏବଂ ୮ଟି ଛକା ବଳରେ ୨୧୨ରନର ପାଳି ଖେଳିଥିବା ସ୍ୱସ୍ତିକଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର...

**ପ୍ର: ପ୍ରାରମ୍ଭିକ ୱିକେଟ ପତନ ପରେ କ୍ରିଜରେ ତିଷ୍ଠି ରହି ଦ୍ୱିଶତକ ହାସଲ କରିବା ସହଜ ଥିଲା?**

ଉ: ତୃତୀୟ ୱିକେଟ ପତନ ସୁଦ୍ଧା ମୁଁ ୨୦/୨୫ ବଲ ଖେଳିଥିଲି। ଅଧିନାୟକ ବିପ୍ଳବ(ରାଜା) ଭାଇ କ୍ରିଜକୁ ଆସିବା ପରେ କଣ ରଣନୀତି ହେବା ଆବଶ୍ୟକ ବୋଲି ଆଲୋଚନା ହୋଇଥିଲା। ତେବେ ପ୍ରତିପକ୍ଷକୁ ଆଉ ୱିକେଟ ଭେଟି ନଦେଇ ଖେଳକୁ ୪୦ ଓଭର ପର୍ଯ୍ୟନ୍ତ ଟାଣି ନେବା ହିଁ ଲକ୍ଷ୍ୟ ରଖିଥିଲୁ। ତାହା ଭିତରେ ଉଭୟ ନିଜ ଉପରୁ ଚାପ ହଟାଇ ବଡ ସଟ୍ ମାରି ଦଳ ପାଇଁ ଉପଯୋଗୀ ପାଳି ଖେଳି ପାରିଥିଲୁ।

**ପ୍ର: ହାତଗଣତି ଭାରତୀୟ ଖେଳାଳି ବିଜୟ ହଜାରେ ଟ୍ରଫିରେ ଦ୍ୱିଶତକ ହାସଲ କରିଛନ୍ତି। ଆପଣ ହେଉଛନ୍ତି ପ୍ରଥମ ଓଡ଼ିଆ। ଏଭଳି ବିରଳ ସଫଳତା ପାଇଁ ପ୍ରସ୍ତୁତି କିପରି କରିଥିଲେ?**

ଉ: ଏବେ ନିଜ ଉପରେ ଅଧିକ ଧ୍ୟାନ ଦେଉଛି। ସମ୍ପୂର୍ଣ୍ଣ ଶୃଙ୍ଖଳିତ ଢ଼ଙ୍ଗରେ କ୍ୟାରିୟରକୁ ଆଗକୁ ବଢ଼ାଇ ନେବା ପାଇଁ ଉଦ୍ୟମ କରୁଛି। ଦ୍ୱିଶତକ ମାରି ପାରିବି ବୋଲି ଆତ୍ମବିଶ୍ୱାସ ଥିଲା। ଆଜି ସେହି ବିଶ୍ୱାସ କାର୍ଯ୍ୟରେ ପରିଣତ ହୋଇଛି।

‘ନନ୍ଦିଘୋଷ ଟିଭି’
କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ

କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି। ଟେଲିଭିଜନ ରିପୋର୍ଟିଂରେ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ।

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇମେଲ୍ - hr@nandighoshatv.com
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS